


Vol. XLIV No. 12 ...RASANGA Regd. No. O-0...
Licence No. C. R. N. P. ... ...d to post without Pre-Pay...ent









ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ
ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ





# ଉତ୍କଳ ପ୍ରସଙ୍ଗ

ଶ୍ରାବଣ ୧୯୦୯ ଶକାବ୍ଦ ୪୪ ଭାଗ ୧ ମ ସଂଖ୍ୟା ଅଗଷ୍ଟ ୧୯୮୮

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● **ପ୍ରଚ୍ଛଦପଟ**

ଅଧ୍ୟାପକ ବଳଦେବ ମହାରଥୀ

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଜାତୀୟ କଳା ଓ ସାଂସ୍କୃତିକ ପରମ୍ପରା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଜନନୀ ଜନ୍ମଭୂମିଶ୍ଚ........ | ସ୍ୱାମୀ ଚିଦାନନ୍ଦ ସରସ୍ୱତୀ | ୩ |
| ଅତ୍ୟାଚାର ବିରୁଦ୍ଧରେ ନାରୀ ସମାଜର ସଂଗ୍ରାମ | ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ | ୬ |
| ଗଣତାନ୍ତ୍ରିକ ଭିତ୍ତି ଓ ପରମ୍ପରା | ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ | ୧୧ |
| ବାନର ସେନା ସାଜିଲି | ଶ୍ରୀ ବୈକୁଣ୍ଠ ନାଥ ମହାନ୍ତି | ୧୩ |
| ଅମୃତ ଅନୁଭବ | ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା | ୧୫ |
| ଗଞ୍ଜାମ ଜିଲ୍ଲାର ଆଇନ ଅମାନ୍ୟ ଆନ୍ଦୋଳନ | ଡ: ଦଣ୍ଡପାଣି ବେହେରା | ୧୮ |
| ସଂଗ୍ରାମ ତୀର୍ଥ | | ୨୦ |
| ଓଡ଼ିଶା ଗଡ଼ଜାତ ଆନ୍ଦୋଳନ ଏବଂ ପଣ୍ଡିତ ଜବାହରଲାଲ ନେହେରୁ । | ଡକ୍ଟର ପ୍ରସନ୍ନକୁମାର ମିଶ୍ର | ୨୪ |
| ସ୍ୱାଧୀନତାର ଅର୍ଥ | ଡକ୍ଟର ଅତୁଳ ଚନ୍ଦ୍ର ପ୍ରଧାନ | ୨୬ |
| ଋଷି ଖୁଣ୍ଟିଆ: ସ୍ୱରୋଚି ଚିଠିର କାହାଣୀ | ଡକ୍ଟର ଜଗନ୍ନାଥ ମହାନ୍ତି | ୨୯ |
| ନେତାଜୀ–ଆଜାଦ୍ ହିନ୍ଦ୍ ଫୌଜ ଓ ତହିଁରେ ଓଡ଼ିଶାର ଅବଦାନ । | ଡକ୍ଟର ବୀର କିଶୋର ଭୂୟାଁ । | ୩୧ |
| ସାର୍ଥକ ସ୍ୱପ୍ନ | | ୩୩ |
| ସମ୍ବାଦ ପରିକ୍ରମା | | ୪୧ |
| ଓଡ଼ିଶାବାସୀଙ୍କ ପ୍ରତି ମହାତ୍ମା ଗାନ୍ଧୀଙ୍କ ମମତା | ଶ୍ରୀ ଆର୍. ପି. ଶାସ୍ତ୍ରୀ | ୪୬ |
| ମୁକ୍ତି ସଂଗ୍ରାମ ଓ ଓଡ଼ିଆ ପୁସ୍ତକ ପୁସ୍ତିକା | ଅଧ୍ୟାପକ ଭବାନୀ ଶଙ୍କର ଦାଶ | ୫୦ |
| ସ୍ୱାଧୀନତା ସଂଗ୍ରାମର ଅନ୍ତରାଳେ | ଶ୍ରୀ ଗଦାଧର ମହାପାତ୍ର | ୫୨ |
| ରକ୍ତତୀର୍ଥ, ଟୁଡ଼ି ଗଡ଼ିଆ | ଶ୍ରୀ ହୃଷିକେଶ କାଣ୍ଡି | ୫୫ |
| ସଂଗ୍ରାମରୁ ଯୋଗ: ଶ୍ରୀ ଅରବିନ୍ଦ ଏକ ଦୃଷ୍ଟିପାତ | ଶ୍ରୀ ଶୁଭେନ୍ଦୁ ଭୂୟାଁ । ଶ୍ରୀମତୀ ସଙ୍ଘମିତ୍ରା ଭୂୟାଁ । | ୫୬ |
| ସର୍ଦ୍ଦାର ସୁବାହୁ ସିଂହ | ଶ୍ରୀ ମାୟାଧର ହରିଚନ୍ଦନ | ୬୧ |
| ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାରେ ଆଦିବାସୀ ବିଦ୍ରୋହ । | ଶ୍ରୀ କାର୍ତ୍ତିକ ଦାଶ | ୬୨ |

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ୍ ହେ
ଭାରତ-ଭାଗ୍ୟ-ବିଧାତା


ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ-ଉତ୍କଳ-ବଙ୍ଗ

ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ

ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ୍ ଗାଥା

ଜନଗଣ-ମଙ୍ଗଳଦାୟକ ଜୟ୍ ହେ,
ଭାରତ-ଭାଗ୍ୟ-ବିଧାତା

ଜୟ୍ ହେ ଜୟ୍ ହେ ଜୟ୍ ହେ,
ଜୟ୍ ଜୟ୍ ଜୟ୍ ଜୟ୍ ହେ।



# ଆମ ଜାତୀୟ ପତାକା


ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।

**ଆକାର**—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ—

(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪
(୪) ୩ × ୨ ଓ (୫) ୯ × ୬

**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉଡ଼ାଯିବ ଓ ପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଞ୍ଚରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଊର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅର୍ଥାତ୍ ପତାକାଟି ନିଜର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଇଥିବା କିମ୍ବା ଅବ୍ୟବସ୍ଥିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ଘୁସୁରିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ହେଉଥିବା ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ ଜଣାଇବେ ।



ସ୍ୱାଧୀନତାର

୪୧ତମ ଜୟନ୍ତୀ ପାଳନ ଉପଲକ୍ଷେ

# ରାଜ୍ୟପାଳଙ୍କ ବାର୍ତ୍ତା

ଆମ ସ୍ୱାଧୀନତା ଲାଭର ୪୧ତମ ଜୟନ୍ତୀ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ସ୍ୱାଧୀନତାର ୪୨ତମ ବର୍ଷରେ ପଦାର୍ପଣ କରିବା ମୁହୂର୍ତ୍ତରେ ଅତୀତର ଅପାଶୋରା ସ୍ମୃତି ମୋ ମାନସପଟରେ ଉଦ୍ଭାସିତ ହେଉଛି । ଜୀବନର ପ୍ରଥମାର୍ଦ୍ଧରେ ମୁଁ ଦେଖିଛି ଅଭୂତପୂର୍ବ ଜନଜାଗରଣ, ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବାର ଅଦମ୍ୟ ଉତ୍ସାହ । ଦ୍ୱିତୀୟାର୍ଦ୍ଧରେ ଆମ ସମାଜକୁ ଆଧୁନିକ ସ୍ୱାଧୀନ ଭାରତରେ ରୂପାନ୍ତର କରିବାର ଉତ୍କଣ୍ଠିତ ଅନୁଭୂତି । ମୁଁ ଉଭୟର ସାକ୍ଷୀ । ଉଭୟର ଦ୍ରଷ୍ଟା ।

ଯେଉଁମାନେ ଘାତ ପ୍ରତିଘାତ, ନିର୍ଯ୍ୟାତନା ଓ ତ୍ୟାଗ ସ୍ୱୀକାର କରି ସଂଗ୍ରାମ କରିଛନ୍ତି ଓ ଜାତିକୁ ବନ୍ଧନ ମୁକ୍ତ କରିଛନ୍ତି ସେମାନେ ସମୟ ଗର୍ଭରେ ଲୀନ ହେଲେଣି । ଆଜିର ଐତିହାସିକ ଦିବସରେ ସେଇ ମହାନ ନେତା, ସନ୍ଥ, ସଜ୍ଜନ, ଦେଶପ୍ରେମୀ, ବିଦ୍ରୋହୀ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ, କବି, କଳାକାର, ଔପନ୍ୟାସିକ ଓ ସଂସଦବିଦ୍‌ମାନଙ୍କ ଉଦ୍ଦେଶ୍ୟରେ ଆମେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ସେମାନେ ସ୍ୱାଧୀନତାର ମହାର୍ଘ ଚେତନା ପ୍ରଜ୍ୱଳିତ କରିଥିଲେ ଜନସାଧାରଣଙ୍କ ଅନ୍ତରରେ । ସେମାନେ ବିଦେଶୀ ଶୃଙ୍ଖଳ ଛିନ୍ନକରି ଦେଶମାତୃକାକୁ ମୁକ୍ତ କରିବା ନିମନ୍ତେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ନୂତନ କର୍ମପନ୍ଥା ଗ୍ରହଣ କରିଥିଲେ ।

ଯେଉଁ ପ୍ରାତଃସ୍ମରଣୀୟ ନେତୃବର୍ଗ ସ୍ୱାଧୀନତା ନିମନ୍ତେ ଜାତୀୟ ଆନ୍ଦୋଳନକୁ ନୂତନ ତାତ୍ପର୍ଯ୍ୟ ଓ ଦିଗଦର୍ଶନ ପ୍ରଦାନ କରିଛନ୍ତି, ଯେଉଁମାନେ ସ୍ୱାଧୀନ ଭାରତକୁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଗଢ଼ିବା ପାଇଁ ଦୃଢ଼ ଭିତ୍ତି ସ୍ଥାପନ କରିଛନ୍ତି, ଜାତି ଆକାଶର ନକ୍ଷତ୍ରପୁଞ୍ଜ ସଦୃଶ ସେଇ ମହାମାନବମାନଙ୍କୁ ବିଶେଷତଃ ଜାତିର ପିତା ମହାତ୍ମା ଗାନ୍ଧି, ପଣ୍ଡିତ ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଆବୁଲ କାଲାମ୍ ଆଜାଦ୍‌ଙ୍କୁ ଆମେ ଆଜି ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

ସ୍ୱାଧୀନତା ଆମ ପାଇଁ ଦୁରନ୍ତ ଆହ୍ୱାନ ଓ ସୁଯୋଗ ଆଣିଛି । ଆମ ମନରେ ଅନେକ ଆଶା ଓ ସମ୍ଭାବନା ସଂଚାର କରିଛି । ବିଗତ ଚାରି ଦଶନ୍ଧି ମଧ୍ୟରେ ବହୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଆମେ ସବୁ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ହାସଲ କରିଛୁ । ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛୁ । ଶିଳ୍ପ, ବିଜ୍ଞାନ ଓ ବୈଷୟିକ ବିଦ୍ୟା କ୍ଷେତ୍ରରେ ଦ୍ରୁତ ଅଗ୍ରଗତିର ଧାରା ଅବ୍ୟାହତ ରହିଛି । ଆମର ଅଭ୍ୟନ୍ତରୀଣ ଓ ବୈଦେଶିକ ନୀତି ଆମ ପାଇଁ ମର୍ଯ୍ୟାଦା ଓ ସମ୍ମାନ ଆଣି ଦେଇଛି । ଏଇ ମହାନ୍ ରାଷ୍ଟ୍ରର ଉଜ୍ଜ୍ୱଳତର ଭବିଷ୍ୟତ ସଂପର୍କରେ ମୁଁ ଅତୀବ ଆଶାୟୀ ଓ ଆସ୍ଥାବାନ୍ ।

ବିଗତ ଆଠ ବର୍ଷ ମଧ୍ୟରେ ଏହି ରାଜ୍ୟରେ ସୁଦୃଢ ରାଜନୈତିକ ନେତୃତ୍ୱ ଯୋଗୁ ବିବିଧ କ୍ଷେତ୍ରରେ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଗତି ହାସଲ ହୋଇଛି । ଦାରିଦ୍ର୍ୟ ଓ ଅନଗ୍ରସରତା ଦୂରୀକରଣ ନିମନ୍ତେ ବିବିଧ ଦିଗରୁ ଉଦ୍ୟମ ହୋଇଛି । ଏହି ଅବସରରେ ବିଗତ କେତେ ବର୍ଷ ମଧ୍ୟରେ ଯେଉଁ ସାଫଲ୍ୟ ଲାଭ ହୋଇଛି ସେଥିମଧ୍ୟରୁ ଏଠାରେ କେତୋଟି ସ୍ମରଣ କରିବା ସମୀଚୀନ ହେବ ।

କୃଷିରୁ ଆମ ରାଜ୍ୟର ସମୁଦାୟ ଆୟର ଦୁଇତୃତୀୟାଂଶ ଆସିଥାଏ । ଏହା ରାଜ୍ୟର ତିନିଚତୁର୍ଥାଂଶ ଶ୍ରମଜୀବୀଙ୍କୁ ନିଯୁକ୍ତି ଦେଇଥାଏ । ତେଣୁ କୃଷିଭିତ୍ତିକ ଉତ୍ପାଦନର ଅଭିବୃଦ୍ଧି ଲାଗି ଏକ ସୁଚିନ୍ତିତ ଯୋଜନା ଗୃହୀତ ହୋଇଛି । ୧୯୫୧-୫୨ ମସିହାରେ ଖାଦ୍ୟ ଶସ୍ୟର ଉତ୍ପାଦନ ମାତ୍ର ୨୩.୯୪ ଲକ୍ଷ ମେଟ୍ରିକ ଟନ୍ ଥିବା ସ୍ଥଳେ ୧୯୮୩-୮୪ ମସିହାରେ ଏହା ୭୦ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ଶିଳ୍ପର ଅଭିବୃଦ୍ଧି ପାଇଁ ଉତ୍ସାହ ଓ ସୁଯୋଗର ନୂତନ ବାତାବରଣ ସୃଷ୍ଟି କରାଯାଇଛି । କ୍ଷୁଦ୍ର ଓ କାରିଗରୀ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଆମର ସାଫଲ୍ୟ ଦେଶରେ ସର୍ବଶ୍ରେଷ୍ଠ ବୋଲି ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଛି । ଭାରତ ସରକାରଙ୍କ ସକ୍ରିୟ ସହଯୋଗରେ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିବା ବହୁଜାତୀୟ ପ୍ରକଳ୍ପ ଦେଶର ଶିଳ୍ପ ମାନଚିତ୍ରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ଅନୁସୂଚିତ ଜାତି ଓ ଉପଜାତିର ଲୋକେ ରାଜ୍ୟର ସମଗ୍ର ଜନସଂଖ୍ୟାର ବୃହତ ଅଂଶ । ଏମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ଏବଂ ଏମାନଙ୍କୁ ବିଭିନ୍ନ ସାମାଜିକ ବୈଷମ୍ୟ ଏବଂ ଅର୍ଥନୈତିକ ଶୋଷଣ କବଳରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆ ଯାଉଛି । ସମୂହ ଶିକ୍ଷା ଯୋଜନା ମାଧ୍ୟମରେ ପୁରାତନ ଆଦିବାସୀ ଗୋଷ୍ଠୀମାନଙ୍କ ମଧ୍ୟରୁ ନିରକ୍ଷରତା ଦୂରୀକରଣ ଲାଗି ସ୍ୱତନ୍ତ୍ର ଉଦ୍ୟମ କରାଯାଇଛି ।

ସ୍ୱାସ୍ଥ୍ୟର ଯତ୍ନ ତଥା ଶିକ୍ଷା ଲାଭର ସୁବିଧାସୁଯୋଗ ପ୍ରସାର କରିବା ନିମନ୍ତେ ଯଥାଯଥ ଦୃଷ୍ଟି ଦିଆଯାଇଛି । ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ କ୍ଷେତ୍ରରେ ଆମ ରାଜ୍ୟର ସାଫଲ୍ୟ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି ।

ମୋଟ ଉପରେ, ଦାରିଦ୍ର୍ୟ ତଥା ଅନଗ୍ରସରତାର ମୂଳୋତ୍ପାଟନ କରି ସମସ୍ତଙ୍କ ମୁହଁରେ ହସ ଫୁଟାଇବା ପାଇଁ ଓଡ଼ିଶା ଦୃଢ଼ ପଦକ୍ଷେପ ଗ୍ରହଣ କରୁଛି । ଏଇମାତ୍ର ଆମେ ଏକ ନାହିଁ ନ ଥିବା ମରୁଡ଼ିକୁ ସଫଳତାର ସହ ପ୍ରତିହତ କରିଛୁ । ଗୋଟିଏ ଦକ୍ଷ ସରକାରୀ କଳର କଠିନ ଶ୍ରମ ଓ ତ୍ୟାଗ, ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅକ୍ଳାନ୍ତ ପ୍ରଚେଷ୍ଟା ଏବଂ ସର୍ବୋପରି ବିପର୍ଯ୍ୟୟର ମୁକାବିଲା କରିବା ଲାଗି କ୍ଷତିଗ୍ରସ୍ତ ଲୋକମାନଙ୍କର ଦୃଢ଼ ମନୋବଳ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ।

ମୁଁ ଆଶା କରୁଛି ଯେ ପ୍ରକୃତି ଏ ବର୍ଷ ଆମ ଲାଗି ଅନୁକୂଳ ହେବ ଓ ଆମର କୃଷକମାନେ ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଅମଳ କରିବେ । ମୁଁ ଆହୁରି ମଧ୍ୟ ଆଶା କରୁଛି ଯେ ବହୁ ପ୍ରମାଣିତ ସାମୂହିକ ବିଜ୍ଞତା ଓ ଉତ୍ତମ ପାରସ୍ପରିକ ସହଯୋଗ ଦ୍ୱାରା ଓଡ଼ିଶା ଖୁବ୍ ଶୀଘ୍ର ଅଧିକ ଅଗ୍ରସର ହୋଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଏକ ସତନ୍ତ୍ର ସ୍ଥାନ ଅଧିକାର କରିବ ।

ଆସନ୍ତୁ, ଆଜିର ଏଇ ପବିତ୍ର ଦିବସରେ ଆମେ ସଂଗଠିତ ଓ ଐକ୍ୟବଦ୍ଧ ଭାବରେ ରାଜ୍ୟବାସୀଙ୍କ ଲାଗି ଏକ ସମୃଦ୍ଧ ଓ ଉଜ୍ଜ୍ୱଳତର ଭବିଷ୍ୟତ ଗଠନ କରିବା ସଙ୍ଗେ ସଙ୍ଗେ ଜାତୀୟ ସଂହତି ଓ ସ୍ୱାଧୀନତାକୁ ରକ୍ଷା ତଥା ଶକ୍ତିଶାଳୀ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବା ।

—ଜୟହିନ୍ଦ୍—

# ୧୯୮୮

## ସ୍ୱାଧୀନତା ଦିବସ ଉପଲକ୍ଷେ



## ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ଦେଶର ୪୧ତମ ସ୍ୱାଧୀନତା ଦିବସ ଉପଲକ୍ଷରେ ମୁଁ ଓଡ଼ିଶାବାସୀ ମୋର ପ୍ରିୟ ଭାଇ-ଭଉଣୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସ୍ୱାଧୀନତା ହେଉଛି ଜାତିର ସବୁଠାରୁ ମୂଲ୍ୟବାନ ସଂପଦ । ଦୀର୍ଘକାଳ ପରାଧୀନ ରହି ଭାରତ କିପରି ଦରିଦ୍ର ହୋଇଗଲା, ଏହାର ଉନ୍ନତ କୃଷି ଓ ଶିଳ୍ପ ନଷ୍ଟଭ୍ରଷ୍ଟ ହୋଇପଡ଼ିଲା, ଶୋଷଣ ଓ ଲୁଣ୍ଠନ, ଦୁର୍ଭିକ୍ଷ ଓ ମହାମାରିର ଅତ୍ୟାଚାରରେ ଏ ଜାତି ହୀନବୀର୍ଯ୍ୟ ଓ ହୀନମ୍ମନ୍ୟ ହୋଇଗଲା ତାହା କାହାରିକୁ ଅଜଣା ନାହିଁ । ବହୁ ତ୍ୟାଗ, ତପସ୍ୟା, ଆତ୍ମବଳିଦାନ ପରେ ପରାଧୀନତାର ନାଗପାଶ କାଟି ଏ ଦେଶ ସ୍ୱାଧୀନ ହୋଇଛି । ଆମର ସୌଭାଗ୍ୟ, ଆମର ସ୍ୱାଧୀନତା ସଂଗ୍ରାମରେ ଆମେ ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱ ଲାଭ କରିପାରିଥିଲେ । ସେ ଜାତୀୟ ଏକତା ଓ ଅଖଣ୍ଡତାର ମହାନ୍ ଦୀକ୍ଷା ଆମକୁ ଦେଇଥିଲେ ଓ ସାମ୍ପ୍ରଦାୟିକ ମୈତ୍ରୀ ପ୍ରତିଷ୍ଠା ପାଇଁ ଆତ୍ମୋତ୍ସର୍ଗ କରିଥିଲେ । ପଣ୍ଡିତ ଜବାହରଲାଲ ନେହେରୁ ଦେଶରେ ଏକ ସାମାଜିକ, ଅର୍ଥନୈତିକ ପରିବର୍ତ୍ତନ ପାଇଁ ମୂଳଦୁଆ ଦେଇଗଲେ ଏବଂ ଏହି ମୂଳଦୁଆ ଉପରେ ଶ୍ରୀମତୀ ଇଂଦିରା ଗାନ୍ଧୀ ଏ ଦେଶକୁ ପୃଥିବୀର ଏକ ଶ୍ରେଷ୍ଠ ଶକ୍ତିଶାଳୀ ଦେଶରେ ପରିଣତ କରିବା ପାଇଁ ପ୍ରାଣପାତ ଉଦ୍ୟମ କରିଥିଲେ ଏବଂ ମହାତ୍ମା ଗାନ୍ଧୀଙ୍କ ପରେ ସେ ଏହି ଭାରତବର୍ଷ ପାଇଁ ମଧ୍ୟ ସହିଦ ହୋଇଗଲେ । ଆଜି ଯେଉଁମାନଙ୍କର ଅସୀମ ତ୍ୟାଗର ଫଳ ସ୍ୱରୂପ ଆମେ ଏହି ସ୍ୱାଧୀନତା ଭୋଗ କରିପାରୁଛେ, ସେ ସମସ୍ତଙ୍କୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହିତ ଆମେ ସ୍ମରଣ କରିବାର କଥା ।

ଗତ ୪୧ ବର୍ଷ ମଧ୍ୟରେ ଭାରତ ଶହଶହ ବର୍ଷଧରି ରହିଥିବା ତା'ର ବହୁ ସମସ୍ୟାର ସମାଧାନ କରିପାରିଛି । ନିଜର ଏକତା, ଅର୍ଥନୈତିକ ଓ ସାମରିକ ଶକ୍ତି ଦ୍ୱାରା ଯେତେ ବୈଦେଶିକ ଆକ୍ରମଣ ହୋଇଛି ତାକୁ ବ୍ୟର୍ଥ କରିପାରିଛେ । ବହୁ ଆଭ୍ୟନ୍ତରୀଣ ଷଡଯନ୍ତ୍ରର ମୁକାବିଲା କରିପାରିଛି । ରାଜନୀତି କ୍ଷେତ୍ରରେ ଜନସାଧାରଣଙ୍କ ନାଗରିକ ଅଧିକାରକୁ ଦୃଢ଼ୀଭୂତ କରି ଗଣତନ୍ତ୍ରକୁ ସଫଳ କରିପାରିଛି । ଭାରତ ସ୍ୱାଧୀନ ହେବା ପରେ ବହୁଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଛି । ମାତ୍ର ତାହା ତିଷ୍ଠି ପାରିନାହିଁ । କିନ୍ତୁ ଭାରତ ଗଣତାନ୍ତ୍ରିକ ପନ୍ଥାରେ ତା'ର ବିଭିନ୍ନ ସମସ୍ୟାର ସମାଧାନ କରି ପୃଥିବୀର ସବୁ ଉନ୍ନୟନଶୀଳ ଦେଶ ଆଗରେ ଏକ ନୂଆ ଆଦର୍ଶ ରଖିପାରିଛି । ଅର୍ଥନୈତିକ କ୍ଷେତ୍ରରେ ଭାରତବର୍ଷର ଅଗ୍ରଗତି ଅତୁଳନୀୟ । ଖାଦ୍ୟଶସ୍ୟରେ ଏ ଦେଶ ସ୍ୱାବଲମ୍ବୀ ହୋଇପାରିଛି ଓ ଶିଳ୍ପ କ୍ଷେତ୍ରରେ ଏ ଦେଶରେ ବିଶେଷ ପ୍ରଗତି ହୋଇପାରିଛି । ସାମରିକ କ୍ଷେତ୍ରରେ ଏ ଦେଶ କାହାରି ଉପରେ ନିର୍ଭର ନକରି ଯେକୌଣସି ଆକ୍ରମଣକାରୀର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ହୋଇପାରିଛି । ଦେଶର କୋଟିକୋଟି ଗରିବ ଲୋକଙ୍କର ଅବସ୍ଥାର ଦ୍ରୁତ ପରିବର୍ତ୍ତନ ସମ୍ଭବ ହୋଇଛି ଓ ନିଜର ବୁଦ୍ଧି ଓ ପ୍ରତିଭାର ବଳରେ ଆଜି ଯେକୌଣସି ବ୍ୟକ୍ତି ଯେକୌଣସି କ୍ଷେତ୍ରରେ ଯେକୌଣସି ଉଚ୍ଚ ସୋପାନକୁ ଉଠିବାର ସ୍ୱପ୍ନ ସାର୍ଥକ କରିପାରିଛି । ୪୧ ବର୍ଷ ତଳେ ଭାରତବର୍ଷକୁ ଯେପରି ହେୟ ଜ୍ଞାନ କରାଯାଉଥିଲା ଆଜି ଦୁନିଆରେ ସେ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଛି । ଭାରତ ହେଉଛି ଶତାଧିକ ନିରପେକ୍ଷ ରାଷ୍ଟ୍ରମାନଙ୍କର ନେତା ଯେ କି ସଫଳତାର ସହିତ ସାମ୍ରାଜ୍ୟବାଦ, ଉପନିବେଶବାଦ, ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିଛି ଏବଂ ବିଶ୍ୱର ଶାନ୍ତି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଆଜି ପ୍ରତ୍ୟେକ ଭାରତୀୟ ପାଇଁ ଏକ ମହାନ୍ ସଂକଳ୍ପର ଦିନ । ଦେଶର ଏକତା ଓ ଅଖଣ୍ଡତା, ସଂହତି ଓ ଗଣତନ୍ତ୍ର ପ୍ରତି କୌଣସି ବିପଦ ଆସିଲେ ତା'ର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ରହିବା ଆବଶ୍ୟକ । ଦେଶର ବିଭିନ୍ନ ସ୍ଥାନରେ ଏବେମଧ୍ୟ ଉଗ୍ରପନ୍ଥୀ ଓ ସନ୍ତ୍ରାସବାଦୀମାନଙ୍କ ହୀନ ଉଦ୍ୟମ ଶେଷ ହୋଇନାହିଁ । ବୈଦେଶିକ ଷଡଯନ୍ତ୍ରକାରୀମାନେ ଏବେମଧ୍ୟ ସକ୍ରିୟ ହୋଇ କାର୍ଯ୍ୟ କରୁଛନ୍ତି । ଦେଶରେ ଏକ ଦୃଢ଼ ଯୁବ ନେତୃତ୍ୱକୁ ନିନ୍ଦିତ କରିବା ପାଇଁ ନାନା ଅପଚେଷ୍ଟା ଲାଗିରହିଛି । ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଏବଂ କୁତ୍ସା ଓ ଦାୟିତ୍ୱହୀନ ପ୍ରଚାରକୁ କେତେକ ଉଚ୍ଚ ସ୍ଥାନ ଦେଉଛନ୍ତି । ଧର୍ମ ନାମରେ ବହୁ ସଂକୀର୍ଣ୍ଣତା ମୁଣ୍ଡ ଟେକି ଉଠିଛି । ଜାତିବାଦର କ୍ଷୁଦ୍ରତା ଏବେମଧ୍ୟ ଏ

ଦେଶକୁ ଦୁର୍ବଳ କରିବା ପାଇଁ ଚେଷ୍ଟିତ । ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ରବୀନ୍ଦ୍ର ନାଥ ଠାକୁର, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦ ଯେଉଁ ମହାନ୍ ଭାରତବର୍ଷର ସ୍ୱପ୍ନ ଦେଖିଥିଲେ ଓ ସେଥିପାଇଁ ଅହର୍ନିଶି କାର୍ଯ୍ୟ କରିଥିଲେ, ସେହି ସ୍ୱପ୍ନକୁ ରୂପାୟିତ କରିବା ପାଇଁ ଆମକୁ ନିତ୍ୟ ନୂତନ ଶକ୍ତି ଓ ସଂକଳ୍ପରେ ସଂଘବଦ୍ଧ ହେବାକୁ ପଡ଼ିବ ।

ଏହି ୮ ବର୍ଷ ମଧ୍ୟରେ ଓଡ଼ିଶା ନିଜକୁ ଆଗେଇ ନେବାପାଇଁ ବିପୁଳ ଉଦ୍ୟମ କରିଚି । ଓଡ଼ିଶା ଥିଲା ଭାରତର ସବୁଠାରୁ ଗରିବ ରାଜ୍ୟ । ଆଜି ତିନୋଟି ରାଜ୍ୟକୁ ଓଡ଼ିଶା ପଛରେ ପକାଇ ଆଗକୁ ମାଡ଼ିଯାଇଚି— ବିହାର, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ । ୧୯୮୦ ମସିହା ହିସାବ ଅନୁଯାୟୀ ଓଡ଼ିଶାରେ ଦାରିଦ୍ର୍ୟର ସୀମାରେଖା ତଳେ ଥିଲେ ଶତକଡା ୬୬.୪ ଭାଗ ଲୋକ । ଏହି ସୀମାରେଖା ବର୍ତ୍ତମାନ ବହୁ ତଳକୁ ଖସି ଆସିଚି ଓ ବର୍ତ୍ତମାନ ଶତକଡା ୪୨.୮ ଭାଗରୁ କମ୍ ଲୋକ ଏହି ସୀମାରେଖା ତଳେ ଅଛନ୍ତି ।

୮ ବର୍ଷ ମଧ୍ୟରେ ୯ ଲକ୍ଷ ୫୦ ହଜାର ଆଦିବାସୀ ଓ ୮ ଲକ୍ଷ ହରିଜନ ପରିବାରକୁ ବିଭିନ୍ନ ଦାରିଦ୍ର୍ୟ ବିରୋଧୀ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜରିଆରେ ସାହାଯ୍ୟ କରାଯାଇଚି । ଏହାଛଡ଼ା ଅନ୍ୟ ୧୬ ଲକ୍ଷ ଗରିବ ଲୋକଙ୍କୁ ଏହିସବୁ ଦାରିଦ୍ର୍ୟ ବିରୋଧୀ ସାହଯ୍ୟ କରାଯାଇଚି । କେବଳ ଏହି ଦୁଇବର୍ଷ ମଧ୍ୟରେ ଦୁଃସ୍ଥ ସାହାଯ୍ୟ ଯୋଜନା ଜରିଆରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାହାଯ୍ୟ କରାଯାଇଚି । ଏହି ସମୟ ମଧ୍ୟରେ ୯୩ ହଜାର ଲୋକ ବାର୍ଦ୍ଧକ୍ୟ ଭତ୍ତା, ୨୮ ହଜାର ଲୋକ ବିଧବା ଭତ୍ତା ଓ ୧୦ ହଜାର ବିକଳାଙ୍ଗ ଭତ୍ତା ପାଉଛନ୍ତି ।

୧୯୮୦ ମସିହା ପୂର୍ବରୁ ସବୁଠାରୁ ରେକର୍ଡ ବର୍ଷର ଖାଦ୍ୟଶସ୍ୟ ଉତ୍ପାଦନ ହେଉଚି ୫୬ ଲକ୍ଷ ଟନ୍ । ମାତ୍ର ଗତ ଆଠବର୍ଷ ମଧ୍ୟରେ ଆମର ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ହେଉଚି ୬୨ ଲକ୍ଷ ଟନ୍ ଏବଂ ଆମେ ୭୦ ଲକ୍ଷ ଟନ୍‌ରେ ମଧ୍ୟ ଗୋଟିଏ ବର୍ଷ ପହଞ୍ଚି ପାରିଚୁ । ଏବର୍ଷ ଆମର ଲକ୍ଷ୍ୟ ହେଉଚି ୭୪ ଲକ୍ଷ ଟନ୍ ଏବଂ ଏହି ଯୋଜନା ସୁଦ୍ଧା ଆମେ ୮୨ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିପାରିବା । ୧୯୮୦ ମସିହା ପୂର୍ବରୁ ଆମେ ହେକ୍ଟର ପିଛା ୮ କିଲୋଗ୍ରାମ ସାର ବ୍ୟବହାର କରୁଥିଲେ । ୧୯୮୬ ରେ ହେଲା ୧୭ କିଲୋଗ୍ରାମ ଏବଂ ଏବର୍ଷ ହେବ ୩୦ କିଲୋଗ୍ରାମ ।

୧୯୮୦ ପୂର୍ବରୁ ଜଳସେଚନ ଥିଲା ୧୩ ଲକ୍ଷ ହେକ୍ଟରରେ । ବର୍ତ୍ତମାନ ଅର୍ଥାତ୍ ୧୯୮୭ ସୁଦ୍ଧା ୧୯ ଲକ୍ଷ ହେକ୍ଟର ଜମିରେ ଜଳସେଚନ ହେଉଚି ।

କଳ କାରଖାନା କ୍ଷେତ୍ରରେ ଆମେ ବହୁତ ପଛରେ ପଡ଼ିଥିଲେ । ବୃହତ୍ ଓ ମଧ୍ୟମ ଶିଳ୍ପ ଥିଲା ମାତ୍ର ୫୭ । ବର୍ତ୍ତମାନ ତା'ର ସଂଖ୍ୟା ହେଉଚି ୧୮୫ । କ୍ଷୁଦ୍ର ଶିଳ୍ପ ଥିଲା ୯ ହଜାର । ବର୍ତ୍ତମାନ ହେଉଚି ୩୨ ହଜାର । ଏହି ଶିଳ୍ପୋଦ୍ୟୋଗୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଓଡ଼ିଶାର ସନ୍ତାନ ।

ବିଜୁଳି ଶକ୍ତି ୧୯୮୦ ମସିହା ପୂର୍ବରୁ ଥିଲା ୯୧୪ ମେଗାୱାଟ୍ । ବର୍ତ୍ତମାନ ହେଉଚି ୧୩୯୪ ମେଗାୱାଟ୍ । ଯୋଜନା ଶେଷକୁ ଏହା ହେବ ୧୭୪୭ ମେଗାୱାଟ୍ । ଏହାଛଡ଼ା ୧୯୯୪-୯୫ ବେଳକୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହା ୪ ହଜାର ମେଗାୱାଟ୍‌କୁ ବଢ଼ିଯିବ । ଯୋଜନା ଶେଷ ସୁଦ୍ଧା ୩୧ ହଜାର ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବ ।

ପାନୀୟ ଜଳ ନଥିବା ପ୍ରାୟ ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଚି ।

ଏହାଛଡ଼ା ରାସ୍ତାଘାଟ, ପୋଲ, ସ୍କୁଲ ଗୃହ, ଗରିବ ଲୋକଙ୍କ ପାଇଁ ଗୃହ, ହରିଜନ ଆଦିବାସୀଙ୍କ ପାଇଁ ଗୃହ ନିର୍ମାଣ କ୍ଷେତ୍ରରେ ବିପୁଳ ଅଗ୍ରଗତି ହୋଇଚି । ପର୍ଯ୍ୟଟନର ଅପୂର୍ବ ବିକାଶ ଘଟିଚି । ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ବ୍ୟବହାର କରାଯାଇ ଆମର ଜାତୀୟ ସ୍ୱାଭିମାନ ପ୍ରତିଷ୍ଠା କରାଯାଇଚି । ସାହିତ୍ୟ, ସଙ୍ଗୀତ, ନାଟକ, ଲଳିତ କଳାକୁ ଉତ୍ସାହିତ କରାଯାଇଚି । ଯାତ୍ରା, ଥିଏଟରର ବିକାଶ ଓ ଚଳଚିତ୍ର ଶିଳ୍ପର ଦ୍ରୁତ ଅଗ୍ରଗତି ଘଟିଚି ।

ଓଡ଼ିଶା ଆଜି ଭାରତର ଏକ ପଛୁଆ, ଅଭିଶପ୍ତ ରାଜ୍ୟ ନୁହେଁ । ଏହା ନୂତନ ଶକ୍ତି, ନୂତନ ତେଜ, ନୂତନ ବେଗରେ ଏକ ଆଗୁଆନ୍ ରାଜ୍ୟ ।

ବହୁ ପଥ ଆମେ ଅତିକ୍ରମ କରିଚେ । ତଥାପି ଆମକୁ ଆହୁରି ସୁଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ, ଯେଉଁଦିନ ଆମର ପୂର୍ବସୁରୀମାନଙ୍କର ସ୍ୱପ୍ନ ସାର୍ଥକ ହୋଇ ଏକ ସୁଖୀ ଓ ସମୃଦ୍ଧ ଭାରତବର୍ଷ ଗଢ଼ି ଉଠିବ ।

ଜୟ ଭାରତ ମାତା, ଜୟ ଉତ୍କଳ ଜନନୀ ।

# ମୋ ଦୃଷ୍ଟିରେ ....

ଆଜି ଅଗଷ୍ଟ ପନ୍ଦର । ଆମ ଦେଶର ସ୍ୱାଧୀନତା ଦିବସ । ଉତ୍କଳ ପ୍ରସଙ୍ଗ ଆଜିର ଏଇ ପବିତ୍ର ଦିବସକୁ ସ୍ୱାଗତ ଜଣାଇବା ସଙ୍ଗେସଙ୍ଗେ ତା'ର ପ୍ରିୟ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଆମର ସୁଦୀର୍ଘ ତଥା ଘଟଣା ବହୁଳ ଇତିହାସରେ ୧୯୪୭ ଅଗଷ୍ଟ ୧୫ ତାରିଖ ଏକ ମହାନ୍ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ । ବହୁବର୍ଷ ଧରି ଔପନିବେଶିକ ଶାସନାଧୀନ ରହିବା ପରେ ଆମ ଦେଶ ପରାଧୀନତାର ନାଗଫାଶ କାଟି ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରରେ ପରିଣତ ହେଲା । ତେଣୁ ଜାତିର ସବୁଠାରୁ ମୂଲ୍ୟବାନ ସଂପଦ ହେଉଛି ସ୍ୱାଧୀନତା । ଆମ ଦେଶର ଯେଉଁ ସ୍ୱାଧୀନତା ସଂଗ୍ରାମୀ ବୀରମାନେ ସେମାନଙ୍କର ତ୍ୟାଗ, ତପସ୍ୟା, ସେବା, ସଂକଳ୍ପ, ସାଧନା ଓ ଆତ୍ମବଳିଦାନ ବିନିମୟରେ ପରାଧୀନତାର ଶୃଙ୍ଖଳ ବେଡ଼ିରୁ ଏଦେଶକୁ ମୁକ୍ତ କରିଥିଲେ, ଆଜିର ଐତିହାସିକ ଦିବସରେ ଆମେ ସେମାନଙ୍କୁ ଭକ୍ତି ଓ ଶ୍ରଦ୍ଧାର'ସହ ସ୍ମରଣ କରୁଛୁ ।

ଆମର ପ୍ରାଚୀନ କଳା ଓ ସାଂସ୍କୃତିକ ପରମ୍ପରାର ମହନୀୟତା ବିଶ୍ୱବିଦିତ । ଆଧୁନିକ ସଭ୍ୟତା ଯେତେ ପ୍ରଗତିଧର୍ମୀ ହେଉନା କାହିଁକି, ଆମକୁ ଅତୀତର ସେଇ ଗୌରବମୟ କଳା ଓ ସାଂସ୍କୃତିକ ପରମ୍ପରାକୁ ଯୁଗଯୁଗ ପାଇଁ ବଞ୍ଚାଇ ରଖିବାକୁ ହେବ । ଏ ସଂପର୍କରେ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ''ଜାତୀୟ କଳା ଓ ସାଂସ୍କୃତିକ ପରମ୍ପରା'' ପ୍ରବନ୍ଧରେ ସବିଶେଷ ଆଲୋଚନା କରିଛନ୍ତି ।

ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ବଡ଼ । ଏ ଉଭୟଙ୍କ ନିକଟରେ ଆମେ ଆଜୀବନ ଋଣୀ— ଆମର ଦାୟିତ୍ୱ କି କର୍ତ୍ତବ୍ୟର ପରିସମାପ୍ତି ନାହିଁ । ସେହି ସମ୍ବନ୍ଧରେ ଏକ ସାରଗର୍ଭକ ଆଲୋଚନା କରିଛନ୍ତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ''ଜନନୀ ଜନ୍ମଭୂମିଶ୍ଚ.....'' ପ୍ରବନ୍ଧରେ ।

ଆମ ଦେଶର ପୁନଃ ନିର୍ମାଣ ପାଇଁ ନାରୀ ଶକ୍ତିର ଜାଗରଣ ଅପରିହାର୍ଯ୍ୟ । ସ୍ୱାଧୀନତାର ୪୦ ବର୍ଷ ପରେ ମଧ୍ୟ ଘୃଣ୍ୟ ସତୀ ପ୍ରଥା ସମାଜରେ ମୁଣ୍ଡ ଟେକି ଉଠୁଥିବା ଅତ୍ୟନ୍ତ ପରିତାପର ବିଷୟ । ଏ ସଂପର୍କରେ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ପ୍ରବନ୍ଧ ''ଅତ୍ୟାଚାର ବିରୁଦ୍ଧରେ ନାରୀ ଜାତିର ସଂଗ୍ରାମ'' ତଥ୍ୟଭିତ୍ତିକ ଓ ସମୟୋପଯୋଗୀ ହୋଇଛି ।

ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଓଡ଼ିଶାର ବିପ୍ଳବୀ ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଶ୍ରୀ ବୈକୁଣ୍ଠ ନାଥ ମହାନ୍ତି, ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ପ୍ରବନ୍ଧଗୁଡ଼ିକ ପାଠକମାନଙ୍କ ନିକଟରେ ବିଶେଷ କରି ଆମ ଯୁବସମାଜ ନିକଟରେ ନିଶ୍ଚୟ ପ୍ରେରଣାଦାୟକ ହେବ ।

ଏଥିରେ ସନ୍ନିବେଶିତ ଡକ୍ଟର ଦଣ୍ଡପାଣି ବେହେରା, ଡକ୍ଟର ପ୍ରସନ୍ନ କୁମାର ମିଶ୍ର, ଡକ୍ଟର ଅତୁଳ ଚନ୍ଦ୍ର ପ୍ରଧାନ, ଡକ୍ଟର ଜଗନ୍ନାଥ ମହାନ୍ତି, ଡକ୍ଟର ବୀର କିଶୋର ଭୂୟାଁ, ଶ୍ରୀ ଆର୍.ପି. ଶାସ୍ତ୍ରୀ, ଶ୍ରୀ ଗଦାଧର ମହାପାତ୍ର ଓ ଶ୍ରୀ ଶୁଭେନ୍ଦୁ ଭୂୟାଁ– ଶ୍ରୀମତୀ ସଂଘମିତ୍ରା ଭୂୟାଁଙ୍କର ଲେଖାଗୁଡ଼ିକ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ପ୍ରଣିଧାନ ଯୋଗ୍ୟ ।

ଆମ ମୁଖ୍ୟମନ୍ତ୍ରୀଙ୍କ ଭାଷାରେ, ''ସ୍ୱାଧୀନତା ଦିବସ ଯେକୌଣସି ଦେଶ ବା ଜାତି ନିକଟରେ ସବୁଠାରୁ ମହାନ୍ ଏବଂ ପବିତ୍ର । ଏହି ମହାନ୍ ଦିବସର ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଯେଉଁମାନେ ଜୀବନକୁ ତିଳତିଳ କରି ଦେଶ ମାତୃକାର ବଳିପୀଠରେ ଅର୍ପଣ କରିଥିଲେ, ଆଜି ସେମାନଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରିବା କଥା ।'' ଆଜିର ପବିତ୍ର ଦିବସରେ ଉତ୍କଳ ପ୍ରସଙ୍ଗ ସେହି ପୂର୍ବସୂରୀମାନଙ୍କ ପ୍ରତି ପୁଣିଥରେ ମୁଣ୍ଡ ନୁଆଁଇ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେସଙ୍ଗେ ପାଠକପାଠିକାଙ୍କ ପ୍ରତି ଅଭିନନ୍ଦନ ଜଣାଉଛି ।

ଜୟ ଭାରତ–ଜୟହିନ୍ଦ୍

# ଜାତୀୟ କଳା ଓ ସାଂସ୍କୃତିକ ପରମ୍ପରା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମ ଦେଶର ସଂସ୍କୃତି, ପରମ୍ପରା ଓ ପ୍ରାକୃତିକ ବିଭବ ସାରା ବିଶ୍ୱରେ ଅତୁଳନୀୟ ଏବଂ ଏସବୁ ପାଥେୟ କରି ମାନବ ଜାତିର ବହୁମୂଲ୍ୟ ପରମ୍ପରା ଗଢ଼ିଉଠିଛି । ଆମର ମନୋରମ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି, ସୁନ୍ଦର ହସ୍ତଶିଳ୍ପ, ରଙ୍ଗୀନ ବୟନ ଶିଳ୍ପ; ସାହିତ୍ୟ, ନୃତ୍ୟ, ଓ ସଙ୍ଗୀତର ମହାନ୍ ପରମ୍ପରା ସାରା ବିଶ୍ୱରେ ଅଦ୍ୱିତୀୟ । ଆମର ବନପାହାଡ, ନଦନଦୀ ଓ ହ୍ରଦ, ବୈଚିତ୍ର୍ୟ ପୂର୍ଣ୍ଣ ବନ୍ୟଜନ୍ତୁ ଏବଂ ବିଭିନ୍ନ ଭାଷା କହୁଥିବା, ବିଭିନ୍ନ ପ୍ରକାର ପୋଷାକ ପରିଧାନ କରୁଥିବା ତଥା ପର୍ବପର୍ବାଣି ପାଳନ କରୁଥିବା ଏବଂ ନିଜନିଜର ସ୍ୱତନ୍ତ୍ର ଜୀବନ ଧାରା ଅତିବାହିତ କରୁଥିବା ଲୋକମାନଙ୍କର ଏକ ମିଶ୍ରିତ ସଂସ୍କୃତିର ଅଭିବୃଦ୍ଧି ଲାଗି ଯଥେଷ୍ଟ ଅବଦାନ ରହିଛି । ଆମର ସଂସ୍କୃତି ଯେପରି ବିଗତ ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଅବିଶ୍ରାନ୍ତ ଗତିରେ ପ୍ରବହମାନ, ବିଶ୍ୱର ଅନ୍ୟ କୌଣସି ସଂସ୍କୃତି ସେପରି ଅବିରତ ବୋଲି ଦାବୀ କରିପାରିବ ନାହିଁ । ଏହା ପ୍ରାଚୀନ ଏବଂ ଆଧୁନିକ, ପୁରାତନ ତଥା ପ୍ରଗତିଶୀଳ ।

ଅନେକ ସମୟରେ ଆମେ ଏହି ମହାନ୍ ବିଭବର ପ୍ରକୃତ ଉତ୍ତରାଧିକାରୀ ରୂପେ କାର୍ଯ୍ୟ କରି ନଥାଉ । ତ୍ୱରିତ ଆବଶ୍ୟକତା ତଥା ସ୍ୱଳ୍ପକାଳୀନ ଲାଭ ପାଇଁ ଆମେ ଆମର ପାରିପାର୍ଶ୍ୱିକ ତଥା ସାଂସ୍କୃତିକ ପରମ୍ପରାର ସୁରକ୍ଷା, ସଂରକ୍ଷଣ ତଥା ବିକାଶର ଆବଶ୍ୟକତା ପ୍ରତି ଆମର କର୍ତ୍ତବ୍ୟ ଭୁଲି ଯାଇଥାଉ । ଏଭଳି ଅବହେଳାଜନିତ ସଂକଟ ବିଷୟ ଖୁବ୍ ଜଣାଶୁଣା ଏବଂ ଏଥିପ୍ରତି ଚିନ୍ତା କରାଯିବା ଆବଶ୍ୟକ । ଅନେକ ସମୟରେ ନିର୍ମାଣ କାର୍ଯ୍ୟ ପ୍ରତି ଆମର ବ୍ୟଗ୍ରତା ଥିବାରୁ ଆମେ ଆମର ଅତି ପ୍ରାଚୀନ ଓ ଅମୂଲ୍ୟ ସଂପଦଗୁଡ଼ିକର ଧ୍ୱଂସ ସାଧନ କରିଥାଉ । ଐତିହାସିକ କୀର୍ତ୍ତିରାଜି ପ୍ରତି ଯେ କେବଳ ଅବହେଳା ପ୍ରଦର୍ଶନ କରାଯାଉଛି, ତା'ନୁହେଁ ପରନ୍ତୁ ଅଧିକାଂଶ କ୍ଷେତ୍ରରେ ସେଗୁଡ଼ିକର ଅକଳନୀୟ କ୍ଷତିସାଧିତ ହୋଇଛି । ପ୍ରାଚୀନ ଜଙ୍ଗଲଗୁଡ଼ିକ ସଂପୂର୍ଣ୍ଣ ରୂପେ ବିଲୁପ୍ତ ହୋଇଛି, ନଦୀ ଓ ହ୍ରଦଗୁଡ଼ିକ ଦୂଷିତ ହୋଇଛି, ଜଳବାହିକା ଗୁଡ଼ିକ ଅତି ଅବହେଳିତ ଅବସ୍ଥାରେ ପଡ଼ି ରହିଛି ଏବଂ ସେଗୁଡ଼ିକୁ ଆଉ କେହି ବ୍ୟବହାର କରୁନାହାନ୍ତି । ଆମର ପରିବେଶ ଓ ପରମ୍ପରାର ସୁରକ୍ଷା, ସଂରକ୍ଷଣ ଓ ବିକାଶ ପ୍ରତି ଥିବା ଅଲଂଘନୀୟ ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହାକୁ ଏଡ଼ାଇ ଦେଇ ହେବ ନାହିଁ । ମନ୍ଥର ଗତିରେ ହେଲେ ସୁଦ୍ଧା, ସୁଖର କଥା ଯେ ଆମର ପରମ୍ପରା ଓ ପରିବେଶ ସୁରକ୍ଷାର ଆବଶ୍ୟକତା ବିଷୟରେ କ୍ରମେ ସଚେତନ ମନୋଭାବ ପ୍ରକାଶ ପାଉଛି ଏବଂ ଏ ସଂପର୍କରେ ଦାବୀ ମଧ୍ୟ ହେଉଛି ।

ଏହି କାର୍ଯ୍ୟରେ ଅନେକ ସରକାରୀ ସଂସ୍ଥା ନିୟୋଜିତ ରହିଛନ୍ତି । କିନ୍ତୁ ଆମର ଦେଶ ଏତେ ବିଶାଳ ଏବଂ ଏହାର ସାଂସ୍କୃତିକ ସଂପଦ ଏତେ ମହାନ୍ ଯେ ଏହି ଆହ୍ୱାନର ମୁକାବିଲା କରିବା ଲାଗି ସରକାରୀ ସ୍ତରୀୟ କାର୍ଯ୍ୟ ଯଥେଷ୍ଟ ହେବ ନାହିଁ । ଏହି ପରିପ୍ରେକ୍ଷୀରେ, ଭାରତୀୟ ଜାତୀୟ କଳା ଓ ସାଂସ୍କୃତିକ ପରମ୍ପରା ଟ୍ରଷ୍ଟ (ଇନ୍‌ଟାକ୍) ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ।

ଏହା ସୁବିଦିତ ଯେ ଜନମତକୁ ସଂଗଠିତ କରିବା ବ୍ୟତୀତ ଆମର ପରମ୍ପରାର କୌଣସି ଅଂଶ ଯେତେବେଳେ କ୍ଷତିଗ୍ରସ୍ତ ହୁଏ କିମ୍ବା ତାହାର ମାନ ହ୍ରାସ ପାଏ, ସେତେବେଳେ 'ଇନ୍‌ଟାକ୍' ଏକ ଗ୍ରୁପ ସହଯୋଗକାରୀ ଦଳ ରୂପେ କାର୍ଯ୍ୟ କରିଥାଆନ୍ତି । ଏହି ସଂସ୍ଥା ପ୍ରତ୍ନତାତ୍ତ୍ୱିକ, ଐତିହାସିକ, ସୌନ୍ଦର୍ଯ୍ୟାତ୍ମକ କିମ୍ବା ବୈଜ୍ଞାନିକ ମୂଲ୍ୟ ନିହିତ ଆମ ପରମ୍ପରାର ସଂରକ୍ଷଣ ନିମନ୍ତେ ନିର୍ଦ୍ଦିଷ୍ଟ ପ୍ରକଳ୍ପମାନ ହାତକୁ ନେଇଛନ୍ତି । ଜନମତକୁ ସଂଗଠିତ କରିବା ସଙ୍ଗେସଙ୍ଗେ ସରକାରୀ ନୀତିନିୟମ ଉପରେ ପ୍ରଭାବ ପକାଇବା ପାଇଁ କ୍ଷମତାସୀନ କେତେକ ଉଚ୍ଚପଦସ୍ଥ ବିଶେଷଜ୍ଞଙ୍କୁ ଏକତ୍ରିତ କରି 'ଇନ୍‌ଟାକ୍' ଆମ ପରମ୍ପରାର ସୁରକ୍ଷା ଉଦ୍ଦେଶ୍ୟରେ ବହୁମୂଲ୍ୟ ସେବା ଯୋଗାଇ ଆସୁଛନ୍ତି ।

ବିଗତ କେତେବର୍ଷ ହେଲା 'ଇନ୍‌ଟାକ୍'ର ଏକ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରରେ କାର୍ଯ୍ୟ କରି ଆସୁଛି । ଏହି ସଂସ୍ଥା ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ, ପୁରୀ ଏବଂ ଅନ୍ୟାନ୍ୟ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକରେ ଥିବା ପ୍ରାଚୀନ କୀର୍ତ୍ତିରାଜିର ତାଲିକା ପ୍ରସ୍ତୁତ କରୁଛନ୍ତି । ଏକ ନୂତନ ସହରର ବିକାଶ ହେଉଥିବା ଦୃଷ୍ଟିରୁ ଭୁବନେଶ୍ୱର କୋଳାହଳମୟ ହେବାରେ ଲାଗିଛି । ଏଥିରୁ ଭୁବନେଶ୍ୱରକୁ ରକ୍ଷା କରିବା ସଙ୍ଗେସଙ୍ଗେ ଏହାର ଅଦ୍ୱିତୀୟ ସ୍ୱାତନ୍ତ୍ର୍ୟ ରକ୍ଷା ଲାଗି 'ଇନ୍‌ଟାକ୍'ର ଭୁବନେଶ୍ୱର କେନ୍ଦ୍ର ପରିକଳ୍ପନା ପ୍ରସ୍ତୁତ କରୁଛନ୍ତି । ଭୁବନେଶ୍ୱର କେବଳ ଏକ ସାଧାରଣ ସହର ନୁହେଁ । ଏଠାରେ ନୂଆ ରାଜଧାନୀର ଆଖିଦୃଶିଆ ଅଭିବୃଦ୍ଧି ପାଖକୁ ବିଗତ ବହୁ ଶତାବ୍ଦୀର ପ୍ରାଚୀନ ସଭ୍ୟତା, ଇତିହାସ ଓ କିମ୍ବଦନ୍ତୀର ଆଲେଖ୍ୟ ଦେଖିବାକୁ ମିଳିଥାଏ । ଏହି ସହର ଅନେକ ରାଜବଂଶ ଓ ଧାର୍ମିକ ତଥା ସାଂସ୍କୃତିକ ସଂପ୍ରଦାୟର ଉତ୍‌ଥାନପତନର ମୂକସାକ୍ଷୀ ହୋଇ ରହିଆସିଛି । ଉନ୍ନୟନ କାର୍ଯ୍ୟ ପ୍ରତି ଉପଯୁକ୍ତ କୌଶଳ ଅବଲମ୍ବନ କରିବା ହେଉଛି ଏହି ଆହ୍ୱାନର ଉଦ୍ଦେଶ୍ୟ । ଏହା ଦ୍ରୁତ ବିକାଶୋନ୍ମୁଖୀ ବଡ଼ବଡ଼ ନଗରାଞ୍ଚଳ ଗୁଡ଼ିକର ଆବଶ୍ୟକତା ପୂରଣ

କରିବା ସହ ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ ପ୍ରଥା ଓ ପରମ୍ପରାର ସୁରକ୍ଷା ନିମନ୍ତେ ସମନ୍ୱୟ ରକ୍ଷା କରିବ, ଯେପରିକି ଗୋଟିକର ପ୍ରଭାବରେ ଅନ୍ୟଟି ବିଲୁପ୍ତ ହୋଇ ନଯାଏ । ଏହି କାର୍ଯ୍ୟ ପାଇଁ ଯେଉଁ ଉଦ୍ୟମ ହେଉଛି, ତାହାର ଫଳାଫଳ ବିଷୟରେ ଜାଣିବା ପାଇଁ ମୋର ବିଶେଷ ଆଗ୍ରହ ରହିଛି । ଆମର ଅନ୍ୟ ଦୁଇଟି ବଡ଼ବଡ଼ ସହର; ଶ୍ରୀକ୍ଷେତ୍ର ପୁରୀ ଓ ଶାକ୍ତକ୍ଷେତ୍ର ବିରଜା/ଯାଜପୁରରେ ଅନୁରୂପ ପରିକଳ୍ପନାମାନ କାର୍ଯ୍ୟକାରୀ କରାଗଲେ ଭଲ ହେବ । ପୁରୀରେ ଅନେକ ମନ୍ଦିର ରହିଛି, ଯେଉଁଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ । ଐତିହାସିକ ଓ ଧାର୍ମିକ ଦିଗରୁ ଗୁରୁତ୍ୱ ଥିବା କେତେକ ପୁରାତନ ପୁଷ୍କରିଣୀ ଦୂଷିତ ହୋଇଗଲାଣି । ଏହି ପ୍ରସିଦ୍ଧ ତୀର୍ଥସ୍ଥାନଗୁଡ଼ିକର ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ହେଲା, ନର୍ଦ୍ଦମାନାଳ ଓ ପାନୀୟ ଜଳର ଆବଶ୍ୟକତା ବୃଦ୍ଧି । ବୈତରଣୀ ନଦୀ କୂଳରେ ଅବସ୍ଥିତ ବିରଜା କ୍ଷେତ୍ର ଯାଜପୁରର ସମସ୍ୟା ମଧ୍ୟ ଠିକ୍ ଏହିପରି । ଏକଥା ମହାଭାରତରେ ନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି । ପଶ୍ଚିମ ଓଡ଼ିଶାର ନୃସିଂହ ନାଥ ହରିଶଙ୍କର ମନ୍ଦିର ଏବଂ ଗନ୍ଧମାର୍ଦ୍ଦନ ପାହାଡ଼ଗୁଡ଼ିକର ସୁରକ୍ଷା କରାଯିବା ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ । ଦେଶର ସର୍ବବୃହତ୍ ସାଗରସଙ୍ଗମ ହ୍ରଦ ଚିଲିକା ପଟୁପଡ଼ି ଧୀରେଧୀରେ ପୋତି ହୋଇ ପଡ଼ୁଛି । ଏହା ମଧ୍ୟ ଦେଶରେ ଅତି ଗୁରୁତ୍ୱପୂର୍ଣ୍ଣ ପକ୍ଷୀ ଆଶ୍ରୟ ସ୍ଥଳଗୁଡ଼ିକ ମଧ୍ୟରେ ଅନ୍ୟତମ । ସମଗ୍ର ଦେଶ ଏହାର ଉପଯୁକ୍ତ ସୁରକ୍ଷା ଦିଗରେ ଚିନ୍ତା କରିବା ଉଚିତ । ଶିମିଳିପାଳ ଜଙ୍ଗଲର ଏକ ଅଂଶକୁ ଜାତୀୟ ଉଦ୍ୟାନ ରୂପେ ଘୋଷଣା କରାଯାଇଛି । ଏଥିପ୍ରତି ସକ୍ରିୟ ଧ୍ୟାନ ଦିଆଯିବା ସଙ୍ଗେସଙ୍ଗେ ଉଦ୍ୟମ କରାଯିବା ଆବଶ୍ୟକ । ସମୁଦାୟ ଜଙ୍ଗଲକୁ ଏକ ବନ୍ୟଜନ୍ତୁ ନିବାସସ୍ଥଳୀ ରୂପେ ଘୋଷଣା କରାଯିବା ଉଚିତ । ସୁନ୍ଦରବନକୁ ଛାଡ଼ିଦେଲେ, କୁମ୍ଭୀର ଓ ସମୁଦ୍ରକୂଳର ବଡ଼ବଡ଼ କଇଁଛମାନଙ୍କ ସମେତ ଅନେକ ଦୁଷ୍ପ୍ରାପ୍ୟ ଜୀବଜନ୍ତୁଙ୍କ ଆବାସସ୍ଥଳୀ ରୂପେ ଓଡ଼ିଶାର ଭିତରକନିକା ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛି । ଏହାକୁ ଜାତୀୟ ଉଦ୍ୟାନ ରୂପେ ଘୋଷଣା କରାଯିବା ଆବଶ୍ୟକ ।

'ଇନ୍‌ଟାକ୍' ଗଙ୍ଗାନଦୀକୁ ପରିଷ୍କାର କରିବା କାର୍ଯ୍ୟରେ ନିୟୋଜିତ ରହିଛି । ଏହି ମହାନ୍ ନଦୀର ମାନହ୍ରାସ ପାଇବା ବିଷୟରେ ଆମର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଆମର ମହାନ୍ ନଦୀ ମହାନଦୀ ଓ ବ୍ରାହ୍ମଣୀ ବିଷୟରେ ଚିନ୍ତା କରିବା ପାଇଁ 'ଇନ୍‌ଟାକ୍'କୁ ମୁଁ ଅନୁରୋଧ ଜଣାଉଛି ।

ଚିତ୍ରିତ ତାଳପତ୍ର ପାଣ୍ଡୁଲିପିର ଅଦ୍ୱିତୀୟ ଗନ୍ତାଘର ରୂପେ କେବଳ ଓଡ଼ିଶା ହିଁ ସୌଭାଗ୍ୟ ଅର୍ଜନ କରିଛି । ବୈଜ୍ଞାନିକ ପଦ୍ଧତିରେ ଏହାର ସୁରକ୍ଷା ତଥା ପ୍ରାମାଣିକ ସଂଗ୍ରହ ହେବା ଆବଶ୍ୟକ । ଆମର ମହାନ୍ ପରମ୍ପରାର ଉକ୍ତ ଗୁରିତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସାଇତି ରଖିବା ତଥା ସେଥିପ୍ରତି ଆଲୋକପାତ କରିବା ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ସାହାଯ୍ୟ ସହଯୋଗ କରିବା ଏଣିକି ଭାରତୀୟ ଜାତୀୟ କଳା ଓ ସାଂସ୍କୃତିକ ପରମ୍ପରା ଟ୍ରଷ୍ଟ ପକ୍ଷରେ ସମ୍ଭବପର ହେବ ।

[ମୁଖ୍ୟମନ୍ତ୍ରୀଙ୍କ ଇଂରାଜୀ ଭାଷଣରୁ ଅନୁଦିତ—ମୁଖ୍ୟ ସଂପାଦକ]





# ଜନନୀ ଜନ୍ମଭୂମିଶ୍ଚ....

ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

ଆମ ଦେଶ ବର୍ତ୍ତମାନ ଏକ ସନ୍ଧିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ରାଷ୍ଟ୍ର ତଥା ଜନସମୁଦାୟଙ୍କ ଜୀବନର ପ୍ରତ୍ୟେକ ଭାଗରେ ଆମେ କିଛି ନା କିଛି ସମସ୍ୟା, କିଛି ନା କିଛି ସଂକଟ, କିଛି ନା କିଛି ଅସୁବିଧା ଓ କିଛି ନା କିଛି ସଂଘର୍ଷାତ୍ମକ ପରିସ୍ଥିତି ଦେଖିବାକୁ ପାଉଛୁ । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଦେଶପ୍ରେମୀ ଅଛନ୍ତି ତଥା ଯେ ଭାବୁଛନ୍ତି ଯେ ଭାରତବର୍ଷ ମୋର ମାତୃଭୂମି ଓ ମୁଁ ଏହି ଭାରତ ବର୍ଷର ସନ୍ତାନ-ଏହା ଭାବି ଏହି ମାତୃଭୂମି ପ୍ରତି ମମତା ରଖୁଛନ୍ତି, ଆଜି ସେମାନଙ୍କ ହୃଦୟ ଆନ୍ଦୋଳିତ ହୋଇ ଉଠିଛି । ଆମ ମାତୃଭୂମି ଭାରତବର୍ଷ ପୁଣ୍ୟଭୂମି ରୂପେ ଖ୍ୟାତି ଲାଭ କରିଛି । ଏହି ଭୂମିରେ ଜନ୍ମନେବା ସୌଭାଗ୍ୟର ବିଷୟ । ଜୀବାତ୍ମାର ପୂର୍ବଜନ୍ମକୃତ ପୁଣ୍ୟ ଫଳରେ ତାହାକୁ ଏହି ପୁଣ୍ୟ ଭୂମିରେ ଜନ୍ମ ମିଳିଥାଏ । ବର୍ତ୍ତମାନ ଆମେ ଏହି ଦେଶର ଉତ୍ତରରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଓ ଆସାମ, ନାଗାଲାଣ୍ଡ, ଅରୁଣାଚଳ, ମେଘାଳୟଠାରୁ ପଶ୍ଚିମରେ ପଞ୍ଜାବ ପର୍ଯ୍ୟନ୍ତ ଦେଖିଲେ ଦେଶର ଅବସ୍ଥା ବିଶେଷ ଶୋଚନୀୟ ମନେ ହୁଏ ।

ସମ୍ବାଦପତ୍ରରେ ସମ୍ବାଦଗୁଡ଼ିକୁ ଦେଖିଲେ ଯେକୌଣସି ଲୋକର ହୃଦୟ ଅତ୍ୟନ୍ତ ବିଚଳିତ ହୋଇପଡ଼େ । ଆମ ଦେଶର ଭବିଷ୍ୟତ କଣ ହେବ ? ପରିସ୍ଥିତି ଯଦି ଏଭଳି ଜଟିଳ ହୁଏ, ତେବେ ଆମ ଭବିଷ୍ୟତ ଯେ ଅନ୍ଧକାର ଏଥିରେ ସନ୍ଦେହ ନାହିଁ । ଏହିଭଳି ଆଜିର ମନୁଷ୍ୟ ମଧ୍ୟରେ ଏକ ଦୁଶ୍ଚିନ୍ତା । ଏକ ବ୍ୟଗ୍ରତା । ଏକ ପ୍ରକାର ବିଚଳିତ ଅବସ୍ଥା । ଭବିଷ୍ୟତ ପାଇଁ ଏକ ବିଶେଷ ପ୍ରକାର ଭୟ ଉତ୍ପନ୍ନ ହୋଇ ଯାଇଛି ।

ଭାରତ ବର୍ଷର ଶୁଦ୍ଧ ଓ ଜ୍ଞାନ ଦେଖି ପାଶ୍ଚାତ୍ୟ ବିଦ୍ୱାନମାନେ ଆଶ୍ଚର୍ଯ୍ୟ ହୋଇ ଯାଉଛନ୍ତି । ଉପନିଷଦ ଓ ଉପନିଷଦ ଉପରେ ଆଦିଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା କରାଯାଇଥିବା ଭାଷ୍ୟକୁ ଦେଖି ଓ ଏହାକୁ ପଢ଼ି ପାଶ୍ଚାତ୍ୟ ପଣ୍ଡିତ, ଦାର୍ଶନିକମାନେ ଅବାକ୍ ହୋଇ ଯାଇଛନ୍ତି । ସେମାନଙ୍କ ମତରେ ଏହା ସାଧାରଣ ମାନବକୃତ ନୁହେଁ ।

ଏହି ଭଳି ରାଷ୍ଟ୍ରରେ ବର୍ତ୍ତମାନ କେତେ ରାଗ, ଦ୍ୱେଷ ଓ ଅଶାନ୍ତିପୂର୍ଣ୍ଣ । କେତେ ବିଚ୍ଛିନ୍ନତାବାଦ ଓ କେତେ ମିଥ୍ୟା କପଟ ତଥା ଭ୍ରଷ୍ଟାଚାର ପରିପୂର୍ଣ୍ଣ । ଏପରି ପରିସ୍ଥିତିକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି । ଆପଣ ଭାବି ନିଅନ୍ତୁ ଯଦି ଗୋଟିଏ ଦେଶର ସରକାର ତଥା ସରକାରୀ ଅଧିକାରୀବର୍ଗଙ୍କୁ ନିଜ ଦେଶର, ନିଜ ସରକାର ତଥା ସମାଜର ବିଭିନ୍ନ ବିଭାଗରେ ବଢ଼ି ଚାଲିଥିବା ଭ୍ରଷ୍ଟାଚାରକୁ ଦେଖି ଭ୍ରଷ୍ଟାଚାର ଦୂରୀକରଣ ପାଇଁ ଭ୍ରଷ୍ଟାଚାର ନିରୋଧ ବିଭାଗ ସୃଷ୍ଟି କରିବାକୁ ବାଧ୍ୟ ହେଉଛନ୍ତି । ତେବେ ଦେଖି ନିଅନ୍ତୁ ଯେ ବର୍ତ୍ତମାନର ପରିସ୍ଥିତି କ'ଣ ହୋଇଅଛି । ସରକାର ଦୁର୍ନୀତି, ଭ୍ରଷ୍ଟାଚାର ବନ୍ଦ କରିବା ପାଇଁ ; ଭ୍ରଷ୍ଟାଚାରର ମୁକାବିଲା କରିବା ପାଇଁ ଗୋଟିଏ ବିଭାଗ ଗଠନ କରିବାକୁ ପଡ଼ୁଛି ।

ଏଥିପାଇଁ ଅଲଗା ଅଫିସରଙ୍କୁ ନିଯୁକ୍ତ କରିବାକୁ ପଡ଼ୁଛି । ତେବେ ଆପଣ ଭାବି ନିଅନ୍ତୁ ଏହି ଦେଶର ଦଶା କ'ଣ ହୋଇଛି । ସରକାରୀ କର୍ମଚାରୀ, ବ୍ୟବସାୟୀ ଅଥବା କୌଣସି ବ୍ୟକ୍ତିବିଶେଷ ଯେକେହି ହୁଅନ୍ତୁ, ଯଦି ସଚ୍ଚୋଟ ନ ହୁଅନ୍ତି ଓ ମନରେ ଗୋଟିଏ ଭାବନା ରଖି କଥାରେ ଆଉ ଗୋଟିଏ ଭାବକୁ ବ୍ୟକ୍ତ କରି କାର୍ଯ୍ୟରେ ଅନ୍ୟ ଏକ ଜିନିଷ କରନ୍ତି ତେବେ ଭାବି ନିଅନ୍ତୁ ଏହି ସମାଜର ପରିସ୍ଥିତି କ'ଣ ହେବ ? ଜଣେ ମନୁଷ୍ୟର ଅନ୍ୟ ମନୁଷ୍ୟ ଉପରେ ବିଶ୍ୱାସ ନାହିଁ । ପରସ୍ପର ମଧ୍ୟରେ ସହଯୋଗ ନାହିଁ, ବିଶ୍ୱାସ ନାହିଁ, ତେବେ ପରିସ୍ଥିତି ସେ କଣ ହେବ ଭାବି ନିଅନ୍ତୁ । ବାପ ପୁଅ ଉପରେ ବିଶ୍ୱାସ କରିବ ନାହିଁ, ଭାଇ ଭାଇ ଉପରେ ବିଶ୍ୱାସ କରିବ ନାହିଁ, ମହକିଲ ଓକିଲ ଉପରେ ବିଶ୍ୱାସ କରିବ ନାହିଁ ।

ତେବେ ପରିସ୍ଥିତି କୁଆଡ଼କୁ ଯିବ ? କାରଣ ଓକିଲ କଣ କରିବ ? ନିଜ ମହକିଲଠାରୁ ଫିସ୍ ନେବ ଓ ଅନ୍ୟ ପକ୍ଷଠାରୁ ମଧ୍ୟ ଫିସ୍ ନେଇ ମକଦ୍ଦମା ଅନ୍ୟ ଦିଗରେ କରାଇ ନେବ । ଓକିଲମାନଙ୍କ ମଧ୍ୟରେ ଏଭଳି, ଡାକ୍ତରମାନଙ୍କ ମଧ୍ୟରେ ଏଭଳି, ଇଞ୍ଜିନିୟରମାନଙ୍କ ମଧ୍ୟରେ ଏଭଳି ସ୍ଥିତି ଅର୍ଥାତ୍ ଗୋଟିଏ ବସ୍ତ୍ର ପୁରୁଣା ହୋଇଗଲେ ସେହି ବସ୍ତ୍ରର ସବୁ ସ୍ଥାନରେ ଶହଶହ ଛିଦ୍ର ହୋଇ ଗଲାଭଳି ଆଜି ଭାରତବର୍ଷ ଜନ ସମୁଦାୟର, ସମାଜର, ନୈତିକ ପରିସ୍ଥିତି ଛିନ୍ନ ଭିନ୍ନ ହୋଇ ଯାଇଛି । ଭାରତୀୟ ଜନଜୀବନର ନୈତିକ ଢାଞ୍ଚା ଭ୍ରଷ୍ଟାଚାରରେ, ମିଥ୍ୟାଚାରରେ କପଟ ଓ ଅବିଶ୍ୱାସରେ ଜର୍ଜରିତ ହୋଇ ଉଠିଛି ।

ଆଜି ଏଭଳି ଦୁର୍ଦ୍ଦଶାର କାରଣ କଣ ? ବେଦ, ଉପନିଷଦ, ଭାଗବତ, ମନୁସ୍ମୃତି, ପରାଶର ସ୍ମୃତି ଓ ବିଦୁର ନୀତିରେ ବା କ'ଣ ନାହିଁ ? ହରିଶ୍ଚନ୍ଦ୍ର ଭଳି ରାଜା, ନଳ ଭଳି ରାଜା, ଯୁଧିଷ୍ଠିର ଭଳି ରାଜା ଆମର ଆଦର୍ଶ । ଏଭଳି ଆଦର୍ଶ ସମ୍ମୁଖରେ ଯଦି ଦେଶର ସରକାରକୁ ଭ୍ରଷ୍ଟାଚାର ବନ୍ଦ କରିବା ପାଇଁ ବହୁତ ଅଫିସରଙ୍କୁ ନିଯୁକ୍ତି କରି ଗୋଟିଏ ଅଲଗା ବିଭାଗ କରିବାକୁ ହୁଏ ତଥା ବିବିଧ ଛଳ କପଟ କରିଆରେ ଲାଞ୍ଚ ନେଉଥିବା ବ୍ୟକ୍ତିକୁ ଧରାଇବାକୁ ପଡ଼େ, ତେବେ ଭାବି ନିଅନ୍ତୁ ପରିସ୍ଥିତି ସେ କଣ ହୋଇଛି । !

ଠକକୁ ଧରିବା ପାଇଁ ଅଲଗା ନୋଟରେ ନିର୍ଦ୍ଦିଷ୍ଟ ଚିହ୍ନ ଲଗାଇ ସି. ଆଇ. ଡ଼ି. ବିଭାଗର ଲୋକ ଗୋଟିଏ ଗ୍ରାହକ ଭାବେ ଯାଇ ଲାଞ୍ଚ ଦେବା ସମୟରେ ହିଁ ତାହାକୁ ଧରି ନିଅନ୍ତି ଅର୍ଥାତ୍-ଭ୍ରଷ୍ଟାଚାରକୁ ରୋକିବା ପାଇଁ ନାଟକ ମାଧ୍ୟମରେ ଏତେଟା ଛଳ କରିବାକୁ ହୋଇଥାଏ ।

ଫ୍ରାନ୍ସ, ଜାପାନ ଓ ଚୀନର କଥା ନୁହେଁ । ଏହା ଆମ ମାତୃଭୂମିରେ ଘଟିଛି । ଆମର ପ୍ରିୟ ମାତୃଭୂମି ଯାହା ବିଷୟରେ କୁହାଯାଇଛି—"ଜନନୀ

ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।" ମା ଓ ମାତୃଭୂମି ଦୁଇଟି ସ୍ୱର୍ଗଠାରୁ ବି ମହାନ୍ । ଏଭଳି ଘୋଷଣା କରାଯାଇଥିବା ଆମ ରାଷ୍ଟ୍ରରେ ଏହି ପରିସ୍ଥିତିକୁ ଦେଖି ଆମେ ବ୍ୟାକୁଳିତ ତଥା ଦୁଃଖିତ ହେବା ଉଚିତ୍ ନୁହେଁ କି ଏହି ଭାରତଭୂମିର ପାଣି ପବନ ଓ ଶସ୍ୟ ଦ୍ୱାରା ଆମ ଶରୀର ତିଆରି ହୋଇଛି । ଏହି ଭାରତଭୂମିର ଲୁଣ ଆମେ ଖାଇଛୁ ଓ ଆଜି ଆମେ ଯାହା କିଛି ହୋଇଛୁ ତାହା ଏହି ଭାରତ ବର୍ଷର, ଏହି ମାତୃଭୂମିର ଉତ୍ପନ୍ନ ପଦାର୍ଥକୁ ନେଇ ହୋଇଅଛି ।

ଯଦି ଆମ ମଧ୍ୟରେ ବାସ୍ତବିକ ଦେଶପ୍ରତି ପ୍ରେମ ଅଛି, ମାତୃଭୂମି ପ୍ରତି ମମତା ଓ ପ୍ରୀତି ଅଛି ତେବେ ଏହି ପରିସ୍ଥିତିକୁ ଦେଖି ମନ ବ୍ୟାକୁଳ ହେବା ସ୍ୱାଭାବିକ । ଘଟଣା ଦେଖୁଛନ୍ତି, ସମ୍ବାଦପତ୍ର ପଢ଼ୁଛନ୍ତି, କେତେ କଥା ଶୁଣୁଛନ୍ତି କିନ୍ତୁ ଆପଣଙ୍କ ମଧ୍ୟରେ ବାସ୍ତବିକ ଦୁଃଖ ଜାତ ହେଉନାହିଁ ଅର୍ଥାତ୍ ଆମ ମଧ୍ୟରେ ବାସ୍ତବିକ ଦେଶପ୍ରେମ ନାହିଁ ବୋଲି କହିବାକୁ ହେବ । ୧୫ ଅଗଷ୍ଟ, ଜାନୁୟାରୀ ୨୬ ଦିନ ସ୍ଲୋଗାନ ଦେଉଛୁ କହୁଛୁ ଭାରତମାତା କୀ ଜୟ । ଜୟହିନ୍ଦ୍ କିନ୍ତୁ ଆମ ମଧ୍ୟରେ ବାସ୍ତବିକ ଦେଶପ୍ରେମ ନାହିଁ । ଏହି ଦେଶର ପୂର୍ବ ପୁରୁଷଙ୍କଠାରୁ ଆମେ କେତେ ଗୁଣ ପାଇଛୁ ।

ଭାରତବର୍ଷରେ ବହୁ ପୂର୍ବରୁ ରାଜା ହରିଶ୍ଚନ୍ଦ୍ର, ଯୁଧିଷ୍ଠିରଙ୍କ ଭଳି ମହାନ ବ୍ୟକ୍ତି ଓ ବଡ଼ ବଡ଼ ମହାପୁରୁଷ ଆବିର୍ଭାବ ହୋଇଛନ୍ତି । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଭକ୍ତକବି ମଧୁସୂଦନ ରାଓ ଓ ବାପୁଜୀଙ୍କ ଭଳି ମହାମାନବ ଜନ୍ମ ହୋଇଛନ୍ତି । ମହାତ୍ମାଗାନ୍ଧି ନିଜର ସଂପୂର୍ଣ୍ଣ ଜୀବନ ପରୋପକାରରେ ଉତ୍ସର୍ଗ କରି ଏକ ଉଜ୍ଜ୍ୱଳ ଜ୍ୟୋତି ସ୍ୱରୂପ ନିଜ ଆଦର୍ଶକୁ ରଖି ଯାଇଛନ୍ତି । ସେ ସତ୍ୟପରାୟଣତା ବିଷୟରେ, ଅହିଂସା, ସଦାଚାର ଓ ନିଜର ଧର୍ମନିଷ୍ଠା ବିଷୟରେ ଆଦର୍ଶ ରଖିଯାଇ ଅଛନ୍ତି । ବ୍ରହ୍ମଚର୍ଯ୍ୟ, ଅହିଂସା ଭାବକୁ ତଥା ନିଜ ଜୀବନର ସରଳତାରୂପୀ ଆଦର୍ଶକୁ ଆମ୍ଭମାନଙ୍କ ସମ୍ମୁଖରେ ରଖି-ଯାଇଛନ୍ତି । ନିଜ ଜୀବନ ମାଧ୍ୟମରେ ଏହି ଉଜ୍ଜ୍ୱଳ ଆଦର୍ଶ ସେ ଆମ୍ଭମାନଙ୍କ ସମ୍ମୁଖରେ ରଖିଛନ୍ତି । ଏହା ବହୁତ ପ୍ରାଚୀନ ବେଦବେଦାନ୍ତ ଯୁଗର କଥା ନୁହେଁ । ସେ ଏହି ଶତାବ୍ଦୀରେ ଆମ୍ଭମାନଙ୍କ ଆଗରେ ଏହି ଉଜ୍ଜ୍ୱଳ ଆଦର୍ଶକୁ ରଖିଯାଇଛନ୍ତି । ଏହାର ପ୍ରଭାବ ଆମ୍ଭମାନଙ୍କ ଉପରେ ପଡୁଛି କି ?

ନିଜର ଏହି ମୂଲ୍ୟବୋଧକୁ ବଜାୟ ରଖିବାପାଇଁ ସେ ଶେଷରେ ନିଜ ଜୀବନକୁ ବଳିଦାନ ଦେଲେ ଗୀତାପ୍ରତି । ତାହାଙ୍କର ଯେ କେତେ ଶ୍ରଦ୍ଧା ଥିଲା, କେତେ ଆସ୍ଥା ଥିଲା, ରାମ ନାମ ପ୍ରତି ତାଙ୍କର ଯେ କେତେ ଅଟଳ ବିଶ୍ୱାସ ଥିଲା । ରାମ ନାମ ଓ ରାମ ଧୁନ୍ ବିନା ତାଙ୍କର ଗୋଟିଏ ଦିନ ବି ବିତୁ ନଥିଲା । ରାଜ-ନୀତିରେ, ସମାଜ ସେବାରେ, ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଜୀବନ ଅତ୍ୟନ୍ତ ବ୍ୟସ୍ତ ଥିଲା । ଏଭଳି ବ୍ୟସ୍ତ ଜୀବନ ଅନ୍ୟକୌଣସି ବ୍ୟକ୍ତିର ନଥିଲା । ତଥାପି ସେ ପ୍ରାତଃ ଓ ସାୟଂକାଳରେ ଏକ ଏକ ଘଣ୍ଟା ପାଇଁ ମୌନ ରହୁଥିଲେ । ଅନ୍ତର୍ମୁଖୀ ହୋଇ ଈଶ୍ୱରଙ୍କ ନିକଟରେ ବସି ଧ୍ୟାନ କରୁଥିଲେ । ସେ ନିଜ ଜୀବନରେ ଗୋଟିଏ ଦିନ ମଧ୍ୟ ଗୀତା, ସୁନ୍ଦର ସୁନ୍ଦର ଭଜନ ଶୁଣିବା, ରାମଧୁନ୍ ଗାଇବା, ପ୍ରାର୍ଥନା କରିବା ଛାଡ଼ି ନାହାନ୍ତି । କଣ ଆମେ କରି ପାରିବା, ତାଙ୍କଠାରୁ କଣ ଆମର ଜୀବନ ବଡ଼ ବ୍ୟସ୍ତ ? ତାଙ୍କର ସମୟ ନଥିଲା । ତାହାଙ୍କ, ନିଜ ବ୍ୟକ୍ତିଗତ ଜୀବନ ବୋଲି କିଛି ନଥିଲା । ସେ ସକାଳ ୪-୫ଟା ବେଳେ ଉଠିଲେ ତ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ, ଶୋଇବା ପର୍ଯ୍ୟନ୍ତ ସାର୍ବଜନୀନ କଲ୍ୟାଣକର କାର୍ଯ୍ୟରେ ଦେଶର ହିତରେ, ରାଷ୍ଟ୍ରର ହିତରେ, ବ୍ୟସ୍ତ ରହୁଥିଲେ । ସେ ସଂପୂର୍ଣ୍ଣ କାର୍ଯ୍ୟରତ ରହୁଥିଲେ ।

ମୁଁ ଦେଖିଛି ମହାତ୍ମାଗାନ୍ଧି ୧୯୪୬ରେ ୪-୫ ମାସ ପାଇଁ ଦିଲ୍ଲୀରେ ବ୍ୟାମ କରିଥିଲେ । ସେତେବେଳେ ଗ୍ରୀଷ୍ମଋତୁ ଥିଲା । ଜୁନ୍ ମାସ ହେବ । ଗୁରୁମହାରାଜ ସ୍ୱାମୀ ଶିବାନନ୍ଦଜୀ କୌଣସି କାର୍ଯ୍ୟରେ ମୋତେ ଦିଲ୍ଲୀ ପଠାଇଥିଲେ ଓ ମୁଁ ମହାତ୍ମାଗାନ୍ଧିଙ୍କୁ ଦର୍ଶନ କରିବାକୁ ଗଲି ।

ସେତେବେଳେ ମୁଁ ବ୍ରହ୍ମଚାରୀ ଥିଲି । ମହାତ୍ମାଗାନ୍ଧି ବଡ଼ ବଡ଼ ନେତାମାନଙ୍କ ସହ ଆଲୋଚନା କରୁଥିଲେ । ପାକିସ୍ତାନ ବିଷୟରେ ହିନ୍ଦୁସ୍ତାନ ବିଷୟରେ ସ୍ୱାଧୀନତା ବିଷୟରେ କଥାବାର୍ତ୍ତା ଚାଲିଥିଲା । ପ୍ରତିଦିନ ବଡ଼ ବଡ଼ ରାଜନୈତିକ ନେତାମାନଙ୍କ ସହ ତାଙ୍କର ସାକ୍ଷାତ, କଥାବାର୍ତ୍ତା ଚାଲିଥିଲା । ବଡ଼ଲାଟଙ୍କ ସହ, ଛୋଟଲାଟଙ୍କ ସହ କଥା ଅନ୍ୟ ବଡ଼ ବଡ଼ ନେତାମାନଙ୍କ ସହ କଥାବାର୍ତ୍ତା ଚାଲୁଥିଲା ।

ଏଭଳି ବ୍ୟସ୍ତ ଜୀବନରେ ମଧ୍ୟ ସେ ଦିଲ୍ଲୀରେ ହରିଜନ ବସ୍ତିରେ ରହୁଥିଲେ । ସେଠାରେ ଜଣେ ଗୁଜରାଟି ଥିଲେ । ମୁଁ ତାଙ୍କୁ ପଚାରିଲି । ସେ ତାଙ୍କ ସେକ୍ରେଟେରୀଙ୍କ ପାଖକୁ ଯାଇ କହିଲେ–ଋଷିକେଶରୁ ସ୍ୱାମୀ ଶିବାନନ୍ଦଜୀ ମହାରାଜଙ୍କ ସେବକ ଶିଷ୍ୟ ଆସିଛନ୍ତି । ସେ ବାପୁଜୀଙ୍କ ଦର୍ଶନ କରିବାକୁ ଚାହୁଁଛନ୍ତି । ଦଶମିନିଟ ସମୟ ସେ ମାଗୁଛନ୍ତି । ସେ ମୋତେ ଅପରାହ୍ନ ଅନ୍ଦାଜ ତାଙ୍କୁ ସମୟ ଦେଲେ । ମୁଁ ହରିଜନ ବସ୍ତିକୁ ଗଲି । ସେଠାରେ ମାଟି ତିଆରି କାନ୍ଥ ଓ ଛପର ଘରେ ମହାତ୍ମାଗାନ୍ଧି ରହୁଥିଲେ । ଭିତରକୁ ଯାଇ ଦେଖିଲି ସେ ଦ୍ୱିପହରର ଭୋଜନ ସାରି ବିଶ୍ରାମ ନେଉଛନ୍ତି । ଦୁଇ ଋରିଟା ଇଟା ଉପରେ କାଠର ପଟା ପଡ଼ିଥିଲା । କାଠ ପଟା ଉପରେ ଗୋଟିଏ ଚଉକିଆ ବିଛା ଯାଇଥିଲା ଓ ସେହି ଚଉକିଆ ଉପରେ ସେ ଗଡ଼ପଡ଼ ହେଉଥିଲେ । ତାଙ୍କ ମସ୍ତକ ତଳେ ଗୋଟିଏ କାଠ ଗଣ୍ଡି ଓ ତାହା ଉପରେ ଚଉଡ଼ା ଏକ ଚଉକିଆ ତାଙ୍କ ତକିଆର କାମ କରୁଥିଲା । ଗ୍ରୀଷ୍ମ ଦିନ ଥିଲା । ଏଣୁ ଗୋଟିଏ ଓଦା କନାକୁ ମସ୍ତକରେ ରଖିଥିଲେ ।

ସେ ଶୋଇରହି ଡ଼ାକ ଦେଖୁଥିଲେ । ସେତେବେଳେ ମୁଁ ଯୁବାବସ୍ଥାରେ ଥିଲି କିନ୍ତୁ ସେତେବେଳେ ଏତେ ଉତ୍ତମ ଥିଲା ଯେ ମୁଁ ମୋର ୨୯ ବର୍ଷ ବୟସରେ ମଧ୍ୟ ଚିତ୍‌ଜିତ ହୋଇଗଲି । ମୁଁ ଆସି ବସିଲି । ସେ ଗୁରୁମହାରାଜଙ୍କ ବିଷୟରେ କୁଶଳବାର୍ତ୍ତା ପଚାରିଲେ । କହିଲେ ଶିବାନନ୍ଦଜୀ ବହୁତ ଭଲ କାମ କରୁଛନ୍ତି । ତାଙ୍କ ଲିଖିତ ସବୁ ପୁସ୍ତକ ମୁଁ ପାଉଛି । ସ୍ୱାମୀଜୀଙ୍କୁ ମୋର ଶୁଭକାମନା ଜଣା-ଇବେ । ଦେଖନ୍ତୁ ମହାପୁରୁଷଙ୍କ ମହାନତା । ମୁଁ ମାତ୍ର ଜଣେ ସାଧାରଣ ବ୍ୟକ୍ତି ସେ ପତ୍ର ପଢ଼ିବାରେ ବ୍ୟସ୍ତଥିଲେ । ତଥାପି ସେତେବେଳେ ମୁଁ ସାତ ଆଠଟି ପୁସ୍ତକ ଦେଲି ପ୍ରତ୍ୟେକ ପୁସ୍ତକକୁ ଦେଖିଲେ । ଆଠ ନଅଟି ପୁସ୍ତକ ଦେଇଥିଲେ । ପ୍ରତ୍ୟେକ ପୁସ୍ତକକୁ ହାତରେ ନେଇ ତାହାକୁ ଖୋଲି ଶୀର୍ଷକ ଦେଖି ପୁଣି ଧନ୍ୟ-ବାଦ ଦେଇ ସେ ତାହାକ ରଖିଲେ । ଦେଖନ୍ତୁ ଅନ୍ୟର ଭାବନା ବିଷୟରେ ତାଙ୍କ ମଧ୍ୟରେ କେତେ ଯେ ସଦ୍‌ଭାବନା ଥିଲା । ମୁଁ ସାଧାରଣ ବ୍ୟକ୍ତି ପ୍ରଥମ ଥର ତାଙ୍କୁ ଦେଖିଥିଲି । ହେଲେ ବି ତାହାଙ୍କ ମହାନତା ଦେଖନ୍ତୁ । ଏଭଳି ଛୋଟ ଛୋଟ କଥାରେ ମହାପୁରୁଷଙ୍କ ମହାନତା ପ୍ରକଟ ହୁଏ । ଏଭଳି ଦେଖି ଓ ଦର୍ଶନ କରି ଆସିଲି । ଏଭଳି ମହାପୁରୁଷ ସଂପୂର୍ଣ୍ଣ ଭାରତବର୍ଷରେ କାହିଁକି ମାନବ ସମାଜରେ ବିରଳ ; କିନ୍ତୁ ସେ ରହୁଥିଲେ ହରିଜନ ବସ୍ତିରେ ଛୋଟ କୁଡ଼ିଆରେ ।

ଆମମାନଙ୍କପାଇଁ ସେ ଯେଉଁ ଆଦର୍ଶ ରଖି ଯାଇଛନ୍ତି, ଆମ୍ଭମାନଙ୍କୁ ଯେଉଁ ମାର୍ଗଦର୍ଶନ ଦେଇ ଅଛନ୍ତି, ଆମ୍ଭମାନଙ୍କୁ ଯେଉଁ ପଥ ପ୍ରଦର୍ଶନ କରି ଅଛନ୍ତି ସେହି ପଥରେ ଚାଲିବାକୁ ଆମେ ଚେଷ୍ଟା କରୁନାହୁଁ ଯଦ୍ୱାରା ଆଜି ଦେଶର ଏହି ଦୁର୍ଦ୍ଦଶା ହୋଇଛି ।

ଭାରତବର୍ଷରେ ଆଧ୍ୟାତ୍ମିକ ଜ୍ଞାନର ବିପୁଳ ଐଶ୍ୱର୍ଯ୍ୟ ଭରପୁର ହୋଇ ରହିଛି । ଆଜିକାଲି ଦୁନିଆରେ ଭାରତବର୍ଷ ବାହାରେ ଯେତେ ରାଷ୍ଟ୍ର ଅଛନ୍ତି ସେହି ସମସ୍ତ ରାଷ୍ଟ୍ରର ଜ୍ଞାନ ଐଶ୍ୱର୍ଯ୍ୟକୁ ଏକତ୍ରିତ କଲେ ତାହା ଭାରତବର୍ଷର ଜ୍ଞାନ ଐଶ୍ୱର୍ଯ୍ୟର ତୁଳନାରେ ଏକ ଦଶାଂଶ ମଧ୍ୟ ହେବନାହିଁ ।

ଆମର ଜ୍ଞାନ, ଆମର ଗ୍ରନ୍ଥ ମଧ୍ୟରେ ଅଛି ଓ ଗ୍ରନ୍ଥ ପଢ଼ି ଯାହା କିଛି ଅଳ୍ପ ବହୁତ ଜ୍ଞାନ ଆମେ ପାଇଲୁ ତାହା ଆମର ମସ୍ତିଷ୍କରେ ରହିଲା । କିନ୍ତୁ ଆମ ଜୀବନରେ, ଆମ ସ୍ୱଭାବରେ, ଆମ ବ୍ୟବହାରରେ ସେହି ଜ୍ଞାନକୁ ପ୍ରୟୋଗ କରିବାପାଇଁ ଆମେ ଚେଷ୍ଟା କରିପାରୁନାହିଁ ।

ଆଜି ଆମ ସମାଜର ଏହି ପରିସ୍ଥିତି ଯୋଗୁ ଆମଦେଶ, ଅନ୍ୟ ରାଷ୍ଟ୍ରଙ୍କ ଦୃଷ୍ଟିରେ ହାସ୍ୟାସ୍ପଦ ହୋଇଯାଇଛି । ଆମ ସରକାର ବିଷୟରେ, ଆମ ସମାଜ ବିଷୟରେ ତଥା ଆମର ଏଠାରେ ଯାହାକିଛି ହେଉଛି ତାହାକୁ ଦେଖି ଏହି ବିଷୟରେ ବିଦେଶୀ ସମ୍ବାଦପତ୍ରରେ ହାସ୍ୟାସ୍ପଦ ରୀତିରେ ଲେଖୁଛନ୍ତି । ନିଉଜ ଉଇକ୍‌ରେ,, ଟାଇମସ୍ ପତ୍ରିକାରେ ତଥା ଅନ୍ୟ ପତ୍ରିକାରେ ଏଭଳି ମନ୍ତବ୍ୟକରି ଲେଖିଛନ୍ତି ଯେ ତା'ଠାରୁ ଲଜ୍ଜାର ବିଷୟ କଣ କ'ଣ ହୋଇପାରେ ? ଅନ୍ୟଦେଶର ରାଜନୈତିକ ନେତା, କୂଟନୀତିଜ୍ଞ ଏଭଳି ମଜା କରୁଛନ୍ତି, ହାସ୍ୟ କରୁଛନ୍ତି କାହିଁକି ? ଯାହା କିଛି ହେଉଛି ଦିଲ୍ଲୀରେ ହେଉଛି ଓ ଅନ୍ୟ ରାଷ୍ଟ୍ରର ସମସ୍ତ ପ୍ରତିନିଧି ଓ ରାଷ୍ଟ୍ରଦୂତ ଦିଲ୍ଲୀରେ ଅଛନ୍ତି । ସେମାନେ ସବୁକିଛି ଜାଣୁଛନ୍ତି । ଏହା ଆଶ୍ଚର୍ଯ୍ୟର କଥା ଯେ ଏଭଳି କୌଣସି ବିଶିଷ୍ଟ ଲଜ୍ଜାକର ତଥ୍ୟ ଘଟିବା କେବଳ ଆମେ ଜାଣିବା ପୂର୍ବରୁ ବି.ବି.ସି ରେ ଜଣାପଡ଼ି ଯାଉଛି, ସେମାନେ ପ୍ରଚାର କରୁଛନ୍ତି ।

ଏହା ଅତ୍ୟନ୍ତ ଲଜ୍ଜାର ବିଷୟ । ଯଦି ଦେଶପ୍ରତି ଆମର କିଛି କର୍ତ୍ତବ୍ୟ ଅଛି ତେବେ ବ୍ୟକ୍ତିଗତ ରୂପରେ ଓ ସମସ୍ତେ ଏକତ୍ରିତ ହୋଇ

ସାମୂହିକ ରୂପରେ ପରିସ୍ଥିତିକୁ ବଦଳାଇ ଭାରତବର୍ଷକୁ ପୁନଃଯଶସ୍ୱୀ କରିବାପାଇଁ ଚେଷ୍ଟା କରିବା ପ୍ରତ୍ୟେକ ଭାରତୀୟଙ୍କ କର୍ତ୍ତବ୍ୟ । ଆମେ କିଭଳି ପୁଣି ଆମ ମାତୃଭୂମିର ନାମକୁ ଯଶସ୍ୱୀ କରିବୁ ? ଆମ ମାତୃଭୂମିର ବର୍ତ୍ତମାନ ପରିସ୍ଥିତିକୁ ଆମେ ବଦଳାଇ ପାରିବୁ ? ଯେତେଦିନ ପର୍ଯ୍ୟନ୍ତ ଚରିତ୍ର ପରିବର୍ତ୍ତନ ନ ହୋଇଛି ଆମର ବିଶ୍ରାମନାହିଁ, ଶାନ୍ତିନାହିଁ । ଏଭଳି ଯୋଜନା ତିଆରିକରି କାର୍ଯ୍ୟକରିବା ଉଚିତ୍ । ଜଗନ୍ନାଥଙ୍କ ନାମ ନେଲେ କଣହେବ ? ଯଦି ଆମ ଭିତ୍ତରେ ଏଭଳି ପରିସ୍ଥିତି ରହିଛି, ଯଦି ଆମ ଜୀବନରେ ସତ୍ୟନାହିଁ, ପବିତ୍ରତା ନାହିଁ, ଏକାଗ୍ରତା ନାହିଁ, ନିଃସ୍ୱାର୍ଥତା ନାହିଁ, ପରୋପକାର ଭାବନାନାହିଁ, ଆମେ ଗର୍ବୀ କପଟୀ, ଅହଂକାରୀ, ସ୍ୱାର୍ଥୀ ଓ ସଂଘର୍ଷ କରୁଛୁ । ତେବେ ଭାଗବତ ବୋଲିବା ଦ୍ୱାରା କଣହେବ? ରାମାୟଣ ପଢ଼ାରେ କି ପ୍ରୟୋଜନ ? ଗୀତା ପାରାୟଣଦ୍ୱାରା କଣ ବା ଉପକାରହେବ ? ଯଦି ଏହାଦ୍ୱାରା ଆମକାର୍ଯ୍ୟ ଉପରେ ଓ ବ୍ୟବହାରରେ କିଛି ପ୍ରଭାବ ପଡୁନାହିଁ, ତେବେ ଏସବୁ ନିଷ୍ଫଳ ।

ଏଣୁ ହେ ମୋର ଶ୍ରଦ୍ଧେୟ ଭାରତୀୟ ବନ୍ଧୁଗଣ ! ଆଜି ସାୟଂକାଳ ସତ୍‌ସଙ୍ଗ ସେବାରେ ଯେଉଁ ସର୍ବଶ୍ରେଷ୍ଠ ସନ୍ଦେଶ ଆପଣମାନଙ୍କପାଖରେ ଛାଡ଼ି ଯାଉଛି ତାକୁ ସନ୍ଦେଶ କହ, ଉପଦେଶ କହ ଅଥବା ଆଦେଶ କହ ଅଥବା ଅନ୍ୟକିଛି ବି କୁହ, ତାହାକୁ ଆପଣମାନେ ସର୍ବ ପ୍ରଥମେ ନିଜ ବ୍ୟକ୍ତିଗତ ଜୀବନରେ ପ୍ରୟୋଗ କରିବା ପାଇଁ ଆରମ୍ଭ କରିବାକୁ ସର୍ବପ୍ରଥମେ ଏହି ସଂକଳ୍ପ ନିଅନ୍ତୁ । ଦୈନିକ ଜୀବନରେ, ଚରିତ୍ରରେ, ଆଚରଣରେ, ପରିବାର ମଧ୍ୟରେ, ଦୈନିକ ଆଚରଣରେ, ଶିକ୍ଷକ୍ଷେତ୍ର ତଥା ସମାଜରେ ଯାହା କିଛି ବି ବ୍ୟବହାର ଓ କଥାବାର୍ତ୍ତା ହେବ ସେଥିରେ ଏହି ପ୍ରତ୍ୟେକ କଥାକୁ ପ୍ରୟୋଗ କରିବେ । ବେଦାନ୍ତ, ଧର୍ମ, ଜ୍ଞାନ; ଶୁଷ୍କ, ନିଷ୍ଫଳ, ନୀରସ, ହେବନାହିଁ । ଏହା ବ୍ୟବହାରମୟ ହେବ । ଜ୍ଞାନ, ବ୍ୟବହାର ଜ୍ଞାନ ହେବ । ଜ୍ଞାନ, ଅଭ୍ୟାସର ଜ୍ଞାନ ହେବ ।

ଜ୍ଞାନକୁ ସାଧନା ଦ୍ୱାରା ଆଚରଣରେ ବ୍ୟବହାର କରିବେ । ଦୃଢ଼ ସଂକଳ୍ପ ହୋଇ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ଲାଗିଯିବେ । ଆପଣ ଏହି ପଣ ନିଅନ୍ତୁ ଓ ଯଦି ଆପଣ ଏହାକୁ ଅଳ୍ପ ବି ନିଜ ଜୀବନରେ ପ୍ରୟୋଗ କରିବେ ତେବେ ଆପଣଙ୍କ ଜୀବନରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିଯିବ । ଅନ୍ଧକାରରୁ ଆପଣ ଆଲୋକକୁ ଆସିଯିବେ । ତମୋଗୁଣ ଓ ରଜୋଗୁଣରୁ ଆପଣ ସତ୍ତ୍ୱରେ ପହଂଚିଯିବେ । ଆପଣଙ୍କ ଜୀବନ ବାସ୍ତବ ଭାରତୀୟ ଜୀବନହେବ ; କାରଣ ପରୋପକାର, ଈଶ୍ୱର ସାକ୍ଷାତ୍କାର ହିଁ ଭାରତୀୟତାର ପ୍ରାଣ । ଭାରତୀୟତାର ସାରତତ୍ତ୍ୱ ହେଉଛି—"ପରୋପକାରାର୍ଥ ଇଦଂ ଶରୀରଂ" । ବେଦବ୍ୟାସ ମହର୍ଷି ଅଠର ପୁରାଣ ଲେଖିଲେ ଓ ଶେଷରେ କହୁଛନ୍ତି— "ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଂଦ୍ୱୟଂ । ପରୋପକାରାୟ ପୁଣ୍ୟାୟ; ପାପାୟ ପର ପୀଡ଼ନଂ" । ଏହି ଦୁଇଟି କଥାକୁ କହିବାପାଇଁ ମୁଁ ଅଠର ପୁରାଣ ଲେଖିଛି ।

ହେ ସଜ୍ଜନ ! ହେ ମୋର ଭାରତୀୟ ଆତ୍ମୀୟ ସ୍ୱଜନ ! ପରର ହିତ କରିବା, ଅନ୍ୟର ହିତ କରିବା, ଅନ୍ୟର ଉପକାର କରିବା, ଅନ୍ୟର ମଙ୍ଗଳ କରିବା, ଅନ୍ୟର ଭଲ କରିବା, ଅନ୍ୟର ସେବା କରିବା, ଅନ୍ୟକୁ ସାହାଯ୍ୟ କରିବା ହିଁ ପୁଣ୍ୟ । କୌଣସି ପ୍ରକାର ଦୁଃଖ ଦେବା, କଟୁ ବଚନ ମାଧ୍ୟମରେ ହେଉ ବା ବା ଅନ୍ୟ କୌଣସି ଅନୁଚିତ କାର୍ଯ୍ୟଦ୍ୱାରା ହେଉ କୌଣସି ପ୍ରାଣୀକୁ ଦୁଃଖ ଦେବା, କୌଣସି ପ୍ରାଣୀର ଅହିତ କରିବା, କୌଣସି ପ୍ରାଣୀମାତ୍ରର ଅକଲ୍ୟାଣ କରିବା ମହାପାପ" ।

ଆମେ ଏହି ପରୋପକାର ଆଦର୍ଶକୁ ନେଇ ପ୍ରାର୍ଥନା କରିବା "ହେ ପ୍ରଭୁ ଆମେ ଯାହାକିଛି କରିବୁ ତାହା ଅନ୍ୟ ପାଇଁ କଲ୍ୟାଣକାରୀ ହେବ । ଅନ୍ୟ ପାଇଁ ହିତକର ହେବ । ସେଥିରେ ପ୍ରାଣୀ ମାତ୍ରର ମଙ୍ଗଳ ହେବ । ଯଦି ଏହି ଆଦର୍ଶକୁ ନେଇ ଆପଣ କାର୍ଯ୍ୟ କରିବା ଆରମ୍ଭ କରିବେ ତେବେ ଭାରତବର୍ଷର ଭବିଷ୍ୟତ ପାଇଁ ସୁଫଳ ଆଶାଅଛି ।

ଭାରତବର୍ଷର ଏହି ସମସ୍ୟାଗୁଡ଼ିକ ସରକାର ସୁଧାରିପାରିବେ ନାହିଁ । ପ୍ରକୃତ ଭାରତବର୍ଷ ହେଉଛନ୍ତି ଆପଣମାନେ—ଭାରତବର୍ଷର ଜନସାଧାରଣ । ଜନସାଧାରଣଙ୍କ ମଧ୍ୟରେ ଯଦି ଏହି ସଦ୍‌ଭାବନା ଜାଗ୍ରତ ହୋଇଯିବ ତେବେ ଭାରତବର୍ଷର ବର୍ତ୍ତମାନ ଓ ଭବିଷ୍ୟତ ଆମ ହାତରେ ଅଛି । ଏହା ଆମର ସାମୂହିକ ଜୀବନ ଦ୍ୱାରା ହେବା ଉଚିତ୍ । ବିଧାନସଭା ଓ ସଂସଦ ମାଧ୍ୟମରେ କୌଣସି ଅଧିନିୟମ ଅଥବା ଅଧ୍ୟାଦେଶ ଲାଗୁକରି ସରକାରଙ୍କ ଦ୍ୱାରା ଏହା ହେବା ସମ୍ଭବ ନୁହେଁ । ପ୍ରକୃତ ଯେଉଁ ସମୟରେ ଦେଶପ୍ରତି ଏକ ନିଜତ୍ୱଭାବ ଆସିଯିବ, ଏଭଳି ଏକ ସଦ୍‌ଭାବନା ଆସିଯିବ ଓ ଏହାର କଲ୍ୟାଣ ପାଇଁ ଆମେ ଦିନରାତି କାମ କରିବାରେ ଲାଗିଯିବୁ, ସେତେବେଳେ ଭାରତବର୍ଷର ସମସ୍ତ ସମସ୍ୟା ସୁଧୁରିଯିବ । ଏହାଦ୍ୱାରା ଭାରତବର୍ଷର ଭବିଷ୍ୟତ ଶାନ୍ତିମୟ, ବିକାଶମୟ, ପ୍ରଗତିଶୀଳ ଓ ମଙ୍ଗଳମୟ ହୋଇପାରିବ, ଏହାହିଁ ଆପଣଙ୍କର ପ୍ରକୃତ ଭଜନ । ଭାରତମାତା ପରାଶକ୍ତି, ସାକ୍ଷାତ ଭଗବତୀ । ଏହିଭଳି ଭାବି ଭାରତମାତାଙ୍କର ଉପାସନା କରନ୍ତୁ । ଭାରତମାତାଙ୍କୁ ପୂଜା-କରନ୍ତୁ । ଆରାଧନା କରନ୍ତୁ । ସେତେବେଳେ ଆପଣଙ୍କୁ ମୋକ୍ଷ ପ୍ରାପ୍ତ ହେବ ଓ ଚାରି ପୁରୁଷାର୍ଥ ବି ପ୍ରାପ୍ତ ହେବ । ଏହାଦ୍ୱାରା ଭାରତବର୍ଷର କଲ୍ୟାଣ ହେବ । ଭାରତବର୍ଷର କଲ୍ୟାଣରେ ଆପଣଙ୍କ କଲ୍ୟାଣ ନିହିତ ଅଛି । ଦେଶକୁ ଭୁଲି ଆପଣ ନିଜର କଲ୍ୟାଣ କରିପାରିବେ ନାହିଁ । ଦେଶକୁ ନିଜ ଇଷ୍ଟ ଦେବତା କରନ୍ତୁ । ଦେଶର ମଙ୍ଗଳପାଇଁ ନିଜ ଜୀବନକୁ ଗଠନ କରନ୍ତୁ । ଦେଶ ମାତୃକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ସୁଫଳ ମିଳେ ।

ଧର୍ମ ସକାଶେ ମରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ । ଯଦି ଧାର୍ମିକ ଲୋକ ଧର୍ମ ପାଇଁ ମରିବାକୁ ପ୍ରସ୍ତୁତ ନହେବ ତେବେ ଧର୍ମ ଆଗେଇବ କିପରି ? ଆମେ ଯଦି ଭୀରୁ ଓ ଭୟଭୀତ ହୋଇ ଧର୍ମ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ନହେଲୁ ତେବେ ବା ଧର୍ମର ଭବିଷ୍ୟତ କଣ'ହେବ ?

ଆମ ମଧ୍ୟରେ ସହିଷ୍ଣୁତା ଓ ଧୈର୍ଯ୍ୟ ରହିବା ଆବଶ୍ୟକ । ଆତ୍ମବଳ ହିଁ ସତ୍ୟବଳ । ଆମର ବ୍ୟକ୍ତିଗତ ଜୀବନ ପାଇଁ ଆତ୍ମବଳର ଏହି ମହାନ୍ ଆଦର୍ଶର ଦୃଷ୍ଟାନ୍ତ ରଖି ପୂଜ୍ୟ ବାପୁଜୀ ନିଜ ଜୀବନକୁ ଉତ୍ସର୍ଗ କରିଅଛନ୍ତି । ନିଜ ଜୀବନରେ ସେ ଏହା ଦର୍ଶାଇ ଅଛନ୍ତି ଯେ ଆତ୍ମବଳ କଣ ହୋଇପାରେ, ଯେପରି କି ଏକ ବ୍ୟକ୍ତିର ଆତ୍ମବଳ ବିଶାଳ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇବାରେ ସାମର୍ଥ ହୋଇଛି । ଗୋଟିଏ ମନୁଷ୍ୟର ଆତ୍ମବଳ ସଂପୂର୍ଣ୍ଣ ବ୍ରିଟିଶ ସାମ୍ରାଜ୍ୟକୁ ଦୋହଲାଇ ଦେଲା । ଭାରତବର୍ଷ ପାଇଁତ ଏହାହିଁ ଦରକାର ।

ଆପଣ ଯେଉଁଠାକୁ ଗଲେ ମଧ୍ୟ ଏହି ଆଦର୍ଶକୁ ଲକ୍ଷ୍ୟ କରିନେବା ଉଚିତ୍ । ବାକି ଅନ୍ୟ ସମସ୍ତ କଥାକୁ ଛାଡ଼ି ଦିଅନ୍ତୁ । ମାତୃଭୂମି ଭାରତବର୍ଷର ପୁନରୁତ୍ଥାନ, ଏହି ଏକ କ କାର୍ଯ୍ୟକୁ ନିଜ ଜୀବନର ମୁଖ୍ୟକାର୍ଯ୍ୟ ଧରିନେଇ ଏଥିରେ ଲାଗି ଯାଆନ୍ତୁ ।

ସତ୍ୟବ୍ରତ ହୁଅନ୍ତୁ । ଭାରତବର୍ଷରେ ସଦାଚାରର, ଧର୍ମର, ପରୋପକାରର ନିଃସ୍ୱାର୍ଥପରତାର ଯେଉଁ ଉତ୍ତମ ଆଦର୍ଶ ଅଛି ତାହାକୁ ଗ୍ରହଣ କରନ୍ତୁ । ଧର୍ମ ପାଇଁ ନିଜ ଜୀବନକୁ ବଳିଦାନ ଦେବାକୁ ପ୍ରସ୍ତୁତ ହୁଅନ୍ତୁ । ଏହି ଆଦର୍ଶ ଉପରେ ନିଜ ଜୀବନକୁ ଗଠନ କରି ଆପଣ ମାତୃଭୂମି ଭାରତବର୍ଷର ଉଦ୍ଧାର କରନ୍ତୁ ।

"ହରିଃ ଓଁ"

ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।

ଅସତୋ ମା ସଦ୍‌ଗମୟ ।
ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମା ଅମୃତଂ ଗମୟ

ଓ, ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।

ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!

# ଅତ୍ୟାଚାରର ବିରୁଦ୍ଧରେ ନାରୀ ସମାଜର ସଂଗ୍ରାମ

ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ

ରାଜସ୍ଥାନ ଅନ୍ତର୍ଗତ ଦେଓରାଲା ସତୀକାଣ୍ଡ ସମଗ୍ର ଦେଶବାସୀଙ୍କ ହୃଦୟରେ ବିଶେଷତଃ ନାରୀ ସମାଜ ମନରେ ଏକ ଶିହରଣ ସୃଷ୍ଟି କରିଛି । ଅଠର ବର୍ଷର ଜଣେ ବାଳିକାକୁ ନିଆଁରେ ପୋଡ଼ି ଜଳାଇ ଦିଆଗଲା । ଏହା ଏକ ଭୟାବହ ଅମାନୁଷିକ ଘଟଣା । କିନ୍ତୁ ତା'ଠାରୁ ଅଧିକ ଭୟାବହ ଓ ଅଧିକ ଅମାନୁଷିକ ହେଲା ଏହି ଘଟଣାକୁ ଗୌରବାନ୍ୱିତ କରିବା । ରୂପ କନୱରକୁ ନିଆଁରେ ପୋଡ଼ି ମାରିବାର ୩୦ ଦିନ ପରେ ଲକ୍ଷ ଲକ୍ଷ ଲୋକ ଦେଓରାଲାରେ ଜୁଟିହେଲେ ଏବଂ ସମବେତ ସ୍ୱରରେ ସ୍ଲୋଗାନ ଦେଲେ "ସତୀ ମାତା କି ଜୟ" । ଯାହାକୁ ମାତା ବୋଲି କୁହାଯାଉଛି ତାକୁ ପୁଣି ଜଳନ୍ତା ନିଆଁରେ ପକାଇ ଦିଆଯାଉଛି କିପରି ? ବାସ୍ତବିକ ଏହା ବୁଝିବା ସହଜ ନୁହେଁ । ବୋଧହୁଏ କୌଣସି ଝିଅ ନିଜ ଜୀବନ ଦେବାପରେ ହିଁ ସତୀ ବା ମାତା ହୋଇପାରିବ । ତା' ପୂର୍ବରୁ ନୁହେଁ ।

ରୂପକନ୍‌ୱର ଥିଲା ଜଣେ ବାଳିକା । ମନେ ରଖିବାକୁ ହେବ ଯେ ସେ ଥିଲା ମାତୃ ଜାତିର ଏକ ଅଙ୍ଗ । ସୃଷ୍ଟିକୁ ଜନ୍ମ ଦେଇଛି ମାତୃଜାତି । କିନ୍ତୁ ଯେଉଁ ସୃଷ୍ଟିକୁ ବା ଯେଉଁ ସନ୍ତାନମାନଙ୍କୁ ସେ ଜନ୍ମ ଦେଉଛି, ସେହିମାନେ ହିଁ ଏକାଠି ହୋଇ ତାକୁ ନିଆଁରେ ପୋଡ଼ି ମାରୁଛନ୍ତି ଏବଂ ତା'ର ମୃତ୍ୟୁକୁ ଅଧିକ ଗୌରବାନ୍ୱିତ କରୁଛନ୍ତି । ଏହାହିଁ ସୃଷ୍ଟିର ଏକ ବିଡ଼ମ୍ବନା । ଆଦି ଶଙ୍କରାଚାର୍ଯ୍ୟ କହିଥିଲେ ଜଣେ ପୁତ୍ର କୁପୁତ୍ର ହୋଇପାରେ କିନ୍ତୁ ଜଣେ ମାତା କୁମାତା ହୋଇପାରେନା । ମାତୃଜାତି ପ୍ରତି ଏହାଥିଲା ତାଙ୍କର ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି । ରୂପକନ୍‌ୱର ମାତୃଜାତିର ହେଲେ ମଧ୍ୟ ତାକୁ ଜଳାଇ ମାରି ଦିଆଗଲା । ଏହାହିଁ ଥିଲା ତା'ର ଭାଗ୍ୟର ଲିଖନ । ଏବେ ବି ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ କହନ୍ତି ଯେ ସତୀ ପ୍ରଥା ପଛରେ ଧାର୍ମିକ ସମ୍ମତି ରହିଛି । କିନ୍ତୁ ପ୍ରକୃତରେ ଯଦି ଏହାର ଇତିହାସ ଅନୁଧ୍ୟାନ କରାଯାଏ, ତେବେ ଦେଖାଯିବ ଯେ ସତୀ ପ୍ରଥାର ଧର୍ମସହିତ ସଂପର୍କ ନାହିଁ । ମହାତ୍ମା ଗାନ୍ଧୀ ମଧ୍ୟ ଏହା ପ୍ରତିପାଦିତ କରିଛନ୍ତି । ୧୯୩୭ ମସିହା ମାର୍ଚ୍ଚ ୨୦ ତାରିଖର "ହରିଜନ" ପତ୍ରିକାରେ ସିସିଲିର ଐତିହାସିକ ଡିଓଡ଼ରସଙ୍କ ଲେଖା ଉଦ୍ଧାର କରି ସେ ଲେଖିଛନ୍ତି ଯେ ସତୀ ପ୍ରଥା ପଛରେ କୌଣସି ଧାର୍ମିକ ନିର୍ଦ୍ଦେଶ ନାହିଁ । ଶକ, ହୁନ ଓ ମୁସଲମାନମାନେ ବାରମ୍ବାର ଭାରତ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଫଳରେ ରାଜପୁତମାନେ ବହୁ କ୍ଷତି ସହିଥିଲେ । ଯୁଦ୍ଧରେ ହତାହତ ହେବା ଦ୍ୱାରା ସେମାନଙ୍କ ପୁରୁଷ ସଂଖ୍ୟା ହ୍ରାସପାଇବାକୁ ଲାଗିଲା, ସେତେବେଳେ ଅନ୍ୟାନ୍ୟ ଜାତିରେ ବିବାହ କରିବାର ପ୍ରଥା ପ୍ରଚଳିତ ନଥିଲା । ତେଣୁ ବିଧବାମାନଙ୍କୁ ଲୋପ କରିବାପାଇଁ ସତୀପ୍ରଥା ପ୍ରଚଳନ କରାଯାଇଥିଲା । ସପ୍ତଦଶ ଶତାବ୍ଦୀର ଏକ ରାଜପୁତ ତୈଳଚିତ୍ରରୁ ଦେଖାଯାଏ ଯେ ଜଣେ ସ୍ତ୍ରୀଲୋକ ଚିତାରେ ସତୀ ହେବାକୁ ଯିବାବେଳେ କୋଷମୁକ୍ତ ତରବାରୀ ଧରି ଅନେକ ଲୋକ ତାକୁ ଘେରି ରହିଛନ୍ତି । ରୂପକନ୍‌ୱର ଚିତାକୁ ଗଲାବେଳେ ମଧ୍ୟ ଏହିଘଟଣା ଘଟିଥିଲା । ଏହାର ଅର୍ଥ କ'ଣ ? ଅର୍ଥହେଲା ଏହି ଯେ ଚିତାକୁ ଯାଉଥିବା ସ୍ତ୍ରୀ ଯଦି ନିଜମତ ପରିବର୍ତ୍ତନ କରେ ତେବେ ଅବିଳମ୍ବେ ତାର ମୁଣ୍ଡକାଟ ହେବ । କାରଣ ସେ ମତ ପରିବର୍ତ୍ତନ କରିବା ଦ୍ୱାରା ରାଜପୁତ ମର୍ଯ୍ୟାଦାରେ ହାନି ହୋଇଯିବ । ଏଭଳି ତଥାକଥିତ ଅଳୀକ ପଦମର୍ଯ୍ୟାଦା ଯେ କିପରି ସୃଷ୍ଟି ହେଲା, ତାହା ଐତିହାସିକମାନେ ଅନୁସଂଧାନ କରି ଜାଣିପାରିବେ । କିନ୍ତୁ ରାମାୟଣ ଯୁଗରେ ମଧ୍ୟ ବିଧବାମାନଙ୍କୁ ସୁରକ୍ଷାର ବ୍ୟବସ୍ଥା କରାଯାଇଥିଲା ଏବଂ ବିଧବାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉଥିଲା ବୋଲି ଇତିହାସରୁ ଜଣାଯାଏ । ଭାରତର ଏକ ସାଧୁବାକ୍ୟ ହେଲା–

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ.............
ରମନ୍ତେ ତତ୍ର ଦେବତାଃ ।

ନାରୀମାନଙ୍କୁ ଯେଉଁଠି ସମ୍ମାନିତ କରାଯାଏ, ସେ ହେଲା ଦେବଭୂମି ।

## ଲାଞ୍ଛିତ କରିବାର ମନୋବୃତ୍ତି

ସ୍ତ୍ରୀ ଲୋକମାନଙ୍କୁ ସତୀ କରାଯିବା ପଛରେ କି ଉଦ୍ଦେଶ୍ୟ ରହିଛି ? ଏକେତ କୌଣସି ସ୍ତ୍ରୀକୁ ସତୀ କରିବା ଦ୍ୱାରା

ତା'ର ଧନସଂପତ୍ତି ହାତ ପଇଠ କରିନେବା ହେଉ ଏକ ସାଧାରଣ ଉଦ୍ଦେଶ୍ୟ । କିନ୍ତୁ ଏହାଛଡ଼ା ଏକ ଜଘନ୍ୟ ଉଦ୍ଦେଶ୍ୟ ହେଲା ସ୍ତ୍ରୀକୁ ପଦଦଳିତ ଓ ଲାଞ୍ଛିତ କରିବାର ମନୋବୃତ୍ତି। ଅନେକେ ମନେ କରନ୍ତି ସ୍ତ୍ରୀ ସ୍ୱଭାବତଃ ଚରିତ୍ରହୀନା । ସେ ଅବଳା । ତେଣୁ ତାକୁ ଜବତ୍ କରି ରଖାଯିବା ଉଚିତ । ପିତା ଗୃହରେ ଓ ପତି ଗୃହରେ ତାକୁ କବଳିତ କରାଯିବା ଉଚିତ । ସ୍ତ୍ରୀକୁ ଅଧିକ କବଳିତ କରେ ତା'ର ସ୍ୱାମୀ । ଯଦି ସେହି ସ୍ୱାମୀର ମୃତ୍ୟୁ ହୁଏ, ତେବେ ସ୍ତ୍ରୀର ବଞ୍ଚି ରହିବା ଅର୍ଥହୀନ । ଅନେକ ଲୋକ ଏହାହିଁ ଭାବନ୍ତି । ସେମାନଙ୍କ ମତରେ ଏଭଳି ସ୍ତ୍ରୀ ସମାଜରେ ଅବାଞ୍ଛିତ । ତେଣୁ ତାକୁ ପୋଡ଼ି ମାରି ଦିଆଯିବା ଉଚିତ । ଏଭଳି ଭୟଙ୍କର ମନୋବୃତ୍ତି ଏ ସମାଜ ଭିତରେ ରହିଛି । ରୂପକନୱର ଏହି ଭୟଙ୍କର ମନୋବୃତ୍ତିର ଶୀକାର ହୋଇଗଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଏହି ଦୃଷ୍ଟିଭଙ୍ଗୀ ସହକାରେ ସେ ସଂପର୍କରେ କୌଣସି ଅନୁସନ୍ଧାନ କରାଯାଇ ନାହିଁ । ଯଦି ନିରପେକ୍ଷ ଅନୁସନ୍ଧାନ କରାଯାଏ, ତେବେ ଅତ୍ୟାଚାରୀମାନଙ୍କ କୁଚକ୍ର ଧରା ପଡ଼ିବ ।

ସତୀ ସମସ୍ୟାକୁ କେବଳ ଏକ ମହିଳା ସମସ୍ୟା ବୋଲି କହି ଏହାର ଗୁରୁତ୍ୱ ହ୍ରାସ କରାଯାଇ ନପାରେ । ବାସ୍ତବରେ ଏହା ଏକ ଜାତୀୟ ସମସ୍ୟା । ସ୍ତ୍ରୀଲୋକର ବଞ୍ଚି ରହିବାର ଅଧିକାର ସହିତ ଏହା ଜଡ଼ିତ । ସ୍ତ୍ରୀ ଲୋକମାନେ ତ ଦେଶର ଏକ ପ୍ରକାର ଦ୍ୱିତୀୟ ଶ୍ରେଣୀ ନାଗରିକ କହିଲେ ଚଳେ । କିନ୍ତୁ ଜଣେ ସ୍ତ୍ରୀଲୋକ ତା'ର ଜନ୍ମଠାରୁ ହିଁ ସେ ବଞ୍ଚି ରହିବା ପାଇଁ ସଂଗ୍ରାମ କରି ଆସୁଛି । ଏପରିକି ଏହି ସଂଗ୍ରାମ ଆରମ୍ଭ ହୁଏ, ତା'ର ଜନ୍ମ ହେବା ଆଗରୁ । କାରଣ ଗର୍ଭରେ ବାଳିକା ଭ୍ରୁଣ ଥିବା ଜାଣି ବାପ ମାଆ ଏହା ନଷ୍ଟ କରି ଦେବା ପାଇଁ ଉଦ୍ୟମ କରନ୍ତି । ବମ୍ବେର ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ଅପରେସନ୍ ଦ୍ୱାରା କରାଯାଇଥିବା ଦୁଇ ହଜାର ଗର୍ଭପାତ ମଧ୍ୟରୁ ୧ ହଜାର ୯ ଶହ ୯୯ଟି ଗର୍ଭରେ କେବଳ ସ୍ତ୍ରୀ ଭ୍ରୁଣ ହିଁ ଥିଲା । ଏଥିରୁ ଜଣାଯିବ ଯେ ଏ ଦୁନିଆରେ ସ୍ତ୍ରୀ ଲୋକମାନେ ଜନ୍ମ ହୁଅନ୍ତି । ଏହା ବି କେତେକ ଲୋକେ ଚାହାନ୍ତି ନାହିଁ । ଜନ୍ମ ହେବା ପରେ ମଧ୍ୟ ସ୍ତ୍ରୀକୁ ଭୋଗିବାକୁ ପଡ଼େ ଅନେକ ଦୁଃଖ କଷ୍ଟ । ତାକୁ ପୁଷ୍ଟିକର ଖାଦ୍ୟ ମିଳେ ନାହିଁ । ତାକୁ ଉପଯୁକ୍ତ ଶିକ୍ଷା ମିଳେ ନାହିଁ । ଜୀବନର ପ୍ରତି କ୍ଷେତ୍ରରେ ତାକୁ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥାଏ । ବଡ଼ ହେବା ପରେ ସେ ଯେତେବେଳେ ସ୍ୱାମୀ ଘରକୁ ଯାଏ, ଯୌତୁକ ଆଣି ନଥିବା ଯୋଗୁଁ ତାକୁ ପୋଡ଼ି ମାରି ଦିଆଯାଏ, ଯଦି ସେଥିରୁ ବର୍ତ୍ତିଯାଏ, ତେବେ ତା'ର ସ୍ୱାମୀର ମୃତ୍ୟୁ ହେଲେ ଚିତା କାଠ ଉପରେ ତାକୁ ପୋପାଡ଼ି ମାରି ଦିଆଯାଏ । ଏଇ ହେଲା ଜଣେ ସ୍ତ୍ରୀର ଏକ ମର୍ମନ୍ତୁଦ ଜୀବନ କଥା । ଏହା ଏକ ସାମାଜିକ ଓ ଜାତୀୟ ସମସ୍ୟା । ସେହି ଦୃଷ୍ଟିରୁ ଗୁରୁତ୍ୱ ସହକାରେ ଏହାର ବିଚାର କରାଯିବା ଉଚିତ ।

ଅଳ୍ପଦିନ ତଳର କଥା । ୧୯୮୦ ମସିହାରେ ରାଜସ୍ଥାନରେ ଶ୍ରୀ ସରକାର ନାମକ ଜଣେ ଜିଲ୍ଲା ମାଜିଷ୍ଟ୍ରେଟ୍ ଥିଲେ । ସେ ମତ ଦେଇଛନ୍ତି ଯେ, ସତୀ ଭଳି ଏକ ଅପରାଧ ପାଇଁ କେତେକ ନ୍ୟସ୍ତସ୍ୱାର୍ଥ ଲୋକେ ହିଁ ଦାୟୀ । କୌଣସି ସ୍ତ୍ରୀ ଲୋକ ସତୀ ହେବା ପରେ ବହୁ ପରିମାଣରେ ଅର୍ଥ ସଂଗୃହିତ ହୁଏ । ବାସ୍ତବିକ ଲୋଭୀ ଲୋକଙ୍କ ପକ୍ଷେ ଟଙ୍କା ଦୁହିଁ କରିବା ପାଇଁ 'ସତୀ' ହେଉ ଏକ ଉପଯୁକ୍ତ ମାଧ୍ୟମ । କେବଳ ସେତିକି ନୁହେଁ, ଅନେକେ ଭାବନ୍ତି ଯେ ସେମାନଙ୍କ ପରିବାରରେ ଯଦି କେହି ସତୀ ହୁଏ, ତେବେ ସେମାନଙ୍କର ପଦ ମର୍ଯ୍ୟାଦା ବଢ଼ି ପାଇବ । ଏଇଥି ପାଇଁ କେବଳ ରାଜପୁତ ଜାତି ନୁହେଁ, ଅନ୍ୟାନ୍ୟ ଜାତିକୁ ମଧ୍ୟ ସତୀ ପ୍ରଥା ପ୍ରସାରିତ ହୋଇଛି । ସତୀ ମାଧ୍ୟମରେ ଏକ ପ୍ରକାର ଜାତିଆଣ ଆଧିପତ୍ୟ ସୃଷ୍ଟିର ଉଦ୍ୟମ କରାଯାଉଛି ।

ଭାରତ ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ସତୀ ପ୍ରଥା କେବଳ ରାଜସ୍ଥାନରେ ହିଁ ସୀମାବଦ୍ଧ ନଥିଲା । ମଧ୍ୟପ୍ରଦେଶ, ବିହାର ଓ ବଙ୍ଗରେ ମଧ୍ୟ ସତୀ ପ୍ରଥା ପ୍ରଚଳିତ ଥିଲା । ଊନବିଂଶ ଶତାବ୍ଦୀର ପ୍ରଥମ ପଚିଶ ବର୍ଷ ବର୍ଷ ମଧ୍ୟରେ କେବଳ କଲିକତାରେ ହିଁ ୧୫୦୦ ସ୍ତ୍ରୀ ଲୋକଙ୍କୁ ଚିତାରେ ପୋଡ଼ି ସତୀ କରାଯାଇଥିଲା । ଏଭଳି ଅମାନୁଷିକ ଘଟଣ ଦେଖି ରାଜା ରାମମୋହନ ରାୟ ବ୍ୟଥିତ ହୋଇ ପଡ଼ିଥିଲେ । ସତୀ ପ୍ରଥାକୁ ନିଷିଦ୍ଧ କରାଯାଉ ବୋଲି ସେ ବଡ଼ଲାଟ ଲର୍ଡ ବେଣ୍ଟିକଙ୍କୁ ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧ ରକ୍ଷାକରି ଲର୍ଡ ବେଣ୍ଟିକ୍ ସତୀପ୍ରଥା ନିରୋଧ ଆଇନ୍ ଲାଗୁ କରାଇଥିଲେ । ସେତେବେଳେ ଅନେକ ବିଶିଷ୍ଟ ସମାଜସେବୀ ଓ ସଂସ୍କାରକ ମଧ୍ୟ ଏହି ମହତ୍ କାର୍ଯ୍ୟରେ ଲିପ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସ୍ୱାମୀ ବିବେକାନନ୍ଦ, ରାଜା ରାମମୋହନ ରାୟ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀ । କିନ୍ତୁ ଏ ସମସ୍ତ କାର୍ଯ୍ୟ ବୃଥା ହୋଇଗଲା । କାରଣ ଜଘନ୍ୟ ସତୀପ୍ରଥା କିଛିକାଳ ପରେ ପୁଣି ମୁଣ୍ଡ ଟେକିଲା ।

## ପୁରୀ ଶଙ୍କରାଚାର୍ଯ୍ୟଙ୍କ ମନ୍ତବ୍ୟ

ଏଠାରେ ଆମ ପୁରୀ ଶଙ୍କରାଚାର୍ଯ୍ୟଙ୍କ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ । ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିରଞ୍ଜନ ଦେବ ତୀର୍ଥ ସତୀ ପ୍ରଥାର ଜଣେ ପ୍ରଧାନ ସମର୍ଥକ । ସେ କହିଛନ୍ତି ସତୀ ପ୍ରଥାର ସୁରକ୍ଷା ପାଇଁ ସେ ଜେଲ ଯିବାକୁ ପ୍ରସ୍ତୁତ । ସତୀ ପ୍ରଥା ପକ୍ଷରେ ଧର୍ମର ନିର୍ଦ୍ଦେଶ ରହିଛି ବୋଲି ସେ ବରାବର କହୁଛନ୍ତି ଏବଂ ଏଥିପାଇଁ ଋଗ୍‌ବେଦ ଓ ଧର୍ମ ସିନ୍ଧୁରୁ ଉଦାହରଣମାନ ଦେଉଛନ୍ତି । ଯଦି ସ୍ୱେଚ୍ଛାକ୍ରମେ କେହି ସତୀ ହୁଏ, ତେବେ ତାହା ଏକ ଧର୍ମକାର୍ଯ୍ୟ ବୋଲି ସେ କହୁଛନ୍ତି । କିନ୍ତୁ ଏହା ସ୍ୱେଚ୍ଛାକୃତ କାର୍ଯ୍ୟ କି ଅନିଚ୍ଛାକୃତ କାର୍ଯ୍ୟର କଥା ହୋଇନପାରେ । ଯାହା ହେଲେ ମଧ୍ୟ ଏହା କେବେ ଧର୍ମ କାର୍ଯ୍ୟ ନୁହେଁ । ଏହା ନିଶ୍ଚିତଭାବେ କୁହା ଯାଇପାରେ ।

ପୁରୀ ଶଙ୍କରାଚାର୍ଯ୍ୟଙ୍କର ବଡ଼ବଡ଼ ମନିଷୀମାନଙ୍କ କଥାରେ ମଧ୍ୟ ବିଶ୍ୱାସ ନାହିଁ । ମନିଷୀ ଦୟାନନ୍ଦ ସରସ୍ୱତୀ ବେଦର ଜଣେ ବିଶ୍ୱବିଖ୍ୟାତ ବ୍ୟାଖ୍ୟାତାରୂପେ ପରିଚିତ । କିନ୍ତୁ ପୁରୀ ଶଙ୍କରାଚାର୍ଯ୍ୟଙ୍କ ମତରେ ଦୟାନନ୍ଦଙ୍କ ବ୍ୟାଖ୍ୟା ଠିକ୍ ନୁହେଁ । ପୁରୀ ଶଙ୍କରାଚାର୍ଯ୍ୟଙ୍କର ନିଜର କେତକ ବ୍ୟାଖ୍ୟା ରହିଛି ଏବଂ ତାହାହିଁ ପ୍ରଚାର କରିବାକୁ ସେ ବଦ୍ଧପରିକର । ଏହି ଶଙ୍କରାଚାର୍ଯ୍ୟଙ୍କ

ବ୍ୟାଖ୍ୟା ବିରୁଦ୍ଧରେ ଅନେକ ମତ ପ୍ରକାଶ କରେଣି । ସେମାନଙ୍କ ମଧ୍ୟରେ ହର୍ଷାଟକର ତପଜାତିର ମଠର ସ୍ୱାମୀ ବିଶେଶ୍ୱ ଅନ୍ୟତମ । ସେ ଖୋଲଖୋଲି ଭାବେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ବିରୋଧ କରିଛନ୍ତି । ସେ କହିଛନ୍ତି ଯେ ସମସ୍ତ ଧର୍ମଗୁରୁ ଓ ନେତାମାନେ ସତୀପ୍ରଥା ପୁନରୁତ୍ଥାନର ବିରୋଧ କରିବା ଉଚତ ।

ଇତିହାସବେତ୍ତା ଓ ଧର୍ମଶାସ୍ତ୍ରର ବିଶେଷଜ୍ଞମାନେ ସତୀ ପ୍ରଥାର ଉତ୍ପତ୍ତି ସଂପର୍କରେ ଅନେକ ଗବେଷଣା କରିଛନ୍ତି ତେବେ ଏହାର ଉତ୍ପତ୍ତି ସଂପର୍କରେ କେହି ସଠିକ୍ ଭାବେ କହି ପାରି ନାହାନ୍ତି । ଅବଶ୍ୟ ପ୍ରାକ୍‌ବୈଦିକ କାଳରେ ସ୍ତ୍ରୀଲୋକଙ୍କୁ ପୁରୁଷର ସଂପତ୍ତି ରୂପେ ଗଣନା କରାଯାଉଥିଲା । ତେଣୁ ପୁରୁଷ ଯେତେବେଳେ ମରୁଥିଲା ତା' ଦେହ ସହିତ ତାର ସଂପତ୍ତି ଅର୍ଥାତ୍ ତାର ହାଣ୍ଡିମାଠିଆ, ଘୋଡ଼ା ବା ଅନ୍ୟ ପ୍ରାଣୀକୁ ପୋଡ଼ା ଯାଉଥିଲା । କିନ୍ତୁ ଏହା ଥିଲା ବୈଦିକ ଯୁଗର ଏହା ସଂପୂର୍ଣ୍ଣ ବଦଳି ଗଲା । ଋକ୍ ବେଦ ଓ ଅଥର୍ବ ବେଦରେ ସ୍ତ୍ରୀଲୋକଙ୍କ ସଂପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଋକ୍ ବେଦର ଦଶମ ଅଧ୍ୟାୟ ଏବଂ ଅଥର୍ବ ବେଦର ଅଷ୍ଟାଦଶ ଅଧ୍ୟାୟରେ ଏହା ଦେଖିବାକୁ ମିଳେ । କିନ୍ତୁ ଏହି ଶ୍ଳୋକର ଭୁଲ ଅର୍ଥ କରାଯାଇ ସତୀପ୍ରଥା ସପକ୍ଷରେ ପ୍ରଚାର କରାଯାଉଛି । ଋକ୍ ବେଦରେ ଉଲ୍ଲେଖ ଅଛି–

ଆରୋହନ୍ତୁ ଜନୟୋ ଯୋନିମ୍ ଅଗ୍ରେ ।

ଅର୍ଥାତ ଅଳଙ୍କାର ପରିହିତା ସ୍ତ୍ରୀମାନେ ପୂଜାସ୍ଥଳୀକୁ ଯାଆନ୍ତୁ । କିନ୍ତୁ ବର୍ତ୍ତମାନ ଏହି ଶେଷ ଶବ୍ଦ "ଅଗ୍ରେ"କୁ କେତେକ ଲୋକ "ଅଗ୍ନେ" (ଅଗ୍ନିକୁ) କରି ଦେଇଛନ୍ତି । ଫଳରେ ସତୀଦାହ ପ୍ରଥାର ସପକ୍ଷରେ ଏହା ହୋଇଛି ସେମାନଙ୍କର ଏକ ପ୍ରଧାନ ଯୁକ୍ତି ।

ସାଧାରଣ ଲୋକପାଇଁ ସ୍ଥାନ, କାଳ ଓ ପାତ୍ର ବିଶେଷ ଉପଯୋଗୀ ହୋଇଥାଏ । ଏହି ଦୃଷ୍ଟିରୁ ବିଭିନ୍ନ ବିଷୟର ବିଚାର କରାଯାଏ । ଇତିମଧ୍ୟରେ ଅନେକ ସମୟ ବିତିଗଲାଣି । ଏଠାରେ ଡ୍ରାଇଡେନ୍‌ଙ୍କ ଉଦାହରଣ ଉଲ୍ଲେଖଯୋଗ୍ୟ । ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍‌ଙ୍କ ମତାମତର ମୂଲ୍ୟାଙ୍କନ କରି ଡ୍ରାଇଡେନ୍ କହିଥିଲେ "ଆରିଷ୍ଟଟଲ ଯାହା କହିଛନ୍ତି ତାହା ଯଥେଷ୍ଟ ନୁହେଁ । ସେ ଯଦି ଆଜି ବଞ୍ଚିଥାନ୍ତେ, ତେବେ ସେ ମଧ୍ୟ ସମୟକୁ ଚାହିଁ ନିଜ ମତ ପରିବର୍ତ୍ତନ କରିଥାନ୍ତେ ।" ସମୟ ପରିବର୍ତ୍ତନଶୀଳ । ସବୁ କିଛି ବଦଳିବାରେ ଲାଗିଛି । କିନ୍ତୁ ବୈଦିକ କାଳରେ ଯାହା ଥିଲା, ଆଜି କଣ ତା'ର ପରିବର୍ତ୍ତନ ହେବ ନାହିଁ ? ଧର୍ମ କଣ ଏତେ ରକ୍ଷଣଶୀଳ ଓ ସ୍ଥାଣୁ ଯେ ତାହା ଜଣେ ହିନ୍ଦୁ ସ୍ୱାମୀଙ୍କୁ ଦେଶକାଳ ପାତ୍ରର ପରିବର୍ତ୍ତନ ପ୍ରତି ଆଖିବୁଜି ଦେବାକୁ ବାଧ୍ୟ କରିବ ?

## ସାମ୍ରାଜ୍ୟବାଦର ପରିଣାମ

ଅଧ୍ୟାପକ ଆଶୀଷ ନନ୍ଦୀଙ୍କ ମତରେ ସତୀପ୍ରଥା ହେଲା ସାମ୍ରାଜ୍ୟବାଦର ଏକ ପରିଣାମ, ହିନ୍ଦୁଧର୍ମର ନୁହେଁ । ଭାରତର ଜନସାଧାରଣଙ୍କ ଚିରାଚରିତ ପାରମ୍ପରିକ ଜୀବନ ପ୍ରବାହରେ ଦେଖା ଦେଇଥିଲା ଏକ ନୂତନ ସାମାଜିକ ଓ ସାଂସ୍କୃତିକ ଶକ୍ତିର ଆହ୍ୱାନ । ସତୀପ୍ରଥା ଏହି ଆହ୍ୱାନର ଅନ୍ୟତମ ପରିଣାମ ମାତ୍ର । କିନ୍ତୁ ଆମର ସମସ୍ତ ଦୋଷତ୍ରୁଟି ପାଇଁ ବ୍ରିଟିଶ ଲୋକଙ୍କୁ ଦାୟୀ କରିବା ଭୁଲ ହେବ । ଏଠାରେ ମନେ ରଖିବାକୁ ହେବ ଯେ ଆମ ଦେଶର ସ୍ତ୍ରୀଲୋକମାନଙ୍କୁ କେତେକ ଅନ୍ଧବିଶ୍ୱାସୀ ଲୋକେ ଯେତେବେଳେ ନିଆଁରେ ପୋଡ଼ି ମାରୁଥିଲେ । ଲର୍ଡ ବେଣ୍ଟିଙ୍କ୍ ହିଁ ଆମ ସ୍ତ୍ରୀଲୋକମାନଙ୍କୁ ରକ୍ଷା କରିଥିଲେ । ଅନେକ କହନ୍ତି ଯେ ଦାରିଦ୍ର୍ୟ, ସଂସ୍କାର ବିରୋଧିତା ଓ ରାଜନୈତିକ ପ୍ରବଞ୍ଚନା ଯୋଗୁ ହିଁ ଭାରତରେ ସତୀପ୍ରଥାର ପରମ୍ପରା ସମ୍ଭବ ହୋଇଥିଲା । ଅବଶ୍ୟ ଭାରତରେ ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥାର ଯେଉଁ ଉନ୍ନତି ହେଲା ତାହା ଭାରତୀୟ ନାରୀର ମନସ୍ତାତ୍ତ୍ୱିକ ସ୍ତରକୁ ସ୍ପର୍ଶ କରି ନ ଥିଲା । କିନ୍ତୁ ରୂପକନୱାରର ଘଟଣାରୁ ଦେଖାଯିବ ଏଭଳି ବିଚାର ପ୍ରମାଦ ପୂର୍ଣ୍ଣ । ରୂପକନୱାର ସହରାଞ୍ଚଳର ଶିକ୍ଷିତ ସମାଜର ସନ୍ତାନ । ତା'ର ଶ୍ୱଶୁର ଜଣେ ସ୍କୁଲ ଶିକ୍ଷକ ଓ ତା'ର ... ଅଧିକାରୀ । ଜୟପୁରରେ ତା'ର ପିତା ମଟର ଚଳାଚଳ ଏଜେନ୍‌ସିର ମାଲିକ । ଦେଓରାଲା ବି ଛୋଟ ସ୍ଥାନ ନୁହେଁ । ଏଠାରେ ଅଛି ଆଠଟି ସ୍କୁଲ । ଏଠାକାର ଲୋକ ଯଥେଷ୍ଟ ଶିକ୍ଷିତ । ସେମାନଙ୍କ ଘରେ ଟେଲିଭିଜନ ଓ ଅନ୍ୟାନ୍ୟ ଆଧୁନିକ ଆସବାବପତ୍ର ରହିଛି । ଏପରିସ୍ଥଳେ ଏଠାରେ ସତୀ ଘଟଣା ଘଟିଲା କିପରି ? ବାସ୍ତବିକ ସତୀ ଘଟଣା ରକ୍ଷଣଶୀଳତା ଓ ଆଧୁନିକତାର ସଂଘର୍ଷର ପରିଣାମ ନୁହେଁ । ଦେଓରାଲା ପ୍ରମାଣ କରିଛି ଯେ ଶିକ୍ଷା ହିଁ ଲୋକମାନଙ୍କୁ ଏହି ଅପରାଧକୁ ଅଧିକ ଦକ୍ଷତା ସହକାରେ ସଂପାଦନ କରିବାରେ ସାହାଯ୍ୟ କରିଛି । ଯେଉଁମାନେ ଶିକ୍ଷିତ, ସେମାନଙ୍କ ପଢ଼ିବା ପାଇଁ ଧର୍ମରକ୍ଷା ସମିତି ତରଫରୁ ଏକ ନିବେଦନପତ୍ର ପ୍ରକାଶ କରାଯାଇଛି । ଏହା ଏକ ରକ୍ଷଣଶୀଳ ନିବେଦନ ଏବଂ ଲକ୍ଷଲକ୍ଷ ଲୋକଙ୍କୁ ଏହା ଦେଇଛି ଅସାଧାରଣ ପ୍ରେରଣା । ସତୀପ୍ରଥାକୁ ଅବ୍ୟାହତ ରଖିବା ପାଇଁ ଲୋକଙ୍କୁ ଜୟପୁରରେ ଉପସ୍ଥିତ ହେବା ପାଇଁ ଏଥିରେ ଉତ୍ସାହିତ କରାଯାଇଛି । ଏପରିସ୍ଥଳେ ରାଜନୈତିକ ନେତାମାନଙ୍କ ବିରୋଧ କରିବାରେ କଥା । କିନ୍ତୁ ସେମାନେ ଏତେ ଦୁର୍ବଳ ଯେ ଏହାର ବିରୋଧ କରିବା ଦୂରେଥାଉ, ଏହା ବିରୁଦ୍ଧରେ ଆବାଜ୍ ବି ଉଠାଉ ନାହାନ୍ତି ।

ସତୀପ୍ରଥା ଏକ ଜଘନ୍ୟ ଅମାନୁଷିକ ପ୍ରଥା ବୋଲି ପ୍ରମାଣିତ । ଆଜି ସମସ୍ତେ ରାଜନୈତିକ ଦଳ ମତ ନିର୍ବିଶେଷରେ ଏହି ସମସ୍ୟାର ସମାଧାନ ପାଇଁ ଆଗେଇ ଆସିବା ଉଚିତ । କିନ୍ତୁ ଦେଖାଯାଉଛି କ'ଣ ? କେବଳ ରାଜନୈତିକ ଛଳନା । ଏପରି କି ଯେଉଁ ସମ୍ବାଦପତ୍ରମାନେ ଏଭଳି ଅତ୍ୟାଚାରକୁ ନିର୍ମୂଳ କରିବାପାଇଁ ଲଢ଼ିବା ପଢ଼ିବାର କଥା, ସେମାନଙ୍କ ମଧ୍ୟରୁ କେତେକ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏହାର ସମର୍ଥନ କରୁଛନ୍ତି । "ଟାଇମସ୍ ଅଫ ଇଣ୍ଡିଆ"ର ଜୟପୁର ସଂସ୍କରଣରେ ସତୀପ୍ରଥାକୁ ସମର୍ଥନ କରାଯାଇଛି ।

ଅନ୍ୟ ଏକ ସମ୍ବାଦପତ୍ର ହେଲା 'ଜନସତ୍ତା' । ଏହି ହିନ୍ଦୀ ସମ୍ବାଦପତ୍ର ଦିଲ୍ଲୀରୁ ପ୍ରକାଶିତ ହୁଏ । ଏହି ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି ଯେ, ରୂପକନୱାର ସ୍ୱେଚ୍ଛାକୃତ ଭାବେ ସତୀ ହୋଇଗଲା । ଏ ପର୍ଯ୍ୟନ୍ତ ଏହି ପତ୍ରିକାର ସମ୍ପାଦକ ଭୁଲ ସ୍ୱୀକାର କରି ନାହାନ୍ତି । ରାଜା ରାମ ମୋହନ

ରାୟଙ୍କ ସମୟରେ ମଧ୍ୟ "ଚନ୍ଦ୍ରିକା" ନାମକ ଏକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲା ଏବଂ ସତୀପ୍ରଥା ସପକ୍ଷରେ ମତପ୍ରକାଶ କରୁଥିଲା । ସେତେବେଳେ ଚନ୍ଦ୍ରିକା ଯାହା କରୁଥିଲା, ଆଜି ଜନସଭା ତାହା କରୁଛି । ସେତେବେଳେ 'ଚନ୍ଦ୍ରିକା'କୁ ସମର୍ଥନ କରିବାକୁ ଅନେକ ଲୋକ ଥିଲେ । ଆଜି ମଧ୍ୟ ଅନେକ ଲୋକ 'ଜନସଭା'କୁ ସମର୍ଥନ କରୁଛନ୍ତି । )

ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୧ ମସିହା ମେ ମାସ ୨୧ ତାରିଖରେ "ୟଙ୍ଗ ଇଣ୍ଡିଆ"ରେ ଯାହା ଲେଖି ଯାଇଛନ୍ତି, ବାସ୍ତବିକ ତାହା ପ୍ରଣିଧାନ ଯୋଗ୍ୟ । ସେ ଲେଖିଛନ୍ତି ମାନବର ଆତ୍ମା ଦିବ୍ୟ ଜୀବନର ଏକ ଅଙ୍ଗ ମାତ୍ର । ସ୍ୱାମୀର ଚିତାରେ ଝାସ ଦେଇ ଆତ୍ମବଳୀ ଦେବା ମୁକ୍ତିର ଲକ୍ଷଣ ନୁହେଁ । ଏହା ପ୍ରକୃତି ଓ ଆତ୍ମା ପ୍ରତି ଅଜ୍ଞତାର ଲକ୍ଷଣ । ବାସ୍ତବିକ ସତୀପ୍ରଥା ଏକ ମନଷ୍ୟର ଅନ୍ଧ ବିଶ୍ୱାସ ଓ ରକ୍ଷଣଶୀଳତାରୁ ସୃଷ୍ଟି ବୋଲି ଗାନ୍ଧୀଜୀ ବିଶ୍ୱାସ କରୁଥିଲେ । ତେଣୁ ଏହାକୁ ନିର୍ମୂଳ କରିବାକୁ ହେଲେ ଆବଶ୍ୟକ ଏକ କଠୋର ଓ ବ୍ୟାପକ ଆଇନ । ଏଭଳି ଏକ ଆଇନ୍ କାର୍ଯ୍ୟକାରୀ କରାଯିବା ଉଚିତ, ଯାହାଦ୍ୱାରା ସ୍ତ୍ରୀ ଲୋକମାନେ ମନେ କରିବେ ଯେ, ସେମାନଙ୍କ ଜୀବନର କିଛି ମୂଲ୍ୟ ଅଛି ଏବଂ ପୁରୁଷର ଆଧିପତ୍ୟ ସେମାନଙ୍କୁ ନିଆଁରେ ପୋଡ଼ି ଆତ୍ମବଳୀ ଦେବାକୁ ବାଧ୍ୟ କରିବ ନାହିଁ । ହିନ୍ଦୁ ସମାଜରେ ପୁରୁଷମାନେବି ମନେରଖିବା ଉଚିତ ଯେ ସେମାନଙ୍କ ସ୍ତ୍ରୀଲୋକମାନେ ନିଆଁରେ ପୋଡ଼ି ମରିବା ପାଇଁ ଜନ୍ମ ହୋଇ ନାହାନ୍ତି । ସମ୍ବିଧାନରେ ଅଛି ନ୍ୟାୟ ମାନବୀୟ ଅଧିକାର ଏବଂ ତାହା ସମସ୍ତଙ୍କର ପ୍ରାପ୍ୟ । ସ୍ତ୍ରୀଲୋକମାନେ ସେଥିରୁ ଅଲଗା ନୁହନ୍ତି । କିନ୍ତୁ ଏହି ଅଧିକାର ଲାଭ କରିବା ପାଇଁ ସ୍ତ୍ରୀ ଲୋକମାନଙ୍କୁ ଅଧିକ ଯୋଗ୍ୟ କରିବାକୁ ହେବ । ଏଥିପାଇଁ ସେମାନଙ୍କ ଅବସ୍ଥାର ଉନ୍ନତି କରିବାକୁ ହେବ । ବିଶେଷତଃ ବିଧବାମାନଙ୍କ ଅବସ୍ଥାର ଉନ୍ନତି କରିବାକୁ ହେବ ।

## ଅର୍ଥନୈତିକ ସ୍ୱାଧୀନତା

ପ୍ରଗତି ପଥରେ ସ୍ତ୍ରୀ ଲୋକମାନଙ୍କୁ ଆଗେଇ ନେବାକୁ ହେଲେ ପ୍ରଧାନ ଆବଶ୍ୟକତା ହେଲା ସେମାନଙ୍କର ଅର୍ଥନୈତିକ ସ୍ୱାଧୀନତା । ଏଭଳି ଆଇନ ପ୍ରଣୟନ କରାଯିବା ଉଚିତ ଯେ, ଯାହାଦ୍ୱାରା ବିଧବାମାନଙ୍କର ରହିବା ପାଇଁ ଏକ ଘର ରହିବ ଏବଂ ସ୍ତ୍ରୀ ଲୋକମାନଙ୍କ ଜୀବନ ଯାତ୍ରାପାଇଁ ଅର୍ଥନୈତିକ ସ୍ୱାଧୀନତାର ସୁବିଧା ରହିବ । ସମ୍ପତ୍ତି ଉପରେ ସ୍ତ୍ରୀ ଲୋକମାନଙ୍କର ଅଧିକାର ମଧ୍ୟ ସୁରକ୍ଷିତ ହେବା ଉଚିତ । ଦରିଦ୍ର ଜନତାର ଉନ୍ନତି ପାଇଁ ଯେପରି ବିଭିନ୍ନ ଅର୍ଥନୈତିକ ପଦକ୍ଷେପମାନ ଗ୍ରହଣ କରାଯାଉଛି, ଦରିଦ୍ର ସ୍ତ୍ରୀ ଲୋକମାନଙ୍କ ପାଇଁ ମଧ୍ୟ ତାହା କରାଯିବା ଉଚିତ । ଅବଶ୍ୟ ଏ କ୍ଷେତ୍ରରେ ଅନେକ ଅସୁବିଧା ରହିଛି । କେବଳ ଆଇନ ପ୍ରଣୟନ କରି ଦେଲେ ଚଳିବ ନାହିଁ । ଆଇନର ଅନ୍ତର୍ନିହିତ ତ୍ରୁଟି ମଧ୍ୟ ଦୂର କରିବାକୁ ହେବ । ଏହି ତ୍ରୁଟି ଯୋଗୁଁ ଅନେକ ଭଲ ଆଇନ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଉଦାହରଣ ସ୍ୱରୂପ କୌଣସି ଦରିଦ୍ର କୃଷକ ଯଦି ଋଣ ପରିଶୋଧ କରିବା ପୂର୍ବରୁ ମୃତ୍ୟୁ ବରଣ କରେ, ତାର ବିଧବା ସ୍ତ୍ରୀକୁ ବ୍ୟାଙ୍କରୁ ଋଣ ମିଳୁନାହିଁ । ତିନି ତିନିଟି ପିଲାଙ୍କୁ ଧରି ସେ ଅସହାୟ ଅବସ୍ଥାରେ ଦିନ କାଟୁଛି । ଯୁକ୍ତି ହେଲା, ଯେହେତୁ ତାର ସ୍ୱାମୀ ଋଣ ପରିଶୋଧ କରି ପାରିନାହିଁ; ତାକୁ ଋଣ ମିଳିବନାହିଁ । କାରଣ ସେ ଋଣ ପରିଶୋଧ ... ଉପବାସ କରି ପାରିବନାହିଁ । ଜୀବନବୀମା କ୍ଷେତ୍ରରେ ମଧ୍ୟ ଏଭଳି ତ୍ରୁଟି ଦେଖାଯାଏ । ଯଦି କୌଣସି ପୁରୁଷ ବୀମାର ପ୍ରିମିୟମ ଡେରିରେ ଦେବା ଯୋଗୁଁ ଜୋରିମାନା ଆଦି ଦିଏ, ତେବେ ତା'ର ବୀମା ଅବ୍ୟାହତ ରହେ । କିନ୍ତୁ ଏହି ଜୋରିମାନା ଦେବା ଆଗରୁ ତାର ଯଦି ମୃତ୍ୟୁ ହୁଏ, ତେବେ ତା'ର ବିଧବା ସ୍ତ୍ରୀକୁ ବୀମାର ସୁବିଧା ମିଳେ ନାହିଁ । ବୀମାର ସୁବିଧା ପାଇଁ ତା'ର ବିଧବାକୁ କିଛି ସମୟ (ଗ୍ରେସ ପିରିୟଡ୍) ଦିଆଯିବା ଉଚିତ । ଏହିଭଳି ଅନେକ ତ୍ରୁଟି ଯୋଗୁଁ ସ୍ତ୍ରୀ ଲୋକମାନେ ଆଇନଗତ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହାଛଡ଼ା ସାମୂହିକ ଭାବେ ମଧ୍ୟ ସ୍ତ୍ରୀ ଲୋକମାନଙ୍କୁ ସୁବିଧା ଦେବା ବିରୁଦ୍ଧରେ କେତେକ ଲୋକ ଉଦ୍ୟମ କରୁଛନ୍ତି ।

ରୂପକଁୱାରର ସତୀ ଘଟଣାରେ ରାଜସ୍ଥାନ ବିଧାନ ସଭାରେ ଯେତେବେଳେ ସତୀ ପ୍ରଥାର ନିରୋଧ ପାଇଁ ଏକ ବ୍ୟାପକ ବିଲ ଅଣାଗଲା, ଅନେକ ସଭ୍ୟ ଏହାର ବିରୋଧ କରିଥିଲେ । ବିଭିନ୍ନ ଆଇନର ନଜିର ଦେଇ ସେମାନେ ଏହାର ବିରୋଧ କରିଥିଲେ । କିନ୍ତୁ ସେମାନେ ବୋଧହୁଏ ଭୁଲି ଯାଇଥିଲେ ଆମ ସମ୍ବିଧାନର ନିର୍ଦ୍ଦେଶ । ସମ୍ବିଧାନ ପ୍ରତି ସେମାନଙ୍କର ମନ ନ ଥିଲା । ସମ୍ବିଧାନର ଡାଇରେକ୍ଟିଭ ପ୍ରିନ୍‌ସିପଲ ୫୧ (ଏ) ଧାରାରେ ନିର୍ଦ୍ଦେଶ ଅଛି ଯେ, ନାରୀଜାତିର ମର୍ଯ୍ୟାଦା ହାନିକର ସମସ୍ତ ପ୍ରଥାକୁ ବର୍ଜନ କରାଯିବ । ( To renounce practice derogatory to the dignity of women ) ଯାହାହେଉ ମୁଷ୍ଟିମେୟ ଲୋକଙ୍କ ବିରୋଧ ସତ୍ତ୍ୱେ ରାଜସ୍ଥାନ ବିଧାନସଭାରେ ଯେ ବିଲଟି ପାଶ ହୋଇଗଲା ଏହା ଆନନ୍ଦର କଥା । କିନ୍ତୁ ଏହି ବିଲରେ ମଧ୍ୟ କେତେକ ତ୍ରୁଟି ରହିଛି । ଅବଶ୍ୟ ରାଜସ୍ଥାନର ଅର୍ଡିନାନ୍‌ସରେ ସତୀକୁ ସାହାଯ୍ୟ କରୁଥିବା ଲୋକଙ୍କୁ ଦଣ୍ଡର ବ୍ୟବସ୍ଥା କରାଯାଇଛି ଏବଂ ସତୀପ୍ରଥାକୁ ଗୌରବାନ୍ୱିତ କରାଯାଉଥିବା କାର୍ଯ୍ୟକୁ ଦଣ୍ଡନୀୟ ଅପରାଧ ବୋଲି ଗଣନା କରାଯାଉଛି । କିନ୍ତୁ ଏହା କେବଳ ଭବିଷ୍ୟତ କାର୍ଯ୍ୟପାଇଁ । ଦେଶରେ ଅନେକ ତଥାକଥିତ ସତୀ ମନ୍ଦିର ରହିଛି । ସେଗୁଡ଼ିକ ହେଲା, ସତୀପ୍ରଥାର ଗୌରବ । ଏହି ମନ୍ଦିରଗୁଡ଼ିକର କାର୍ଯ୍ୟକୁ ଉକ୍ତ ଆଇନର ସୀମା ବହିର୍ଭୂତ କରାଯାଇଛି । ଏଭଳି ଯେ କାହିଁକି କରାଯାଇଛି ତାହା ବୁଝିବା କଠିନ । ସତୀପ୍ରଥାକୁ ଯେଉଁମାନେ ଗୌରବାନ୍ୱିତ କରନ୍ତି, ସେମାନଙ୍କ ମତରେ ସ୍ତ୍ରୀର କୌଣସି ନିଜସ୍ୱ ଜୀବନ ନାହିଁ । ସେ ବଞ୍ଚିରହେ ତା'ର ସ୍ୱାମୀପାଇଁ । ସ୍ୱାମୀର ଯଦି ମୃତ୍ୟୁ ହୁଏ, ତେବେ ତା'ର ମଧ୍ୟ ମୃତ୍ୟୁ ହେବା ଉଚିତ । ଏଭଳି ଏକ ସମ୍ମୋହକ ଧାରଣା ତାକୁ ଦିଆଯାଉଛି ସତୀପ୍ରଥା ମାଧ୍ୟମରେ । ଏଭଳି କରାଯିବା ସମ୍ପୂର୍ଣ୍ଣ ଭୁଲ । ତେଣୁ

ଅତୀତରେ ଏଭଳି ଯଦି କରାଯାଇଥାଏ, ତାହା ମଧ୍ୟ ଉକ୍ତ ଆଇନର ପରିସରଭୁକ୍ତ ହେବା ଉଚିତ ।

ଲୋକସଭାରେ ମଧ୍ୟ ସତୀପ୍ରଥା ନିରୋଧ ବିଲ ଆସୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ଏଥିପ୍ରତି ବିଶେଷ ଆଗ୍ରହ ରହିଛି । ତାଙ୍କର ପଦକ୍ଷେପ ବାସ୍ତବିକ ପ୍ରଶଂସନୀୟ । ସତୀପ୍ରଥା ନାମରେ ଯେଉଁମାନେ ସ୍ତ୍ରୀ ଲୋକମାନଙ୍କୁ ଜବରଦ ପୋଡ଼ାଇ ମାରୁଛନ୍ତି, ସେମାନଙ୍କୁ ଏହି ବିଲରେ କଠୋର ଶାସ୍ତିର ବ୍ୟବସ୍ଥା କରାଯିବା ଉଚିତ । "ସତୀ"ର ପରିଭାଷା ମଧ୍ୟ ଠିକ୍ ଭାବେ ଲିପିବଦ୍ଧ ହେବା ଉଚିତ । ତା' ନ ହେଲେ ଆଇନରେ ଥିବା ତ୍ରୁଟିର ସୁବିଧା ନେଇ ଲୋଭୀ ଓ ପ୍ରବଞ୍ଚକମାନେ ପୁଣି ଏହି ପ୍ରଥାକୁ ପ୍ରଚଳନ କରିଦେବେ ।

ଏକବିଂଶ ଶତାବ୍ଦୀରେ ପହଞ୍ଚିବାକୁ ଆଉ ମାତ୍ର ବାରଟି ବର୍ଷ ରହିଲା । ଏକବିଂଶ ଶତାବ୍ଦୀକୁ ପ୍ରଗତିର ଶତାବ୍ଦୀ ବୋଲି କୁହାଯାଉଛି । କିନ୍ତୁ ଆମେ ଏହି ପ୍ରଗତିପାଇଁ ପ୍ରସ୍ତୁତ ଅଛୁ କି ? ସମଗ୍ର ଜନସମାଜ ନିଜକୁ ନିଜେ ଏହି ପ୍ରଶ୍ନ ପଚାରିବା ଉଚିତ । ସମାଜର ଅର୍ଦ୍ଧେକ ଅଂଶ ନାରୀମାନଙ୍କୁ ମଧ୍ୟଯୁଗରେ ରଖି ଆମେ ଆଧୁନିକ ଯୁଗର ନାଗରିକ ହୋଇ ପାରିବା ନାହିଁ । ଆଜି ହୃଦୟ ପରିବର୍ତ୍ତନର ସମୟ ଆସିଛି । ସମୟର ଏହି ଆହ୍ୱାନର ସମ୍ମୁଖୀନ ହେବାକୁ ଆମେ ସମର୍ଥ ହେବା ଉଚିତ ।

ଲୋକସଭା ସଦସ୍ୟା,
ନୂଆଦିଲ୍ଲୀ ।



# ଗଣତାନ୍ତ୍ରିକ ଭିତ୍ତି ଓ ପରଂପରା

ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ

ଭାରତର ସ୍ୱାଧୀନତା ଆନ୍ଦୋଳନ ନାନା ଦୃଷ୍ଟିରୁ ଅଦ୍ୱିତୀୟ । ସବୁ ଦେଶରେ, ସବୁ ଯୁଗରେ ମୁକ୍ତି ଆନ୍ଦୋଳନଗୁଡ଼ିକ ହିଂସକ ବିପ୍ଳବ ଦ୍ୱାରା ସଂଗଠିତ ହୋଇଛି । ହୁଏତ ସଶସ୍ତ୍ର ସେନା ପ୍ରତିଷ୍ଠିତ ଶାସନକୁ ବା ରାଜାକୁ କବଳିତ କରି ଦେଇଛନ୍ତି କିମ୍ବା କୌଣସି ବୈପ୍ଳବିକ ସଶସ୍ତ୍ରଦଳ ବା ଗୋଷ୍ଠୀ ବିଦ୍ରୋହାତ୍ମକ ପନ୍ଥା ଧରି ଦେଶରେ ହଲଚଲ ସୃଷ୍ଟି କରି ଶାସନକୁ କାବୁ କରିଛନ୍ତି । ଯେଉଁ ଦେଶମାନଙ୍କରେ ଏପରି ହିଂସକ ବିପ୍ଳବ ସଂଗଠିତ ହୋଇଛି, ସେଥିରୁ ଅଧିକାଂଶ ଦେଶଗୁଡ଼ିକରେ ଏବେ ଏକଛତ୍ର ମିଲିଟାରୀ ଡିକ୍‌ଟେଟରସିପ୍, ରାଜ ଶାସନ କିମ୍ବା ସୀମିତ ଗଣତାନ୍ତ୍ରିକ ପଦ୍ଧତି କାର୍ଯ୍ୟ କରୁଛି । ଏପରିକି, ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଏପର୍ଯ୍ୟନ୍ତ ସାବାଳକ ଭୋଟାଧିକାର ସ୍ୱୀକାର କରଯାଉନାହିଁ । ତେଣୁ, କମ୍ୟୁନିଷ୍ଟ, ମିଲିଟାରୀ ଡିକ୍‌ଟେଟରସିପ୍ କିମ୍ବା ଅନ୍ୟ ଯେ କୌଣସି ଶାସନରେ ଲୋକମାନଙ୍କୁ ପୂର୍ଣ୍ଣ ଅଧିକାର ମିଳିନାହିଁ । ପାର୍ଟି ଶାସନରେ ପାର୍ଟିର ଲୋକମାନେ ହିଁ କର୍ତ୍ତୃତ୍ୱରେ ରହନ୍ତି । ପାର୍ଟି ବୋଇଲେ ଦେଶ ନୁହେଁ । ସାରା ଲୋକ-ସଂଖ୍ୟାର ମାତ୍ର କେତେକ ପାର୍ଟିର ସଦସ୍ୟଭୁକ୍ତ ହୋଇଥାନ୍ତି । ସେଇମାନେହିଁ ଜନତାର ହର୍ତ୍ତା କର୍ତ୍ତା ବିଧାତା ସାଜନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ହିଂସ୍ରକ ବିପ୍ଳବଦ୍ୱାରା ମୁକ୍ତ ଦେଶମାନଙ୍କରେ ବାସ୍ତବିକ୍ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିନାହିଁ ।

ଭାରତ ବର୍ଷ କିନ୍ତୁ ସଂପୂର୍ଣ୍ଣ ଭିନ୍ନ ଧରଣର । ନିରସ୍ତ୍ର ଲୋକେ ବ୍ରିଟିଶ ସାମ୍ରାଜ୍ୟବାଦ ଶାସନରୁ ମୁକ୍ତ ହେବା ନିମନ୍ତେ କେବେହେଲେ ସଶସ୍ତ୍ର ବିପ୍ଳବ ସେନା ଗଠନ କରିନାହାଁନ୍ତି କିମ୍ବା ଅସ୍ତ୍ରଧାରଣ କରି ନାହାଁନ୍ତି । କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ବିପ୍ଳବ କରଯାଇନାହିଁ । ଏ ଦେଶରେ ଗଣ ବିଦ୍ରୋହ ଆରମ୍ଭ ହେବା ପୂର୍ବରୁ କେତେକ ସ୍ଥଳରେ ଆତଙ୍କବାଦୀ ବିଦ୍ରୋହୀ ବ୍ରିଟିଶ ସରକାରଙ୍କୁ ଧ୍ୱଂସ କରିବା ନିମନ୍ତେ ହିଂସା ପନ୍ଥାର ଆଶ୍ରୟ ନେଇଥିଲେ । ଏପରି ବିଦ୍ରୋହ କେତେକ ପରିମାଣରେ ଶତ୍ରୁ ହୃଦୟରେ ଛନକା ପୂରାଇ ପାରିଥିଲା ସତ, ମାତ୍ର ଜନତା ଭିତରେ ପ୍ରବେଶ କରିପାରିନଥିଲା । ସେମାନଙ୍କର ଚରମ ତ୍ୟାଗ ଓ ନିଷ୍ଠା ଦେଶ ଭିତରେ ଦେଶ ପ୍ରେମର ବହ୍ନି କେତେକ ପରିମାଣରେ ଜାଗ୍ରତ କରିପାରିଥିଲା । ମାତ୍ର ସାରା ଦେଶରେ ଚହଳ ସୃଷ୍ଟିକରି କିମ୍ବା କୌଣସି ସଶସ୍ତ୍ର ବିପ୍ଳବୀ ସଂଗଠନଦ୍ୱାରା ସାମ୍ରାଜ୍ୟବାଦୀ ଶାସନକୁ କାବୁ ବା ଅଚଳ କରି ଦେବାରେ କେବେ ସମର୍ଥ ହୋଇନଥିଲା ।

ଏ ଦେଶରେ ପ୍ରକୃତରେ ଗଣ ବିଦ୍ରୋହ ଓ ଆନ୍ଦୋଳନ ମହାତ୍ମା ଗାନ୍ଧୀଙ୍କର ରାଜନୈତିକ କ୍ଷେତ୍ରରେ ଆଗମନ ପରେ ସୃଷ୍ଟି ହେଲା । କୌଣସି ସେନାପତି ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ତାର ଶକ୍ତି ଜାଣିନିଏ । ସୈନ୍ୟସାମନ୍ତ ଶତ୍ରୁର ସମ୍ମୁଖୀନ ହେବା ନିମନ୍ତେ ତିଆରି କରେ । ତେବେ ଯାଇ ଲଢ଼େଇ ମଇଦାନକୁ ଉତୁରେ । ମହାତ୍ମା ଗାନ୍ଧୀ ସେହିପରି ଭାରତବାସୀଙ୍କର ନାଡ଼ି ଟିପିଥିଲେ ଏବଂ ତାଙ୍କ ଶକ୍ତିର କଳନା କରିଥିଲେ । ତାଙ୍କ ଲଢ଼େଇର ସେନା ହେଲେ ଅଗଣିତ ଭାରତବାସୀ । ଏ ଭାରତବାସୀଙ୍କୁ ସାମ୍ରାଜ୍ୟବାଦ ବିରୋଧୀ କରାଇ ପାରିଲେ ଯାଇ ସେମାନେ ଆନ୍ଦୋଳନରେ ଯୋଗଦେଇ ପାରିବେ । ସମସ୍ତେ ଯୋଗଦେଲେ ହିଁ ଆନ୍ଦୋଳନ ସଫଳ ହେବ । ବ୍ରିଟିଶ ଶକ୍ତିକୁ ହିଂସାଦ୍ୱାରା ଆୟତ୍ତ କରିବା ସମ୍ଭବ ନୁହେଁ । ତେଣୁ ଭାରତ-ବାସୀଙ୍କ ମନରେ ବିଦ୍ରୋହ ଭାବନା ଏବଂ ରାଜନୈତିକ ଚେତନା ସୃଷ୍ଟି କରିବା ନିମନ୍ତେ ସେ ସକ୍ରିୟ ଅହିଂସା ପନ୍ଥା ଆବିଷ୍କାର କଲେ । ତାର ମୂଳ ମନ୍ତ୍ର ହେଲା ଆମେ ଶାସନ ସତ୍ତାକୁ ମାନିବୁନାହିଁ । ଶାସନର କୌଣସି କାର୍ଯ୍ୟରେ ସହଯୋଗ କରିବୁ ନାହିଁ । ଆମେ ଶତ୍ରୁପ୍ରତି କୌଣସି ଅସ୍ତ୍ର ଚାଳନ କରିବୁ ନାହିଁ । ଶତ୍ରୁର ଦମନାସ୍ତ୍ରକୁ—ଯଥା ଲାଠି, ଜେଲ, ଗୁଳି—ଆନନ୍ଦରେ ବରଣ କରିବୁ । ଆମେ କଷ୍ଟ ସହିବୁ, ତ୍ୟାଗ କରିବୁ; ମାତ୍ର ସରକାରଙ୍କୁ କୌଣସି ମତେ ମାନିବୁ ନାହିଁ । ଏ ଅହିଂସା ଅସ୍ତ୍ରର ପ୍ରଥମ ଓ ପ୍ରଧାନ ଆୟୁଧ ହେଲା ଅସହଯୋଗ ପନ୍ଥା । ହଜାର ହଜାର ନରନାରୀ ବ୍ରିଟିଶ ସରକାର ଶାସନରୁ ସଂପର୍କ ତୁଟେଇ ଦେଲେ । ଏକ ରାଜଦ୍ରୋହର ଧ୍ୱନୀ ସାରା ଭାରତରେ ପ୍ରସାର ଲାଭକଲା । ଏହାଥିଲା ଅହିଂସକ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ ।

ଅହିଂସକ ଆନ୍ଦୋଳନର ଆଉ ଏକ ଦିଗଥିଲା ମୂଳନୀତିରେ ଆମେ ଦୃଢ଼ ରହିବୁ । ମୂଳନୀତି ସହିତ କୌଣସି ପ୍ରକାର ସାଲିସ ସମ୍ଭବ ନୁହେଁ । ମାତ୍ର ମୁଖ୍ୟ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଯଦି ଆପୋଷ କଥାବାର୍ତ୍ତା ଓ ବିଚାର ପରାମର୍ଶ ଲୋଡ଼ାହୁଏ, ସେଥିଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥିବୁ । ଦୀର୍ଘ ୩୦ ବର୍ଷର ଗାନ୍ଧୀ ଆନ୍ଦୋଳନରେ ପର୍ଯ୍ୟାୟକ୍ରମେ ଏହିସବୁ ପ୍ରକ୍ରିୟା ଗୁଡ଼ିକ କାର୍ଯ୍ୟକାରୀହେଲା । ମାତ୍ର ବ୍ରିଟିଶ ସରକାର କୌଣସି ପ୍ରକାର ନିଜର ଅକ୍ତିଆର ଛାଡ଼ିବା ନିମନ୍ତେ ପ୍ରସ୍ତୁତ ହେଲନାହିଁ ।

ଏଣେ ଲାଗିଗଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଏ ବିଶ୍ୱଯୁଦ୍ଧ ବୃହତ୍ ଶକ୍ତିମାନଙ୍କ ଭିତରେ ହୋଇଥିଲା । କିନ୍ତୁ ବ୍ରିଟିଶ ସରକାର ଭାରତର ଜନ, ଧନ ଏଥିରେ ଉତ୍ସର୍ଗ କରିଦେଲା । ଭାରତର ପରାମର୍ଶ ସୁଦ୍ଧା ନିଆଗଲା ନାହିଁ । ଗାନ୍ଧୀଜୀ ଏହା ବରଦାସ୍ତ କରିପାରିଲେ ନାହିଁ । ଦେଶସାରା ଅସନ୍ତୋଷ ଭରିଗଲା । ତେଣୁ ଅହିଂସକ ସଂଗ୍ରାମର ଶେଷ ଆହ୍ୱାନ ହେଲା ଇଂରେଜ ଭାରତ ଛାଡ଼ । ଅବିଳମ୍ବେ, ତତ୍‌କ୍ଷଣାତ୍ ଆମେ ଆଉ ତୁମ ଅଧୀନରେ ନାହୁଁ । ଆମେ ସ୍ୱାଧୀନ ଏବଂ ଏଣିକି ସ୍ୱାଧୀନ ଭାବରେ କାର୍ଯ୍ୟ କରିବୁ । ଭଏ ସେଇଁ ଶେଷ ବିପ୍ଳବ ଜଳି ଉଠିଲା, ଏଥିରେ କେହିନେତା ନଥିଲେ କିମ୍ବା ଚାଳକ ନଥିଲେ । ସ୍ୱତଃସ୍ଫୂର୍ତ୍ତ ଭାବରେ କୋଟି କୋଟି ଭାରତବାସୀ ଦୃଢ଼

# ବାନର ସେନା ସାଜିଲି

ଶ୍ରୀ ବୈକୁଣ୍ଠ ନାଥ ମହାନ୍ତି (ବେଇଭାଇ)

ମୋ ଭଳି ଆହୁରି ଅନେକ ପିଲା ଆଶ୍ରମରେ ଥାଆନ୍ତି । ମଦ, ଗଞ୍ଜେଇ, ଅଫିମ ଓ ବିଲାତ ଲୁଗା ଦୋକାନରେ ଆମେ ପିକେଟିଂ କରୁଥିଲୁ । ସୁଧୀର ଘୋଷ ପିକେଟିଂ ପରିଚାଳନା ଦାୟିତ୍ୱ ନେଇ ଥାଆନ୍ତି । ଶ୍ରୀ ରାଧାନାଥ ରଥ (ସମାଜ-ସମ୍ପାଦକ) ପ୍ରତିଦିନ ସକାଳେ ଆସି କିପରି ଶାନ୍ତଶିଷ୍ଟ ଭାବରେ ପିକେଟିଂ କରିବାକୁ ହେବ ତାହା ଆମକୁ ବୁଝାଉଥିଲେ । ମଦ ଦୋକାନ ଆଗରେ ପ୍ରଥମେ ପିକେଟିଂ ଆରମ୍ଭ ହେଲା । ମଦ ଖାଇବାକୁ ଆସୁଥିବା ଲୋକମାନଙ୍କୁ ଆମେ ହାତଯୋଡ଼ି ଖୁସାମତ କରୁ । ଅନୁରୋଧ ଜଣାଉ, ନାନା କାକୁତି ମିନତି ହେଉ । ନମାନିଲେ ଗୋଡ଼ ଧରି ପଡ଼ିଯାଉ । କେହି କେହି ଆମ କଥା ମାନି ଫେରି ଯାʼନ୍ତି । କେହିକେହି ଆମକୁ ଠେଲି ପେଲି ଦୋକାନ ଭିତରକୁ ପଶିଯାଆନ୍ତି । ଅତି ଗୁଣ୍ଡା ପ୍ରକୃତିର ଲୋକ ଆମ ଛାତି ଉପରେ ଚଢି ଯାଉଥିଲେ । ତେବେ ବେଶୀ ଲୋକ ଆମ ଆଗକୁ ନ ଆସି ଦୋକାନ ପଛପଟେ ଖାଉଥିଲେ । ପୋଲିସ ଏଥିରେ ମଦୁଆଙ୍କୁ ସାହାଯ୍ୟ କରୁଥିଲେ ଏବଂ ଟାଣି ହାଣି ଦୋକାନ ଭିତରକୁ ଠେଲି ଦେଉଥିଲେ । ଆମେ ବାଧା ଦେଲେ ଆମ ଉପରେ ପ୍ରବଳ ମାଡ଼ ବସୁଥିଲା । ଆମେ ସେଠି ସମସ୍ତେ ମିଳି ଜାତୀୟ କବି ବୀରକିଶୋର ଦାସଙ୍କ ଗୀତଟି ଗାଉଥିଲୁ ।—

ମଦଖଟି ତକେ ହାକିମ ଡାକନ୍ତି
 ମଦୁଆଙ୍କୁ ବାଟ ଛାଡ଼
ମଦଖାଇବାରେ ବାଧା ଦେବ ଯିଏ
 ତାʼକରମ ବେତ ମାଡ ହେ
ନ୍ୟାୟବନ୍ତ ସରକାର
 ମେଲିଛନ୍ତି ଶୁଣି କାରବାରହେ ।
ଜେଲ୍‌ଖାନା ହେଲା ମୁକତି ମଣ୍ଡପ
 ହାଜତ ଧରମଶାଳା
ସେଠି ଚବିଶ ପ୍ରହରୀ କୀର୍ତ୍ତନ ଲାଗିଛି
 ଲାଗିଛି ସ୍ୱରାଜ୍ୟ ପାଲା ହେ
ପିଲାଏ ବାସୁଡ଼ି ଖେଳି
 ସେଠି ଉଡାଇ ଦିଅନ୍ତି ଧୂଳି ହେ ।

ପୋଲିସ ଆମକୁ ମାଡ଼ ଦେଇ ଦେଇ ଯେତେବେଳେ ପାରିଲେ ନାହିଁ ଗିରଫ କରି ନଉଥିଲେ । ଗୁଲିଗୁଲି ଯିବୁ ନାହିଁ ବୋଲି କହିବାରୁ ଘୋଷରା ଓଟରା କରୁଥିଲେ । ଗୋଡ଼ ହାତରୁ ଧାର ଧାର ରକ୍ତ ବହିଯାଉଥିଲା । ଶେଷରେ ଘୋଡ଼ାଗାଡ଼ିରେ ବସାଇ ଥାନାକୁ ନେଇ ଯାଉଥିଲେ । ଏବକାଭଳି ସେତେବେଳେ କଟକ ସହରରେ ଏତେ ଥାନା ନ ଥିଲା । ଗୋଟିଏ ଥାନା ଥିଲା ଲାଲବାଗ । ସେଇଥାନା ହାଜତରେ ଆମକୁ ରାତିଟି ବନ୍ଦକରି ରଖୁଥିଲେ । ପୁତିଗନ୍ଧମୟ ସେ ହାଜତର ବର୍ଣ୍ଣନା ନକରିବାହିଁ ଉଚିତ୍ । ଖଣ୍ଡିଏ କମ୍ବଳ ପାରି ଶୋଇବାକୁ ଦଉଥିଲେ । ସେଥିରେ ଛାରପୋକଙ୍କର ଦାଉ ସମ୍ଭାଳିବା ମୁସ୍କିଲ ହେଇ ପଡୁଥାଏ । ଉପରେ ମଶା ଭଣଭଣ ହେଇ ଆମକୁ ବଡ଼ ବ୍ୟତିବ୍ୟସ୍ତ କରି ପକାଉ ଥାଆନ୍ତି । ଆମେ ଗାଉଥାଉ—

ଚକେ ଓଡ଼ଶ ଉପରେ ମଶା
 ଦଲକୁଦଲ ଆସି
ଦିନଯାକର ସଞ୍ଚିତ ରକ୍ତ
 ରାତିକି ନେଲେ ଶୋଷି
 ଧନ୍ୟ ଏ ସରକାର
 ଯାʼଙ୍କୁ ଚଡ଼ି ଦେବା ଦରକାର ।

ଖାଇବାକୁ ଦେଉଥାନ୍ତି ଦୁଇଖଣ୍ଡ ଶୁଖିଲା ରୁଟି ଓ ଆଳୁ ତରକାରୀ କୌଣସି ମତେ ସେତକ ଖାଇ ପଡ଼ିଥାଉ । ରାତିଟି ଥାନାରେ ରହି ତହିଁ ଆରଦିନ ହାକିମଙ୍କ ଇଜଲାସ୍‌ରେ ହାଜର କରୁଥିଲେ । ସେତେବେଳେ ବେଲଗ୍ରାମ ନାମକ ଜଣେ ଆଇରିସ୍ ସାହେବ ଓ ଆହେଦ୍ ସାହେବ ନାମକ ଜଣେ ମୁସଲମାନ ଡେପୁଟି ଆମ ମକଦ୍ଦମା ବୁଝୁଥିଲେ । ବେଲଗ୍ରାମ ଟିକେ ଦୟାଳୁ । କିନ୍ତୁ ଆହେଦ୍ ସାହେବ ଅତି ନିଷ୍ଠୁର । ଆମ ଛୋଟ ଛୋଟ କଅଁଳ ହାତରେ ୧୫ ଠାରୁ ୨୫ ବେତ ପିଟିବାକୁ ତାʼର ଚପରାସି କବିର ମିଆଁକୁ ଆଦେଶ ଦେଉଥିଲା । କବିର ମିଆଁ ଏତେ ଜୋରରେ ପିଟୁଥିଲା ଯେ ହାତ ଫୋଳା ଫାଟି ରକ୍ତ ବହୁଥିଲା । କିନ୍ତୁ କେଜାଣି କାହିଁକି କି ଏକ ଅଜଣା ଉନ୍ମାଦନା ଆମକୁ ମନ୍ତ୍ର ମୁଗ୍ଧ କରି ରଖୁଥିଲା । ଆମେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ସେଇ ମିଶଲରେ ଗାଉଥିଲୁ—

ତୁମେ ମାର କେତେ ବେତ ମାରିବ
ଦେଶଲାଗି ଆମେ ଜୀବନ ଦେଉଛୁ
 ତୁମେକି ଆମକୁ ପାରିବ ?
ଆମେ ଡରୁନାହୁଁ ଛାର ମରଣେ
ମନ ରଖିଅଛୁ ବିଭୁ ଚରଣେ
ତୁମ ଆମ କଥା ତାଙ୍କ ମିସଲରେ
 ଦିନେଟି ବିଚାର ପଡ଼ିବ ।

ପରେ ଅବଶ୍ୟ କଷ୍ଟ ହୁଏ, କିନ୍ତୁ ମାଡ଼ ଖାଇଲାବେଳେ ତାର ଯନ୍ତ୍ରଣା ବାଧେ ନାହିଁ । ମାଡ଼ପରେ କଟକ ସହରବାସୀଙ୍କର କି ଅସୀମ ଶ୍ରଦ୍ଧା ଓ ମମତା ଆମ ପ୍ରତି ! କିଏ ଫଳ ଖୁଆଉଥିଲାତ କିଏ ରସଗୋଲା ଖୁଆଉଥିଲା । ଅନେକ ଆଦରରେ ତାଙ୍କ ଘରକୁ ଡାକିନେଇ ନାନା ଖାଦ୍ୟ ଦ୍ରବ୍ୟ ପରଷୁ ଥିଲେ ।

ପୂଜ୍ୟା ରମାଦେବୀ ତାଙ୍କ ସ୍ନେହ ସୁହାଗବୋଳା ହାତରେ ଆମକୁ ଆଉଁସି ଦେଉଥିଲେ । ତାଙ୍କର ପରମ ଆଶୀର୍ବାଦ ଆମ ଶିରରେ ଶ୍ରାବଣର ଧାରାଭଳି ଝରିପଡୁଥିଲା । ଦୁଇଦିନ ବିଶ୍ରାମ ନେଇ ପୁଣି ବାହାରି ପଡୁଥିଲୁ । ପୁଣି ପିକେଟିଂ, ପୁଣି ବେତମାଡ଼ ।

ସେତେବେଳେ କବି ବୀରକିଶୋର ଦାସ, କବି ବାଞ୍ଛାନିଧି ମହାନ୍ତି ଓ ରଘୁନାଥ ମହାନ୍ତିଙ୍କର ଜାତୀୟ ସଂଗୀତ ଓଡ଼ିଶାର ପ୍ରତି ପୁରପଲ୍ଲୀରେ ଅପୂର୍ବ ପ୍ରେରଣା ଆଣି ଦେଉଥିଲା । ଲୋକଙ୍କ ତୁଣ୍ଡେ ତୁଣ୍ଡେ ଜାତୀୟ ସଂଗୀତ ଓ ହାତେ ହାତେ ଖଦ୍ଦେ ତାକୁଡ଼ି । ଯେଉଁଠି ଦେଖିବ ସେଠି ସୁତାକଟା ଓ ଗୀତ ବୋଲା ଚାଲିଥାଏ । ଖଦରର ପ୍ରସ୍ତୁତ ଓ ପ୍ରସାର ସର୍ବତ୍ର ।

ମୁଁ ଆଗରୁ କହିଛି ଡେପୁଟି ମାଧବ ମିଶ୍ରଙ୍କ କଥା । ସେଇ ମାଧବ ମିଶ୍ର କୁଜଙ୍ଗ ଯାଇଥିଲେ ଲୁଣମରାରେ ଯୋଗ ଦେଇଥିବା ସତ୍ୟାଗ୍ରହୀମାନଙ୍କୁ ଜବତ କରିବାକୁ । ରମାଦେବୀ ଓ ମାଳତୀ ଦେବୀଙ୍କ ନିର୍ଦ୍ଦେଶରେ କୁଜଙ୍ଗ ଅଞ୍ଚଳ କମ୍ପୁଥାଏ । ଘୁରିଆଡେ ଅପୂର୍ବ ଜନଜାଗରଣ । ତାଙ୍କୁ ସାହାଯ୍ୟ କରିଥାନ୍ତି ସାଆନ୍ତେ ନାରାୟଣ ବୀରବର ସାମନ୍ତ ଓ ତାଙ୍କ ସ୍ତ୍ରୀ ରତ୍ନମାଳୀ ଜେମା, ଦୁର୍ଯୋଧନ ପଟ୍ଟନାୟକ (ମାଷ୍ଟ୍ରେ), ବାବାଜୀ ଭୀମସେନ ଦାସ, ଭ୍ରମଣ, ବିଚିତ୍ରାନନ୍ଦ, ବୃନ୍ଦାବନ, ଭାସ୍କର ମଲ୍ଲିକ ଓ ଅନ୍ୟମାନେ । ମାଧବ ମିଶ୍ରେ ମୁହଁରେ ଭାରିକଡ଼ା କିନ୍ତୁ ତାଙ୍କ ହୃଦୟଟି ବଡ କୋମଳ । ସାଙ୍ଗରେ ଦୁଇ ଚାରିଟା କନେଷ୍ଟବଳ, ସାତ ଆଠଜଣ ଚୌକିଦାର, ଦୁଇ ତିନିଜଣ ଦଫାଦାର ବରାବର ଥାଆନ୍ତି । ଗୋଟାଏ ହୁରୁଡ଼ା ଘୋଡା ତାଙ୍କର ଥାଏ । ତା ଆଗରେ କେହି ନ ଦୌଡ଼ିଲେ, ସେ ମୋଟେ ଯିବ ନାହିଁ, ତେଣୁ ପାଳିକରି ଚୌକିଦାର, ଦଫାଦାର୍ ଓ କନେଷ୍ଟବଲ୍ ଘୋଡ଼ା ଆଗରେ ଦୌଡୁଥିଲେ । ତେବେ ଯାଇ ମାଧବ ମିଶ୍ରେ ଘୋଡ଼ାରେ ବସୁଥିଲେ ।

ଗୋଟିଏ ମଜାକଥା ଲେଖୁଛି । କୁଜଙ୍ଗରେତ ବହୁତ ଛୋଟିଆ ଛୋଟିଆ ନଈଥାଏ । ବର୍ତ୍ତମାନ ପାରାଦ୍ୱୀପ ବନ୍ଦର ହେବା ଫଳରେ ତାର ଅବସ୍ଥା ବଦଳି ଯାଇଛି । ଥରେ ଗୋଟିଏ ଛୋଟିଆ ନଈ ପଡ଼ିଲା । ମାଧବ ମିଶ୍ର ଲବଜାଲ ହେଇ ପଡ଼ିଥାନ୍ତି । ଚୌକିଆ, ଦଫାଦାରମାନେ କାନ୍ଧେଇ ନଈ ପାର କରୁଥାନ୍ତି । ନବକିଶୋର ପଟ୍ଟନାୟକ ଆଦି ଆଗପାରିକୁ ଗଲେଣି । ସେ ଗୋଟିଏ କ୍ୟାମେରା ଧରି ବୁଲୁଥାନ୍ତି । ଲୁଣମରା, ପୋଲିସ୍ ଜୁଲମର ଛବି ନେଉଥାଆନ୍ତି । ମାଧବ ମିଶ୍ରଙ୍କ ଲବଜାଲ ଫଟୋ ନେଲେ । ମାଧବ ମିଶ୍ର ନଈ ପାର ହେଇ ଦେଖିଲେ ତାଙ୍କ ଫଟୋ ଜଣେ ନେଉଛି । ପ୍ରତି କଥାରେ ସେ କହୁଥିଲେ ''ଶଳା'' ''ଆବେ ଶଳାମାନେ, ସେଟାକୁ ଧର । ସେ ଶଳାକୁ ଗିରଫ କର । ତା ସାଇକେଲ ଛଡାଇ ଆଣ' । ଚୌକିଆ ଦଫାଦାର ଓ କନେଷ୍ଟବଲଙ୍କୁ ନିର୍ଦ୍ଦେଶ ଦେଲେ । ସମସ୍ତେ ଦୌଡ଼ିଲେ, ନବଭାଇ ଦେଖିଲେ ଆଗରେ ଗୋଟାଏ ପାଣିନାଳ । ତେଣୁ ସେ ଅନ୍ୟ ଉପାୟ ନ ଦେଖି ଗୋଟିଏ ମାଟିକୁଦ ଉପରେ ଚଢ଼ିଗଲେ । ଚୌକିଆ, ଦଫାଦାରମାନେ ଧୀରେଧୀରେ ଉପରକୁ ଉଠିଲେ । ନବଭାଇଙ୍କ ପାଖରେ କ୍ୟାମେରା ଷ୍ଟାଣ୍ଡଥିଲା । ପୂର୍ବେ ସେହିଭଳି କ୍ୟାମେରା ବୋଧହୁଏ ବ୍ୟବହୃତ ହେଉଥିଲା । ଚୌକିଆମାନେ ଆଗରେ, ଦଫାଦାରମାନେ ମଝିରେ ଏବଂ ସବାପଛରେ କନେଷ୍ଟବଲମାନେ ଥାଆନ୍ତି । ସେମାନେ ଟିକିଏ ଦୂରରେ ଥିଲେ । ନବଭାଇ ଖୁବ୍ ବଡ଼ ପାଟିକରି କହିଲେ—''ତୁମେମାନେ ଭାବିଛ ମୁଁ ସେମିତି ବୁଲୁଛି ? ମୋ ପାଖରେ ତିନି ନଳିଆ ବନ୍ଧୁକ ଅଛି । ମୋ ପାଖକୁ ଆସିଲେ ଗୋଟି ଗୋଟି କରି ସମସ୍ତଙ୍କୁ ଗୁଳି ଲାଛି ଦେବି । ''ଗୁଳି ଲାଛି ଦେବି'' ଏକଥା ଶୁଣି ସେମାନେ ଆଉ ଆଗକୁ ବଢ଼ିଲେ ନାହିଁ । ମାଧବ ମିଶ୍ରେ ଉତ୍ସାହିତ କରି କହୁଥାନ୍ତି—''ଆରେ ସେଇଟା ଠକ, ମିଛ କହୁଛି, କଣ ଶୁଣୁଛ ତା କଥା ? ଧର ସେ ଶଳାକୁ'', ଯେଉଁ ଶଳା ଧରି ନ ପାରିବ, ତା ଚାକିରୀ ଖାଇବି'' । ଚାକିରୀ ଯିବା ଭୟରେ ସେମାନେ ଉପରକୁ ଉଠିଲେ । ଯେମିତି ପାଖକୁ ଲାଗି ଯାଇଛନ୍ତି, ନବଭାଇ ଷ୍ଟାଣ୍ଡ ତିନିଟାକୁ ଏକାବେଳେକେ ଟାଣି ଦେଇ କହିଲେ ଚାଲିଲା ଗୁଳି । ଖଟ୍-ଖଟ୍-ଖଟ୍ ହୋଇ ତିନିଟାଯାକ ଷ୍ଟାଣ୍ଡ ଲମ୍ବିଗଲା । ଆଗରୁ ଏମାନେ ଏପରି ଜିନିଷ ଦେଖି ନଥିଲେ । ଛୋଟିଆ ଷ୍ଟାଣ୍ଡଟା ଲମ୍ବିଯିବାର ଦେଖି ବଡ଼ ବନ୍ଧୁକ ଭାବି '' ମାଇଲାଲୋ ବୋପା, ମରିଗଲୁ ହେ ବାବୁ'' କହି ଜଣେ ତା ଉପରେ ସେ ତା ଉପରେ ପଡ଼ି ଦଉଡ଼ିଲେ । କାହାର ପଗଡ଼ି ଖସିଗଲା କାହାର ଅଣ୍ଟା ବେଲ୍‌ଟା ଖୋଲିଗଲା, କାହାର ଲାଠି ହାତରୁ ତଳେ ପଡ଼ିଗଲା । ଦୁଇ ମିନିଟ୍ ମଧ୍ୟରେ ଜାଗା ଫାଙ୍କା । ହାବା ହୋଇ ମାଧବ ମିଶ୍ରେ ଅନାଇଛନ୍ତି, କରିବେ କଣ ? ନବଭାଇ ତାଙ୍କ ପାଖକୁ ଯାଇ କହିଲେ—

ମାଧିଆ ନନା ହୋ ମାଧିଆ ନନା
ଲୁଣମରା ହେଲା ପଛକୁ ଅନା ।

ମାଧମିଶ୍ରେ ଦାନ୍ତ ରଗଡ଼ି ଯେପରି ତାଙ୍କ ଆଡ଼କୁ ମାଡ଼ି ଆସିଛନ୍ତି, ସେ ସାଇକେଲ ଛାଡ଼ି ଛୁ । ସେଇଦିନଠୁଁ ଆମେ ଚିଡେଇଲୁ—

ମାଧିଆନନା ହୋ ମାଧିଆ ନନା
ଲୁଣ ମରା ହେଲା ପଛକୁ ଅନା ।

ମାଧମିଶ୍ରେ ଆଉ ରୁହନ୍ତି ! ସେ ଏକଥା ଶୁଣି ଭାରି ଚିଡନ୍ତି ।

ଏତକ ଲେଖି ମୁଁ କୌଣସି ବ୍ୟକ୍ତିଙ୍କର ଚରିତ୍ର ପ୍ରତି ଆକ୍ଷେପ କରି ନାହିଁ କିମ୍ବା ମିଥ୍ୟାକୁ ପ୍ରଶ୍ରୟ ଦେଇନି । ଯାହା ନିଛକ ସତ୍ୟ ତାର ଅବତାରଣା କରିଛି ମାତ୍ର । ଛପନ ବର୍ଷତଳର କଥା ଏ ସ୍ମୃତି, ଏବେବି ମୋ ଅନ୍ତରରେ ଜାଗରୁକ ହୋଇ ରହିଛି ।



# ଅମୃତ ଅନୁଭବ

ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା

ଆମେ ତାଙ୍କୁ ଡ଼ାକୁଥିଲୁ କକ ମାଉସୀ । କିନ୍ତୁ ସାହିତ୍ୟ ଜଗତରେ ସେ କୋକିଳ ଦେବୀ ନାମରେ ପରିଚିତ ଥିଲେ । बିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଶ୍ରୀମତୀ ବସନ୍ତ କୁମାରୀ ଦେବୀଙ୍କ ସଂପାଦନାରେ 'ପରିସ୍ପରିକା' ନାମରେ ଯେଉଁ ମାସିକ ପତ୍ରିକା ବାହାରୁଥିଲା, ସେଥିରେ ଅଧିକାଂଶ ଥିଲେ ମହିଳା ଲେଖିକା । କୋକିଳ ଦେବୀଙ୍କର କବିତା ସେହି ପତ୍ରିକାରେ ପ୍ରକାଶ ପାଉଥିଲା । କକ ମାଉସୀଙ୍କର ଜୀବନଟା ହିଁ ଥିଲା କବିତ୍ୱପୂର୍ଣ୍ଣ । ତାଙ୍କ ଜୀବନରେ ସେ ଯେତେ ଝଡ଼ଝଂଝା ଅଙ୍ଗେ ନିଭେଇଥିଲେ, ପ୍ରସଙ୍ଗକ୍ରମେ ସେଗୁଡ଼ିକ ବର୍ଣ୍ଣନା କଲାବେଳେ ତାଙ୍କର ଭାଷା ଓ ଭାବାବେଗ ଏପରି କ୍ଷୋଭ ରହିତ ଓ ମାର୍ଜିତ ହେଉଥିଲା ଯେ ଶୁଣିବା ଲୋକ ଅନୁଭବ କରୁଥିଲା ସତେ ଯେପରି ସେ କୌଣସି କବିତାର ସାରାଂଶ ଗଦ୍ୟରେ ଶୁଣୁଛି । ସେ ଥିଲେ ଜମିଦାର ଘର ଝିଅ । ଉତ୍କଳର ସୁନାମଧନ୍ୟ ଜାତୀୟବାଦୀ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ତାଙ୍କର ପିତା । ତାଙ୍କର ଅଗ୍ରଜ ଜାତୀୟବାଦୀ ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଶାରେ ସୁପରିଚିତ । ତାଙ୍କର ଜାଆଁଳା ଭାଇ ଶ୍ରୀ ସୀତାକାନ୍ତ ମହାପାତ୍ର ବିହାର-ଓଡ଼ିଶା ଲେଜିସ୍‌ଲେଟିଭ କାଉନସିଲର ସଦସ୍ୟ ଥିଲେ । ପରେ ଦିଲ୍ଲୀର କେନ୍ଦ୍ରୀୟ ଆସେମ୍ବ୍ଲିର ସଦସ୍ୟ ହେଲେ ଏବଂ ରାଜ୍ୟସଭାର ସଦସ୍ୟ ଥାଇ ପ୍ରାଣତ୍ୟାଗ କଲେ । ସାନଭାଇ ଶ୍ରୀ କମଳାକାନ୍ତ ମହାପାତ୍ର କଲେଜ ପାଠ ଶେଷ କଲାପରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ବଡ଼ ଭଉଣୀ ଶ୍ରୀମତୀ ଜାହ୍ନବୀ ଦେବୀ ବାଲେଶ୍ୱରର ଶ୍ରୀ ମୁକୁନ୍ଦପ୍ରସାଦ ଦାସ (ଭୂତପୂର୍ବ ବାଚସ୍ପତି)ଙ୍କୁ ବିବାହ କରିଥିଲେ । ସେ ଯୁଗରେ ସମାଜ-ସେବା କ୍ଷେତ୍ରରେ ସେ ଜଣେ ଅଗ୍ରଗଣ୍ୟା ମହିଳା ଥିଲେ । ସ୍ୱାଧୀନୋତ୍ତର ଭାରତରେ "ଆସୋସିଏସନ୍ ଫର ସୋସାଲ ଆଣ୍ଡ ମରାଲ ହାଇଜିନ୍" ନାମକ ଅନୁଷ୍ଠାନ ଯେଉଁ କାମ କଲା, ଶ୍ରୀମତୀ ଜାହ୍ନବୀ ଦେବୀ ବିଂଶ ଶତାବ୍ଦୀର ତୃତୀୟ ଦଶକରେ ବାଲେଶ୍ୱରରେ "ନାରୀ ସେବା ସମିତି" ଗଠନ କରି ସେହି କାମ କରି ବହୁ ନିରାହା ବାଳିକାଙ୍କୁ ଅସାମାଜିକ ଲୋକଙ୍କ କବଳରୁ ଉଦ୍ଧାର କରି ଥଇଥାନ କରାଇଥିଲେ । ସେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ । କକ ମାଉସୀଙ୍କର ଆଉ ଜଣେ ଭଉଣୀ ଶ୍ରୀମତୀ ନିର୍ମଳା ଦେବୀ ଓକିଲ ଶ୍ରୀ ଗଜେନ୍ଦ୍ର ପ୍ରସାଦ ଦାସଙ୍କୁ ବିବାହ କରି ପାଟ୍‌ନା ସହରରେ ରହୁଥିଲେ । ଶ୍ରୀମତୀ ନିର୍ମଳା ଦେବୀ ବିହାର ପ୍ରଦେଶର ବହୁ ମହିଳା ସଙ୍ଗଠନ ଓ ଜନହିତକର ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ । ବିଶେଷକରି ପାଟ୍‌ନା କ୍ୟାଂପ ଜେଲରେ ରଖାଯାଉଥିବା ରାଜବନ୍ଦୀମାନଙ୍କୁ ସାହାଯ୍ୟ କରିବା ଫଳରେ ପତିପତ୍ନୀ ଉଭୟେ ସରକାରଙ୍କ ବିରାଗ ଭାଜନ ହୋଇ ନାନାପ୍ରକାର ବିପଦ ମୁଣ୍ଡାଇବାକୁ ପଶ୍ଚାତପଦ ହେଉ ନ ଥିଲେ ।

କାଳକ୍ରମେ କକ ମାଉସୀ ହେଲେ ଗୋଟିଏ ଜମିଦାର ଘର ବୋହୂ । ଜମିଦାରିଆ ଚଳଣିରେ ସେ ଯୁଗରେ କୌଳିନ୍ୟ ବା ଆଭିଜାତ୍ୟପୂର୍ଣ୍ଣ ପରଂପରାର ଛଦ୍ମବେଶ ଭିତରେ ନାନା ପ୍ରକାର ନାରୀ ନିର୍ଯାତନା ରହିଥିଲା । କକ ମାଉସୀଙ୍କ ସ୍ୱାମୀ ଶ୍ରୀ ମାନଗୋବିନ୍ଦ ଦାସ ମହାପାତ୍ର ଉଚ୍ଚ ଶିକ୍ଷିତ ହୋଇଥିଲେହେଁ ଏସବୁର ବିରୋଧ କରିପାରି ନ ଥିଲେ । ସେଥିପାଇଁ କକ ମାଉସୀଙ୍କୁ ଅନେକ ସମୟରେ ଅନେକ କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିଲା । ତାଙ୍କ ଶାଶୁଘରେ ବାରିକାଣୀ ପ୍ରତିଦିନ ସନ୍ଧ୍ୟାରେ ଆସି ବୋହୂ ସାଆନ୍ତାଣୀମାନଙ୍କ ପାଦରେ ଅଳତା ଲଗାଇ ଦେଇ ଯାଉଥିଲେ । ମାଳୀ ସେମାନଙ୍କ ପାଇଁ ଫୁଲହାର ଦେଇ ଯାଉଥିଲେ । କାମଦାଣୀ ମଥା ଖାର୍କି ଦେଉଥିଲେ । ଏହିପରି ବିଭିନ୍ନ ପାଟକ ଜମିଦାର ଘରର ବିଭିନ୍ନ କାମ ତୁଲାଉଥିଲେ । କାମଦାଣୀ ଯେଉଁଦିନ ପ୍ରଥମେ କକ ମାଉସୀଙ୍କର କେଶବିନ୍ୟାସ ପାଇଁ ଜୁଡ଼ା ଫିଟାଇଲା, ତାଙ୍କର ଆଗୁଲ୍‌ଫଲମ୍ବିତ କେଶରାଶି ଦେଖି ହତଚକିତ ହୋଇଗଲା । ତାହାପରେ ତିନି ଚାରିଦିନ ଯାଏ ଆପ୍ରାଣ ଚେଷ୍ଟା କରି ସେହି ଘନକୃଷ୍ଣ କେଶରାଶିକୁ ନିଜ ଆୟତ୍ତକୁ ଆଣି ନ ପାରିବାରୁ ତ୍ୟକ୍ତ ବିରକ୍ତ ହୋଇ

ଲୁଚେଇ କରି ଗୋଟିଏ ପରିବା କଟା ପନିକି ଆଣି ସେହି ପନିକିରେ ଜଜ ମାଉସୀଙ୍କ ମୁଣ୍ଡରୁ ପ୍ରାୟ ଅଧେ ବାଳ କାଟି ପକାଇଲା । ଏ ଚୁଟିକଟା ପ୍ରକ୍ରିୟା ଭୀଷଣ କଷ୍ଟ ଦାୟକ ହୋଇଥିଲେ ହେଁ ଜଜ ମାଉସୀ ଆଦୌ ଉଁ ଚୁଁ ହେଲେ ନାହିଁ କି କାହାରିକୁ କାମଚୁଣୀର ଚୁଟିକଟା କଥା କହିଲେ ନାହିଁ । କାରଣ ନୂଆବୋହୂ ଶାଶୁଘରେ କାହାରିକୁ କଥା କହିବା ସୁଦ୍ଧା ନିନ୍ଦନୀୟ ବ୍ୟାପାର ଥିଲା । ଏହି ଘଟଣାଟା ଜଜ ମାଉସୀ ହସି ହସି ଏପରି ସୁନ୍ଦର ଭାଷାରେ ଆମ ଆଗରେ ବର୍ଣ୍ଣନା କଲେ ଯେ ଆମର ମନେ ହେଲା ଯେ ଆମକୁ କାହାଣୀ ଶୁଣାଉଛନ୍ତି । ଏହି ପ୍ରକାର ଶାଶୁଘରେ ଜୀବନର ଅନ୍ତରଙ୍ଗ ସାଥୀ ତାଙ୍କର ସ୍ୱାମୀଙ୍କର ମାତ୍ର ବତିଶ ବର୍ଷ ବୟସରେ ଅକାଳ ବିୟୋଗ ହେଲା । ଜଜ ମାଉସୀ ପିତୃ ପରିବାରର ପରିବେଶକୁ ଫେରି ଆସି ଦେଶ-ସେବାରେ ଆତ୍ମନିୟୋଗ କଲେ । ୧୯୨୮ ମସିହାରେ ଭାରତ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ସେ ଜଣେ ପ୍ରତିନିଧି ଭାବରେ ଅଂଶ ଗ୍ରହଣ କଲେ ।

ତାଙ୍କର ସଂଗଠନ ଶକ୍ତିର ପ୍ରତ୍ୟକ୍ଷ ପରିଚୟ ମିଳିଲା ୧୯୩୧ ମସିହାରେ । ବାଲେଶ୍ୱରରେ ଡକ୍ଟର କୁନ୍ତଳା କୁମାରୀ ସାବତ୍ଙ୍କ ଅଧ୍ୟକ୍ଷତାରେ ଯେଉଁ ଐତିହାସିକ ମହିଳା ସମ୍ମିଳନୀ ହୋଇଥିଲା, ଶ୍ରୀମତୀ ଜାହ୍ନବୀ ଦେବୀ ତାହାର ଅଭ୍ୟର୍ଥନା-ସମିତିର ଅଧ୍ୟକ୍ଷା ହୋଇଥିଲେ । କୋକିଳ ଦେବୀ ଥିଲେ ତାଙ୍କର ଦକ୍ଷିଣ ହସ୍ତ । ପର୍ଦ୍ଦା ଭିତରେ ରହୁଥିବା ମହିଳାମାନଙ୍କୁ ବୁଝାଇ ସୁଝାଇ ସମ୍ମିଳନୀକୁ ଆଣିବାରେ ସେ ସିଦ୍ଧହସ୍ତ ଥିଲେ । ୧୯୩୨ ମସିହାର ଆନ୍ଦୋଳନରେ ଯେ ବାଲେଶ୍ୱରର ବହୁ ସଂଖ୍ୟକ ମହିଳା ଅଂଶ ଗ୍ରହଣ କରି କାରାବରଣ କଲେ ସେହି ଅଭୂତପୂର୍ବ ନାରୀ ଜାଗରଣ ପାଇଁ ଜଜ ମାଉସୀଙ୍କ ଅବଦାନ ଅତୁଳନୀୟ ।

୧୯୩୧ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କରାଚୀ ଅଧିବେଶନରେ ଶ୍ରୀମତୀ ସରଳା ଦେବୀଙ୍କ ପ୍ରସ୍ତାବ ଓ ଗୋପବନ୍ଧୁ ଚୌଧୁରୀଙ୍କ ଅନୁମୋଦନ କ୍ରମେ ୧୯୩୨ ମସିହାରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ପୁରୀଠାରେ ହେବା ସ୍ଥିର ହେଲା । ଏହି ଅଧିବେଶନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ହିନ୍ଦୁସ୍ଥାନୀ ସେବାଦଳର ତତ୍ତ୍ୱାବଧାନରେ ପୁରୀରେ ସ୍ୱେଚ୍ଛାସେବିକା ତାଲିମ ଶିବିର ଆୟୋଜିତ ହେଲା । ଜଜ ମାଉସୀ ଏହି ଶିବିରରେ ଜଣେ ଶିକ୍ଷାର୍ଥିନୀ ଭାବରେ ଯୋଗ ଦେଲେ । ଏହି ଶିବିରରେ ଡ୍ରିଲ ଛୋଟଖେଳଠାରୁ ଆରମ୍ଭ କରି ରାତିରେ ପହରା ଦେବା ଯାଏ ନାନା ପ୍ରକାର ବ୍ୟାବହାରିକ ଓ ବୌଦ୍ଧିକ ତାଲିମ ଦିଆଯିବା ସଙ୍ଗେସଙ୍ଗେ ଡ୍ରିଲ କରାଇବା, ଜାତୀୟ ସଙ୍ଗୀତ ଶିଖାଇବା ଆଦି ମଧ୍ୟ ଶିକ୍ଷା ଦିଆ ଯାଉଥିଲା । ପତାକା ଉତ୍ତୋଳନ ବେଳେ ଧ୍ୱଜନୀ ଭାବରେ ସାମରିକ କାଇଦାରେ ଆଦେଶ ଦେବାକୁ ହୁଏ । ଜଜ ମାଉସୀଙ୍କର ଧ୍ୱଜନୀ ହେବା ପାଳି ପଡ଼ିଲା । ସେ ବିଧିବଦ୍ଧ ଭାବରେ ସେହି ଦାୟିତ୍ୱ ତୁଲାଇଲେ । ତାହାପରେ ସନ୍ଧ୍ୟାବେଳେ ଟେବୁଲ ଟକ୍ ସମୟରେ ଗପସପ ଚାଲିଥିବା ବେଳେ ସେ କହିଲେ-ପିଲାଟି ଦିନରୁ ଝିଅମାନେ ଅନୁଚ୍ଚ ସ୍ୱରରେ କଥା କହିବା ହିଁ ସଭ୍ୟତାର ନିଶାଣ ବୋଲି ଏପରି ଭାବରେ ଆମ ମୁଣ୍ଡରେ ପୂରାଇ ଦିଆ ଯାଇଥିଲା ଯେ ଆମେ କେବେହେଲେ ଗଳା ଛାଡ଼ି କଥା କହୁ ନ ଥିଲୁ । ଆମ ଭାଇମାନେ ଯେତେବେଳେ ବଡ଼ପାଟିରେ କଥାବାର୍ତ୍ତା କରନ୍ତି ସେତେବେଳେ ଆମର ମଧ୍ୟ ସେମିତି ପାଟିତୁଣ୍ଡ କରିବାକୁ ବେଳେ ବେଳେ ମନ ହୁଏ । ମାତ୍ର ଆମ ଝିଅଙ୍କ ପାଇଁ ତାହା ନିଷିଦ୍ଧ ବିଷୟ ବୋଲି ଆମେ ମନମାରିକରି ରହୁ । କିନ୍ତୁ ଯେତେବେଳେ ଆମେ ପୁରୀ ଆସି ସମୁଦ୍ରକୂଳକୁ ବୁଲି ଯାଉ, ସେତେବେଳେ ସମୁଦ୍ରର ଗର୍ଜନରେ ଆମ ବଡ଼ ପାଟି କେହି ଶୁଣି ପାରିବେ ନାହିଁ ଜାଣି ଆମେ ମନଇଛା ବଡ଼ ପାଟିକରି ଏଣୁ ତେଣୁ କଥା କହୁ । ସେହି ସମୁଦ୍ର କୂଳରେ ଯାହା ପାଟି ଫିଟୁଥିଲା, ଆଜି ପତାକା ଉତ୍ତୋଳନରେ ସର୍ବ ସମକ୍ଷରେ ଦାଣ୍ଡକୁ ପାଟି ଶୁଭିଲା । ଓଡ଼ିଶାର ଥିଲାବାଲା ଘର ଝିଅଙ୍କ ଉପରେ ସେ ଯୁଗରେ କିପରି ଶହେ ଚଉରାଳିଶ ଧାରା ସ୍ଥାୟୀ ଭାବରେ ଜାରି ହୋଇ ରହିଥିଲା, ଜଜ ମାଉସୀଙ୍କ ବିବୃତିରୁ ତାହାର ପରିଚୟ ମିଳିଲା ।


୧୯୩୨ ମସିହା ଆନ୍ଦୋଳନରେ ଯୋଗ ଦେବା ଅପରାଧରେ ଜଜ ମାଉସୀ ଗିରଫ ହୋଇ ବନ୍ଦୀ ହେଲେ । ସେତେବେଳେ ବିହାର ଓଡ଼ିଶା ଏକାଠି ଥିବା ହେତୁ ମହିଳା ଅପରାଧୀଙ୍କୁ ଦୀର୍ଘ ମିଆଦୀ ଦଣ୍ଡ ଦିଆଗଲେ ସେମାନଙ୍କୁ ହଜାରିବାଗ ସେଣ୍ଟ୍ରାଲ ଜେଲ ଓ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌କୁ ପଠାଇ ଦିଆ ଯାଉଥିଲା ! ଅନେକ ମହିଳା ରାଜବନ୍ଦୀଙ୍କ ସହିତ ଜଜ ମାଉସୀଙ୍କୁ ଭାଗଲପୁର ଜେଲ୍‌କୁ ବଦଳି କରାଗଲା । ଅବଶ୍ୟ ଶ୍ରୀମତୀ ଜାହ୍ନବୀ ଦେବୀଙ୍କୁ ମଧ୍ୟ ଭାଗଲପୁର ଜେଲକୁ ବଦଳି କରା ଯାଇଥିଲା । ମାତ୍ର ସେ 'ଖ' ଶ୍ରେଣୀର କଏଦୀ ହୋଇଥିବାରୁ ଅଲଗା ଖୁଆଡରେ ରହୁଥିଲେ । ଗାଁ ଗହଳରୁ ସିଧା ସଳଖ ଆସି ଆନ୍ଦୋଳନରେ ଯୋଗ ଦେଇ ଦୁଲେଇନ୍ ବାନ୍ଧିବା ପିକେଟିଂ କରି ଗିରଫ ହୋଇଥିବା ମହିଳାମାନଙ୍କୁ ଆନ୍ଦୋଳନର ମୂଳତତ୍ତ୍ୱ ବୁଝାଇବା, ସାଧାରଣ ଜ୍ଞାନ ଦେବା, ସର୍ବୋପରି ସେହି ଅବଦ୍ଧ ଖୁଆଡ଼ରେ ସେମାନଙ୍କର ତତ୍ତ୍ୱ ନେଇ ସେମାନଙ୍କ ମନୋବଳ ରକ୍ଷାକରି ସେମାନଙ୍କୁ ସଂଭାଳିବା କାମ କରୁଥିଲେ ଜଜ ମାଉସୀ । ଅଧିକାଂଶ ରାଜବନ୍ଦୀ ମହିଳା ଓଡ଼ିଆ ଛଡ଼ା ଅନ୍ୟ ଭାଷା ଜାଣି ନ ଥିଲେ । ଜେଲ କର୍ତ୍ତୃପକ୍ଷ ଓଡ଼ିଆ ବୁଝୁ ନ ଥିଲେ । ସେଥିପାଇଁ ଜଜ ମାଉସୀଙ୍କୁ ଦୋଭାଷୀ କାମ କରିବାକୁ ପଡୁଥିଲା । ଏହି ଭାଷା ସମସ୍ୟାରୁ ଯୋଗୁଁ ଅନେକ ସମୟରେ ହାସ୍ୟକର ପରିସ୍ଥିତି ସୃଷ୍ଟି ହେଉଥିଲା । ଶୁକଦେଈଙ୍କୁ ଭାଗଲପୁର ଜେଲ୍‌ରେ ଉଦରାମୟ ହେବାରୁ ଜେଲ୍ ଡାକ୍ତର ଔଷଧ ଦେଲେ । ଜେଲ୍ ଡାକ୍ତର ଥିଲେ ବଙ୍ଗାଳୀ । ପରଦିନ ଜେଲ୍ ଡାକ୍ତର ଖୁଆଡ଼କୁ ଆସି ଶୁକ ଦେଈଙ୍କୁ ପଚାରିଲେ—"କବାର ବାହ୍ୟ ହୟେଛେ ?" ଶୁକ ଦେଈ ଉତ୍ତରିଲେ—"ଛେକେ" । ଡାକ୍ତର ସେତେବେଳେ ବଙ୍ଗଳା ବା ହିନ୍ଦୀରେ ସଣ୍ଟ ପଚାରୁଥାନ୍ତି, ସେତେଥର ଶୁକ ଦେଈ ବାଲେଶ୍ୱରୀ ଓଡ଼ିଆରେ କହୁଥାନ୍ତି "ଛେକେ" । ଡାକ୍ତର କିଛି ବୁଝି ନପାରିଲେ ଚିକିତ୍ସା କରିବେ ବା କେମିତି ? ସେତେବେଳକୁ ଏ ପ୍ରଶ୍ନୋତ୍ତର ପ୍ରହସନ ଦେଖି ଅନ୍ୟମାନେ ହସି ହସି ନେଞ୍ଚରା କୋତରା ହେଲେଣି । ଡାକ୍ତର ବିଚରାଙ୍କୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଉଥିବାର ଦେଖି ଜଜ ମାଉସୀ ଡାକ୍ତରଙ୍କୁ କହିଲେ ଲଗାଇଲେ । ଏହିପରି ଛୋଟ ଛୋଟ

ଘଟଣାର ରସରସିଆ ବର୍ଣ୍ଣନା କରିବାରେ ଜଜ ମାଉସୀ ଧୁରନ୍ଧର ଥିଲେ ।

୧୯୩୨ ମସିହା ସେପ୍ଟେମ୍ବର ମାସରେ ସାଂପ୍ରଦାୟିକ ବାଣ୍ଟୋରା ( Communal award) ର ବିରୋଧ କରି ମହାତ୍ମା ଗାନ୍ଧୀ ଆମରଣ ଅନଶନ କଲେ । ଭାରତରେ ଅସ୍ପୃଶ୍ୟତା ନିବାରଣ ପାଇଁ ଜୋରସୋରରେ ଆନ୍ଦୋଳନ ଆରମ୍ଭ ହୋଇ ଗଲା । ଜଜ ମାଉସୀ ଅସ୍ପୃଶ୍ୟତା ନିବାରଣ କାମରେ ମନପ୍ରାଣ ଢାଳିଦେଲେ । ୧୯୩୪ ମସିହାରେ ଗାନ୍ଧୀଜୀ ଓଡ଼ିଶାରେ ପଦଯାତ୍ରା କଲେ ଏବଂ ଓଡ଼ିଶାରୁ ମେଲାଣି ନେଲାବେଳେ କର୍ମୀମାନଙ୍କୁ ଗାଁ ଗଣ୍ଡାରେ ରହି ଗରିବ ଲୋକଙ୍କ ସହିତ ସମରସ ହୋଇ କାମ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଜଜ ମାଉସୀ ଡାନପଦା ଗାଁରେ ଗୋଟିଏ ହରିଜନ ବସ୍ତିରେ ରହି ହରିଜନମାନଙ୍କୁ ପାଠ ପଢ଼ାଇବା, ପୁରାଣ ଶୁଣାଇବା, ମଦ (ମଲ ଛେଚି, ଆଦି) ନ ଖାଇବାକୁ ପ୍ରବର୍ତ୍ତାଇବା, ବସ୍ତି ସଫା ରଖିବା ଆଦି କାମରେ ଲାଗି ପଡ଼ିଲେ । କିନ୍ତୁ ଭିନ୍ନ ପ୍ରକାର ପରିବେଶରେ ଗଠିତ ପାଳିତ ହୋଇଥିବା ଶରୀର ଏହି କୃଚ୍ଛସାଧନାକୁ ବରଦାସ୍ତ କରି ପାରିଲା ନାହିଁ । ସେ ଦୁରାରୋଗ୍ୟ ଯକ୍ଷ୍ମାରୋଗର ଶିକାର ହେଲେ । ସେ ସମୟରେ ଯକ୍ଷ୍ମାରୋଗର ନିରାକରଣ ପାଇଁ କୌଣସି ଔଷଧ ଆବିଷ୍କୃତ ହୋଇ ନଥିଲା । ତେଣୁ ତିରିଶ ବର୍ଷ ନ ପୂରୁଣୁ ତାଙ୍କର ଅକାଳ ବିୟୋଗ ଘଟିଲା ।

ଭାରତୀୟ ସଂସ୍କୃତିରେ "ମୁହୂର୍ତ୍ତ ଜ୍ୱଳିତଂ ଶ୍ରେୟ" ହେଉଛି ଆପ୍ତବାକ୍ୟ । ଜଜ ମାଉସୀଙ୍କ ଜୀବନରେ ଏହି ଧ୍ୟେୟ ଚରିତାର୍ଥ ହେଲା ।

ଥୋରିଆ ସାହି, କଟକ ।



# ଗଞ୍ଜାମ ଜିଲ୍ଲାର ଆଇନ ଅମାନ୍ୟ ଆନ୍ଦୋଳନ

ଡଃ ଦଣ୍ଡପାଣି ବେହେରା

ମହାତ୍ମାଗାନ୍ଧୀଙ୍କର ଆହ୍ୱାନ କ୍ରମେ ୧୯୩୦-୩୧ ସାଲରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ରିଟିଶ ଶାସନ ବିରୁଦ୍ଧରେ ଆଇନ୍ ଅମାନ୍ୟ ଆନ୍ଦୋଳନ ବ୍ୟାପକତର ହେଲା । ଜାତୀୟବାଦୀ ଓ ଦେଶାତ୍ମବୋଧ ଭବର ସ୍ରୋତ ଛୁଟିଲା । ୧୯୩୦ର ମଧ୍ୟଭାଗରେ ହିଁ ଜାତୀୟବାଦୀ ଆନ୍ଦୋଳନ ଜିଲ୍ଲାରେ ମୁଣ୍ଡ ଟେକିଲା । ବ୍ରହ୍ମପୁର ସହରର ଘରେଘରେ ଏହାର ବାର୍ତ୍ତା ପହଞ୍ଚିଲା । ବ୍ରହ୍ମପୁର ସହରର ଟାଉନହଲ ଏହାର ପ୍ରାଣ-କେନ୍ଦ୍ର ହେଲା । ସେଠାରୁ ସତ୍ୟାଗ୍ରହୀ ଓ ସ୍ୱେଚ୍ଛା ସେବକ ସଂଗ୍ରହପାଇଁ ଆବେଦନ କରାଗଲା । କେବଳ ବ୍ରହ୍ମପୁରରେ କାହିଁକି, ଜିଲ୍ଲାର ସାନବଡ଼ ସହର ଓ ଗ୍ରାମମାନଙ୍କରେ ଆନ୍ଦୋଳନର ସ୍ୱର ଶୁଭିଲା । ସତ୍ୟାଗ୍ରହୀ ଓ ସ୍ୱେଚ୍ଛାସେବକମାନଙ୍କର ସଂଖ୍ୟା ସର୍ବତ୍ର କ୍ରମଶଃ ବଢ଼ିବାକୁ ଲାଗିଲା, ଯଦିଓ ତତ୍କାଳୀନ ଜିଲ୍ଲା କଲେକ୍ଟର ମିଃ ଅଷ୍ଟିନ୍ ତାଙ୍କର ଗୁପ୍ତ ବିବରଣୀରେ ଦର୍ଶାଇଥିଲେ ଯେ "ସମଗ୍ର ଜିଲ୍ଲାରେ କଷ୍ଟିନକାଳେ ସ୍ୱେଚ୍ଛାସେବକମାନଙ୍କ ସଂଖ୍ୟା ଶହେରୁ ଊର୍ଦ୍ଧ୍ୱ ହୋଇନଥିଲା" । ଓଡ଼ିଆ ଓ ତେଲୁଗୁମାନେ ସ୍ୱତନ୍ତ୍ରଭାବରେ ଦଳ ତିଆରି କଲେ । ପ୍ରତ୍ୟେକ ଦଳର ଅଲଗା ଅଲଗା 'ଯୁଦ୍ଧ ପରିଷଦ' ଗଠିତ ହୋଇଥିଲା ଏବଂ ସେଗୁଡ଼ିକର ସଦର ମହକୁମା ଥିଲା ବ୍ରହ୍ମପୁର ସହର । ୧୯୩୦ ସାଲ ଅପ୍ରେଲ ୧୩ ତାରିଖ ଦିନ ବ୍ରହ୍ମପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନ ଡବ୍ଲିୟୁ.ଭି. ରାମଲିଙ୍ଗମ୍ ପାଣ୍ଡୁଙ୍କର ନେତୃତ୍ୱରେ ଏକ ୧୫ ଜଣିଆ ତେଲୁଗୁ ସତ୍ୟାଗ୍ରହୀଦଳ ବ୍ରହ୍ମପୁରରୁ ଦକ୍ଷିଣ ଅଭିମୁଖେ ଯାତ୍ରାକଲେ । ଯାତ୍ରାପଥରେ ସେମାନେ ଅର୍ଥ ଓ ବିପୁଳ ଜନସମର୍ଥନ ସ୍ୱତଃ ଲାଭକରି ଏପ୍ରିଲ ୨୦ ତାରିଖରେ କୋଟବମ୍ମାଳୀଠାରେ ପହଞ୍ଚିଲେ । ପାରଳାଖେମୁଣ୍ଡି ଓ ଶ୍ରୀକାକୁଳମ୍‌ର ସ୍ୱେଚ୍ଛାସେବକମାନେ ତାଙ୍କର ଦଳରେ ସାମିଲ ହେବାଫଳରେ ସେମାନଙ୍କର ସଂଖ୍ୟା ୮୫କୁ ବୃଦ୍ଧିପାଇଲା । ୧୯୩୦ ସାଲ ଏପ୍ରିଲ୍ ୧୪ରେ ବ୍ରହ୍ମପୁରରୁ ଏକ ୧୫ ଜଣିଆ ସ୍ୱେଚ୍ଛାସେବକ ଦଳ ବାଲେଶ୍ୱର ଅଭିମୁଖେ ଯାତ୍ରାକଲେ । କିନ୍ତୁ ବହୁ ଅସୁବିଧାବଶତଃ ରାସ୍ତାରେ ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଇଲା ଏବଂ ଶେଷରେ ସେମାନେ ରେଳଯୋଗେ ବ୍ରହ୍ମପୁରକୁ ପ୍ରତ୍ୟାବର୍ତ୍ତନ କଲେ । କୋଟବମ୍ମାଳୀଠାରେ ଏକତ୍ରିତ ହୋଇଥିବା ଲବଣ ସତ୍ୟାଗ୍ରହୀମାନଙ୍କର ଗତିବିଧି ଲକ୍ଷ୍ୟକରିବା ଉଦ୍ଦେଶ୍ୟରେ ଟେକଲିଠାରେ ଗଞ୍ଜାମ ଜିଲ୍ଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଅବସ୍ଥାନ କଲେ । ଏପ୍ରିଲ ୨୩ରେ ସତ୍ୟାଗ୍ରହୀ ନେତାମାନେ ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରି ବ୍ରହ୍ମପୁରକୁ ଫେରିଆସିଲେ । କୋଟବମ୍ମାଳୀଠାରେ ଆଖପାଖ ଗାଁ ଗହଳର ଲୋକ ଏକତ୍ରିତହୋଇ ସତ୍ୟାଗ୍ରହୀମାନଙ୍କସହ ମିଳିତଭାବେ ଲବଣ ଆଇନ ଲଂଘନକରି ଲବଣ ପ୍ରସ୍ତୁତ କଲେ ।

ସତ୍ୟାଗ୍ରହୀ ନେତାମାନେ ବ୍ରହ୍ମପୁରକୁ ଫେରିଆସିଲାପରେ ସେମାନେ ସହରର ସର୍ବତ୍ର ସଭାସମିତି ଆୟୋଜନ କରି ସେଠାରେ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ବେଆଇନ୍‌ଭାବେ ପ୍ରସ୍ତୁତ ହୋଇଥିବା ଲବଣ ବିକ୍ରୟ କଲେ । ନିକଟସ୍ଥ ଗୋପାଳପୁରଠାରେ ସେମାନେ ସ୍ଥାନୀୟ ଜନସାଧାରଣଙ୍କ ସହ ସମୁଦ୍ରରୁ ଲୁଣମାରିଲେ । ଏହି ଆଇନ୍ ଅମାନ୍ୟ ଆନ୍ଦୋଳନ ଜିଲ୍ଲାର ଜନସାଧାରଣ ଓ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କଲା । କିନ୍ତୁ କର୍ତ୍ତୃପକ୍ଷ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହୀମାନଙ୍କୁ ଗିରଫ ନ କରି କେବଳ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଲେ । ଏପ୍ରିଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ତାଙ୍କର ହୁମାଠାରେ ପରିକଳ୍ପିତ ଲବଣ ସତ୍ୟାଗ୍ରହ ସଂପର୍କରେ ଏକ ପତ୍ର ଲେଖିଲେ । ଏପ୍ରିଲ ୩୦ ତାରିଖରେ ସେ ୬୩ଜଣ ସତ୍ୟାଗ୍ରହୀଙ୍କୁ ସାଥିରେ ନେଇ ବ୍ରହ୍ମପୁରଠାରୁ ହୁମା ଅଭିମୁଖେ ଯାତ୍ରାକଲେ । ମେ ମାସ ୫ ତାରିଖରେ ସେମାନେ ଆଖପାଖ ଗ୍ରାମବାସୀଙ୍କ ଗହଣରେ ହୁମାରେ ପହଞ୍ଚି ଲବଣ ଆଇନ୍ ଭଙ୍ଗକରି ସତ୍ୟାଗ୍ରହ ଆରମ୍ଭ କଲେ ।

ମେ ୬ ତାରିଖରେ ଗାନ୍ଧିଜୀଙ୍କୁ ଗିରଫ କଲାପରେ ବ୍ରହ୍ମପୁର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ହରତାଳ ପାଳନ କରାଗଲା । ମେ ୭ ତାରିଖରୁ ଓଡ଼ିଆ ସତ୍ୟାଗ୍ରହୀମାନେ ଗଞ୍ଜାମଠାରେ ସମୁଦ୍ରପାଣିରୁ ଲୁଣ ତିଆରି କରିବା ଆରମ୍ଭକଲେ ଏବଂ ବରୁଆଠାରେ ତେଲୁଗୁ ସତ୍ୟାଗ୍ରହୀମାନେ କାତ୍ପା ପଥର ସ୍ଲାବ୍ ଓ ଉଟାଉପରେ ସମୁଦ୍ରପାଣିରୁ ଲୁଣ ପ୍ରସ୍ତୁତ କଲେ । ମେ ୧୬ରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଗଞ୍ଜାମ ଆନ୍ଧ୍ର ସତ୍ୟାଗ୍ରହୀଙ୍କର ନେତା ଏନ୍. ଏସ୍. ସୋମୟାଜୁଲୁ ପତ୍ରଦ୍ୱାରା ଜଣାଇଲେ ଯେ ସେ ୨୦ ତାରିଖରେ ନୂଆପଡ଼ାଠାରେ ମହଜୁଦ୍ ଥିବା ସରକାରୀ ଲୁଣ ଗୋଦାମକୁ ଚଢ଼ାଉ କରିବେ । ଓଡ଼ିଆ ସତ୍ୟାଗ୍ରହୀମାନେ ହୁମା ଓ ଗଞ୍ଜାମଠାରେ ସରକାରୀ ଲୁଣ ଗୋଦାମ ଉପରେ ଚଢ଼ାଉକରିବା ଆରମ୍ଭ କଲେ । ଏହି କାର୍ଯ୍ୟରେ ପ୍ରଥମକରି ମହିଳା ସତ୍ୟାଗ୍ରହୀମାନେ ଅଂଶଗ୍ରହଣ କଲେ । ଅବସ୍ଥାକୁ ଆୟତ୍ତ କରିବା ପାଇଁ ସରକାର ତୁରନ୍ତ ସତ୍ୟାଗ୍ରହୀ ନେତାମାନଙ୍କୁ ଗିରଫ କରିବାକୁ ଲାଗିଲେ । ମେ ୧୯ରେ ବ୍ରହ୍ମପୁରରେ ସାତଜଣ ନେତା ଗିରଫ ହେଲେ । ତା ପରଦିନ ମେ ୨୦ ତାରିଖରେ ନୂଆପଡ଼ାଠାରେ ସୋମୟାଜୁଲୁଙ୍କ ସମେତ ଅନ୍ୟ ସମସ୍ତ ତେଲୁଗୁ ସତ୍ୟାଗ୍ରହୀ ନେତାମାନଙ୍କୁ ଗିରଫ କରାଗଲା ।

ବ୍ରହ୍ମପୁର ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ସମେତ ବହୁ ନେତାଙ୍କୁ ଗିରଫ କରାଯିବା ଫଳରେ ବ୍ରହ୍ମପୁରରେ ହରତାଳ ପାଳିତ ହେଲା । ପ୍ରଶାସନ ଓ ପୋଲିସଙ୍କ ସହ ଅସହଯୋଗ ଆନ୍ଦୋଳନ ଚାଲିଲା । ମେ ୨୯ରେ ବରୁଆ ଓ ହୁମାଠାରେ ଥିବା ସରକାରୀ ଲୁଣ ଗୋଦାମକୁ ଓଡ଼ିଆ ସତ୍ୟାଗ୍ରହୀମାନେ ଚଢ଼ାଉ କଲେ । ମେ ୩୦ରେ ସେମାନଙ୍କୁ ଗିରଫ କରାଗଲା । ୧୯୩୦ ସାଲ ଜୁନ ପହିଲାରେ ଜିଲ୍ଲା ମାଜିଷ୍ଟ୍ରେ

ସତ୍ୟାଗ୍ରହୀମାନଙ୍କୁ ବ୍ୟାପକ ଭାବେ ଗିରଫ କରିବା ପାଇଁ ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟଙ୍କୁ ଆଦେଶ ଦେବା ଫଳରେ ସମଗ୍ର ଜିଲ୍ଲାରେ ହଜାର ହଜାର ସତ୍ୟାଗ୍ରହୀ ଗିରଫ ହେଲେ । ଜୁନ୍ ମାସର ପ୍ରଥମ ଭାଗରେ ପାରଳା-ଖେମୁଣ୍ଡି ଜମିଦାରୀ ଅନ୍ତର୍ଗତ ଦୁର୍ଗତମ୍ପାରା ନାମକ ଗ୍ରାମର କାର୍ଯୀ ଓ ଜଣେ ଦୁଇ ଗ୍ରାମ ସରକାରୀ କର୍ମଚାରୀ ଆଇନ୍ ଅମାନ୍ୟ ଆନ୍ଦୋଳନର ବାର୍ତ୍ତା ଗ୍ରାମବାସୀମାନଙ୍କ ମଧ୍ୟରେ ପ୍ରଚାର କଲେ । ଫଳରେ ସେମାନଙ୍କୁ ଗିରଫ କରାଗଲା ଏବଂ ବିଚାର ପରେ ଜେଲ୍ ଦଣ୍ଡିତ କରାଗଲା । ଭାରତୀୟ ପିଙ୍ଗଳ ଆଇନ୍‌ର ଧାରା ୧୪୪ ଓ ୧୦୩ର ପ୍ରୟୋଗରେ ସତ୍ୟାଗ୍ରହୀମାନଙ୍କୁ ଗିରଫ କରି ବିଚାର ପରେ ଜେଲ୍‌ଦଣ୍ଡ ଦିଆଗଲା ।

୧୯୩୦ର ମଧ୍ୟ ଭାଗରେ ବ୍ରହ୍ମପୁରରେ ଶ୍ରୀମତୀ କେ.ଭି. ନାରାୟଣାଙ୍କର ନେତୃତ୍ୱରେ କେତେଜଣ ମହିଳା ସତ୍ୟାଗ୍ରହୀ ମଦ ବିକ୍ରୟ ଦୋକାନ ସମ୍ମୁଖରେ ପିକେଟିଂ କଲେ । ଶ୍ରୀମତୀ ନାରାୟଣାଙ୍କୁ ଗିରଫ କରି ନିଆଗଲା । ଫଳରେ ମହିଳାଙ୍କର ପିକେଟିଂ ସାମୟିକ ଭାବେ ବନ୍ଦ ରହିଲା । ମେ ୨୦ରେ ସରକାର ବିରୋଧୀ ସ୍ଲୋଗାନ ଦେଇ ଓ ଦେଶାତ୍ମବୋଧ ଗୀତ ଗାଇ ମହିଳାମାନଙ୍କର ଏକ ଆକର୍ଷଣୀୟ ପଟୁଆର ସହରର ମୁଖ୍ୟ ରାସ୍ତାମାନ ପରିକ୍ରମା କରି ଶେଷରେ ଏକ ସଭାରେ ସମସ୍ତେ ଏକତ୍ରିତ ହୋଇଥିଲେ । ପରବର୍ତ୍ତୀ ଦିନ ଜିଲ୍ଲା ସୁପରିଟେଣ୍ଡେଣ୍ଟ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଏକ ରିଜର୍ଭ ପୋଲିସ୍ ବାହିନୀ ସହ ଜନସାଧାରଣଙ୍କ ମଧ୍ୟରେ ଭୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ବ୍ରହ୍ମପୁର ସହର ପରିକ୍ରମା କଲେ । ସହରର ସବ୍‌ମାଜିଷ୍ଟ୍ରେଟ୍ ଭାରତୀୟ ପିଙ୍ଗଳ ଆଇନ୍‌ର ୧୪୪ ଧାରା ଅନୁଯାୟୀ ସହରରେ ଆଇନ୍ ଅମାନ୍ୟ ସଂକ୍ରାନ୍ତ ସଭା ଓ ସମିତିର ଆୟୋଜନ ଓ ଅନୁଷ୍ଠାନକୁ ବେଆଇନ୍ ଘୋଷଣା କଲେ । ତଥାପି ଏହି ଘୋଷଣା ଅମାନ୍ୟ କରି ସହରର ସତ୍ୟାଗ୍ରହୀମାନେ ଏକ ସାଧାରଣ ସଭାର ଆୟୋଜନ କଲେ । ତତ୍‌କ୍ଷଣାତ୍ ସେମାନଙ୍କୁ ଗିରଫ କରାଗଲା ଏବଂ ଉପସ୍ଥିତ ଜନସାଧାରଣଙ୍କୁ ପୋଲିସ୍ ସଭା ସ୍ଥାନରୁ ଘଉଡ଼ାଇ ଦେଲେ । ଜିଲ୍ଲା ମାଜିଷ୍ଟ୍ରେଟ୍ ମିଃ. ଟି. ଅଷ୍ଟିନ୍ ତାଙ୍କର ଗୁପ୍ତ ଦଲିଲ୍‌ରେ ସେତେବେଳେ ଲେଖିଥିଲେ—"ସହରର ଗୁଣ୍ଡା ଉପଦ୍ରବକୁ ରୋକିବା ପାଇଁ 'ଆଶା' ର ସଂପାଦକ ଶ୍ରୀ ଶଶିଭୂଷଣ ରଥ (ଶ୍ରୀ ଏସ୍. ବି. ରଥ) ଏବଂ ପୂର୍ବତନ ଏମ୍. ଏଲ୍. ସି ଶ୍ରୀ ବିଶ୍ୱନାଥ ଦାଶଙ୍କୁ ଗିରଫ କରାଗଲା । କାରଣ ସେମାନେ ହିଁ ବିଶୃଙ୍ଖଳାକୁ ଉସ୍‌କାଉଥିଲେ ଏବଂ ଓଡ଼ିଆମାନଙ୍କ ଉପରେ ସେମାନଙ୍କର ବିଶେଷ ପ୍ରଭାବ ଥିଲା । ଇଂରେଜୀରେ ଲେଖା ଥିଲା, " "As there was some fhing of rowdy elements causing trouble, Mr. Sashi Bhusan Rath (Popularly Known as S. B. Rath) Editor of Asha and Mr. Biswanath Das, Ex M. L. C. Were arrested, these undoubtedly been stirring up trouble behind the scene and they had great influence among the Oriyas" ଶଶିଭୂଷଣ ରଥ ଓ ବିଶ୍ୱନାଥ ଦାଶ ଓଡ଼ିଆ ମାନଙ୍କର ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିବା ସଙ୍ଗେସଙ୍ଗେ ସେମାନେ ମଧ୍ୟ ଜିଲ୍ଲାର ଆଇନ୍ ଅମାନ୍ୟ ଆନ୍ଦୋଳନର ପୁରୋଭାଗରେ ଥିଲେ । ଏହି ଦୁଇ ନେତାଙ୍କର ଗିରଫର ପ୍ରତିବାଦ କରି ସହରର ବିଭିନ୍ନ ସ୍ଥାନରେ ପିକେଟିଂ ହେଲା । ସେଥିରେ ମହିଳାମାନେ ଅଂଶ ଗ୍ରହଣ କରିଥିଲେ । କିନ୍ତୁ ଜିଲ୍ଲା କର୍ତ୍ତୃପକ୍ଷ ଦୃଢ଼ ହସ୍ତରେ ସେଗୁଡ଼ିକୁ ଦମନ କଲେ । ଫଳରେ ଜୁନ୍‌ମାସ ଶେଷ ସୁଦ୍ଧା ସହରରେ ଏକ ପ୍ରକାର ଶାନ୍ତି ପ୍ରତିଷ୍ଠିତ ହେଲା ।

ସହରର ବାହାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜାତୀୟ ଆନ୍ଦୋଳନ ଅବ୍ୟାହତ ରହିଲା । ଘୁମୁସର ଓ ଆସ୍କା ତାଲୁକାର ବିଭିନ୍ନ ଗ୍ରାମରେ ଖଜୁରୀ ଗଛ କଟା ଆନ୍ଦୋଳନ ଚାଲିଲା । ସେହି ଗଛଗୁଡ଼ିକୁ ମଦ ପ୍ରସ୍ତୁତ ପାଇଁ ସରକାର ନିଲାମରେ ଦେଉଥିଲେ । ଯେଉଁ ଯେଉଁ ଗ୍ରାମରେ ଏହିଭଳି ଗଛକଟା ଯାଉଥିଲା, ସେହି ଗ୍ରାମ ମାନଙ୍କର ଗ୍ରାମ ଅଫିସରମାନଙ୍କୁ କାର୍ଯ୍ୟରୁ ବରଖାସ୍ତ କରଯାଇ ଜେଲ୍ ଦଣ୍ଡରେ ଦଣ୍ଡିତ କରାଗଲା । ଏଭଳି ଛଅଟି ଘଟଣା ସରକାରୀ ଦଲିଲ୍‌ରେ ଦେଖିବାକୁ ମିଳେ । ଏଭଳି ଏକ ମକଦ୍ଦମା ପାରଳାଖେମୁଣ୍ଡି ତାଲୁକାରେ ମଧ୍ୟ ଦାୟର ହୋଇଥିଲା । ଆଇନ ଅମାନ୍ୟ ଆନ୍ଦୋଳନକୁ ପ୍ରତିହିତ କରିବା ପାଇଁ ସରକାରଙ୍କର ରେଭିନ୍ୟୁ ଅଫିସରମାନେ ପ୍ରଚାର ପତ୍ର ବଣ୍ଟନ କଲେ । ସତ୍ୟାଗ୍ରହୀମାନଙ୍କୁ ଦୃଢ଼ ହସ୍ତରେ ଦମନ କଲେ । ତଥାପି ଆନ୍ଦୋଳନର ବହ୍ନି ଅପ୍ରଶମିତ ରହିଲା । ଜିଲ୍ଲାରେ ପ୍ରକାଶିତ ସମ୍ବାଦ, ପତ୍ର ପତ୍ରିକାରେ ସରକାର ବିରୋଧୀ ସ୍ୱର ଅତ୍ୟଧିକ କଟୁ ଓ ତୀବ୍ର ହେଲା । ସେହି ସ୍ୱରକୁ ' Objectionable ' ଅବା 'ଆପତ୍ତିଜନକ' ବୋଲି କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ଆଦେଶରେ 'କଳିଙ୍ଗ' ପତ୍ରିକାର ସିକ୍ୟୁରିଟି ଡିପୋଜିଟ୍‌କୁ ବାଜ୍ୟାପ୍ତ କରାଗଲା । ତା'ର ସଂପାଦକ ଓ ପ୍ରକାଶକ ଦୁହିଁଙ୍କୁ ଗିରଫ କରାଗଲା । ଫଳରେ ପତ୍ରିକାଟିର ଅକାଳ ବିୟୋଗ ଘଟିଲା । 'ଭାରତୀ' ନାମକ ଅନ୍ୟ ଏକ ପତ୍ରିକାରେ ଏକ ଆପତ୍ତିଜନକ ଲେଖା ପ୍ରକାଶ ହୋଇଥିବାରୁ ତାର ସିକ୍ୟୁରିଟି ଡିପୋଜିଟ୍‌କୁ ବାଜ୍ୟାପ୍ତ କରାଗଲା । କିନ୍ତୁ ଆଇନ୍ ଅମାନ୍ୟ ଆନ୍ଦୋଳନକୁ ବିରୋଧକରି ଜିଲ୍ଲାର କେତେକ ଜମିଦାରଙ୍କର ସାହାଯ୍ୟରେ ଓ ବ୍ରହ୍ମପୁର ଓକିଲ ବି. ଏସ୍. ରଥଙ୍କର ସଂପାଦକତ୍ୱ ଓ ତତ୍ତ୍ୱାବଧାନରେ "ପ୍ରଜାବନ୍ଧୁ" ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶିତ ହେଲା । ଏହି ପତ୍ରିକାକୁ ସରକାର ବହୁଳ ଭାବେ ପୃଷ୍ଠପୋଷକତା କଲେ ।

ଯଦିଓ କିଛିଦିନ ପାଇଁ ଆନ୍ଦୋଳନ ଦବିଗଲା, ତଥାପି ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ଭାଷାରେ—ଜିଲ୍ଲା ବାର କାଉନ୍‌ସିଲ୍ ଅବା ଓକିଲ ସଂଘର କଣେସଦସ୍ୟଙ୍କର ନେତୃତ୍ୱରେ ସମଗ୍ର ଜିଲ୍ଲାରେ କାର୍ଯ୍ୟ ଚାଲିଥିଲା ।

୧୯୩୧ ସାଲ ଜାନୁଆରୀ ମାସରେ ଅଧିକାଂଶ ସତ୍ୟାଗ୍ରହୀ ଓ କତିପୟ ନେତା କାରାମୁକ୍ତ ହେଲେ । ଜେଲ୍‌ରୁ ଫେରିବା ପରେ ସେମାନେ ଜାତୀୟ କଂଗ୍ରେସର ନେତୃତ୍ୱରେ ଜିଲ୍ଲାରେ ରାଜନୈତିକ କାର୍ଯ୍ୟକଳାପରେ ଲିପ୍ତ ରହିବା ପରିବର୍ତ୍ତେ ଖଦଡ଼ ପ୍ରଚାର ଆନ୍ଦୋଳନରେ ନିଜକୁ ନିୟୋଜିତ କଲେ


ଜିଲ୍ଲା ଆଇନ୍ ଅମାନ୍ୟ ଆନ୍ଦୋଳନରେ ପ୍ରାଣକେନ୍ଦ୍ର ଥିଲା ବ୍ରହ୍ମପୁର ସହର । ବ୍ରହ୍ମପୁର ବ୍ୟତୀତ, ଜାତୀୟ ଆନ୍ଦୋଳନର ତତ୍‌କାଳୀନ ସକ୍ରିୟ କେନ୍ଦ୍ରମାନ ହେଲା ଟେକ୍‌କାଲୀ, ପାରଳାଖେମୁଣ୍ଡି ଓ ପଲାସା । ଉତ୍ତର ଓଡ଼ିଶାରୁ ବିଶେଷକରି କଟକ ଜିଲ୍ଲାରୁ ଆନ୍ଦୋଳନକାରୀ ନେତାମାନେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବାରମ୍ବାର ଆସି ସ୍ଥାନୀୟ ଜନସାଧାରଣଙ୍କୁ ଜାତୀୟ ଆନ୍ଦୋଳନରେ ଯୋଗ ଦେବା ପାଇଁ ଉଦ୍‌ବୋଧନ ଦେବା ସାଙ୍ଗେ ସାଙ୍ଗେ ଅନୁପ୍ରେରିତ କରୁଥିଲେ

ମହାତ୍ମାଗାନ୍ଧୀଙ୍କର ଆହ୍ୱାନରେ ଆଇନ୍ ଅମାନ୍ୟ ଆନ୍ଦୋଳନର ସକ୍ରିୟ ଅଂଶ ଗ୍ରହଣ କରି ଗଞ୍ଜାମ ଜିଲ୍ଲା ଭାରତୀୟ ଜାତୀୟ ମହାସ୍ରୋତରେ ଯଥାର୍ଥ ଭାବେ ସାମିଲ୍ ହୋଇଥିଲା । ବ୍ରିଟିଶ୍ ଶାସନରୁ ଦେଶ ମାତୃକାକୁ ମୁକ୍ତ କରିବା ପାଇଁ ଭାରତର ଅନ୍ୟାନ୍ୟ ଅଞ୍ଚଳ ଭଳି ୧୯୩୦-୩୧ର ଜାତୀୟ ଆନ୍ଦୋଳନରେ ଗୌରବମୟ ଅଂଶ ଗ୍ରହଣ କରି ଗଞ୍ଜାମ ଜିଲ୍ଲା ସ୍ୱକୀୟ ଐତିହାସିକ ବୈଶିଷ୍ଟ୍ୟ ଓ ସାରବତ୍ତାର ସମ୍ୟକ୍ ପ୍ରମାଣ ଦେଇ ପାରିଛି ।


ଅଧ୍ୟକ୍ଷ, ଖେମୁଣ୍ଡି କଲେଜ, ଦିଗପହଣ୍ଡି, ଗଞ୍ଜାମ ।



ସେହି ପ୍ରକୃତ ଭାରତୀୟ, ଯେ ତା'ର ଦେଶକୁ ବିଭିନ୍ନ ଧର୍ମ ସଂପ୍ରଦାୟର ଏକ ଉଦାର ସମନ୍ୱୟ ଭୂମି ବୋଲି ଗର୍ବ କରେ । ଧର୍ମ ସମ୍ପର୍କରେ ଯାହା ସତ୍ୟ, ଭାଷା ଓ ବିଭିନ୍ନ ଭାଷାଭାଷୀ ରାଜ୍ୟମାନଙ୍କ କ୍ଷେତ୍ରରେ ତାହା ମଧ୍ୟ ସତ୍ୟ ।







## ଚଷାଖଣ୍ଡ

ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ଆବିର୍ଭାବ ପୂର୍ବରୁ ସନ୍ତ୍ରାସବାଦ ଉପରେ ବିଶ୍ୱାସ ରଖି ଯେଉଁ ପ୍ରକାର କାର୍ଯ୍ୟପନ୍ଥା ଅନୁସୃତ ହୋଇଥିଲା, ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଉପରେ ତାହାର ଯଥେଷ୍ଟ ପ୍ରଭାବ ପଡ଼ିଥିଲା ଓ ବଙ୍ଗଳାର ବିପ୍ଳବୀମାନଙ୍କୁ ଏହି ଜିଲ୍ଲା ଆଶ୍ରୟ ଦେଇଥିଲା । କପ୍ତିପଦା ଜଙ୍ଗଲ ଅଞ୍ଚଳରେ ବାଘା ଯତିନ୍ ନାମରେ ଖ୍ୟାତ ଯତୀନ୍ଦ୍ରନାଥ ମୁଖାର୍ଜୀ ଓ ତାଙ୍କର ସହକର୍ମୀଗଣ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଇଂରେଜମାନଙ୍କ ବିରୁଦ୍ଧରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପର ସୂତ୍ରପାତ କରିଥିଲେ । ଇଂରେଜମାନଙ୍କ କବଳରୁ ବାଲେଶ୍ୱରକୁ ମୁକ୍ତ କରିବା ପାଇଁ ଯତିନ୍ଦ୍ରନାଥ ମୁଖାର୍ଜୀ ୧୯୧୫ ମସିହା ସେପ୍ଟେମ୍ବର ମାସରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ସେତେବେଳେ "ମାଭେରିକ୍" ନାମକ ଏକ ଅସ୍ତ୍ରଶସ୍ତ୍ର ବୋଝେଇ ଜର୍ମାନ୍ ଜାହାଜ ବାଲେଶ୍ୱର ସମୁଦ୍ର କୂଳରେ ଏକ ନିର୍ଜନ ସ୍ଥାନରେ ପହଞ୍ଚିବାର ଯୋଜନା ଥିଲା ଏବଂ ଏହି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ବିପ୍ଳବୀମାନେ ଇଂରେଜ ବିରୁଦ୍ଧରେ ଲଢ଼େଇ କରିବା ପାଇଁ ଯୋଜନା କରିଥିଲେ । କିନ୍ତୁ ଇଂରେଜ ସରକାର ଜର୍ମାନ୍ ଜାହାଜ ତଥା କପ୍ତିପଦା ଜଙ୍ଗଲରେ ବିପ୍ଳବୀମାନଙ୍କ ଗୁପ୍ତ ଆଶ୍ରୟସ୍ଥଳ ସଂପର୍କରେ ଖବର ପାଇ ଯାଇଥିଲେ ।

ଇଂରେଜ ସରକାରଙ୍କର ଏକ ସଶସ୍ତ୍ର ବାହିନୀ ବାଘା ଯତୀନ୍ ଓ ତାଙ୍କ ସହଯୋଗୀମାନଙ୍କର ଅନୁଧାବନ କରିଥିଲେ । ୧୯୧୫ ମସିହା ସେପ୍ଟେମ୍ବର ୯ ତାରିଖ ଦିନ ବାଲେଶ୍ୱର ନିକଟସ୍ଥ ଚଷାଖଣ୍ଡଠାରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢେଇ ହେଲା । ବ୍ରିଟିଶ୍ ଫୌଜ ତୁଳନାରେ ବିପ୍ଳବୀମାନଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲେ ମଧ୍ୟ ଦୃଢ଼ମନା ବିପ୍ଳବୀ ବାଘା ଯତୀନ୍ ଓ ତାଙ୍କର ସହଯୋଗୀମାନେ ଇଂରେଜ ଗୁଳିକୁ ସାହସର ସହିତ ମୁକାବିଲା କଲେ । ବାଘା ଯତୀନ୍ ଗୁରୁତର ଭାବରେ ଆହତ ହୋଇ ଇଂରେଜ ସୈନ୍ୟଙ୍କ ହାତରେ ଧରା ପଡ଼ିଥିଲେ । ବ୍ରିଟିଶ୍ ସରକାରଙ୍କ ଅଧୀନରେ ଅପମାନ ଅପେକ୍ଷା ମୃତ୍ୟୁକୁ ଶ୍ରେୟସ୍କର ମନେକରି ବାଘା ଯତୀନ୍ ନିଜେ ନିଜର ଆଘାତପ୍ରାପ୍ତ ଅଙ୍ଗରୁ ବନ୍ଧାପଟି ଖୋଲି ଦେଇଥିଲେ ଓ ରକ୍ତସ୍ରାବ ଜନିତ ମୃତ୍ୟୁ ବରଣ କରିଥିଲେ । ତାଙ୍କର ସହଯୋଗୀମାନଙ୍କୁ ପରେ ବାଲେଶ୍ୱର ଜେଲ୍‌ରେ ଫାଶୀଦଣ୍ଡ ଦିଆଯାଇଥିଲା ।

## ଇରମ୍

ଭାରତ ଛାଡ଼ ଆନ୍ଦୋଳନ ସମୟ ମଧ୍ୟରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସୁଦୂର ପଲ୍ଲୀ ଅଞ୍ଚଳ ଇରମ୍‌ଠାରେ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ଦିନ ସେହି ଆନ୍ଦୋଳନ କାଳର ବୃହତ୍ତମ ଗଣହତ୍ୟା ଘଟଣା ଘଟିଥିଲା । ସେଠାରେ ପ୍ରାୟ ଦଶ ହଜାର ଲୋକ ସେଦିନ ଅପରାହ୍ନରେ ଏକତ୍ରିତ ହୋଇ ଶପଥ ନେଲେ "ଆମେ ମରିବୁ ପଛେ ଡରିବୁ ନାହିଁ" । ପୁଲିସ ଗୁଳିରେ ଜଣେ ମହିଳାଙ୍କ ସମେତ ୨୮ ଜଣ ଲୋକ ସେଦିନ ମୃତ୍ୟୁ ବରଣ କଲେ, ୫୬ ଜଣ ଗୁଳିବିଦ୍ଧ ହୋଇ ଗୁରୁତର ଭାବରେ ଆହତ ହେଲେ ଏବଂ ଅନ୍ୟ ଜଣେ ଆହତ ବ୍ୟକ୍ତିଙ୍କର ପରେ ମୃତ୍ୟୁ ହେଲା । ପୁଲିସର ନିର୍ଦୟ ପ୍ରହାର ଫଳରେ ଅନ୍ୟାନ୍ୟ ପ୍ରାୟ ଶହେ ଜଣ ଆହତ ହେଲେ । ପୁଲିସ୍ ବାହିନୀ ୩୦୪ ରାଉଣ୍ଡ ଗୁଳି ଚଳାଇଥିଲେ ଏବଂ ସଂଧ୍ୟାବେଳକୁ ଗୋଳାବାରୁଦ ଶେଷ ହେବାପରେ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଇରମ୍ ଥିଲା ଗ୍ରାମାଞ୍ଚଳ ଲୋକମାନଙ୍କର ସ୍ୱାଧୀନତା ପ୍ରାପ୍ତିର ଆକାଂକ୍ଷା ପୂରଣ ପାଇଁ ନେତୃତ୍ୱ ବିହୀନ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନର ବାସ୍ତବ ନିଦର୍ଶନ । ସହରଠାରୁ ବହୁ ଦୂରରେ ଓ ନିକଟବର୍ତ୍ତୀ ରେଳ ଷ୍ଟେସନରୁ ପ୍ରାୟ ୩୦ କି.ମି. ଦୂରରେ ଅବସ୍ଥିତ ଇରମ୍ ଥିଲା ଦରିଦ୍ର ଓ ଅବହେଳିତ ଶ୍ରେଣୀର ଲୋକଙ୍କ ବାସସ୍ଥାନ । ଇରମ୍ ଓ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମମାନ ଥିଲା ଅଗମ୍ୟ ଏବଂ ବିଚ୍ଛିନ୍ନ । ସେଠାକାର ୧୯ ବର୍ଗ କି.ମି. ପରିମିତ ୨୬ଟି ଗ୍ରାମର ଅଧିବାସୀମାନେ ୧୯୪୨ ମସିହା ସେପ୍ଟେମ୍ବର ୧୭ ତାରିଖ ଦିନ ଏହି ଅଞ୍ଚଳକୁ "ସ୍ୱାଧୀନ ଅଞ୍ଚଳ" ଭାବେ ଘୋଷଣା କଲେ ଏବଂ ନିଜର "ସରକାର" ଗଠନ କଲେ । ଅଗଷ୍ଟ ବିପ୍ଳବ ସମୟରେ ସମଗ୍ର ଭାରତରେ ଯେଉଁ ଅଳ୍ପ କେତୋଟି ସ୍ଥାନରେ "ଜନତା ସରକାର" ଗଠନ କରାଯାଇଥିଲା, ତା ଭିତରେ ଇରମ୍ ଥିଲା ଅନ୍ୟତମ, କିଛି ସମୟ ପାଇଁ ସେଠାରେ ବ୍ରିଟିଶ୍ ସରକାରଙ୍କ ଚିହ୍ନବର୍ଣ୍ଣ ନଥିଲା । ଶେଷରେ ବ୍ରିଟିଶ୍ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ ଏବଂ ଏହାର ପରିଣାମ ଥିଲା ଇରମ୍ ଗଣହତ୍ୟା । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଯେ ଯେତେବେଳେ ପୁଲିସ୍ ସମବେତ ଜନତା ଉପରେ ଆକ୍ରମଣ କଲେ, ସେତେବେଳେ ସେମାନେ ପଛଘୁଞ୍ଚା ଦେବା ପରିବର୍ତ୍ତେ "ମହାତ୍ମା ଗାନ୍ଧୀ କି ଜୟ", "ଆମେ ମରିବୁ ପଛେ ଡରିବୁ ନାହିଁ" ଇତ୍ୟାଦି ଧ୍ୱନିଦେଇ

ମୃତ୍ୟୁବରଣ କଲେ ଓ କ୍ଷତ ବିକ୍ଷତ ହେଲେ । ଗାନ୍ଧିଜୀ ଗିରଫ ହେବା ପୂର୍ବରୁ ଅନ୍ତିମ ଆହ୍ୱାନ ଦେଇଥିଲେ ଯେ ''ସ୍ୱାଧୀନତା, ଗରିବ ଓ ଦୁର୍ବଳମାନଙ୍କ ପାଇଁ ନୁହେଁ'' । ଏହି ଆହ୍ୱାନର ବାସ୍ତବ ରୂପାୟନ କରିଥିଲେ ଇରମ୍ ବାସୀ ।

ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡକୁ ବାଦ ଦେଲେ, ଇରମ୍ ଭଳି ଗୋଟିଏ ସ୍ଥାନରେ ଏବଂ ଏକକ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିବା ସମଗ୍ର ସ୍ୱାଧୀନତା ସଂଗ୍ରାମର ଇତିହାସରେ ବିରଳ ।

## ଇଞ୍ଚୁଡ଼ି

ମହାତ୍ମାଗାନ୍ଧୀ ଯେତେବେଳେ ସାବରମତି ଆଶ୍ରମରୁ ଗୁଜୁରାଟର ଦାଣ୍ଡି ସମୁଦ୍ର କୂଳ ପର୍ଯ୍ୟନ୍ତ ତାଙ୍କର ମହାନ୍ ଐତିହାସିକ ପଦଯାତ୍ରା ଆରମ୍ଭ କରି ଲବଣ ଆଇନ୍ ଅମାନ୍ୟ କରିବାକୁ ନିର୍ଦ୍ଦେଶ ଦେଲେ, ଓଡ଼ିଶାର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ସେତେବେଳେ ତାହାର ପ୍ରଭୂତ ପ୍ରଭାବ ପଡ଼ିଲା । ବହୁ ସ୍ଥାନରେ ଲୋକମାନେ ଲବଣ ଆଇନ ଭଙ୍ଗ କଲେ ଓ ସମୁଦ୍ର ପାଣିରୁ ଲୁଣ ମାରିଲେ । ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳର ଏକ କ୍ଷୁଦ୍ର ଗ୍ରାମ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର କେନ୍ଦ୍ର ବିନ୍ଦୁ ହେଲା । ଗାନ୍ଧିଜୀଙ୍କର ଦାଣ୍ଡି ପଦଯାତ୍ରାକୁ ଅନୁସରଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଂଗ୍ରେସ କର୍ମୀମାନେ ଇଞ୍ଚୁଡ଼ିକୁ ତୀର୍ଥଯାତ୍ରା କଲେ । ପୁଲିସ୍‌ର ସତର୍କତା ଏବଂ ବାଟରେ ଗୋପବନ୍ଧୁ ଚୌଧୁରୀଙ୍କ ପରି ଅନେକ ବିଶିଷ୍ଟ ନେତାମାନଙ୍କ ଗିରଫ ସତ୍ତ୍ୱେ ପଦଯାତ୍ରୀମାନେ ବହୁ ପଥ ଅତିକ୍ରମ କରି ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୧୯୩୦ ମସିହା ଅପ୍ରେଲ ୧୨ ତାରିଖରେ ଇଞ୍ଚୁଡ଼ିଠାରେ ପହଞ୍ଚିଲେ । ତା'ପରଦିନ କର୍ମୀମାନେ ଆଇନ୍ ଅମାନ୍ୟ କରି ଲୁଣ ମାରିବା ଆରମ୍ଭ କଲେ । ପୁଲିସ୍ ପ୍ରଥମ ସ୍ୱେଚ୍ଛାସେବୀ ଦଳ ଓ ସେମାନଙ୍କର ନେତାମାନଙ୍କୁ ଗିରଫ କଲେ । ମାତ୍ର ତା' ପରଦିନମାନଙ୍କରେ କଟକ, ପୁରୀ, ଗଞ୍ଜାମ, ସମ୍ବଲପୁର, ମୟୂରଭଞ୍ଜ ଅବଂ ଅନ୍ୟାନ୍ୟ ସ୍ଥାନରୁ ଦଳ ଦଳ ଲୋକ ଆସି ଇଞ୍ଚୁଡ଼ିରେ ପହଞ୍ଚିଲେ ଏବଂ ସ୍ଥାନୀୟ ଶହ ଶହ ଲୋକମାନଙ୍କ ସହଯୋଗରେ ଅନେକ ଦିନ ଧରି ଲବଣ ଆଇନ ଅମାନ୍ୟ ଆନ୍ଦୋଳନ ଚାଲୁ ରଖିଲେ । ଏପରିକି ଗୁଜୁରାଟରୁ ଏକ ସତ୍ୟାଗ୍ରହୀ ଦଳ ଏପ୍ରିଲ ମାସ ଶେଷ ବେଳକୁ ଏ ସ୍ଥାନରେ ଆସି ପହଞ୍ଚିଲେ । ବହୁ ସଂଖ୍ୟକ କର୍ମୀ ଗିରଫ ହେଲେ । ମାତ୍ର ଇଞ୍ଚୁଡ଼ିରେ ଏ ଆନ୍ଦୋଳନ ବହୁ ଦିନ ଧରି ଚାଲିଥିଲା । ଓଡ଼ିଶାର ଅନ୍ୟ ଉପକୂଳବର୍ତ୍ତୀଅଞ୍ଚଳ ପାଇଁ ଇଞ୍ଚୁଡ଼ି ଏକ ପ୍ରେରଣାର ଉତ୍ସ ଥିଲା ଏବଂ ଏହି ଆନ୍ଦୋଳନରେ ଭାଗ ନେଇ ବହୁ କର୍ମୀ ତଥା ବିଶିଷ୍ଟ କଂଗ୍ରେସ ନେତାମାନେ ଗିରଫ ହୋଇଥିଲେ ।

ଜନସାଧାରଣଙ୍କ ସ୍ୱତଃସ୍ଫୂର୍ତ୍ତ ଉତ୍ସାହ, ଗିରଫ ହୋଇଥିବା ଲୋକଙ୍କ ସଂଖ୍ୟା ଓ ସଂଗ୍ରାମୀମାନଙ୍କ ଉପରେ ଅତ୍ୟାଚାର ଦୃଷ୍ଟିରୁ ଇଞ୍ଚୁଡ଼ି ସମଗ୍ର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ଗୌରବମୟ ସ୍ଥାନ ହାସଲ କରିଛି । ଲବଣ ସତ୍ୟାଗ୍ରହର ମୂଳପୀଠ ଦାଣ୍ଡିକୁ ବାଦ୍ ଦେଲେ, ଇଞ୍ଚୁଡ଼ିର ସ୍ଥାନ ଅଦ୍ୱିତୀୟ ।

## ପାପଡାହାଣ୍ଡି ଏବଂ ବ୍ରହ୍ମପୁର କେନ୍ଦ୍ର ଜେଲ୍

ଭାରତଛାଡ ଆନ୍ଦୋଳନର ପ୍ରାରମ୍ଭରେ ମହାତ୍ମା ଗାନ୍ଧୀ ସଂଗ୍ରାମ ପାଇଁ ଯେଉଁ ଆହ୍ୱାନ ଦେଇଥିଲେ, ତାହା ଓଡ଼ିଶାର କୋରାପୁଟ ଜିଲ୍ଲାର ସୁଦୂର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ପହଞ୍ଚିଥିଲା । ସେଠାରେ ଲକ୍ଷ୍ମଣ ନାୟକ ବହୁବର୍ଷ ପୂର୍ବରୁ ଆଦିବାସୀମାନଙ୍କୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରଣା ଦେଉଥିଲେ । ଆଦିବାସୀମାନଙ୍କୁ ଭାରତଛାଡ ଆନ୍ଦୋଳନରେ ସଙ୍କଳ୍ପବଦ୍ଧ ଭାବରେ ସାମିଲ ହେବା ପାଇଁ ସେ ପ୍ରବର୍ତ୍ତାଇଲେ । ହାତରେ କଂଗ୍ରେସ ପତାକା ଏବଂ ଲାଠି ଧରି ପାର୍ବତ୍ୟ ଅଞ୍ଚଳର ବହୁ ଆଦିବାସୀ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଗହନ ଅରଣ୍ୟ ମଧ୍ୟ ଦେଇ ମାଡ଼ି ଚାଲିଲେ । ବାଟରେ ସେମାନେ ମଦ ଦୋକାନ ଏବଂ ବ୍ରିଟିଶ୍ ଶାସନକୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟାନ୍ୟ ସ୍ଥାନଗୁଡ଼ିକର ଭଙ୍ଗାରୁଜା କଲେ । ଶେଷରେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖରେ ମାଥିଲି ଥାନା ପୋଡ଼ିଦେବା ପାଇଁ ସେଠାରେ ପହଞ୍ଚିଲେ । ଧସ୍ତାଧସ୍ତି ଫଳରେ ଜଣେ ଜଙ୍ଗଲ ରକ୍ଷୀ ସେଠାରେ ମୃତ୍ୟୁବରଣ କଲେ ଓ କେତେକ ସରକାରୀ କର୍ମଚାରୀ ଆହତ ହେଲେ । ସେଥିରେ ଉତ୍କ୍ଷିପ୍ତ ହୋଇ ପୁଲିସ୍ ଗୁଳି ଚଳେଇବାକୁ ଆଦେଶ ଦେଲେ । ପୁଲିସ୍ ଗୁଳିରେ ପାଞ୍ଚ ଜଣ ଲୋକ ମୃତ୍ୟୁବରଣ କଲେ ଏବଂ ବହୁ ଆଦିବାସୀ ଲୋକ କ୍ଷତବିକ୍ଷତ ହେଲେ । ଲକ୍ଷ୍ମଣ ନାୟକ ନିଜେ ମଧ୍ୟ ଆହତ ହେଲେ । ସେଠାରେ ଆଦିବାସୀମାନେ ଯେଉଁ ସ୍ଲୋଗାନ୍ ଦେଇଥିଲେ, ତାହା ଉଲ୍ଲେଖଯୋଗ୍ୟ, ''ଆମେ ସମସ୍ତେ ଯୋଦ୍ଧା, ବ୍ରିଟିଶ୍ ସରକାର ଧ୍ୱଂସ ପାଇଛି, ମହାତ୍ମା ଗାନ୍ଧୀ ହେଉଛନ୍ତି ଆମର ରାଜା, ଏ ଦେଶ ହେଉଛି ଆମର, ଆମେ ସ୍ୱାଧୀନତା ପାଇଛୁ । ମହାତ୍ମା ଗାନ୍ଧୀକି ଜୟ'' । ଭାରତଛାଡ ଆନ୍ଦୋଳନ ସମୟରେ ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ବିପ୍ଳବର ଯେଉଁ ଅଭୂତପୂର୍ବ ବହ୍ନି ପ୍ରଜ୍ୱଳିତ ହୋଇଥିଲା ଏହା ହେଉଛି, ତହିଁର ଏକ ନମୁନା ।

ଆହତ ଲକ୍ଷ୍ମଣ ନାୟକ ଗିରଫ ହେଲେ । ବିଚାର ପରେ ତାଙ୍କୁ ମୃତ୍ୟୁ ଦଣ୍ଡ ଆଦେଶ ହେଲା ଏବଂ ୧୯୪୩ ମସିହା ଅଗଷ୍ଟ ୨୯ ତାରିଖ ଦିନ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର କେନ୍ଦ୍ର ଜେଲ୍‌ରେ ସେ ଫାଶୀ ପାଇଲେ ।

ମାଥିଲି ହତ୍ୟାକାଣ୍ଡ ଏବଂ ଲକ୍ଷ୍ମଣ ନାୟକଙ୍କ ଗିରଫ କୋରାପୁଟର ଆଦିବାସୀମାନଙ୍କ ମଧ୍ୟରେ ପ୍ରବଳ ଜାଗରଣ ସୃଷ୍ଟି କଲା । ୧୯୪୨ ମସିହା ଅଗଷ୍ଟ ୨୪ ତାରିଖରେ ଏକ ବିଶାଳ ଜନତା ପୁଲିସ୍ ଥାନା ଆଡ଼କୁ ଅଗ୍ରସର ହେଉଥିବା ସମୟରେ ବନ୍ୟାପ୍ଳାବିତ ପାପଡାହାଣ୍ଡି ନଦୀ କୂଳରେ ପୁଲିସ୍ ସେମାନଙ୍କୁ ଅଟକାଇ ଗୁଳି ଚଳାଇଲେ । ସେଥିରେ ପ୍ରାୟ ୧୯ ଜଣ ଲୋକ ପ୍ରାଣ ହରାଇଲେ, ୧୦୦ ଜଣ ଆହତ ହେଲେ ଏବଂ ବହୁ ଲୋକ ବନ୍ୟା ପ୍ଳାବିତ ନଦୀକୁ ଡେଇଁ ପଡ଼ିଲେ । ପୁଲିସ୍ ବହୁ ଆଦିବାସୀଙ୍କୁ ଗିରଫ କଲେ । ସମଗ୍ର ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଆଦିବାସୀମାନଙ୍କର ଏଭଳି ସାହସ ଓ ଚରମ ତ୍ୟାଗର ପଟାନ୍ତର ନାହିଁ । ଏଭଳି ନାରକୀୟ ଗଣହତ୍ୟା କେବଳ ଇରମ୍‌ଠାରେ ହିଁ ସଙ୍ଘଟିତ ହୋଇଥିଲା ।

ନେତା ଲକ୍ଷ୍ମଣ ନାୟକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ସରଳ ଆଦିବାସୀମାନଙ୍କୁ ଅଭୂତପୂର୍ବ ପ୍ରେରଣା ଯୋଗାଇଥିଲା । ବନ୍ଦୀ ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ପ୍ରଭାବ ବ୍ରିଟିଶ୍ ସରକାରଙ୍କୁ ଏଭଳି ଆତଙ୍କିତ କରିଥିଲା ଯେ ସେ ଫାଶୀଦଣ୍ଡ ପାଇବା ଦିନ ସରକାର ସେଠାରେ ଥିବା ଅନ୍ୟ ୪୦୦ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜେଲ୍‌ର ବିଭିନ୍ନ କୋଠରୀରେ ତାଲା ପକାଇ ଆବଦ୍ଧ ରଖିଥିଲେ । ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଏବେ ଯେଉଁମାନେ ଜୀବିତ ଅଛନ୍ତି, ସେମାନେ ସାଭିମାନର ସହ ସ୍ମରଣ କରନ୍ତି, ଫାଶୀ କାଠରେ ଝୁଲି ସାରିଲା ପରେ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ତାଙ୍କର ସେହି ବଜ୍ର ନିନାଦ—''ମହାତ୍ମା ଗାନ୍ଧୀ କି ଜୟ' ।

## କାଇପଡ଼ା ଓ କଲାମାଟିଆ

ଭାରତଛାଡ ଆନ୍ଦୋଳନର ବହ୍ନି ଓଡ଼ିଶାରେ ପ୍ରଜ୍ୱଳିତ ହେଉଥିବାବେଳେ କଟକ ଜିଲାର ଢ଼ଙ୍ଗୀ ନିକଟବର୍ତ୍ତୀ କାଇପଡ଼ା ଓ କାଳିମାଟିଆ ଅଞ୍ଚଳର ସାଧାରଣ ଜନତା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଚରମ ତ୍ୟାଗ ସ୍ୱୀକାର କରିଥିଲେ । ୧୯୧୪୨ ଅଗଷ୍ଟ ୧୭ରେ କାଇପଡ଼ାର ଜନସାଧାରଣ ଗୋଟିଏ ଡାକଘର ପୋଡ଼ି ଦେଇଥିବାରୁ ବ୍ରିଟିଶ୍ କର୍ତ୍ତୃପକ୍ଷ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଲେ । ଅଗଷ୍ଟ ୨୬ ତାରିଖରେ ପୁଲିସ୍ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଏକ ପୁଲିସ୍ ଦଳ ବ୍ରାହ୍ମଣୀ ନଦୀ ଘାଟର କାଇପଡ଼ା ପଟେ ସମବେତ ହଜାର ହଜାର ଜନସାଧାରଣଙ୍କ ମଧ୍ୟରୁ ୧୧ ଜଣକୁ ଗିରଫ କଲେ । ଗିରଫ ହୋଇଥିବା ଲୋକମାନଙ୍କୁ ଯାଜପୁର ନିଆଯାଉଥିବା ବେଳେ କଳାମାଟିଆଠାରେ ପ୍ରାୟ ୩ ହଜାର ଲୋକ

ପୁଲିସ୍‌କୁ ଘେରିଯାଇ ଗିରଫ ହୋଇଥିବା ଲୋକଙ୍କ ମୁକ୍ତି ପାଇଁ ଦାବୀ କଲେ । ପୁଲିସ୍ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଏହି ଜନତାକୁ ଘଉଡ଼ାଇବା ପାଇଁ ଗିରଲ୍‌ଭର ଫୁଟାଇବା ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହେଲା । ଏହି ଘଟଣା ସମବେତ ଜନତାଙ୍କୁ ଅଧିକତର ଉତ୍ୟକ୍ତ କରାଇଲା । ସେମାନଙ୍କୁ ଦମନ କରିବା ପାଇଁ ପୁଲିସ୍ ଏକୋଇଶ ରାଉଣ୍ଡ ଗୁଳି ଚଳାଇଥିଲେ । ଗୁଳିକାଣ୍ଡରେ ପାଞ୍ଚ ଜଣ ମୃତ୍ୟୁବରଣ କରିଥିଲେ ଏବଂ ୨୫ ଜଣ ଆହତ ହୋଇଥିଲେ ।

ଜଳାମାଟିଆ ହତ୍ୟାକାଣ୍ଡରେ ସହିଦ ହୋଇଥିବା ବ୍ୟକ୍ତିମାନେ ଥିଲେ ଦୁଃସ୍ଥ ଜନତାର ପ୍ରତିନିଧି । ସେମାନଙ୍କ ସାହସ ଓ ଆତ୍ମୋତ୍ସର୍ଗ ଓଡ଼ିଶାରେ "ଭାରତ ଛାଡ଼" ଆନ୍ଦୋଳନକୁ ଅଧିକତର ପ୍ରୋତ୍ସାହିତ କରିଥିଲା ।

## ବାଜି ରାଉତ (ନୀଳକଣ୍ଠପୁର)

ଓଡ଼ିଶାର ଗଡ଼ଜାତ ଅଞ୍ଚଳର ପ୍ରଜାମଣ୍ଡଳ ଆନ୍ଦୋଳନ ମଧ୍ୟ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ପର୍ଯ୍ୟାୟଭୁକ୍ତ । ଗଡ଼ଜାତ ରାଜ୍ୟଗୁଡ଼ିକର ପ୍ରଜା ଆନ୍ଦୋଳନ ଏକଛତ୍ରବାଦୀ ରାଜାରାଜୁଡ଼ା ଏବଂ ସେମାନଙ୍କର ସାମ୍ରାଜ୍ୟବାଦୀ ପୃଷ୍ଠପୋଷକଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା । ପ୍ରଜାମଣ୍ଡଳ ଆନ୍ଦୋଳନ ପ୍ରକୃତପକ୍ଷେ ଜନସାଧାରଣଙ୍କ ପାଇଁ ଜୀବନ ମରଣର ସଂଘର୍ଷ ଥିଲା, କାରଣ ସେମାନେ ବହୁ ବର୍ଷ ଧରି ଗଡ଼ଜାତ ରାଜାମାନଙ୍କର କୁଶାସନ ଓ ଅମାନୁଷିକ ଅତ୍ୟାଚାର ଦ୍ୱାରା ଉତ୍ପୀଡ଼ିତ ହୋଇଥିଲେ ।

୧୯୩୮ ମସିହା ବେଳକୁ ପ୍ରଜାମଣ୍ଡଳ ଆନ୍ଦୋଳନ ବ୍ୟାପକତର ହେଲା ଏବଂ ଶୋଷଣ ବିରୁଦ୍ଧରେ ପ୍ରତିରୋଧ ଚରମ ପର୍ଯ୍ୟାୟରେ ପହଞ୍ଚିଲା । ଏହି ପ୍ରତିରୋଧର ପ୍ରତୀକ ରୂପେ ଦେଖିବାକୁ ମିଳେ ବାଜି ରାଉତ ନାମକ ୧୨ ବର୍ଷର ଜଣେ ନାବିକ ପରିବାରର ବାଳକଙ୍କୁ, ଯାହାଙ୍କ ସାହସ ଓ ତ୍ୟାଗ ଚିର ସ୍ମରଣୀୟ ରହିଛି ।

୧୯୩୮ ଅକ୍ଟୋବର ୧୦ ତାରିଖ ରାତିରେ ଓଡ଼ିଶାର ଢେଙ୍କାନାଳ ରାଜ୍ୟର ବୈତରଣୀ ନଦୀ କୂଳସ୍ଥ ନୀଳକଣ୍ଠପୁର ଘାଟରେ ପ୍ରଜାମଣ୍ଡଳର ନେତାମାନଙ୍କ ନିର୍ଦ୍ଦେଶରେ ପୁଲିସ୍ ଓ ସେନାବାହିନୀର ଯାତାୟାତ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଦାୟିତ୍ୱ ଥିଲା ବାଜି ରାଉତଙ୍କ ହାତରେ ।

ସେହି ଭୟଙ୍କର ରାତ୍ରିରେ ଯେତେବେଳେ ଦଳେ ପୁଲିସ୍ ଓ ସୈନ୍ୟ ଆସି ତାଙ୍କୁ ନଦୀ ପାର କରିବାକୁ ନିର୍ଦ୍ଦେଶ ଦେଲେ, ସେତେବେଳେ ସେ ଦୃଢ଼ ଭାବରେ ତାହା ପ୍ରତ୍ୟାଖାନ କରିବା ସହ ସେମାନଙ୍କୁ ଜନତାର ଶତ୍ରୁ ବୋଲି ଭର୍ତ୍ସନା କରିଥିଲେ । ଜଣେ ସୈନିକ ତା'ର ବନ୍ଧୁକରେ ପିଲାଟିର ମୁଣ୍ଡକୁ ପ୍ରଚଣ୍ଡ ଆଘାତ କଲା । ଫଳରେ ପିଲାଟିର ମୁଣ୍ଡ ଫାଟିଗଲା । ମାରାତ୍ମକ କ୍ଷତ ସତ୍ତ୍ୱେ ସେ ଉଚ୍ଚ ସ୍ୱରରେ ଚିତ୍କାର କରି ଗ୍ରାମବାସୀଙ୍କୁ ଶତ୍ରୁମାନଙ୍କ ଆଗମନର ସୂଚନା ଦେଇ ପାରିଥିଲେ । ବାଜି ରାଉତ ଢଳି ପଡ଼ିଥିଲେ କିନ୍ତୁ ତାଙ୍କର ଆହ୍ୱାନ ଫଳରେ ଖୁବ୍ ଶୀଘ୍ର ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଘାଟ ପାଖରେ ସମବେତ ହୋଇ ସୈନ୍ୟମାନଙ୍କୁ ଅବରୋଧ କଲେ । ପୁଲିସ୍ ଗୁଳି ଚଳାଇଲେ ଏବଂ ସେହି ଗୁଳି କାଣ୍ଡରେ ୧୮ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କଲେ ।

ଅନ୍ଧକାର ରାତ୍ରରେ ବ୍ରିଟିଶ୍ ଶକ୍ତିକୁ ଏକାକୀ ମୁକାବିଲା କରିବାର ଅଦମ୍ୟ ସାହସ ପ୍ରଦର୍ଶନ ପୂର୍ବକ ସହିଦ ହେବା ଦ୍ୱାରା ବାଳକ ବାଜି ରାଉତ ହୋଇଥିଲେ ସଂଗ୍ରାମ ଯୁଗରେ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ।

## ଖିଣ୍ଡା

ଓଡ଼ିଶାର ପ୍ରସିଦ୍ଧ ଚୌହାନ ବଂଶୀୟ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୧ ତାରିଖରେ ସମ୍ବଲପୁର ଜିଲ୍ଲାର ଖିଣ୍ଡାଠାରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ବିଦ୍ରୋହୀ ନେତା ଥିଲେ ଏବଂ ତାଙ୍କର ବିଦ୍ରୋହାତ୍ମକ କାର୍ଯ୍ୟ ପ୍ରଧାନତଃ ବ୍ରିଟିଶ୍ କୁଶାସନ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା । ରାମପୁରର ଜମିଦାରଙ୍କୁ ହତ୍ୟା ଅଭିଯୋଗରେ ସେ ନିଜର ଭାଇ ଉଦନ୍ତ ସାଏ ଓ ମାମୁଁ ବଳରାମ ସିଂଙ୍କ ସହିତ ୧୮୪୦ ମସିହାରେ ବ୍ରିଟିଶ୍ ସରକାର ଦ୍ୱାରା ଗିରଫ ହେଲେ । ଏହି ତିନି ଜଣଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ହେଲା ଏବଂ ଏମାନେ ହଜାରିବାଗ୍ ଜେଲରେ ରହିଲେ । ଭାରତର ମହାନ୍ ବିପ୍ଳବ ବର୍ଷ ୧୮୫୭ ରେ ସୁରେନ୍ଦ୍ର ସାଏ ହଜାରିବାଗ୍ ଜେଲରୁ ଖସି ଆସିଲେ ଏବଂ ୧୮୬୪ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମ ଜାରି ରଖିଲେ, ଯାହା ବ୍ରିଟିଶ୍ ଶାସନର ମୂଳଦୁଆକୁ ଭୀଷଣ ଭାବରେ ଦୋହଲାଇ ଦେଲା । ସମ୍ବଲପୁର ରାଜଗାଦୀ ପାଇଁ ତାଙ୍କର ନ୍ୟାଯ୍ୟ ଅଧିକାରକୁ ବ୍ରିଟିଶ୍ ସରକାର ଯେତେବେଳେ ପ୍ରତ୍ୟାଖ୍ୟାନ କଲେ ସେତେବେଳେ ସେ ତାଙ୍କ ଗାଁକୁ ଫେରିଯାଇ ଗୁପ୍ତ ଭାବରେ ଏକ ସଶସ୍ତ୍ର ବାହିନୀ ଗଠନ କଲେ ଏବଂ ରାଜ୍ୟରେ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ସହ ମୁକାବିଲା କରିବା ପାଇଁ ଧମକ ଦେଲେ । ଶକ୍ତିଶାଳୀ ବ୍ରିଟିଶ୍ ସୈନ୍ୟ ବାହିନୀ ବିରୁଦ୍ଧରେ ସେ ଗରିଲା ଯୁଦ୍ଧର ଆଶ୍ରୟ ନେଲେ । ୧୮୫୮ ଜାନୁଆରୀ ମାସରେ ତାଙ୍କର ଭାଇ ଛବିଲ ସାଏ ଏବଂ ତାଙ୍କ ଦଳର ଅନ୍ୟ ୫୮ ଜଣ ବ୍ୟକ୍ତି ବ୍ରିଟିଶ୍ ବାହିନୀ ସହିତ ଲଢ଼େଇ କରି ମୃତ୍ୟୁବରଣ କଲା ପରେ ସୁରେନ୍ଦ୍ର ସାଏ ୧୮୬୧ ପର୍ଯ୍ୟନ୍ତ ଆତ୍ମଗୋପନ କଲେ । ଯେତେବେଳେ ଇଂରେଜ ଡେପୁଟି କମିଶନର୍ ମେଜର ଇଂପେ ବିଦ୍ରୋହୀମାନଙ୍କୁ କ୍ଷମା ଦେବାକୁ ଘୋଷଣା କଲେ, ସୁରେନ୍ଦ୍ର ସାଏ ସେତେବେଳେ ୪୦ ଜଣ ଅନୁଗାମୀଙ୍କ ସହିତ ୧୮୬୨ ମସିହା ମେ ମାସରେ ତାଙ୍କୁ ସାକ୍ଷାତ କରି ଖଲାସ ଆଦେଶ ଓ ଭତ୍ତା ପାଇଲେ । ମାତ୍ର ୧୮୬୪ ମସିହା ଜାନୁଆରୀ ମାସରେ ପରବର୍ତ୍ତୀ ଡେପୁଟି କମିଶନରଙ୍କ ଦ୍ୱାରା ସେ ତାଙ୍କର ତିନି ଭାଇ ଉଦନ୍ତ, ଧ୍ରୁବ ଓ ମେଦିନୀଙ୍କ ସହିତ ପୁଣି ଗିରଫ ହେଲେ । ଦେଶଦ୍ରୋହ ଓ ଷଡ଼ଯନ୍ତ୍ର ଅଭିଯୋଗରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା । ସମସ୍ତଙ୍କୁ ଦ୍ୱୀପାନ୍ତର ଆଦେଶ ହେଲା, ମାତ୍ର ସେମାନଙ୍କ ଆବେଦନକ୍ରମେ ଏ ଦଣ୍ଡରୁ ମୁକ୍ତି ମିଳିଥିଲା । ସୁରେନ୍ଦ୍ର ସାଏ, ତାଙ୍କ ତିନି ଭାଇ ଓ ଅନୁଗତମାନଙ୍କ ସହିତ ପୁଣି ଥରେ ବନ୍ଦୀ ହେଲେ ଏବଂ ଅଟକ ରହିଲେ ।

ଭାରତୀୟ ମୁକ୍ତି ବିଦ୍ରୋହର ଶେଷ ଶିଖା ଦେଶର ଅନ୍ୟାନ୍ୟ ଅଞ୍ଚଳରେ ନିର୍ବାପିତ ହେବା ପରେ ମଧ୍ୟ ସୁରେନ୍ଦ୍ର ସାଏ ବ୍ରିଟିଶ୍ ସରକାରଙ୍କ କ୍ଷମାପ୍ରସ୍ତାବ ଅଗ୍ରାହ୍ୟ କରିଥିଲେ ଏବଂ ସାରା ଜୀବନ କାରାଗାରରେ କଟାଇ ୧୮୮୪ ଫେବୃଆରୀ ୨୮ ରେ ଐତିହାସିକ ଅସିରଗଡ଼ ଦୁର୍ଗରେ ଶେଷ ନିଶ୍ୱାସ ତ୍ୟାଗ କରି ସହିଦ ହେଲେ ।

ଲୋକ ପରମ୍ପରା ଅନୁଯାୟୀ ତାଙ୍କର ଶେଷ ଇଚ୍ଛା ଥିଲା ତାଙ୍କ ଶରୀରକୁ ସମ୍ବଲପୁର ଅଣାଯାଇ ମହାନଦୀ କୂଳରେ ତାଙ୍କର ପ୍ରିୟ ଓଡ଼ିଶାବାସୀଙ୍କ ଉପସ୍ଥିତିରେ ସତ୍କାର କରିବାକୁ, ମାତ୍ର ଏହା ହୋଇପାରିଲା ନାହିଁ । ତାଙ୍କ ମର ଶରୀର ଅସିରଗଡ ଦୁର୍ଗ ଭିତରେ ଭସ୍ମୀଭୂତ ହୋଇଗଲା ।

ସୁରେନ୍ଦ୍ର ସାଏ ଯେତେବେଳେ ବିପ୍ଳବର ଧ୍ୱନି ପ୍ରଜ୍ଜ୍ୱଳିତ କଲେ, ସେତେବେଳେ ତାଙ୍କ ସହିତ ସମ୍ବଲପୁରର ଅନ୍ୟ ନେତା ମାଧୋ ସିଂ ଏବଂ ତାଙ୍କର ସାହସୀ ପୁତ୍ର କୁଂଜଳ ସିଂ ଏବଂ ହାତୀ ସିଂ ଦୃଢ଼ ସଙ୍କଳ୍ପର ସହିତ ବ୍ରିଟିଶ୍ ବିରୁଦ୍ଧରେ ସଂଗ୍ରାମ ଚଳେଇଲେ । ଏପରିକି ୧୮୫୭ ମସିହାର ବିଦ୍ରୋହ ପର୍ଯ୍ୟନ୍ତ ମାଧୋ ସିଂ ଏବଂ ତାଙ୍କର ଅନୁଗତମାନେ ଯୁଦ୍ଧ ଜାରି ରଖିଲେ ଏବଂ ୧୮୫୮ରେ ମାଧୋ ସିଂ ଗିରଫ ହୋଇ ଫାଶୀ ପାଇଲେ । ତାଙ୍କର ପୁଅ ହାତୀ ସିଂ ବହୁବର୍ଷ ପର୍ଯ୍ୟନ୍ତ ଏଇ ଦୃଢ଼ ସଂଗ୍ରାମକୁ ଜାରି ରଖିଲେ । ତା'ପରେ ୧୮୬୫ ମସିହାରେ କୁଞ୍ଜଳ ସିଂ ମୃତ୍ୟୁଦଣ୍ଡ ପାଇଲେ ଏବଂ ହାତୀ ସିଂ ଆଣ୍ଡାମାନ୍ ଦ୍ୱୀପକୁ ନିର୍ବାସିତ ହେଲେ । ମାଧୋ ସିଂଙ୍କ ବିଦ୍ରୋହରେ ସର୍ବମୋଟ ପାଞ୍ଚ ଜଣ ବ୍ୟକ୍ତି ସହିଦ ହୋଇଥିଲେ ।

# ଓଡ଼ିଶା ଗଡ଼ଜାତ ଆନ୍ଦୋଳନ ଏବଂ ପଣ୍ଡିତ ଜବାହରଲାଲ ନେହେରୁ

ଡକ୍‌ଟର ପ୍ରସନ୍ନ କୁମାର ମିଶ୍ର

ଓଡ଼ିଶାର ଗଡ଼ଜାତ ଆନ୍ଦୋଳନ ଭାରତ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ବିଶେଷ । ଓଡ଼ିଶା ଇଂରେଜ ଅଧିକୃତ ହେବା ପରେ ପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଗଡ଼ଜାତବାସୀମାନେ ମୁକ୍ତି ସଂଗ୍ରାମ ଚଳାଇ ଆସିଥିଲେ । ଊନବିଂଶ ଶତାବ୍ଦୀରେ ପ୍ରଜାପୀଡ଼କ ଅତ୍ୟାଚାରୀ ତଥା ଏକଛତ୍ରବାଦୀ ରାଜାମାନଙ୍କ ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରି ସଶସ୍ତ୍ର ସଂଗ୍ରାମ ଚଳାଇଥିଲେ । ସେହିପରି ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକରେ ଗଡ଼ଜାତରେ ଅର୍ଥନୈତିକ ମୁକ୍ତି ସଂଗ୍ରାମ ଆରମ୍ଭ ହୋଇଥିଲା । ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେପରେ ଗଡ଼ଜାତବାସୀମାନଙ୍କ ମଧ୍ୟରେ ଏକ ଅପୂର୍ବ ଜାଗରଣ ଆସିଥିଲା । ରାଜନୈତିକ, ଗଣତାନ୍ତ୍ରିକ ସଂଗଠନମାନ ଗଠିତ ହୋଇ ଜାତୀୟ ଓ ପ୍ରାଦେଶିକ ସ୍ତରରେ କଂଗ୍ରେସ ସଂଗଠନର ପ୍ରତ୍ୟକ୍ଷ ବା ପରୋକ୍ଷ ସହାୟତାରେ ମୁକ୍ତି ସଂଗ୍ରାମ ଚାଲିଥିଲା ।

ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ସର୍ବ ଭାରତୀୟ ଗଡ଼ଜାତ ପ୍ରଜାସମ୍ମିଳନୀର ସହବନ୍ଧିତ ଥିଲା । ସେହିହେତୁ ସର୍ବଭାରତୀୟ ସ୍ତରରେ ଯାହା ନୀତି ନିର୍ଦ୍ଧାରଣ ବା ପ୍ରସ୍ତାବ ଗୃହୀତ କରାଯାଉଥିଲା, ତାହା ଓଡ଼ିଶା ଗଡ଼ଜାତରେ ଅନୁସୃତ ହେଉଥିଲା । ୧୯୩୮ ମସିହାଠାରୁ ୧୯୪୭ ମସିହା ଶେଷ ପର୍ଯ୍ୟନ୍ତ ଗଡ଼ଜାତ ଆନ୍ଦୋଳନ ବ୍ୟାପକ ତଥା ତୀବ୍ରତର ହୋଇଥିଲା । ଏହି ଦଶବର୍ଷର ଆନ୍ଦୋଳନ ଢେଙ୍କାନାଳ, ତାଳଚେର, ରଣପୁର, ନୀଳଗିରି ଓ ନୟାଗଡ଼ ଆଦି ଗଡ଼ଜାତମାନଙ୍କରେ ବିଶେଷ ଭାବେ ଅନୁଭୂତ ହୋଇଥିଲା । କାରଣ କେତେକ ଅଧିକାର ଓ ସୁବିଧା ପାଇବା ପାଇଁ ଗଡ଼ଜାତବାସୀମାନେ ଦାବି କରୁଥିବାରୁ ରାଜନ୍ୟବର୍ଗ ଯଥା ସମ୍ଭବ ପୂରଣ କରୁଥିଲେ । ପ୍ରଜାବର୍ଗ-ମାନଙ୍କର ଆଇନ ସଙ୍ଗତ ସଭା ସମିତି କରିଥିବାରେ ଆନ୍ଦୋଳନକୁ ଶାସକ ସମ୍ପ୍ରଦାୟ ସେମାନଙ୍କର ସମସ୍ତ ପ୍ରତିକ୍ରିୟା ଶକ୍ତି ପ୍ରୟୋଗ କରି ଗୁଳି ଚାଳନା, ଲାଠି ପ୍ରହାର, ଲୁଟ ତରାଜ ଏପରିକି ନାରୀଧର୍ଷଣ ପ୍ରଭୃତି ନାରକୀୟ କର୍ମଦ୍ୱାରା ପ୍ରଜା ଆନ୍ଦୋଳନକୁ ଦମନ କରୁଥିଲେ । ଗଡ଼ଜାତ ପ୍ରଜାମାନେ ଏହି ନିର୍ମମ ଉତ୍ପୀଡ଼ନ ସହି ନ ପାରି ନିଜର ଘର ଦ୍ୱାର ଛାଡ଼ି ପଳାତକ ଅବସ୍ଥାରେ ବ୍ରିଟିଶ ଓଡ଼ିଶା ରାଜ୍ୟରେ ଆଶ୍ରୟ ନେଉଥିଲେ । ଏହି ଅଭାବ, ଅଭିଯୋଗ ଓ ଅତ୍ୟାଚାର ମଧ୍ୟରେ ପ୍ରଜା ସାଧାରଣ ସେମାନଙ୍କର ନ୍ୟାଯ୍ୟ ଦାବୀ ପୂରଣ କରିବା ପାଇଁ ଭାରତର ବିଶିଷ୍ଟ ବିଶିଷ୍ଟ ନେତାମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ରାଜେନ୍ଦ୍ର ପ୍ରସାଦ, ପଟ୍ଟାଭି ସିତାରାମାୟା, ପ୍ରଫେସର ରଙ୍ଗା ଇତ୍ୟାଦି ।

ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ପକ୍ଷରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ଶୀଘ୍ର ଓଡ଼ିଶା ଆସି ଗଡ଼ଜାତବାସୀଙ୍କ ଅବସ୍ଥା ଦେଖିବା ପାଇଁ ଅନୁରୋଧ କରାଯାଉଥିଲା । ସୁଖର ବିଷୟ, ଜବାହରଲାଲ ନେହେରୁ ଇଉରୋପ ଗସ୍ତରୁ ଫେରି ୧୯୩୯ ମସିହାରେ ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀର ସ୍ଥାୟୀ ସଭାପତି ରୂପେ ନିଯୁକ୍ତ ହେଲେ । ପଣ୍ଡିତ ନେହେରୁ ବିଭିନ୍ନ ଗଡ଼ଜାତ ରାଜ୍ୟର ଆନ୍ଦୋଳନକୁ ସଙ୍ଗଠିତ ତଥା ସଂଯୋଜିତ କରିବା ପାଇଁ ଏବଂ ଏହି ଆନ୍ଦୋଳନରେ ଭାରତର ଅନ୍ୟ ଅଞ୍ଚଳକୁ ସାମିଲ କରିବା ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କ ମତରେ ଏହି ଗଡ଼ଜାତ ଆନ୍ଦୋଳନ ଇଂରେଜ ବିରୁଦ୍ଧରେ ଏକ ପ୍ରଧାନ ଶକ୍ତିଶାଳୀ ସମସ୍ୟା ହୋଇ ଉଠିବ । ପଣ୍ଡିତ ନେହେରୁ ଗଡ଼ଜାତର ଭବିଷ୍ୟତ ଏବଂ ଗଡ଼ଜାତ ଆନ୍ଦୋଳନର ପରିଣତି ସମ୍ବନ୍ଧରେ ବଡ଼ ଆଶାବାଦୀ ଥିଲେ । ସେ କହିଥିଲେ :—

"....If history and Current events can teach us anything, this is certain that the Indian states system must end. It is an absurdity, a relic of medievalism, an offence to all intelligent Political and social thought immoral and unjust and a challenge to every ideal that We chenish...... It must therefore go, though it is likely to give a lot of trouble before it does."

[National Herald, 18 September 1940]

ପଣ୍ଡିତ ନେହେରୁ ଓଡ଼ିଶା ଗଡ଼ଜାତ ଆନ୍ଦୋଳନ ପ୍ରତି ସର୍ବଦା ସଜାଗ ଓ ସହାନୁଭୂତିଶୀଳ ଥିଲେ । ଏପରିକି ପ୍ରଜା ଆନ୍ଦୋଳନ-କାରୀଙ୍କୁ ସମୟେ ସମୟେ ସେମାନଙ୍କର ପଥଚ୍ୟୁତ କାର୍ଯ୍ୟରୁ ନିବୃତ୍ତ କରାଉଥିଲେ । ୧୯୩୮ ମସିହା ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ନୀଳଗିରି, ଢେଙ୍କାନାଳ ଓ ତାଳଚେରରେ ପ୍ରଜା ଆନ୍ଦୋଳନ ଅତି ସକ୍ରିୟ ଏବଂ ତୀବ୍ରତର ହୋଇଥିଲା । ଏଥିରେ ଅନେକ ଲୋକ ରାଜନ୍ୟବର୍ଗଙ୍କର ଦମନ ମୂଳକ ଅତ୍ୟାଚାରର ଶୀକାର ହୋଇ ଶହୀଦ ପାଲଟିଥିଲେ । ମହାତ୍ମା ଗାନ୍ଧୀ ଏ ସମ୍ବନ୍ଧରେ ଗୋଟିଏ ବିବୃତି ଦେଇ ଗଡ଼ଜାତ ରାଜାଙ୍କୁ ସତର୍କ କରାଇ ଦେଇଥିଲେ । ମହାତ୍ମାଙ୍କ ମତରେ ଗଡ଼ଜାତ ଆନ୍ଦୋଳନର ପ୍ରତିକ୍ରିୟା ବ୍ରିଟିଶ ଭାରତରେ ନିଶ୍ଚୟ ଘଟିବ । ସେଥିପାଇଁ ଗଡ଼ଜାତ ରାଜାମାନଙ୍କୁ ତାଙ୍କ ପ୍ରଜାଙ୍କର ପବିତ୍ର ତତ୍ତ୍ୱାବଧାରକ

ସହରେ ନିଜକୁ ପରିସ୍ଥିତିରେ ଅବସ୍ଥିତ କରିବାକୁ ପରାମର୍ଶ ଦେଇଥିଲେ । ପଣ୍ଡିତ ନେହେରୁ ମଧ୍ୟ ଅନୁରୂପ ସତର୍କବାଣୀ ଶୁଣାଇଥିଲେ ।

୧୯୩୯ ମସିହା ଜାନୁୟାରୀ ମାସ ୫ ତାରିଖରେ ରଣପୁରର ଆନ୍ଦୋଳନକାରୀ ପ୍ରଜା ଉତ୍କ୍ଷିପ୍ତ ହୋଇ ଓଡ଼ିଶା ଗଡ଼ଜାତ ରାଜ୍ୟ ସମୂହର ପଲିଟିକାଲ ଏଜେଣ୍ଟ, ଆର. ଏଲ. ବଜେଲଗେଟଙ୍କୁ ପିଟିପିଟି ମାରିଦେଇଥିଲେ । ଏହି ଘଟଣାଟିକୁ 'ଜଘନ୍ୟ' ବୋଲି ଆଖ୍ୟା ଦିଆଗଲା । କେବଳ ଓଡ଼ିଶାରେ ନାହିଁକି, ସାରା ଭାରତରେ ବଡ଼ବଡ଼ ନେତୃବୃନ୍ଦ ନିନ୍ଦା କରିବା ସଙ୍ଗେସଙ୍ଗେ ଦୁଃଖ ପ୍ରକାଶ କରିଥିଲେ । ଗଡ଼ଜାତ ପ୍ରଜା ଆନ୍ଦୋଳନ ଅହିଂସା ପଥରୁ ବିଚ୍ୟୁତ ହୋଇଯାଉଛି ଦେଖି ପଣ୍ଡିତ ନେହେରୁ ଶୋକ ପ୍ରକାଶ କରି କହିଥିଲେ :—

"ଏପରି କାର୍ଯ୍ୟ କରି ଉଦ୍ଦେଶ୍ୟକୁ ନଷ୍ଟ କରିବା ଏବଂ ନିଜ ଉପରେ ବିପଦ ଆଣିବା ନିର୍ବୋଧତା ଏବଂ ମହା ଅପରାଧ । ରଣପୁର ଜନତା ମେଜର ବଜେଲଗେଟଙ୍କୁ ମାରିଦେବାରେ ମୁଁ ଗଭୀର ଦୁଃଖ ବୋଧ କରୁଛି । ଏହା କରିବାରେ ଯେ କୌଣସି କାରଣ ଥାଉନା କାହିଁକି ଏପରି ହିଂସାତ୍ମକ କାମ ଦ୍ୱାରା ଦେଶୀୟ ରାଜ୍ୟ ପ୍ରଜାଙ୍କର ମୁକ୍ତି ଆନ୍ଦୋଳନକୁ ଆଘାତ ଲାଗିଅଛି" । ମହାତ୍ମା ଗାନ୍ଧୀ ମଧ୍ୟ କହିଥିଲେ, "ପ୍ରକୃତ ଅପରାଧୀ ନିଜର ଦୋଷ ସ୍ୱୀକାର କରି ଶାସ୍ତି ଗ୍ରହଣ କରୁ ।"

ସେହିବର୍ଷ ତାଳଚେରରେ ରାଜାଙ୍କ ଅତ୍ୟାଚାର ସହି ନ ପାରି ହଜାର ହଜାର ପ୍ରଜା ରାଜ୍ୟ ଛାଡ଼ି ନିକଟସ୍ଥ ବ୍ରିଟିଶ ଶାସିତ ଅଞ୍ଚଳ ଅନୁଗୁଳ ଏବଂ ଅନ୍ୟ ଦୂରସ୍ଥାନ ଯଥା – ବାଙ୍କି ଓ ଖୋର୍ଦ୍ଧା ଆଦିକୁ ପଳାଇଗଲେ । ସେହିପରି ଗାଙ୍ଗପୁର ରାଜ୍ୟର ନିରୀହ ଆଦିବାସୀ ପ୍ରଜାଙ୍କୁ ପୋଲିସ ଗୁଳିକରି ଅନ୍ୟୁନ ୮୦ ଜଣଙ୍କୁ ହତାହତ କରିଦେଇଥିଲା । ଏହି ଆଦିବାସୀ ଆନ୍ଦୋଳନର ମୁଖ୍ୟନେତା ନିର୍ମଳ ମୁଣ୍ଡାଙ୍କୁ ସଶ୍ରମ କାରାଦଣ୍ଡ ଦିଆ ଯାଇଥିଲା । ବାସ୍ତବପକ୍ଷେ ଏସବୁ ନାରକୀୟ ଘଟଣା ରଣପୁରର ବଜେଲଗେଟ ହତ୍ୟାକାଣ୍ଡର ପ୍ରତିଶୋଧମୂଳକ ବୋଲି ଧରିନିଆ ହୋଇଥିଲା । ଉକ୍ତ ମର୍ମନ୍ତୁଦ ଦୁଃଖ ଦାୟକ ଦାରୁଣ ଘଟଣାରେ ଭାରତର ବିଭିନ୍ନ ପତ୍ର ପତ୍ରିକା ଯେପରି ସକ୍ରିୟ, ସଚେତନ, ସଂବେଦନଶୀଳ ଏବଂ ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ । ଭାରତର ପ୍ରମୁଖ ନେତାଗଣ ବିଶେଷ ଭାବେ ବ୍ୟଥିତ ହୋଇଥିଲେ । ପଣ୍ଡିତ ଜବାହରଲାଲ ନେହେରୁ ଗୋଟିଏ ବିବୃତିରେ ନିମ୍ନଲିଖିତ ମତବ୍ୟକ୍ତ କରିଥିଲେ :—

"ମହାତ୍ମା ଗାନ୍ଧୀ ଦେଶୀୟ ରାଜ୍ୟରେ ସତ୍ୟାଗ୍ରହ ବନ୍ଦ କରାଇ ରାଜାଙ୍କ ପ୍ରତି ସୁବିଚାର ସଙ୍କେତ ଦେଇଥିଲେ । ରାଜାମାନେ ବୋଧହୁଏ ତାହାକୁ ଦୁର୍ବଳତା ମନେକରି ଅଧିକ ଦମନନୀତି ଚଳାଇ-ଅଛନ୍ତି । କେତେ ହଜାର ପଳାତକ ଅଭୁକ୍ତ ରହୁଛନ୍ତି କିମ୍ବା କେତେ ହଜାର ଅତ୍ୟାଚାରରେ ନିଷ୍ପେଷିତ ହେଉଛନ୍ତି କଥା "ନ ଭାବି ଯେମିତି କିଛି ହୋଇନାହିଁ, ଏପରି ଭାବରେ ରେସିଡେଣ୍ଟ ଏବଂ ପୋଲିଟିକାଲ ଏଜେଣ୍ଟ ଧୀରେ ସ୍ଥିରେ ବସିଛନ୍ତି । ସେମାନେ ବାରମ୍ବାର ଉଦାର ପ୍ରତିଶ୍ରୁତି ଦେଇ ପୁଣି ତାକୁ ନିଜ ମନଇଚ୍ଛା ଅର୍ଥ କରୁଛନ୍ତି । କିନ୍ତୁ ଦୁଃଖର ପାତ୍ର ପୂର୍ଣ୍ଣ ହୋଇସାରିଛି । ଯେଉଁମାନେ ମନେ କରିଅଛନ୍ତି ଯେ ଅବସ୍ଥା ଯେମିତି କି ସେମିତି ଅଛି ଶୀଘ୍ର ସେମାନଙ୍କର ମୋହ ଛୁଟିଯିବ ।"

"ସବୁ ଦେଶୀୟ ରାଜ୍ୟ ମଧ୍ୟରେ ଓଡ଼ିଶାର ରାଜ୍ୟଗୁଡ଼ିକ ସବୁଠାରୁ ବଡ଼ାଣ୍ଡ ଯନ୍ତ୍ରଣା ପାଇଅଛି । ତାଳଚେରର ଚୁକ୍ତିଭଙ୍ଗ ଓ ପଳାତକ ଅଭୁକ୍ତ ପ୍ରଜା, ଗାଙ୍ଗପୁରରେ ଗୁଳିମାଡ଼ରେ ମୃତ୍ୟୁ ଏବଂ ଜଙ୍ଗଲକୁ ବିତାଡ଼ିତ ପ୍ରଜାକଥା ମନେ ପଡ଼େ । ଆଶ୍ଚର୍ଯ୍ୟ କଥା ଯେ, ଏତେ ସବୁ ଘଟିଗଲା, ଅଥଚ ବିହିତ ତଦନ୍ତ ସୁଦ୍ଧା ହେଲନାହିଁ । ମୁଁ ଭାରତର ତିନିଜଣ ପ୍ରସିଦ୍ଧ ବ୍ୟକ୍ତିଦ୍ୱାରା ଗାଙ୍ଗପୁର ତଦନ୍ତ ହେଉବୋଲି କହିଥିଲି ମାତ୍ର । ରାଜ୍ୟରେ ବିଭାଗୀୟ ତଦନ୍ତ ହେଉଛି ବୋଲି ମୋ କଥା ଶୁଣାଗଲା ନାହିଁ । କେହି ଜାଣନ୍ତି ନାହିଁ କଅଣ ଘଟିଛି ଏବଂ ସବୁ ରକମର ଭୀଷଣ କାହାଣୀ ଆସି କାନରେ ପହଞ୍ଚୁଛି । ଏପରି ଅସହ୍ୟ ଅତ୍ୟାଚାର ଏବଂ ବୋଝ କେତେକାଳ ରହିବ ? ଏ ଆମର ଏହି ଅନୁସୂଚିତ ଗରିବ ଭାଇଙ୍କ କଥା କେହି ଭୁଲି ପାରିବ ନାହିଁ । ସାମ୍ରାଜ୍ୟବାଦ ଓ ଜାଗୀରବାଦର ପ୍ରଭୁତ୍ୱ ଦୁହେଁ ଏମାନଙ୍କୁ ନିଷ୍ପେଷଣ କରୁଛନ୍ତି । ଆମେ ସ୍ୱାଧୀନ ନ ହେବା ଯାଏ ସେମାନଙ୍କ ସ୍ୱାଧୀନତା ଅପେକ୍ଷା କରିବ ଏହା କିଏ କହିବ ? ଦେଶୀୟ ରାଜ୍ୟ ପ୍ରଜାଙ୍କୁ ଯେତେବେଳଯାଏ ଗୋଟାଏ ଦାୟିତ୍ୱହୀନ ଉଦ୍ଧତ ଶକ୍ତି ଚାପି ରଖିଥିବ, ସେତେବେଳଯାଏ ଆମର ସ୍ୱାଧୀନତା ନାହିଁ ।"

ପଣ୍ଡିତଜୀଙ୍କର ସ୍ୱାଧୀନତା ପ୍ରତି ଜୀବନ୍ତ ଆଗ୍ରହ, ବିଶେଷକରି ଗଡ଼ଜାତ ପ୍ରତି ନିଜର ସ୍ନେହ ଓ ଆଦର ଦେଖିଲେ ଯେ କେହି ସ୍ୱାଧୀନଚେତା ବ୍ୟକ୍ତି ଭକ୍ତି ଓ ସମ୍ମାନରେ ମୁଣ୍ଡ ନୁଆଁଇବ, ଏଥିରେ ଲେଶମାତ୍ର ସନ୍ଦେହନାହିଁ ।

ଅଧ୍ୟାପକ, ଇତିହାସ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର



ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ ....

# ସ୍ୱାଧୀନତାର ଅର୍ଥ

ଡକ୍‌ଟର ଅତୁଲ୍ ଚନ୍ଦ୍ର ପ୍ରଧାନ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖର ମଧ୍ୟରାତ୍ରୀ । ଶାସନ ବିଧାୟକ ସଭାରେ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଗମ୍ଭୀର ସ୍ୱରରେ ଘୋଷଣା କଲେ, "At the stroke of the midnight hour when the world sleeps, India will awake to life and freedom. A moment comes, which comes but rarely in history, when we step out from the old to the new, when an age ends and when the soul of a nation, long suppressed, finds utterance.

(ଅର୍ଥାତ୍ ଏହି ମଧ୍ୟ ରାତ୍ରୀରେ ସାରା ପୃଥିବୀ ସୁପ୍ତ ଥିବା ଅବସ୍ଥାରେ ଭାରତ ଜୀବନ ତଥା ସ୍ୱାଧୀନତା ଲାଭ କରିବ । ଏପରି ଏକ ମୁହୂର୍ତ୍ତ ଯେତେବେଳେ ଆମେ ପୁରାତନ ଭିତରୁ ବାହାରି ଆସି ନୂତନକୁ ପଦକ୍ଷେପ କରୁ; ଗୋଟିଏ ଯୁଗର ଅବସାନ ଘଟେ ଏବଂ ଦୀର୍ଘଦିନ ଧରି ନିଷ୍ପେଷିତ ଜାତିର ଆତ୍ମା ନିଜକୁ ପ୍ରକାଶ କରେ ଇତିହାସରେ ବିରଳ) । ପ୍ରକୃତରେ କ'ଣ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ମଧ୍ୟରାତ୍ରୀର ଯାଦୁ ସ୍ପର୍ଶରେ ଭାରତ ସ୍ୱାଧୀନତା ଏବଂ ଜୀବନ ଲାଭ କରିଥିଲା ଏବଂ ତାର ଆତ୍ମା ଆତ୍ମ ପ୍ରକାଶ କରିଥିଲା ? ସେହି ମଧ୍ୟରାତ୍ରୀରେ ଯାହା ଘଟିଗଲା ତାହା କ'ଣ ? ତାହା କ'ଣ ପୂର୍ଣ୍ଣାଙ୍ଗ ସ୍ୱାଧୀନତା ? କିମ୍ବା ତାହା କେବଳ ସାମ୍ରାଜ୍ୟବାଦୀ ଇଂରେଜମାନଙ୍କଠାରୁ ପ୍ରଭାବଶାଳୀ ଭାରତୀୟମାନଙ୍କୁ କ୍ଷମତାର ହସ୍ତାନ୍ତର ମାତ୍ର । ଇଂରେଜ ଅପସରି ଗଲା ପରେ ଆମ ସମାଜରେ ରାତାରାତି ପରିବର୍ତ୍ତନ ଆସିଲା ନାହିଁ । ସାମାଜିକ ଅନ୍ୟାୟ ଓ ଭ୍ରଷ୍ଟାଚାର, ସାଂପ୍ରଦାୟିକ ବିବାଦ, ଦାରିଦ୍ର୍ୟ ଏବଂ ନିରକ୍ଷରତା ଲାଗି ରହିଲା ଏବଂ ଲାଗି ରହିଛି । ମହାତ୍ମା ଗାନ୍ଧୀ ଇଂରେଜ ସରକାରଙ୍କ ଗୁଳିରେ ଶହୀଦ ହୋଇ ନ ଥିଲେ । ଇଂରେଜ ଚାଲିଗଲା ପରେ ସେହି ସାଂପ୍ରଦାୟିକ ପକ୍ଷଗୋଷ୍ଠୀ ବିରୋଧରେ ସେ ଜୀବନ ସାରା ସଂଗ୍ରାମ କରିଥିଲେ ସେ ଶେଷରେ ତାହାର ଶିକାର ହୋଇଥିଲେ ।

୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖ । ସେହିଦିନଠାରୁ ଭାରତର ଗଣତାନ୍ତ୍ରିକ ସଂବିଧାନ କାର୍ଯ୍ୟକାରୀ ହେଲା ଏବଂ ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ର ହେଲା । ସମ୍ବିଧାନ ନ୍ୟାୟ, ସ୍ୱାଧୀନତା, ସାମ୍ୟ ଏବଂ ଭାତୃଭାବକୁ ଜାତୀୟ ଜୀବନର ମୂଳମନ୍ତ୍ର ରୂପେ ଗ୍ରହଣ କଲା । କିନ୍ତୁ ପ୍ରକୃତରେ ଦେଶବାସୀ ଏହି ନୀତି ଗୁଡ଼ିକର ସ୍ୱାଦ ଚାଖି ପାରିଲେ । ସଂବିଧାନ କାର୍ଯ୍ୟକାରୀ ହେବାର ଅବ୍ୟବହିତ ପୂର୍ବରୁ ସମ୍ବିଧାନର ଜନକ ଭୀମରାଓ ରାମଜୀ ଅମ୍ବେଦକର କହିଥିଲେ, "On January 26, 1950 we will have equality in politics and in equality social and economic life. we must remove this contradiction at the earliest moment or else those who suffer from inequality will blow up the structure of political democracy."

(ଅର୍ଥାତ୍ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ ଆମେ ରାଜନୀତି କ୍ଷେତ୍ରରେ ସାମ୍ୟ ପ୍ରତିଷ୍ଠା କରିବୁଁ କିନ୍ତୁ ସାମାଜିକ ଓ ଅର୍ଥନୈତିକ ଜୀବନରେ ବୈଷମ୍ୟ ଲାଗି ରହିବ । ଏହି ଅସଙ୍ଗତିକୁ ଯେତେ ଶୀଘ୍ର ସମ୍ଭବ ଆମକୁ ଦୂର କରିବାକୁ ହେବ । ନଚେତ୍ ଯେଉଁମାନେ ବୈଷମ୍ୟର ଶିକାର ହେଉଛନ୍ତି ସେମାନେ ରାଜନୈତିକ ଗଣତନ୍ତ୍ରର ସୌଧକୁ ଧୂଳିସାତ୍ କରିଦେବେ ।) ଆମର ସାଧାରଣ ଜୀବନରେ ଅନ୍ୟାୟ, ପାତର ଅନ୍ତର ଏବଂ ଦୁର୍ନୀତି ବିରୋଧରେ ରହିଥିବା ଦଣ୍ଡ ବ୍ୟବସ୍ଥା ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ? ସମସ୍ତଙ୍କୁ ସମାନ ସୁବିଧା ମିଳୁଛି କି ନାହିଁ ? ଠିକ୍ କଥା କହିବା ପାଇଁ ଆମ ଲେଖକଙ୍କର ନୈତିକ ସାହସ ଏବଂ ଯଥାର୍ଥ ସ୍ୱାଧୀନତା ଅଛି କି ? ଆମେ ନିଜ ଭିତରେ ସ୍ୱାଧୀନ ମନୋଭାବର ଉଦ୍ରେକ କରାଇବା ପାଇଁ ଚେଷ୍ଟା କରୁଛୁ କି ? ଅନ୍ୟମାନଙ୍କ ସ୍ୱାଧୀନତା ଏବଂ ସ୍ୱାର୍ଥମାନଙ୍କୁ ଆମେ ସହ୍ୟ କରି ପାରୁଛୁ କି ? ଯେଉଁ ଭାବରେ ଦେଶର କେତେକ ସ୍ଥାନରେ ନିରୀହ ଜନତାର ସଂହାର (ନିକଟରେ ପଞ୍ଜାବର ରୋପାରଠାରେ ସନ୍ତ୍ରାସବାଦୀମାନେ ନିରୀହ ଓଡ଼ିଆ ଶ୍ରମିକମାନଙ୍କୁ ହତ୍ୟା କରିଛନ୍ତି ) ଚାଲିଛି ତାହା କଣ ଭାତୃତ୍ୱ ନୀତି ପ୍ରତି ଅପହାସ୍ୟ ନୁହେଁ ! ଭାତୃତ୍ୱ ମନୋଭାବ ନ ରହିଲେ ଜାତିର ଏକତା ଏବଂ ବ୍ୟକ୍ତିର ସମ୍ମାନବୋଧ ରହିବ କି ?

ଆମ ଦେଶରେ ଜାତୀୟ ସଂହତି ପ୍ରକୃତରେ ଆସିଛି କି ? ସାମ୍ରାଜ୍ୟବାଦୀ ଶକ୍ତି ବିରୋଧରେ ସଂଗ୍ରାମ ଫଳରେ ସ୍ୱାଧୀନତା ପୂର୍ବରୁ ଏକ ପ୍ରକାର ଏକତା ଆସିଥିଲା । କିନ୍ତୁ ସ୍ୱାଧୀନତା ପରେ ଜାତୀୟ ଏକତାକୁ ପ୍ରକୃତରେ ଦୃଢ଼ୀଭୂତ କରାଯାଇଛି କି ? ସର୍ବଭାରତୀୟ ସ୍ତରରେ ଇଂରେଜ ବିରୋଧୀ ସଂଗ୍ରାମ ଫଳରେ ଏକ ସର୍ବଭାରତୀୟ ନେତୃତ୍ୱର ଉଦ୍ଭବ ସମ୍ଭବ ହୋଇଥିଲା । ସ୍ୱାଧୀନତା ପରେ ପ୍ରାୟ ଦୁଇ ଦଶନ୍ଧି ଧରି ସେହି ନେତୃତ୍ୱ କେନ୍ଦ୍ରରେ ତଥା ପ୍ରାଦେଶିକ ସ୍ତରରେ ଶାସନ ଦାୟିତ୍ୱରେ ଥିଲା । ବର୍ତ୍ତମାନ ପ୍ରାକ୍-ସ୍ୱାଧୀନତା ଯୁଗର ସର୍ବ ଭାରତୀୟ ନେତୃତ୍ୱ ଲୁପ୍ତପ୍ରାୟ ଏବଂ ଇତିହାସର ବିଷୟବସ୍ତୁ । ଏବେ ଭାରତୀୟ ରାଜନୀତିରେ ଆଞ୍ଚଳିକ ନେତୃତ୍ୱ ଦେଖାଯାଉଛି । ବିଭିନ୍ନ ପ୍ରକାର ବିଭାଜନକାରୀ, ବିଚ୍ଛିନ୍ନତାବାଦୀ ଏବଂ ବିଶୃଙ୍ଖଳାକାରୀ ଶକ୍ତି ଗୁଡ଼ିକର ହେରଫେର ଭିତରେ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ଶାସନ କେନ ତେନ ପ୍ରକାରେଣ ଆଗେଇ ଚାଲିଛି । କେତେକ ପ୍ରଭାବଶାଳୀ ଗୋଷ୍ଠୀ ସରକାର ଉପରେ ଚାପ ପକାଉଛନ୍ତି ଏବଂ ଦେଶର ଏକତା ଏବଂ ସଂହତିକୁ ବିପନ୍ନ କରୁଛନ୍ତି । ବିଚ୍ଛିନ୍ନତାବାଦ ମୁଣ୍ଡ ଟେକିବାର କାରଣ କ'ଣ ?

ବିଚ୍ଛିନ୍ନତାବାଦୀମାନେ କଣ ପ୍ରକୃତରେ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି ନା ଅଧିକା ସୁବିଧା ଏବଂ ଫାଇଦା ଉଠାଇବା ପାଇଁ ଦେଶର ଏକତା ଏବଂ ସଂହତି ସହିତ ଖେଳ ଖେଳୁଛନ୍ତି ?

ସାଧାରଣତଃ ସ୍ୱାଧୀନତା ପରେ ବିଭିନ୍ନ କ୍ଷେତ୍ରରେ କ'ଣ ପ୍ରଗତି ହୋଇଛି ତାହା ଆମେ ମୂଲ୍ୟାୟନ କରିଥାଉଁ । କିନ୍ତୁ ଐତିହାସିକ ପୃଷ୍ଠଭୂମିରେ ସ୍ୱାଧୀନ ଭାରତର ପ୍ରଗତିର ମୂଲ୍ୟାୟନ କରିବାକୁ ହେଲେ ଯେଉଁ ଚିନ୍ତାଧାରା ନେଇ ଆମ ଦେଶର ଲୋକେ ଇଂରେଜମାନଙ୍କ ସହିତ ଲଢ଼ୁଥିଲେ ତାହା ମନେ ପକାଇବା ଉଚିତ ଏବଂ ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ସମୀକ୍ଷା କରିବାର କଥା । ଜାତୀୟତାବାଦୀ ଆନ୍ଦୋଳନରେ ପ୍ରାରମ୍ଭିକ ସ୍ତରରେ ମହାଦେବ ଗୋବିନ୍ଦ ରାଣାଡ଼େ ଏବଂ ଗୋପାଳକୃଷ୍ଣ ଗୋଖେଲ କହିଥିଲେ ଯେ, ସାମାଜିକ ଜାଗରଣ ଏବଂ ପୁନର୍ଗଠନ ବିନା ଯଥାର୍ଥ ସ୍ୱରାଜ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ଏହାର ବିରୋଧରେ ବାଳ ଗଙ୍ଗାଧର ତିଳକ କହିଲେ ଯେ, ଦେଶର ପ୍ରଥମ ଆବଶ୍ୟକତା ହେଉଛି ସ୍ୱରାଜ ; ସାମାଜିକ ପୁନର୍ଗଠନ ପ୍ରଶ୍ନ ତା'ପରେ ଆସିବ ଏବଂ ବିଦେଶୀ ସରକାର ଭାରତୀୟ ସମାଜରେ ସଂସ୍କାର ଆଣିବାକୁ ଅନୁପଯୁକ୍ତ । ଗାନ୍ଧୀ ଉପର୍ଯ୍ୟୁକ୍ତ ଦୁଇଟି ପରସ୍ପର ବିରୋଧି ପନ୍ଥା ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରିଥିଲେ । ସେ କହିଲେ ଯେ, ସମାଜର ସଂସ୍କାର ଏବଂ ପୁନର୍ଗଠନ ପାଇଁ ଆନ୍ଦୋଳନ ଏବଂ ସ୍ୱରାଜ ପାଇଁ ଆନ୍ଦୋଳନ ଉଭୟ ଏକ ସଙ୍ଗରେ ଚାଲିବା ଆବଶ୍ୟକ ; ଏହି ଦୁଇଟି କାର୍ଯ୍ୟପନ୍ଥା ପରସ୍ପର ବିରୋଧି ନୁହନ୍ତି, ବରଂ ପରସ୍ପର ପ୍ରତି ପରିପୂରକ । ବିଦେଶୀ ଶାସନର ଅପସାରଣଠାରୁ ସାମାଜିକ ପୁନର୍ଜାଗରଣ ଏବଂ ପୁନର୍ଗଠନ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଗାନ୍ଧୀ ମତ ଦେଇଥିଲେ । କାରଣ ସ୍ୱରାଜ ବା ସ୍ୱାଧୀନତା କହିଲେ ସେ ବୁଝୁଥିଲେ ଏକ ଅନ୍ୟାୟ, ଶୋଷଣ ଏବଂ ଦୁର୍ନୀତିମୁକ୍ତ ସାମାଜିକ ଧାରା । ସେ ସ୍ପଷ୍ଟ ଭାବରେ କହିଥିଲେ ଯେ, କେବଳ ଧଳା ଲୋକଙ୍କ ବଦଳରେ ଭାରତୀୟ ଲୋକେ ଶାସନ ଗାଦିରେ ବସିଲେ ଦେଶ ସ୍ୱାଧୀନ ହୋଇଗଲା ବୋଲି ଭାବିବା ଠିକ ହେବନାହିଁ । ସେ କହିଥିଲେ :--..Swaraj for me means freedom for the mearest of our countrymen,. If the lot of the Panchama is not improved, when we are all suffering, it is not likely to be better under the intoxication of Swaraj.

I am not interested in freeing India from merely English yoke. I am bent on freeing India from any yoke whatsoever ? I have no desire to exchange hing log tor hing stork. Hence for me the movement of Swaraj is a movement of self purification.

(ଅର୍ଥାତ୍ ମୋ ପାଇଁ ସ୍ୱରାଜର ଅର୍ଥ ହେଉଛି ଆମ ଦେଶର ସବୁଠାରୁ ନଗଣ୍ୟ ବ୍ୟକ୍ତିର ସ୍ୱାଧୀନତା । ଆମେ ଆଜି ସମସ୍ତେ (ବିଦେଶୀ ଶାସନର) କଷଣ ଭୋଗୁଥିଲା ବେଳେ ଯଦି ପଞ୍ଚମା (ଦଳିତ ଜାତିର ଲୋକ) ମାନଙ୍କ ଭାଗ୍ୟରେ ଉନ୍ନତି ନ ଘଟାଇ ପାରିବୁ, ତାହାହେଲେ ସ୍ୱରାଜର ମାଦକତାରେ ସେମାନଙ୍କ ଭାଗ୍ୟରେ ଉନ୍ନତିର ସମ୍ଭାବନା ନାହିଁ । ମୁଁ କେବଳ ଇଂରେଜ ଶାସନର ବନ୍ଧନରୁ ଭାରତକୁ ମୁକ୍ତ କରିବା ପାଇଁ ଆଗ୍ରହୀ ନୁହେଁ, ମୁଁ ସବୁ ପ୍ରକାର ବନ୍ଧନରୁ ଭାରତକୁ ମୁକ୍ତ କରିବାକୁ ଦୃଢ଼ ସଙ୍କଳ୍ପ । ଜଣେ ରାଜା ବଦଳରେ ଆଉ ଜଣକୁ ରାଜା କରିବା ମୋର ଇଚ୍ଛା ନୁହେଁ । ଏଣୁ ମୋ ପାଇଁ ସ୍ୱରାଜ ପାଇଁ ଆନ୍ଦୋଳନ ଆତ୍ମ 'ଶୋଧନର ଆନ୍ଦୋଳନ ।" ସେଥିପାଇଁ ମହାତ୍ମା ଗାନ୍ଧୀ ଗଠନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଥିଲେ ଏବଂ ଗଠନାତ୍ମକ କାର୍ଯ୍ୟକ୍ରମର ସମ୍ପାଦନକୁ ସ୍ୱରାଜ ଆନ୍ଦୋଳନର ଅପରିହାର୍ଯ୍ୟ ଅଂଶ ବୋଲି କହୁଥିଲେ । ଗଠନାତ୍ମକ କାର୍ଯ୍ୟକ୍ରମର ମୁଖ୍ୟ ଅଙ୍ଗଗୁଡ଼ିକ ହେଲ – ଖଦଡ଼, ହିନ୍ଦୁ-ମୁସଲମାନ ଏକତା, ଅସ୍ପୃଶ୍ୟତା ଦୂରୀକରଣ, ନିଶା ନିବାରଣ ଓ ଗ୍ରାମୋଦ୍ୟୋଗ । ମୋଟାମୋଟି ଉପରେ ସ୍ୱରାଜ ବୋଇଲେ ଗାନ୍ଧୀ ବୁଝୁଥିଲେ ସାମାଜିକ ନ୍ୟାୟ ଓ ନୈତିକତା, ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ସାଧାରଣ ଲୋକଙ୍କ ଅର୍ଥନୈତିକ ସ୍ୱଚ୍ଛଳତା ଏବଂ ଆତ୍ମନିର୍ଭରଶୀଳତା ।

ଗାନ୍ଧୀଙ୍କ ପାଇଁ ସ୍ୱରାଜ ଆନ୍ଦୋଳନ ନୈତିକ ତଥା ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ସତ୍ୟାଗ୍ରହୀମାନଙ୍କ ପାଇଁ ଏକାଦଶ ବ୍ରତ ନିର୍ଣ୍ଣୟ କରିଥିଲେ । ଏହି ଏକାଦଶ ବ୍ରତଗୁଡ଼ିକ ହେଲ– ଅହିଂସା, ସତ୍ୟ, ଅସ୍ତେୟ (ଅଚୌର୍ଯ୍ୟ), ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ (ସଞ୍ଚୟ ମନୋବୃତ୍ତି ପରିହାର), ଶରୀରଶ୍ରମ, ଅସ୍ୱାଦ (ଲୋଭ ପରିତ୍ୟାଗ , ସର୍ବତ୍ର ଭୟ ବର୍ଜନ, ସର୍ବ ଧର୍ମ ସମାନତ୍ୱ, ସ୍ୱଦେଶୀ ଏବଂ ସ୍ପର୍ଶ ଭାବନା ।

ଚତୁର୍ଥ ଦଶକର ପ୍ରଥମାର୍ଦ୍ଧରେ ମାର୍କସବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ଜବାହରଲାଲ ନେହେରୁ ଜୟପ୍ରକାଶ ନାରାୟଣ ଏବଂ ଆଚାର୍ଯ୍ୟ ନରେନ୍ଦ୍ରଦେବ ଆଦି ନେତାମାନେ ସ୍ୱାଧୀନତା ଆନ୍ଦୋଳନକୁ ସମାଜବାଦୀ ମୋଡ଼ ଦେବାକୁ ଚେଷ୍ଟା ଆରମ୍ଭ କରିଥିଲେ । ଲୋକମାନଙ୍କୁ ଅର୍ଥନୈତିକ ଶୋଷଣରୁ ମୁକ୍ତ କରିବା ପାଇଁ ସେମାନେ ରାଜାଭାଳୁଡ଼ା ପ୍ରଥା, ଜମିଦାରୀ ଏବଂ ପୁଞ୍ଜିବାଦର ଉଚ୍ଛେଦ କଥା ଉଠାଇଲେ । ୧୯୩୩ ମସିହା ସେପ୍‌ଟେମ୍ବର ୧୩ ତାରିଖ ଦିନ ନେହେରୁ ଗାନ୍ଧୀଙ୍କୁ ଲେଖିଥିଲେ, "If we are to improve the condition of the wasses to ra'se them economically and to give then freedon it is inevitable that vested Intereests in India will have to give up them special position and many of their privileges .. .. .. . .The problem of achieving freedcm becomes one of revising vested interest in favour of the mass. To the extent this is done to the extent will at only freedom come."

(ଅର୍ଥାତ୍ ଆମେ ଯଦି ସାଧାରଣ ଜନତାଙ୍କ ଅବସ୍ଥାରେ ଉନ୍ନତି, ସେମାନଙ୍କ ଅର୍ଥନୈତିକ ଉନ୍ନତି ଏବଂ ସେମାନଙ୍କ ସ୍ୱାଧୀନତା ଚାହୁଁ, ତାହା ହେଲେ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନଙ୍କର ସ୍ୱତନ୍ତ୍ର ସୁବିଧା ଉଚ୍ଛେଦକରଣ ଅପରିହାର୍ଯ୍ୟ ହୋଇପଡ଼ିବ । ସ୍ୱାଧୀନତାର ଅର୍ଥ ହେଉଛି ସାଧାରଣ ଜନତାର ସ୍ୱାର୍ଥସାଧନ ପାଇଁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କର ସୁବିଧାର ଉଚ୍ଛେଦ । ତାହା ଯେତେ ପରିମାଣରେ ହୋଇପାରିବ, ଆମେ ସେତିକି ପରିମାଣରେ ସ୍ୱାଧୀନତା ହାସଲ କରିପାରିବୁଁ ।

୧୯୩୬ ମସିହା ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ ସଭାପତୀୟ ଅଭିଭାଷଣରେ ନେହେରୁ କହିଥିଲେ, "I see no way of ending the poverty, vast unemployment, the degration and subjection of the Indian people except through socialism. That involves vest revolutionary changes in our political and social structure, ending vested interests in the land and industry as well as the feaudal autocratic Indian States system. That means ending private property excapt in a restricted sense and replacement of the present profit system by the higher ideals of cooperative service" (ଅର୍ଥାତ୍ "ସମାଜବାଦ ଛଡ଼ା ଅନ୍ୟ କୌଣସି ଉପାୟରେ ଦାରିଦ୍ର୍ୟ, ବେକାରୀ ଏବଂ ଭାରତୀୟ ଲୋକଙ୍କ ଦାସତ୍ୱ ଓ ପରାଧୀନତାର ଦୂରୀକରଣ ହେବ ବୋଲି ମୋତେ ଜଣାପଡ଼ୁ ନାହିଁ । ତାହା (ସମାଜବାଦ) ଫଳରେ ଆମର ରାଜନୈତିକ ଏବଂ ସାମାଜିକ ଢାଞ୍ଚାରେ ବ୍ୟାପକ ବୈପ୍ଳବିକ ପରିବର୍ତ୍ତନ ଏବଂ ଭୂମି, ଶିଳ୍ପ ଏବଂ ଭାରତର ସାମନ୍ତବାଦୀ ସ୍ୱୈରାଚାରୀ ରାଜରାଜୁଡ଼ା ଶାସନ କ୍ଷେତ୍ରରେ ନ୍ୟସ୍ତସ୍ୱାର୍ଥର ଅବସାନ ଘଟିବ । ତାର ଅର୍ଥ ନିର୍ଦ୍ଦିଷ୍ଟ ସୀମା ବାହାରେ ବ୍ୟକ୍ତିଗତ ସଂପତ୍ତିର ଉଚ୍ଛେଦ ହେବ ଏବଂ ସାଂପ୍ରତିକ ଲାଭଖୋର ବ୍ୟବସ୍ଥା ବଦଳରେ ସମବାୟଭିତ୍ତିକ ସେବାର ଆଦର୍ଶକୁ ପ୍ରଚଳନ କରିବାକୁ ପଡ଼ିବ") ।

ସ୍ୱାଧୀନତା ପରେ ଆମର ଜାତୀୟ ସରକାର ରାଜରାଜୁଡ଼ା ଶାସନ ଏବଂ ଜମିଦାରୀ ବ୍ୟବସ୍ଥାର ଉଚ୍ଛେଦ କରିଛନ୍ତି । ବ୍ୟାଙ୍କମାନଙ୍କର ଜାତୀୟକରଣ ହୋଇଛି । ଆମ ଜାତୀୟ ସରକାର ସମାଜବାଦୀ ଢାଞ୍ଚାରେ ସମାଜଗଠନ ଏବଂ ଗଣତାନ୍ତ୍ରିକ ସମାଜବାଦର ଆଦର୍ଶ ଗ୍ରହଣ କରିଛନ୍ତି । ଜବାହରଲାଲ ନେହରୁଙ୍କ ନିରଙ୍କୁଶ ନେତୃତ୍ୱରେ ଗଣତାନ୍ତ୍ରିକ ପଦ୍ଧତିରେ

ସମାଜବାଦକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନାକୁ ମାଧ୍ୟମ ରୂପେ ଗ୍ରହଣ କରାଗଲା । ସରକାରୀ ଉଦ୍ୟୋଗରେ ଭିଲାଇ, ରାଉରକେଲା ଓ ଦୁର୍ଗାପୁର ଭଳି ବିରାଟ ବିରାଟ କଳକାରଖାନା ପ୍ରତିଷ୍ଠା କରାଗଲା । କିନ୍ତୁ ପୁଞ୍ଜିବାଦକୁ ଉଚ୍ଛେଦ ନ କରି ଜବାହରଲାଲ ନେହରୁ ମିଶ୍ରିତ ଅର୍ଥନୀତି ପ୍ରବର୍ତ୍ତନ କରିଥିଲେ । କାରଣ ସେ ସମାଜବାଦ ସହିତ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ନାଗରିକ ଅଧିକାରକୁ ମିଶାଇବାକୁ ଚାହୁଁଥିଲେ । ସେ କହିଥିଲେ, "I do not see why under socialism there should not be a great deal of freedom for the individual, indeed far greater freedom than the present system gives . . . ." ("ଅର୍ଥାତ୍ ସମାଜବାଦରେ ବ୍ୟକ୍ତିଗତ ସ୍ୱାଧୀନତା, ଏପରିକି ସାଂପ୍ରତିକ ବ୍ୟବସ୍ଥାରେ ଥିବା ସ୍ୱାଧୀନତାଠାରୁ ଅଧିକ ସ୍ୱାଧୀନତା ଥାଇଁକି ନ ରହିବ ତାହାର କୌଣସି କାରଣ ମୁଁ ଦେଖୁନାହିଁ ।)

ସେ ଗଣତାନ୍ତ୍ରିକ ଉପାୟରେ ସମାଜବାଦ ଆଣିବାକୁ ଚାହୁଁଥିଲେ । "(economic) change will have to be in the direction of a democratically planned collectivism. . . . A democratic collectivism need not mean an abolition of private property but it will mean the public owneship of the basic and measure industries . . . . In India especially it will be necessary to have in addition to big industries, co-operatively controlled small end village industries. Such a system of democratic col ectivism wili need careful and continuous planning and adaptation to the changing needs of the people". (ଅର୍ଥାତ୍ "ଗଣତାନ୍ତ୍ରିକ ଯୋଜନାବଦ୍ଧ ଯୌଥକରଣ ଦ୍ୱାରା (ଅର୍ଥନୈତିକ) ପରିବର୍ତ୍ତନ ଆଣିବାକୁ ହେବ । ଗଣତାନ୍ତ୍ରିକ ଯୌଥକରଣ ଅର୍ଥ ବ୍ୟକ୍ତିଗତ ସଂପତ୍ତିର ଉଚ୍ଛେଦ ନୁହେଁ । ଏହାର ଅର୍ଥ ବୃହତ୍ ଶିଳ୍ପଗୁଡ଼ିକ ସରକାରୀ ମାଲିକାନାରେ ରହିବ । ଏତଦବ୍ୟତୀତ ଭାରତରେ ସମବାୟିକ ଭିତ୍ତିରେ କ୍ଷୁଦ୍ର ଏବଂ ଗ୍ରାମ୍ୟ ଶିଳ୍ପଗୁଡ଼ିକ ପ୍ରତିଷ୍ଠା କରିବାକୁ ପଡ଼ିବ । ଏ ପ୍ରକାର ଗଣତାନ୍ତ୍ରିକ ଯୌଥକରଣ ପାଇଁ ଲୋକମାନଙ୍କର ପରିବର୍ତ୍ତନଶୀଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାବଧାନତାର ସହିତ ନିରନ୍ତର ଯୋଜନା କରିବାକୁ ହେବ । ") ବାସ୍ତବ କ୍ଷେତ୍ରରେ ସମାଜବାଦ ବୁଝିହେଲା ଭଳି ରହିଯାଇଛି । ଏହାର କାର୍ଯ୍ୟକାରୀତା ଏବଂ ଉପଯୋଗୀତା ବିଷୟରେ ଆମମାନଙ୍କର ଧାରଣା ସ୍ପଷ୍ଟ ହେଉନାହିଁ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖର ମଧ୍ୟରାତ୍ରିରେ ଯାହା ଘଟିଗଲା ତାହାକୁ ପୂର୍ଣ୍ଣାଙ୍ଗ ସ୍ୱାଧୀନତା ବୋଲି ଧରିନେବା ଠିକ୍ ହେବନାହିଁ । ତାହା-ଫଳରେ କେବଳ ଇଂରେଜ ଜାତିର ଆତ୍ମବଡ଼ିମା-ଭିତ୍ତିକ ସାମ୍ରାଜ୍ୟବାଦର ଅବସାନ ଘଟିଲା । ପ୍ରକୃତ ସ୍ୱାଧୀନତା ଏକ ଦୀର୍ଘ ପ୍ରକ୍ରିୟା । ପ୍ରକୃତ ସ୍ୱାଧୀନତାର ଅର୍ଥ ଦେଶର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଓ ଆତ୍ମନିର୍ଭରଶୀଳ ହେବେ, ସମସ୍ତେ ଶିକ୍ଷିତ ହେବେ ଏବଂ ଶ୍ରମର ମର୍ଯ୍ୟାଦା ଏବଂ ନୈତିକ ମୂଲ୍ୟବୋଧ ସମାଜରେ ପ୍ରତିଷ୍ଠିତ ହେବ । ଇଂରେଜ ଶାସନର ଅବସାନ ପରେ ମହାତ୍ମାଗାନ୍ଧୀ ଦେଶର ଅଗଣିତ ଜନତାର "ସାମାଜିକ, ନୈତିକ ଏବଂ ଆର୍ଥିକ ସ୍ୱାଧୀନତା" କଥା ଚିନ୍ତା କରୁଥିଲେ ।

ସ୍ୱାଧୀନତାର ଚରମ ଉଦ୍ଦେଶ୍ୟ ମଣିଷର ନୈତିକ ଏବଂ ଆଧ୍ୟାତ୍ମିକ ଉନ୍ନତି । ସ୍ୱାଧୀନ ସମାଜ ଏପରି ଏକ ସମାଜ ଯେଉଁଠାରେ ମଣିଷର ଆତ୍ମିକ ଶକ୍ତିର ଉତ୍ତରୋତ୍ତର ବିକାଶ ବିନା ବାଧାରେ ସମ୍ଭବ ହୋଇପାରେ । ସେଭଳି ସମାଜର ସ୍ୱପ୍ନ ମଣିଷ ଯୁଗଯୁଗ ଧରି ଦେଖୁଛି । ରବୀନ୍ଦ୍ରନାଥଙ୍କ ଭାଷାରେ ସ୍ୱାଧୀନତାର ସ୍ୱର୍ଗ ଏପରି ଏକ ଅବସ୍ଥା ଯେଉଁଠି ମଣିଷର ଚିତ୍ତ ଭୟମୁକ୍ତ, ମଣିଷ ବିନା ଦ୍ୱିଧାରେ ମୁଣ୍ଡ ଟେକି ଚାଲିପାରେ, ଜ୍ଞାନ କଳୁଷ ଓ କୁସଂସ୍କାରରୁ ମୁକ୍ତ, ସାମାଜିକ ଦଳାଦଳି କିମ୍ବା ବିଭାଜନ ନାହିଁ, ସତ୍ୟର ଗଭୀରତମ ପ୍ରଦେଶରୁ ମଣିଷର ବାକ୍ୟ ଉତ୍ଥିତ ହୁଏ, ପୂର୍ଣ୍ଣତାପ୍ରାପ୍ତି ପାଇଁ ମଣିଷ ଅହରହ ଚେଷ୍ଟିତ, ଯୁକ୍ତିର ନିର୍ମଳ ଝରଣା ଜଡ଼ଅଭ୍ୟାସର ମରୁଭୂମିରେ ଭୁଲରେ ପଶିଯାଇ ଲିପ୍ତ ହୁଏ ନାହିଁ ଏବଂ ଚିନ୍ତା ଓ କାର୍ଯ୍ୟରେ ବିକାଶ ପାଇଁ ମଣିଷ ସବୁବେଳେ ଭଗବାନଙ୍କଠାରୁ ପ୍ରେରଣା ଲାଭ କରେ ।

ପ୍ରାଧ୍ୟାପକ,
ଇତିହାସ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର ।



ହିନ୍ଦୋଳ ସାଧାରଣ ସଭାରେ ....

# ଚଖି ଖୁଣ୍ଟିଆ :
# ଗୋଟିଏ ଚିଠିର କାହାଣୀ

ଡକ୍ଟର ଜଗନ୍ନାଥ ମହାନ୍ତି

୧୮୫୮ ମସିହା ମାର୍ଚ୍ଚ ୩୧ ତାରିଖର ଗୋଟିଏ ଚିଠି । ପୁରୀର ମାଜିଷ୍ଟ୍ରେଟ କଟକରେ ରହୁଥିବା ଓଡ଼ିଶାର କମିଶନରଙ୍କ ପାଖକୁ ଲେଖିଥିଲେ ;" ମୁଁ ଗୋଟିଏ ଭଲ ଖବର ପାଇଛି । ଅବଶ୍ୟ ଏହା ସରକାରୀ ଭାବରେ ସମର୍ଥିତ ନୁହେଁ । ତାହା ହେଲା, ଏଇ ସହରର ଜଣେ ପଣ୍ଡା ଚଖି ଖୁଣ୍ଟିଆ ଯେ ସିପାହୀ ପଣ୍ଡା ବୋଲି ଜଣାଶୁଣା, ସେ ୧୮୫୭ ଆନ୍ଦୋଳନରେ ଭାଗ ନେଇଥିବାରୁ ଫାଶୀ ପାଇଛନ୍ତି ।"

ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନକୁ ଇଂରେଜମାନେ ସିପାହୀ ବିଦ୍ରୋହ ବୋଲି କହି ତା'ର ଗୁରୁତ୍ୱ କମାଇ ଦେଇଥିଲେ । କାରଣ ସେମାନଙ୍କ ବିରୁଦ୍ଧରେ ଏହା ଥିଲା ଏକ ଗଭୀର ବିଦ୍ରୋହ, ଏକ ଅପ୍ରତ୍ୟାଶିତ ଆନ୍ଦୋଳନ । ତେଣୁ ସେମାନେ ଏହାକୁ ଦୃଢ଼ ହସ୍ତରେ ଦମନ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ବହୁ ଭାରତୀୟଙ୍କୁ ନୃଶଂସ ଭାବରେ ହତ୍ୟା କରିଥିଲେ । ଅନେକଙ୍କୁ କଠୋର ଦଣ୍ଡ ବିଧାନ କରିଥିଲେ । ବିନା ବିଚାରରେ ସେମାନେ "ବିଦ୍ରୋହୀ" ବୋଲି କହି ଅନେକ ସ୍ୱଦେଶପ୍ରେମିକ ବୀର ଭାରତୀୟଙ୍କୁ ଫାଶୀ ଦେଇଥିଲେ । ଭାରତ ଭୂମିରେ ବହୁ ଅଞ୍ଚଳରେ ମୃତ୍ୟୁ ଓ ଭୟର ବିଭୀଷିକା ଖେଳି ଯାଇଥିଲା ।

ସେତିକିବେଳେ ଚଉଦିଗରେ ଚଖି ଖୁଣ୍ଟିଆଙ୍କ ମୃତ୍ୟୁ ସମ୍ବାଦ ଖେଳି ଯାଇଥିଲା । ମାତ୍ର ସେ ନେପାଳରେ ଛଅ ସାତ ବର୍ଷ ଛଦ୍ମବେଶରେ କଟାଇ ଥିଲେ । ତା'ପରେ ନେପାଳ ରାଜାଙ୍କ ଅନୁରୋଧ କ୍ରମେ ତାଙ୍କୁ ପୁରୀରେ ପ୍ରବେଶ କରିବା ପାଇଁ ଇଂରେଜ ସରକାରଙ୍କ ଅନୁମତି ମିଳିଥିଲା । ସମସ୍ତେ ତାଙ୍କ ଆଗମନରେ ଅବାକ୍ ହୋଇଯାଇଥିଲେ । ଏହି ଘଟଣାକୁ ଲକ୍ଷ୍ୟ କରି କୁହାଯାଇଥିଲା—

"ନଙ୍ଗରେ ବାଳିଆ ଚହଟିଲା
କନକସିନ୍ଦୂର ନାଆଲୋ ନାନୀ, ପୁଣି ଚଖିଆ ନେଉଟିଲା ।"

ଭାରତୀୟ ପଦାତିକ ସୈନ୍ୟଙ୍କୁ ଇଂରେଜମାନେ "ସିପାହୀ" ବୋଲି କହୁଥିଲେ । ଏହି "ସିପାହୀ"ମାନଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ଚଖି ଖୁଣ୍ଟିଆ କେବଳ ଜଣେ "ପୁରୀପଣ୍ଡା" ନଥିଲେ । ସେ ଥିଲେ ସେମାନଙ୍କର ପ୍ରେରଣା ଓ ସ୍ୱଦେଶପ୍ରେମର ଉତ୍ସ । ସେମାନଙ୍କ ମଧ୍ୟରେ ବୁଲି ବୁଲି ସେ ବିଦ୍ରୋହର ବାର୍ତ୍ତା ପ୍ରଚାର କରିଥିଲେ । ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ମଧ୍ୟ ନିଜର ବିପଦ ଆପଦରେ ତାଙ୍କର ସାହାଯ୍ୟ ଓ ସହିଚ୍ଛା କାମନା କରିଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ ସଂଗଠିତ ବିଦ୍ରୋହରେ ଉତ୍ସାହ ଓ ପ୍ରୋତ୍ସାହନ ଦେବା ଯୋଗୁଁ ତାଙ୍କୁ କେତେଥର ଗିରଫ କରାଯାଇଥିଲା । ଓଡ଼ିଶାରେ ତାଙ୍କର ପ୍ରବେଶ ଉପରେ ଇଂରେଜ ସରକାର ନିଷେଧାଦେଶ ଜାରି କରିଥିଲେ ।

ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ମଧ୍ୟ ବାଜ୍ୟାପ୍ତ କରାଯାଇଥିଲା । ତାଙ୍କର ଘରର ଗୋଟିଏ ଗାଈ ଓ ବାଛୁରୀ ମଧ୍ୟ ଏଥିରୁ ବାଦ ପଡ଼ିନଥିଲା । ଏସଂପର୍କରେ ପୁରୀ ମାଜିଷ୍ଟ୍ରେଟ କଟକସ୍ଥ କମିଶନରଙ୍କୁ ଏକ ଚିଠି ଲେଖିଥିଲେ । ଏହା ୧୮୫୮ ଏପ୍ରିଲ ୨୧ ତାରିଖର କଥା । "ଚଖି ଖୁଣ୍ଟିଆ ଓରଫ ଚନ୍ଦନ ହଜୁରୀଙ୍କ ବାଜ୍ୟାପ୍ତ ସଂପତ୍ତି ମଧ୍ୟରେ ଥିବା ଗୋଟିଏ ଗାଈ ଓ ଗୋଟିଏ ବାଛୁରୀକୁ ଚଳାଇବାର ଖର୍ଚ୍ଚ ସେମାନଙ୍କ ମୂଲ୍ୟ ଠାରୁ ଅଧିକ ହୋଇ ଯାଉଛି । ତେଣୁ ସେଗୁଡ଼ିକୁ ବିକ୍ରି କରି ଦେବାକୁ ଅନୁମତି ଦିଆଯାଉ ।"

ତା'ପରେ ପୁରୀ ମାଜିଷ୍ଟ୍ରେଟ କଟକରେ ଥିବା କମିଶନରଙ୍କ ପାଖକୁ ଆଉ ଗୋଟିଏ ଚିଠି ଲେଖିଥିଲେ । ମୁଁ ଏବେ ଗୋଟିଏ ଖବର ପାଇଲି । ଚଖି ଖୁଣ୍ଟିଆ ଓରଫ ଚନ୍ଦନ ହଜୁରୀ ପଣ୍ଡା ଗୟାରୁ ତାଙ୍କ ଭାଇ କିଶନ (କୃଷ୍ଣ) ଖୁଣ୍ଟିଆଙ୍କ ପାଖକୁ ଗୋଟିଏ ରେଜିଷ୍ଟର୍ଡ ଚିଠି ପଠାଇଛନ୍ତି । ଲକ୍ଷ୍ନୌରେ ଥିଲାବେଳେ ଏହି ଲୋକ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ ଆଉ ଉସ୍କାଉଥିଲେ । ତାର (ଟେଲିଗ୍ରାମ) ପଠାଇ ତାଙ୍କୁ ଗିରଫ କରାଇବାକୁ ହେବ । ସାଧାରଣ ଡାକରେ ପଠାଇଲେ, ଏହି ସମୟ ଭିତରେ ସେ ଖବରଟା ପାଇ ନିଶ୍ଚୟ କୁଆଡ଼େ ପଳାଇ ଯିବେ ।"

ଏହାଛଡ଼ା ସେହି ଚିଠିରେ ମାଜିଷ୍ଟ୍ରେଟ ଚଖି ଖୁଣ୍ଟିଆଙ୍କ ଚିଠିଟିକୁ ଅଟକାଇ ରଖିବାକୁ ବା ଖୋଲି ସେଥିରେ ଦେଶଦ୍ରୋହ ବିଷୟରେ କ'ଣ ଲେଖା ଯାଇଛି ଜାଣିବାକୁ ଚାହିଁଛନ୍ତି । ଏଥିପାଇଁ କମିଶନର ତାଙ୍କୁ ଅନୁମତି ଦେଇଛନ୍ତି ଏବଂ କିଶନ (କୃଷ୍ଣ) ଖୁଣ୍ଟିଆଙ୍କ ଉପସ୍ଥିତିରେ ଉକ୍ତ ଚିଠିଟିକୁ ଖୋଲିବାକୁ ଆଦେଶ ଦେଇଥିଲେ । ଅବଶ୍ୟ ସେହି ଚିଠିରେ କୌଣସି ଦେଶଦ୍ରୋହମୂଳକ ତଥ୍ୟ ଲେଖାଯାଇ ନଥିଲା । ଫଳରେ ପତ୍ରଟି ସେମିତି ଚଖି ଖୁଣ୍ଟିଆଙ୍କ ଭାଇ କୃଷ୍ଣ ଖୁଣ୍ଟିଆଙ୍କୁ ଦିଆ ଯାଇଥିଲା ।

ଏଥିରେ ଅବଶ୍ୟ କମିଶନର ଚଖି ଖୁଣ୍ଟିଆଙ୍କୁ ସନ୍ଦେହମୁକ୍ତ ବୋଲି ଭାବି ନଥିଲେ । ବରଂ ପୁଙ୍ଖାନୁପୁଙ୍ଖ ଭାବରେ ତାଙ୍କର ଗତିବିଧିର ଅନୁସନ୍ଧାନ କରାଇଥିଲେ । ୧୮୫୮ ଜୁଲାଇ ୧୫ ତାରିଖର ଆଉ ଏକ ଚିଠି ଗୟା (ବିହାର)ର ମାଜିଷ୍ଟ୍ରେଟଙ୍କୁ ଲେଖାଯାଇଥିଲା । "ଚଖିଖୁଣ୍ଟିଆ ଓରଫ ହଜୁରୀ ପଣ୍ଡା ଜଣେ ବିଦ୍ରୋହୀ । ସେ ସିପାହୀମାନଙ୍କ ର ପଣ୍ଡା

ଏବଂ ଲକ୍ଷ୍ନୌଠାରେ ସରକାରଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିଲେ । ତାଙ୍କୁ ଗିରଫ କରାଯାଇ ଆବଶ୍ୟକ ତନଖି ପରେ ତାଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ କରାଯିବା ଦରକାର ।''


ଏହିସବୁ ଯାଞ୍ଚ କରାଯିବା ପରେ ପୁରୀ ମାଜିଷ୍ଟ୍ରେଟଙ୍କ ପାଖକୁ ଗୟାର ମାଜିଷ୍ଟ୍ରେଟ ଲେଖିଥିଲେ ''ଉକ୍ତ ଲୋକଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ନାହିଁ । ଆପଣ ତାଙ୍କୁ ନେଇ କ'ଣ କରାଯିବା ଦରକାର ବା ତାଙ୍କଠାରୁ କି ପ୍ରମାଣ ସୃଷ୍ଟି ହେଉଛି, ଜଣାନ୍ତୁ । ସେ ନିଜ ବିଷୟରେ ଅବଶ୍ୟ ଯାହା କହୁଛନ୍ତି, ତାହା ସନ୍ତୋଷ ଜନକ ନୁହେଁ । ସେ ଗତବର୍ଷ ବୈଶାଖ କିମ୍ବା ଜ୍ୟେଷ୍ଠ ମାସରେ ଆହ୍ଲାବାଦ ଛାଡ଼ିଥିଲେ ଏବଂ ଏବର୍ଷ ବୈଶାଖ ମାସରେ ଅଯୋଧ୍ୟାକୁ ଆସି ଏକ ମାସ ହେଲା ରହିଛନ୍ତି । ଏହି ମଧ୍ୟବର୍ତ୍ତୀ ଏଗାର ମାସକାଳ ସେ କେଉଁଠି କଟାଇଥିଲେ କହୁ ନାହାନ୍ତି । ଯଦିଓ ସେ ମଥୁରାରେ ଥିଲେ ବୋଲି କହୁଛନ୍ତି, ସେଠାରେ ଏତେ ସମୟ କଟାଇଲା ପରି ମନେ ହେଉନାହିଁ ।

ପୁରୀ ମାଜିଷ୍ଟ୍ରେଟ ସୃଷ୍ଟି ଖୁଣ୍ଟିଆଙ୍କ ବିଷୟରେ ଆହୁରି ତଦନ୍ତ କରିବାକୁ ଚାହିଁଥିଲେ । ମାତ୍ର କମିଶନର ତାଙ୍କୁ ଖଲାସ କରିଦେବାକୁ ଇଚ୍ଛା କରିଥିଲେ । ବିହାର କମିଶନରଙ୍କୁ ତଳନ୍ତ କରି ତାଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଅନୁରୋଧ କରାଯାଇଥିଲା । ସିପାହୀମାନଙ୍କର ପଣ୍ଡା ବୃତ୍ତି ଯେମିତି ସେ ସ୍ୱଳ୍ପରକ୍ଷି ନପାରିବେ, ସେଥିପାଇଁ ଇଂରେଜ ସରକାର ତୀକ୍ଷ୍ଣ ଦୃଷ୍ଟି ଦେଇଥିଲେ । ବିଭିନ୍ନ ଜେଲ୍‌ରେ ତାଙ୍କୁ ଅଟକ ରଖାଯାଇଥିଲା ।

ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନରେ ସୃଷ୍ଟି ଖୁଣ୍ଟିଆଙ୍କର ଭୂମିକା ଏପର୍ଯ୍ୟନ୍ତ ବିଶେଷ ରହସ୍ୟାବୃତ । କିନ୍ତୁ ଲକ୍ଷ୍ନୌ, ଅଯୋଧ୍ୟା, ଗୟା ପ୍ରଭୃତି ବିଦ୍ରୋହ କେନ୍ଦ୍ର ସ୍ଥାନଗୁଡ଼ିକରେ ତାଙ୍କର ଉପସ୍ଥିତି, ଇଂରେଜ ସରକାର ତାଙ୍କୁ ''ସିପାହୀ ପଣ୍ଡା'' ବୋଲି ଖୁବ୍ ଭୟ କରିବା, ପ୍ରାଣମୂର୍ଖା ଭାବରେ ତାଙ୍କର ପିଛା ଧରିବା, ତାଙ୍କୁ ବାରମ୍ବାର ଗିରଫ କରିବା, ତାଙ୍କ ସମ୍ପତ୍ତିବାଡ଼ିକୁ ବାଜ୍ୟାପ୍ତି କରିବା, ତାଙ୍କ ପାରମ୍ପରିକ ବୃତ୍ତି ''ପଣ୍ଡା ବ୍ୟବସାୟ''କୁ ତାଙ୍କୁ ବଞ୍ଚିତ କରିବା, ତାଙ୍କର ଓ ତାଙ୍କ ସଂପର୍କୀୟମାନଙ୍କର ଚିଠିପତ୍ରକୁ ଡାକରେ ତନଖି ବା ଯାଞ୍ଚ କରିବା ଇତ୍ୟାଦିରୁ ଉକ୍ତ ଆନ୍ଦୋଳନରେ ସୃଷ୍ଟି ଖୁଣ୍ଟିଆଙ୍କର ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ସହଜରେ ଅନୁମିତ ହୁଏ । ହିନ୍ଦୁ ସିପାହୀମାନଙ୍କୁ ମତାଇଦେଇ ସେ ଯେ ଇଂରେଜ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହାଗ୍ନିକୁ ପ୍ରଜ୍ୱଳିତ ରଖିବାକୁ ଉଦ୍ୟମ କରିଥିଲେ, ଏଥିରେ ସନ୍ଦେହ ନାହିଁ ।

ଇଂରେଜ ସରକାରଙ୍କ ବିରୁଦ୍ଧରେ ସେ ଅସାଧାରଣ ସାହସ ଓ ଦୃଢ଼ ମନୋବଳର ସହିତ ଦଣ୍ଡାୟମାନ ହୋଇଥିଲେ । ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ସେ ଇଂରେଜ ବିରୋଧୀ ଆନ୍ଦୋଳନ ପାଇଁ ବହୁକାର୍ଯ୍ୟ କରିଥିଲେ । ଏଥିରୁ ସେ ଯେ ଜଣେ ପରମ ସ୍ୱଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ, ଏହା ସ୍ପଷ୍ଟ । ସେ ଜାତୀୟବୀରଙ୍କ ସମ୍ମାନାସ୍ପଦ ଆସନର ସୁଯୋଗ୍ୟ ଅଧିକାରୀ, ଏଥିରେ ସନ୍ଦେହ ନାହିଁ । ଏହା ଓଡ଼ିଆ ଜାତିର ଗର୍ବ ଓ ଗୌରବର ବିଷୟ । ଚନ୍ଦନ ହଜୁରୀ ନାମରେ ତାଙ୍କର ଜଗନ୍ନାଥ ଜଣାଣ ଚିରସ୍ମରଣୀୟ । ତାଙ୍କ ରଚିତ କେତେକ କାବ୍ୟକବିତାରୁ ତତ୍କାଳୀନ ସାମାଜିକ ଚିତ୍ର ମିଳିଥାଏ । ସୃଷ୍ଟି ଖୁଣ୍ଟିଆ ଊନବିଂଶ ଶତାବ୍ଦୀର ଜଣେ ଅଗ୍ରଗଣ୍ୟ ସ୍ୱଦେଶ-ପ୍ରେମିକ ଓ ପ୍ରତିଭାଶାଳୀ ସାରସ୍ୱତ ସାଧକ, ଏହା ସର୍ବବାଦୀ ସମ୍ମତ । ସ୍ୱାଧୀନତା ସଂଗ୍ରାମର ଇତିହାସରେ ତାଙ୍କର ସ୍ଥାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

କ୍ୱାଟରସ୍ ନଂ ୩୧/୨ ଭିଏ, ୟୁନିଟ୍ ୨
ଭୁବନେଶ୍ୱର-୭୫୧୦୦୯



କୃତୀ ସାହିତ୍ୟିକ ମାନଙ୍କୁ ପୁରସ୍କାର ..

# ନେତାଜୀ – ଆଜାଦ୍ ହିନ୍ଦ୍ ଫୌଜ୍ ଓ ତହିଁରେ ଓଡ଼ିଶାର ଅବଦାନ

ଡାକ୍ତର ବୀରକିଶୋର ଭୂୟାଁ

ଭାରତବର୍ଷ ପରାଧୀନ ଥିବାବେଳେ ଓଡ଼ିଶାର ବହୁଲୋକ ଉପାର୍ଜନ ଲାଗି ଓଡ଼ିଶା ବାହାରେ ବଙ୍ଗଳା, ଆସାମ, ଟାଟା, ମୁଷାବଣି, ରେଙ୍ଗୁନ ପ୍ରଭୃତି ସ୍ଥାନରେ କର୍ମ ସଂସ୍ଥାପନ କରି ଦେଶକୁ ସମୃଦ୍ଧିଶାଳୀ କରିବାରେ ସହାୟତା କରୁଥିଲେ । ସେତେବେଳେ ଦେଶରେ ସୁଲଭ ମଜୁରୀ ମିଳିବାରେ କଷ୍ଟକର ଥିଲା । ତେଣୁ ଅଶିକ୍ଷିତ ଓଡ଼ିଆମାନେ ବାଧ୍ୟରେ ବାହାର ପ୍ରଦେଶ ଏପରିକି ଭାରତ ବାହାରେ ମାଳୟ, ବର୍ମା ଦେଶକୁ ଯାଇ କଳ କାରଖାନାରେ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ । କେତେକ ବର୍ମାର ଜଙ୍ଗଲ ଅଞ୍ଚଳରେ ଧାନଜମି ଚାଷକରି ପ୍ରତିପୋଷଣ ହେଉଥିଲେ ।

ନିରୀହ ଅଶିକ୍ଷିତ ଓଡ଼ିଆମାନଙ୍କର ସରଳ ନିଷ୍କପଟ ସ୍ୱଭାବରେ ସେଠା ସ୍ଥାନୀୟ ବାସିନ୍ଦାମାନେ ଉପକୃତ ହେବା ସଙ୍ଗେସଙ୍ଗେ ସେମାନଙ୍କୁ ଆପଣାର କରି ନେଉଥିଲେ । ବହୁଦିନ ଏହିପରି ଚାଲିଥିଲା ।

୨ୟ ବିଶ୍ୱଯୁଦ୍ଧର ଅବ୍ୟବହିତ ପୂର୍ବରୁ ଯୁଦ୍ଧ ଲାଗିବ, ବମ୍ ପଡ଼ିବ, ଏହି ଆଶଙ୍କାରେ ଆତଙ୍କିତ ହୋଇ ବହୁ ଭାରତୀୟ ବ୍ରହ୍ମଦେଶ ଛାଡ଼ି ସ୍ୱଦେଶକୁ ବାହୁଡ଼ିବାରେ ଲାଗିଲେ । ସେତେବେଳେ ବ୍ରହ୍ମଦେଶ ବ୍ରିଟିଶ ଶାସନାଧୀନ ଥିଲା ।

ଜାପାନ ବର୍ମା ଦଖଲ ପାଇଁ ମାଡ଼ି ଆସୁଥିବା ଖବର ପ୍ରଚାର ହେବାରୁ ଭାରତୀୟମାନେ ଗାଡ଼ି ମୋଟର ନ ପାଇ ଦେଶକୁ ଚାଲିଚାଲି ଆସୁଥିବା ବେଳେ ଖାଦ୍ୟ ପାନୀୟ ନ ପାଇ ବହୁଲୋକ ଦୂଷିତ ଜଳ ବ୍ୟବହାର କରି ସଂକ୍ରାମକ ରୋଗରେ ପଡ଼ି ମୃତ୍ୟୁ ବରଣ କଲେ ଏବଂ ଚୋର ଡକାୟତଙ୍କ କବଳରେ ପଡ଼ି ଲୁଣ୍ଠିତ ହେଲେ । ଅସୁସ୍ଥାବସ୍ଥାରେ ଯେଉଁମାନେ ଚାଲିବା ପଥରେ ଆସି ନ ପାରିଲେ ଏବଂ ଲୁଣ୍ଠିତ ହୋଇ ସମ୍ବଳହୀନ ହୋଇ ପଡ଼ିଲେ ବାଧ୍ୟରେ ସେମାନେ ଅଟକି ରହି ଗୁଜୁରାଣ ମେଣ୍ଟାଇ ଜୀବନ ରକ୍ଷା କରିଥିଲେ ।

ଜାପାନୀ ବର୍ମା ଜିଣିଗଲେ । ଗୋରାମାନେ ଲୁଚିଛପି ଆତ୍ମରକ୍ଷା କରିବାକୁ ଚେଷ୍ଟାକରି କେତେକ ଉଡା ଜାହାଜରେ ଭାରତ ଧାଇଁ ଆସିବାକୁ ସକ୍ଷମ ହୋଇଥିଲେ । ଅନ୍ୟମାନେ ଜାପାନର ବନ୍ଦୀ ହୋଇ ରହିଥିଲେ । ବ୍ରିଟିଶ ପଳାଇବା ଆଉ ଜାପାନୀମାନେ ସମସ୍ତ ବର୍ମା ଦଖଲ ନ କରିଥିବା ସମୟଟା ଅତି ସାଙ୍ଘାତିକ ଅବସ୍ଥାରେ ଥିଲା । ଲୁଟ ପାଟ, ହତ୍ୟାକାଣ୍ଡ ଏକ ପ୍ରକାର ଅରାଜକତା ବିସ୍ତାର କରିଥିଲା ।

ତାପରେ ଜାପାନ ସର୍କାର ବର୍ମାର କଳ କାରଖାନା ଇତ୍ୟାଦି ଚାଲନ ପାଇଁ ଉଦ୍‌ଯୋଗ କରି ଶ୍ରମିକ ସଂଗ୍ରହ କଲେ । ଲୋକେ ଜୀବନ ବଞ୍ଚାଇବାକୁ ନିଜନିଜ କର୍ମ କ୍ଷେତ୍ରରେ ପୁନଃ ନିଯୁକ୍ତି ପାଇଲେ । ବିଜୟୀ ସରକାର ଲୋକଙ୍କ ଥଇଥାନ ନିମନ୍ତେ ରାସ୍ତା-ଘାଟ ଇତ୍ୟାଦିରେ ଲୋକଙ୍କୁ ଲଗାଇ ମଜୁରୀ ଦେଇ କାର୍ଯ୍ୟ କରାଉଥିଲେ ।

ବିଶ୍ୱଯୁଦ୍ଧର ଅବ୍ୟବହିତ ପୂର୍ବରୁ ୧୯୪୧ ଜାନୁୟାରୀ ୧୬ ତାରିଖରେ ଶ୍ରୀ ସୁଭାଷଚନ୍ଦ୍ର ବୋଷ କଲିକତାରେ ଅନ୍ତରୀଣ ବନ୍ଦୀଶାଳାରୁ ନାଟକୀୟ ଭାବେ ବ୍ରିଟିଶ ପ୍ରହରୀଙ୍କ ଆଖିରେ ଧୂଳି ଦେଇ ଭାରତରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ସେ କୁଆଡେ ଗଲେ, କେମିତି ଗଲେ, ଗୋଇନ୍ଦା ବିଭାଗ ମଧ୍ୟ ତାର ସନ୍ଧାନ ପାଇ ପାରି ନ ଥିଲେ । ସେ ଜର୍ମାନ ଯାଇ ହିଟଲର ସଙ୍ଗେ ବନ୍ଧୁତା ସ୍ଥାପନ କରି ଭାରତର ଅବସ୍ଥା ଓ ତାଙ୍କର କର୍ମସୂଚୀ ଦେବାରୁ ହିଟଲରଙ୍କ ଜଣେ ପ୍ରିୟପାତ୍ର ହୋଇ ସମସ୍ତ ସାହାଯ୍ୟ ସହଯୋଗ ପାଇବାକୁ ଏବଂ ରାଜନୈତିକ ଆଶ୍ରୟ ପାଇବାକୁ ସ୍ୱୀକୃତି ଲାଭ କରିଥିଲେ । ପ୍ରଥମେ ସେ ସେଠାରେ ଏଫ୍.ଆଇ.ସି. ଫ୍ରି ଇଣ୍ଡିଆ ସେଣ୍ଟର ସଂସ୍ଥା ଖୋଲି କାର୍ଯ୍ୟ ଆରମ୍ଭ କଲେ ଏବଂ ସେହି ସଂସ୍ଥାର ରେଡ଼ିଓ ମାଧ୍ୟମରେ ଭାରତବାସୀଙ୍କ ଉଦ୍ଦେଶ୍ୟରେ ସମ୍ବାଦ ପରିବେଷଣ କରିଥିଲେ- "ମୁଁ ସୁଭାଷ କହୁଛି–"

ବହୁବର୍ଷ ପୂର୍ବରୁ ୧୯୧୨ରେ ଭାରତର ଜଣେ ବିପ୍ଳବୀ ସନ୍ତ୍ରାସବାଦି ନେତା ଶ୍ରୀ ରାସବିହାରୀ ବୋଷ ଦିଲ୍ଲୀ ଚାନ୍ଦନୀଚୌକଠାରେ ଭାଇସରାୟ ଲର୍ଡ ହେଷ୍ଟିଙ୍ଗଙ୍କ ଉପରକୁ ବୋମା ନିକ୍ଷେପ କରି ଫେରାର ରହି ୧୯୧୫ ରେ ଛଦ୍ମ ନାମରେ ଜାପାନର ଏକ ଜାହାଜରେ କିରାଣୀ ଚାକିରୀ ପାଇ ଭାରତରୁ ଖସି ପଳାଇ ଯାଇ ଜାପାନରେ ବସବାସ କରି ରହୁଥିଲେ । ଏବଂ ଭାରତର ସ୍ୱାଧୀନତା ପାଇଁ ପ୍ରାଣପଣେ ଅଦମ୍ୟ ଚେଷ୍ଟା ଚଳାଇଥିଲେ । ଏତିକିବେଳେ ତାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଗଲା । ସେ ଜାପାନରୁ ଜାପାନ ଅଧିକୃତ ସିଙ୍ଗାପୁର ଆସି ସେଠାରେ ଆଇ.ଆଇ.ଏଲ୍. ଇଣ୍ଡିୟାନ ଇଣ୍ଡିପେଣ୍ଡେଣ୍ଟ ଲିଗ୍ ସଂସ୍ଥା ଗଢ଼ି କାର୍ଯ୍ୟ ଆରମ୍ଭ କରିଦେଲେ ଏବଂ ତାଙ୍କ ସଂସ୍ଥାରେ ଦକ୍ଷିଣ ପୂର୍ବ ଏସି[illegible] ସମସ୍ତ ଭାରତୀୟମାନେ ସହଯୋଗ କଲେ ।

ସିଙ୍ଗାପୁର ପତନବେଳେ ୩୨ ହଜାର ବ୍ରିଟିଶ ଆର୍ମି ଆତ୍ମ-ସମର୍ପଣ କରି ଜାପାନର କଏଦୀ କ୍ୟାମ୍ପରେ ଥିଲେ । ରାସବିହାରୀ ବାବୁ ଅଦମ୍ୟ ଚେଷ୍ଟା ଚଳାଇ ବନ୍ଦୀ ଭାରତୀୟମାନଙ୍କୁ ସଂଗଠିତ କରି ସୁଭାଷ ବୋଷଙ୍କ ପରିକଳ୍ପିତ ଭାରତୀୟ ଜାତୀୟ ବାହିନୀ ଗଠନ କଲେ ।

ରାସ ବିହାରୀ ବାବୁ ସିଙ୍ଗାପୁର ଆସିବା ପୂର୍ବରୁ ସୁଭାଷବାବୁଙ୍କୁ ତକାଇ ଲିଗ୍ ସୁପ୍ରିମ ଚାର୍ଜ ଦେଇ ସିଙ୍ଗାପୁର ଆସିଥିଲେ । ସୁଭାଷବାବୁଙ୍କୁ ସିଙ୍ଗାପୁରେ ତକାଇ ଭାରତୀୟ ଜାତୀୟ ବାହିନୀ ବା ଆଜାଦ ହିନ୍ଦ ଫୌଜର ସୁପ୍ରିମ୍ କମାଣ୍ଡ ଦାୟିତ୍ୱ ଦିଆଗଲା । ସେ ଆଙ୍ଗ୍ଲୋ-ଆମେରିକାନ ସାମ୍ରାଜ୍ୟବାଦୀଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଦେଲେ ।

ଯୁଦ୍ଧବନ୍ଦୀ ସୈନ୍ୟଙ୍କ ବ୍ୟତୀତ ଯେତେବେଳେ ଆହୁରି ସୈନ୍ୟ ସଂଗ୍ରହ ଚାଲିଲା, ଇଣ୍ଡିୟାନ ଇଣ୍ଡିପେଣ୍ଡେଣ୍ଟ ଲିଗ୍‌ର ସଦସ୍ୟଙ୍କ ମଧ୍ୟରୁ ତରୁଣ ଯୁବକ ମାନଙ୍କୁ ତାଲିମ ଦେଇ ସୈନ୍ୟଭୁକ୍ତ କରାଗଲା ।

ବର୍ମା ତଳମାଳରେ ଧାନ କ୍ଷେତରେ କାମ କରୁଥିବା କ୍ଷେତ ମଜୁରିଆ ଓଡ଼ିଆ ଶ୍ରମିକମାନଙ୍କୁ ଗଞ୍ଜାମ ଜିଲ୍ଲା ପିତଳ ଗ୍ରାମ ନିବାସି ଶ୍ରୀକୃଷ୍ଣଚନ୍ଦ୍ର ତ୍ରିପାଠୀ ଦଳକା ଦଳ ଲୋକ ସଂଗ୍ରହ କରିଆଣି ଫିଲଡ ପ୍ରୋପାଗଣ୍ଡା କ୍ୟାମ୍ପରେ ଛାଡ଼ି ଦେଇ ଯାଉଥାନ୍ତି । ଯେତେବେଳେ ସେ କ୍ୟାମ୍ପରେ ମୁଁ ମେଡ଼ିକାଲ ଅଫିସର ଥାଏ । ସେମାନଙ୍କର ଡାକ୍ତରୀ ପରୀକ୍ଷାବେଳେ ସେମାନଙ୍କ ସଂପର୍କରେ ଆସିବାକୁ ପଡ଼ିଥିଲା । ଏବଂ ତ୍ରିପାଠୀବାବୁଙ୍କ ସଙ୍ଗେ ପରିଚୟ ହୋଇଥିଲା ।

ଆଜାଦ ହିନ୍ଦ ଫୌଜରେ ଯୋଗ ଦେବା ପୂର୍ବରୁ ନାମତୁଠାରେ ଲିଗ୍‌ରେ କାମ କରୁଥିବାବେଳେ ନେତାଜୀ ଯେତେବେଳେ ସର୍ବ ପ୍ରଥମେ ସିଙ୍ଗାପୁରରୁ ରେଙ୍ଗୁନ ଆସିଲେ, ଅପର ବର୍ମା ସ୍ୟାନଷ୍ଟେଟରୁ ଆମେ ତେରଜଣ ଲିଗ୍ ସଦସ୍ୟ ନେତାଜୀଙ୍କୁ ସାକ୍ଷାତ କରିବାକୁ ରେଙ୍ଗୁନ ଆସିଥିଲୁ । ସେହି ତେରଜଣଙ୍କ ମଧ୍ୟରେ ମୋର ବନ୍ଧୁ ଶ୍ରୀ ନରସିଂହ ଚରଣ ଦାଶ ଓ ମୁଁ ଦୁଇଜଣ ଓଡ଼ିଶାବାସୀ ଥିଲୁ ।

ସାରାବର୍ମାର ଗୋଟିଏ ସ୍ପେସିଆଲ ଟ୍ରେନରେ ପଞ୍ଚଶତାଧିକ ପ୍ରତିନିଧି ଆସିଥିଲେ ଏବଂ ଜାମେଷ୍ଟିଚ ଚେଟିଆର ହାଇସ୍କୁଲରେ ରହିବା ଓ ଖାଇବାର ବନ୍ଦୋବସ୍ତ କରା ଯାଇଥିଲା । ହାଇସ୍କୁଲ ଖେଳ ପଡ଼ିଆରେ ସାଧାରଣ ସଭାପରେ ପ୍ରତିନିଧିଙ୍କ ପାଇଁ ସ୍କୁଲ ହଲରେ ଅନ୍ୟ ଏକ ସଭା ହେଲା । ନେତାଜୀ ବକ୍ତୃତା ଶେଷକରି ଯେତେବେଳେ କହିଲେ ଆମର ଯୁଦ୍ଧରେ ଲଢ଼ିବାକୁ ଲକ୍ଷୁଆ ସୈନିକ୍ ମହଜୁଦ ଅଛନ୍ତି କିନ୍ତୁ ଆମକୁ ବର୍ତ୍ତମାନ ଏପରି କେତେକ ଦେଶପ୍ରେମୀ ସୈନିକ ଦରକାର ଯେଉଁମାନେ ମାତୃଭୂମିର ମୁକ୍ତି ନିମନ୍ତେ ଆଗ ପଛ ନ ବିଚାରି ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ହୋଇଯିବେ । ଆପଣମାନଙ୍କ ମଧ୍ୟରୁ ଯଦି ସେପରି କରିବାକୁ ପ୍ରସ୍ତୁତ ଥାଆନ୍ତି ହାତ ଉଠାନ୍ତୁ ।

ପ୍ରଥମେ ବହୁତ ଗୁଡ଼ିଏ ହାତ ଏକେସଙ୍ଗେ ଉଠିବାରୁ ପ୍ରକୃତ ସଂଖ୍ୟା ଠିକ୍ ରୂପେ ନିରୂପଣ ହୋଇ ପାରିଲା ନାହିଁ । ତହୁଁ ଛିଡ଼ା ହୋଇ ସମର୍ଥନ ଜଣାଇବାକୁ ନେତାଜୀ ନିର୍ଦ୍ଦେଶ ଦେଲେ । ପଞ୍ଚ ଶତାଧିକ ପ୍ରତିନିଧିଙ୍କ ମଧ୍ୟରୁ କେବଳ ବାରଜଣ ଛିଡ଼ା ହେବା ଦେଖାଗଲା । ତହିଁରେ ଆମେ ଦୁଇଜଣ ଓଡ଼ିଶାବାସୀ ଥିଲୁ ।

ତ୍ରିପାଠୀ ବାବୁଙ୍କ ପ୍ରରୋଚନାରେ ଓଡ଼ିଶାର ମୂର୍ଖ ଅଶିକ୍ଷିତ ଅର୍ଦ୍ଧ ଶିକ୍ଷିତମାନେ ଆଗ୍ରହ ଉତ୍ସାହରେ ମାତୃଭୂମିର ସେବା କରିବାକୁ ଆଗେଇ ଆସିଲେ । ପ୍ରଥମେ ସେମାନେ ସାତଦିନ ଫିଲ୍ଡ ପ୍ରୋପାଗଣ୍ଡା କ୍ୟାମ୍ପରେ ରହି ପରେ ବିଭିନ୍ନ କ୍ୟାମ୍ପମାନଙ୍କରେ ଟ୍ରେନିଂ ପାଉଥିଲେ ।

ବିଦେଶରେ ଓଡ଼ିଆମାନେ ମାଟିକଟା ଜାତି ବୋଲି ପରିଚିତ । କାରଣ ସେମାନେ ରେଳବାଇ ଓ କ୍ଷେତ ଖମାରରେ କାମ କରନ୍ତି । ଦିନେ ଯେଉଁମାନେ କ୍ଷେତ ମଜୁରିଆ ହିସାବରେ ହାତରେ ଦାଆ ଧରି ଧାନ କାଟୁଥିଲେ ଏବଂ କୁରାଢ଼ି ଟାଙ୍ଗିଆରେ କାଠ ହାଣୁଥିଲେ । ପରବର୍ତ୍ତୀ କାଳରେ ସେମାନେ ଯେ ଦୁର୍ଦ୍ଧର୍ଷ ବୀର ସୈନିକ ସାଜି ଦାଆ ଧରିବା ହାତରେ ବଂଧୁକ କମାଣ ଚଳାଇ ସ୍ୱଳ୍ପଦିନ ମଧ୍ୟରେ ଏତେ ସଫଳତା ହାସଲ କରିବେ ତାହା କଳ୍ପନାତୀତ ଥିଲା । ଆଜାଦହିନ୍ଦ ଫୌଜରେ ଓଡ଼ିଶାର ସର୍ବୋଚ୍ଚ ଅଫିସର ଥିଲେ ପୁରୀର ଲେ. କର୍ଣ୍ଣେଲ ଡା: ବ୍ରଜମୋହନ ପଟ୍ଟନାୟକ । ସେ ନେତାଜୀଙ୍କର ବଡ଼ ପ୍ରିୟ ପାତ୍ର ହୋଇ ପାରିଥିଲେ ।

ରେଙ୍ଗୁନ ଥିନାଯାଉଁରେ ମେଜର ଜୀବନ ସିଂହଙ୍କ ତତ୍ତ୍ୱାବଧାନରେ ଗୋଟିଏ ସ୍ପେସିଆଲ ଟ୍ରେନିଂ କ୍ୟାମ୍ପ ଖୋଲିଥିଲା । ସେଥିରେ ପ୍ରାୟ ବଙ୍ଗାଳି ଯୁବକମାନେ ଟ୍ରେନିଂ ନେଉଥିଲେ ।

ତ୍ରିପାଠୀବାବୁ ପ୍ରଭୃତିଙ୍କ ପ୍ରରୋଚନାରେ ମିନିଗାଉଁରେ ସେହିଭଳି ଗୋଟିଏ ସ୍ପେସିଆଲ ଓଡ଼ିଆ କ୍ୟାମ୍ପ କର୍ଣ୍ଣେଲ ବ୍ରଜ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖୋଲାହେଲା । ବିଭିନ୍ନ କ୍ୟାମ୍ପରେ ଥିବା ଓଡ଼ିଆମାନେ ଆସି ସେଠାରେ ଟ୍ରେନିଂ ନେଲେ । ଟ୍ରେନିଂ ପାଇଁ ବିଶେଷ ତତ୍ପରତା ସହ ଦକ୍ଷତା ଅର୍ଜନ କଲେ । କେବଳ ଓଡ଼ିଆମାନଙ୍କ ମଧ୍ୟରୁ ମୁଁ ଓ ମୋର ବଂଧୁ ନରସିଂହବାବୁ ବାଦ ପଡ଼ିଥିଲୁ । ତାର କାରଣ ବଂଧୁ ନରସିଂହ ଚରଣ ଦାସ ଅଫିସର୍ସ ଟ୍ରେନିଂ ନେଇ କମିଶନ ପାଇ ସିଧା ବାହାଦୁର ଗ୍ରୁପରେ ସୀମାନ୍ତକୁ ଲଢ଼ିବା ପାଇଁ ଚାଲି ଯାଇଥିଲେ ଓ ଫିଲ୍ଡ ପ୍ରୋପାଗଣ୍ଡା କ୍ୟାମ୍ପରେ ଅନ୍ୟ ମେଡ଼ିକାଲ ଅଫିସର ନଥିବାରୁ କମାଣ୍ଡର ଅମର ସିଂହ ନେତାଜୀଙ୍କୁ ଅନୁରୋଧ କରିଥିଲେ କ୍ୟାମ୍ପରେ ମୁଁ ରହିବା ପାଇଁ ।


ଓଡ଼ିଶାର ସୈନିକମାନଙ୍କ ମଧ୍ୟରୁ ସ୍ୱଳ୍ପ ସମୟ ମଧ୍ୟରେ କେତେକ କାର୍ଯ୍ୟ ଦକ୍ଷତା ଦେଖାଇ ସିପାହୀରୁ ଲାନସ୍ ନାୟକ-ନାୟକ ଓ ହାବିଲଦାରକୁ ପ୍ରମୋସନ ପାଇ ଯାଇଥିଲେ ।

ସେମାନଙ୍କ ସେତେବେଳର ବୀରତ୍ୱ ଭୁଲିବାର ନୁହେଁ । ଆଜି ସେମାନଙ୍କ ମଧ୍ୟରୁ ଯେଉଁ କେତେକ ବଞ୍ଚି ରହିଛନ୍ତି ସେମାନଙ୍କୁ ଏ ପରିଣତ ବୟସରେ ଦେଖିଲେ କିଏ ବିଶ୍ୱାସ କରିବ ଯେ ଦିନେ ଏହିମାନେ ଆଜାଦ ହିନ୍ଦ ଫୌଜରେ ପ୍ରବଳ ପ୍ରତାପୀ ଦୁର୍ଦ୍ଧର୍ଷ ବୀର ସୈନିକ ଥିଲେ ।

ବଳ ବୟସ ଗଡ଼ି ଯାଇଛି ସତ କିନ୍ତୁ ସେମାନଙ୍କ ଠାରେ ପୂର୍ବର ନେତାଜୀଙ୍କ ଆଦର୍ଶ ଅଦ୍ୟାପି ପରିଲକ୍ଷିତ ହେଉଛି ଏବଂ ଶୃଙ୍ଖଳା ବଞ୍ଚି ରହିଛି ।

"ଜୟ ହିନ୍ଦ"

ପୂର୍ବତନ ସଭାପତି ଆଜାଦ ହିନ୍ଦ ଫୌଜ ସଂଘ
ମଧୁସୂଦନ ନଗର
ପୋଷ୍ଟ- ତୁଳସୀପୁର କଟକ ।



ସ୍ୱାଧୀନତା ହେଉଛି, ଜାତିର ଏକ ଅଦମନୀୟ ଆତ୍ମବୃତ୍ତି, କଠୋର ସାଧନା ଓ ସଙ୍କଳ୍ପର ପ୍ରତୀକ ।

# ସାର୍ଥକ ସ୍ୱପ୍ନ

## ସଫଳ ଶିଳ୍ପୋଦ୍ୟୋଗୀ ଗୋଲକ ଚନ୍ଦ୍ର

କଟକ ଜିଲ୍ଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ବହୁଗ୍ରାମଠାରେ ପ୍ରୋପାଇଟର ଶ୍ରୀ ଗୋଲକ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ଗଢ଼ି ଉଠିଛି ଏକ ଆଲ୍‌ମୋନିୟମ ଇଣ୍ଡଷ୍ଟ୍ରୀ । ଶ୍ରୀ ପଣ୍ଡା ପୂର୍ବରୁ ଘାଉ ବ୍ୟବସାୟ କରୁଥିଲେ । ସେ ଜଗତ୍‌ପୁର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ଇଣ୍ଡଷ୍ଟ୍ରି ଦେଖି ଆଲ୍‌ମୋନିୟମ ଇଣ୍ଡଷ୍ଟ୍ରି କରିବା ପାଇଁ ସ୍ଥିର କରି କଲିକତା ଗଲେ । ସେଠାରେ ପ୍ରାୟ ୪୦ରୁ ଅଧିକ ଆଲ୍‌ମୋନିୟମ ଇଣ୍ଡଷ୍ଟ୍ରି ପରିଦର୍ଶନ କରିଥିଲେ । ରୋଲିଂ ମେସିନ୍, ସ୍ପିନିଂ ମେସିନ, ଅନ୍ୟାନ୍ୟ ଯନ୍ତ୍ରପାତି ଏବଂ ତାଙ୍କର ବହୁଗ୍ରାମରେ ଥିବା ନିଜର ୩½ ଗୁଣ୍ଠ ଜମି ଉପରେ ଘର କରିବା ନିମିତ୍ତ ୪ଲକ୍ଷ ୯୫ ହଜାର ଟଙ୍କା ଓଡ଼ିଶା ଷ୍ଟେଟ ଫାଇନାନ୍‌ସିଆଲ୍ କର୍ପୋରେସନରୁ ଆଣି କଲିକତାର ଶ୍ରୀ ଗଣେଶ ଇଞ୍ଜିନିୟରିଂଠାରୁ ଯନ୍ତ୍ରପାତି ଖରିଦ କରି ପୁନଶ୍ଚ ଜଗତପୁର ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡଷ୍ଟ୍ରିଆଲ ବ୍ରାଞ୍ଚରୁ ମଞ୍ଜୁର ହୋଇଥିବା ଓ୍ୟାର୍କିଂ କ୍ୟାପିଟାଲ୍ ୪ ଲକ୍ଷ ୨୬ ହଜାର ମଧ୍ୟରୁ ୧ ଲକ୍ଷ ୭୦ ହଜାର ଟଙ୍କା ପାଇ ତାଙ୍କର ଇଣ୍ଡଷ୍ଟ୍ରି କାର୍ଯ୍ୟ ଆରମ୍ଭ କରିଛନ୍ତି ।

ପ୍ରତିମାସରେ ଆଲ୍‌ମୋନିୟମ୍‌ରୁ ସେ କେଟନ୍‌ସିଲଭର ପାଇ ପାରୁଛନ୍ତି । ଏହାଦ୍ୱାରା ସେ ସିଲ୍‌ଭର ତିଆରି ହୁଣ୍ଡା, ଟସଲ, ଥାଳି, ଗ୍ଲାସ, ଡେକ୍‌ଚି, ବାଲ୍‌ଟି, ଗିନା, ଡେଲ୍ଲ ଏବଂ କଡେଇ ଇତ୍ୟାଦି ଜିନିଷ ତିଆରି କରିପାରୁଛନ୍ତି, ଏବଂ ଏଗୁଡ଼ିକ ସୁବିଧା ଦରରେ ହୋଲ୍‌ସେଲ୍ ଦରରେ ବିକ୍ରୀ କରୁଛନ୍ତି ।

ବର୍ତ୍ତମାନ ଶ୍ରୀ ପଣ୍ଡା O. S. F. C.ରେ ୭୩ ହଜାର ଟଙ୍କା ପରିଶୋଧ କରିବା ସଙ୍ଗେସଙ୍ଗେ ଜଗତ୍‌ପୁର ସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆ, ଇଣ୍ଡଷ୍ଟ୍ରିଆଲ ବ୍ୟାଙ୍କର ୧୧ ହଜାର ଟଙ୍କା ପରିଶୋଧ କରିପାରିଛନ୍ତି । ଉକ୍ତ ଇଣ୍ଡଷ୍ଟ୍ରିରେ ବର୍ତ୍ତମାନ ୧୫ ଜଣ ଲୋକ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ଶାରୀରିକ ବିକଳାଙ୍ଗ ଏବଂ ଦୁଇ ଜଣ ସ୍ତ୍ରୀ ଲୋକ ମଧ୍ୟ ଅନ୍ତର୍ଭୁକ୍ତ । ଉକ୍ତ ୧୫ ଜଣ ଲୋକ ମାସକୁ ହାରାହାରି ୧୦ହଜାର ଟଙ୍କା ଦରମା ନିଅନ୍ତି । ଇଣ୍ଡଷ୍ଟ୍ରିର ମାସିକ ଆୟ ହାରାହାରି ୩୨ ହଜାର ହୁଏ । ସେଥିରୁ ଋଣ ପରିଶୋଧ, ମାଲ କ୍ରୟ ଏବଂ ଇଲେକ୍‌ଟ୍ରି ଜମା ମଧ୍ୟ ହୋଇଥାଏ ।

ଶ୍ରୀ ପଣ୍ଡା କୁହନ୍ତି ଷ୍ଟେଟ୍ ବ୍ୟାଙ୍କ ଯଦି ମଞ୍ଜୁର ହୋଇଥିବା ଅବଶିଷ୍ଟ ଟଙ୍କା ଦିଅନ୍ତେ, O. S. F. C.ରୁ ଆଉ





କିଛି ଅତିରିକ୍ତ ଋଣ ମିଳନ୍ତା ଏବଂ ସିଲ୍ଭର କୋଟା ମାସରେ ୫ଟନ ମିଳନ୍ତା ତେବେ ମାର୍କେଟସହ ତାଳ ଦେଇ ଉକ୍ତ ଇଣ୍ଡଷ୍ଟ୍ରି ଭଲ ଚଳିପାରନ୍ତା ଏବଂ ୧୦୦ ଲୋକ ଆଦ୍ଧ ନିଯୁକ୍ତି ପାଇବା ସଙ୍ଗେସଙ୍ଗେ ସେମାନଙ୍କ ପରିବାରର ପ୍ରାୟ ୫୦୦ ଲୋକ ଉପକୃତ ହୋଇ ପାରନ୍ତେ ।

ଶ୍ରୀ ବିଧୂଭୂଷଣ ମାନସିଂହ, ଉପଖଣ୍ଡ ସୂଚନା ଓ
ଲୋକସଂପର୍କ ଅଧିକାରୀ, କଟକ

## ମହାରଣାଙ୍କ ମାନ ରହିଲା

କଟକ ଜିଲ୍ଲା ସାଲେପୁର ବ୍ଲକ୍ ବହୁଗ୍ରାମ ଗ୍ରାମପଞ୍ଚାୟତରେ ବିଶ୍ୱନାଥପୁର ଗ୍ରାମର ଜଣେ ଗରିବ ଲୋକ ଶ୍ରୀ ନାରାୟଣ ମହାରଣା । ବୟସ ୫୪ ବର୍ଷ । ଦୁଇ ଝିଅ ଏବଂ ଦୁଇ ପୁଅଙ୍କୁ ମିଶେଇ ଛଅ ଜଣିଆ ପରିବାର । ଘର ଡିହ ଦୁଇଗୁଣ୍ଠ ବ୍ୟତୀତ ଜମିବାଡ଼ି ଆଦୌ ନାହିଁ । ନିଜେ ବଢ଼େଇ କାର୍ଯ୍ୟ କରି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରନ୍ତି । ମାସରେ ୨ । ୩ ଦିନ ଉପବାସ ମଧ୍ୟ ରହିବାକୁ ହୁଏ ।



ସରକାରଙ୍କ ଗରିବ ଲୋକଙ୍କୁ ଅର୍ଥନୈତିକ ଥଇଥାନ ଯୋଜନା ଦ୍ୱାରା ଗ୍ରାମ ସଭାରେ ନାରାୟଣଙ୍କୁ ଯୋଜନାଭୁକ୍ତ କରାଗଲା । ସେ ବଢ଼େଇ କାର୍ଯ୍ୟ ପାଇଁ ୧୯୮୪ ମସିହାରେ ୩ ହଜାର ଟଙ୍କା ପାଇଲେ । ଉକ୍ତ ଟଙ୍କାରେ ତାଙ୍କର ବଢ଼େଇ କାର୍ଯ୍ୟ ଉତ୍ତମ ରୂପେ ଚାଲିଲା, ଏବଂ ଚକାଚକ ଭଲରେ ହେଲା । ସବ୍‌ସିଡ଼ି ପାଇ ସେ ସମସ୍ତ ଟଙ୍କା ପରିଶୋଧ କରିଥିବାରୁ ପୁନର୍ବାର ୧୯୮୭ ମସିହାରେ ଆଇ. ଆର. ଡି. ପି. ଯୋଜନା ମାଧ୍ୟମରେ ସ୍ଥାନୀୟ ବହୁଗ୍ରାମ ଗ୍ରାମ୍ୟ ବ୍ୟାଙ୍କରୁ ୫ ହଜାର ଟଙ୍କା ପାଇଲେ । ବର୍ତ୍ତମାନ ସେ କିଛି କାଠ କିଣି ବିଭିନ୍ନ ପ୍ରକାର ଫର୍ଣ୍ଣିଚର ତିଆରି କରି ବିକି ପାରୁଛନ୍ତି । ସେଥିରୁ ବେଶ୍ ଦୁଇପଇସା ଲାଭ କରି ପାରୁଛନ୍ତି । ବଡ଼ ପୁଅ ତାଙ୍କର ବେକାର ନ ବସି କାମରେ ସାହାଯ୍ୟ କରୁଛନ୍ତି, ଋଣ ପରିମାଣରୁ ସେ ବର୍ତ୍ତମାନ ୫ ଶହ ଟଙ୍କା ମଧ୍ୟ ପରିଶୋଧ କରି ପାରିଛନ୍ତି ।

ନାରାୟଣ କୁହନ୍ତି ଲୋକପ୍ରିୟ ସରକାରଙ୍କର ଉକ୍ତ ଯୋଜନା ଗୁଡ଼ିକ ଯୋଗୁଁ ଆଜି ଆମେ ଭଲରେ ଦୁଇବେଳା ଗଣ୍ଡେ ଖାଇ ପାରୁଛୁ । କରଜ ମୁକ୍ତ ହୋଇ ପାରିଛୁ ।

## ମହା ଆନନ୍ଦରେ ବ୍ରହ୍ମାନନ୍ଦ

କଟକ ଜିଲ୍ଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ବହୁଗ୍ରାମ ବଜାରରେ ଶ୍ରୀ ବ୍ରହ୍ମାନନ୍ଦ ପରିଡ଼ା କାଠ କ୍ୟାବିନ୍ ପକାଇ ଆଳୁ ପିଆଜ ଇତ୍ୟାଦି ବିକ୍ରୀ କରନ୍ତି । ବ୍ରହ୍ମାନନ୍ଦଙ୍କର ବର୍ତ୍ତମାନ ବୟସ ୩୬ ବର୍ଷ । ସେ ଜଣେ ମାଟ୍ରିକୁଲେଟ୍ । ମାତ୍ର ୧୭ ବର୍ଷ ବୟସରେ ସେ ପିତାଙ୍କୁ ହରେଇଲେ । ଘରର ବଡ଼ପୁଅ ହିସାବରେ ପିଲାମାନଙ୍କର ତଥା ପରିବାରର ସମସ୍ତ ଦାୟିତ୍ୱ ବ୍ରହ୍ମାନନ୍ଦଙ୍କ ଉପରେ ହିଁ ପଡ଼ିଲା । ଘର ଏବଂ ପିଲମାନଙ୍କୁ ନେଇ ୯ ଜଣିଆ ପରିବାରକୁ ଚଳାଇବା ପାଇଁ ପାଖରେ ତାଙ୍କର ଜମି ୧ ଏକର ଏବଂ ଘରଡ଼ିହ ମାତ୍ର ୧୫ ଗୁଣ୍ଠ । ବାପାଙ୍କ ପରେ ଏକରେ ଜମି ଚାଷ କଲେ ଏବଂ ଆଉ ଦୁଇ ଏକର ଜମି ଭାଗ ଚାଷରେ ରଖିଲେ । ତା' ସହିତ ଗୋଟିଏ ଛୋଟ ଦୋକାନଟିଏ ମଧ୍ୟ ଖୋଲିଲେ ।

ଶିକ୍ଷିତ ବେକାର ଯୁବକ ବ୍ରହ୍ମାନନ୍ଦ ତାଙ୍କ ଗ୍ରାମରେ ୱାର୍ଡ ମେମ୍ବର ଭାବରେ ନିର୍ବାଚିତ ହୋଇଛନ୍ତି । ୱାର୍ଡ ମେମ୍ବର

ଦ୍ୱାରା ଆଇ. ଆର. ଡି. ପି. ଋଣ କଲେ ଲୋକମାନେ ଉନ୍ନତି ହୋଇ ପାରନ୍ତି ମନେକରି ସେ ଏହି ଋଣ ପାଇଁ ହକଦାର ହେଲେ ମଧ୍ୟ ଋଣ ଆଣିଲେ ନାହିଁ । ପୂର୍ବରୁ ୧୯୮୩ ମସିହାରେ ସେ ଜଗତପୁର ଇଣ୍ଡଷ୍ଟ୍ରିଆଲ ଷ୍ଟେଟବ୍ୟାଙ୍କରୁ ଶତକଡା ୧୨ ସୁଧରେ ଋଣ ଆଣି ୨ ବର୍ଷ ମଧ୍ୟରେ ସମସ୍ତ ଟଙ୍କା ପରିଶୋଧ କରି ଦେଇଥିଲେ । ପୁନଶ୍ଚ ୧୯୮୬ ମସିହାରେ ଦୋକାନ ବଢ଼ାଇବା ପାଇଁ ୨୦ ହଜାର ଟଙ୍କା ଋଣ ଆଣିଥିଲେ । ଉକ୍ତ ଋଣ ଟଙ୍କା ମଧ୍ୟରୁ ଆଜି ସୁଦ୍ଧା ସେ ୮ ହଜାର ଟଙ୍କା ଋଣ ପରିଶୋଧ କରି ପାରିଛନ୍ତି । ସାନ ଭାଇ ଜଗତପୁରରେ ଗୋଟିଏ ଚାକିରୀରେ ଅସ୍ଥାୟୀ-ଭାବେ ରହି ମାସକୁ ୩୫୦ ଟଙ୍କା ପାଉଛନ୍ତି । ସମସ୍ତ ପିଲାଙ୍କୁ ସ୍କୁଲରେ ପଢ଼ାଉଛନ୍ତି । ନିକଟରେ ସେ ୧୨ ହଜାର ଟଙ୍କାରେ ୧୨ ଗୁଣ୍ଠ ଜମି କ୍ରୟ କରିପାରିଛନ୍ତି । ପ୍ରାୟ ସାତ ହଜାର ଟଙ୍କା ଖର୍ଚ୍ଚ କରି ସାନ ଭାଇ ବିଭାଘର କରିଛନ୍ତି । ୧୫ ହଜାର ଟଙ୍କା ମୂଲ୍ୟରେ ଏକ କୋଠାଘର ବହୁଗ୍ରାମ ବଜାରରେ କ୍ରୟ କରି ସାରିଲେଣି । ନିଜ ନାମରେ ଏବଂ



ଭାଇ ନାମରେ ୮ ହଜାର ଟଙ୍କା ଲେଖାଏଁ ଦୁଇଟି ଏଲ୍.ଆଇ. ସି କରି ମାସକୁ ଟ୨୦୭ ଜମା ଦେଉଛନ୍ତି । ବର୍ତ୍ତମାନ ଦୋକାନରେ ପ୍ରତିଦିନର ଲାଭ ପ୍ରାୟ ୩୦ । ୪୦ ଟଙ୍କାରୁ ଅଧିକ ହେଉଅଛି । ଜମିରୁ ଧାନ ବ୍ୟତୀତ ଆଳୁ, କଦଳୀ, କୋବି ଓ ଅନ୍ୟାନ୍ୟ ପରିବା ବାବଦରେ ସେ ମାସକୁ ପ୍ରାୟ ୩୦୦ ଟଙ୍କା ପ୍ରତି ମାସରେ ପାଉଛନ୍ତି । ତାଙ୍କର ଠିକ୍ ସମୟରେ ବ୍ୟାଙ୍କ ଋଣ ପରିଶୋଧ, ସଚ୍ଚୋଟ ପଣିଆ ଓ ଭାଇ ଭାଇ ମଧ୍ୟରେ ଏକମନ ଥିବା ପାଇଁ ସେ ଆଜି ଉନ୍ନତି ପଥରେ ଆଗେଇ ଚାଲିଛନ୍ତି ।

## ସେ ଦିନ ଫେରିବ....ସୌଭାଗ୍ୟର ଦିନ

କେନ୍ଦୁଝର ଜିଲ୍ଲା, ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ଉଲୁକା ଗ୍ରାମର ଶ୍ରୀ ତନକୁ ପ୍ରଧାନଙ୍କ ପୁତ୍ର ଶ୍ରୀ ନିରାକାର ପ୍ରଧାନ ଜାତିରେ ଗଉଡ଼ । କ୍ଷୀର ବ୍ୟବସାୟ କରି ପେଟ ପୋଷିବା ତାଙ୍କର ପେଶା । ତେବେ ସେଥିପାଇଁ ସମ୍ବଳ ଥିବା ଆବଶ୍ୟକ । ପୈତୃକ ସଂପତ୍ତି ମାତ୍ର ୨.୫୦ ଏକର । ନିରାକାରଙ୍କ ଉପରେ ତାଙ୍କ ପରିବାରର ଆଠପ୍ରାଣୀ କୁଟୁମ୍ବ ନିଜର ନିର୍ଭର କରନ୍ତି । ଅନ୍ୟ କୌଣସି ଉପାୟରେ ପଇସାଟିଏ ଆସିବାର ବାଟନାହିଁ । ବର୍ଷକଯାକ କଠିନ ପରିଶ୍ରମ କରି ଜମିରୁ ଯାହା କିଛି ପାଆନ୍ତି, ସେଥିରେ ତାଙ୍କର ସଂସାର ଚଳାଇବାକୁ ବହୁକଷ୍ଟ ସ୍ୱୀକାର କରିବାକୁ ପଡେ । ବାର୍ଷିକ ଆୟ ତାଙ୍କର ୨,୭୦୦ ଟଙ୍କା ଏବଂ ତାହା କେବଳ ମାତ୍ର ଜମିରୁ । ତେଣୁ ବହୁଦୁଃଖ କଷ୍ଟରେ ସମୟ କଟାଇବା ଛଡା ଅନ୍ୟ ଉପାୟ ନଥିଲା । ତେବେ ସବୁଦିନ ସମାନ ଯାଏନା । ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ ଏଇ ଈଶ୍ୱରଙ୍କ ଖେଳ । ଝୁମ୍ପୁରା ବ୍ଲକ୍‌ରୁ ସେ ସମସ୍ତ ଅସୁବିଧା ଲେଖି ଜଣାଇଲେ ଏବଂ ତାଙ୍କ ପରିବାରକୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ପରିସରଭୁକ୍ତ କରାଯିବାରୁ ସେ ଷ୍ଟେଟବ୍ୟାଙ୍କ ତରଫରୁ ଋଣ ପାଇବାକୁ ହକ୍‌ଦାର ହେଲେ । ୧୯୮୪-୮୫ରେ ସେ ସଂପୃକ୍ତ ବ୍ୟାଙ୍କ ତରଫରୁ ଋଣ ପାଇଲେ । ଋଣ ଆଣି ୧୧ ଲିଟର କ୍ଷୀର ଦେଉଥିବା ଗାଈ ବାଛୁରୀ ସହ ୫୩୯୦ ଟଙ୍କା ଦରରେ କିଣିଲେ । ସବ୍‌ସିଡ଼ି ବାବଦରେ ୧୭୦୭ ଟଙ୍କା ସେ ସରକାରଙ୍କ ତରଫରୁ ଛାଡ ପାଇଲେ । ବର୍ତ୍ତମାନ ସେ ଗାଈ ପୁଣି ବାଛୁରୀ ଦେବା ସମୟ ନିକଟ ହୋଇଗଲାଣି । ଏବେ ମଧ୍ୟ ଗାଈ ଛଅ ଲିଟର କ୍ଷୀର ଦେଉଛି । କ୍ଷୀର ବିକ୍ରୀ କରିବା ପାଇଁ ଝୁମ୍ପୁରା ବ୍ଲକ୍ ବଜାରରେ କୌଣସି ଅସୁବିଧା ନାହିଁ । କ୍ଷୀରର ଚାହିଦା ସେଠାରେ

ବହୁତ ବେଶୀ । ଶ୍ରୀ ନିରାକାର ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କର ସମସ୍ତ ଋଣ ପରିଶୋଧ କରି ସାରିଲେଣି । ମାତ୍ର ୭୫ ଟଙ୍କା ତାଙ୍କ ଉପରେ ବାକି ଅଛି । ଗାଈରୁ ପାଉଥିବା ପଇସା ସଞ୍ଚୟ କରି ସେ ଝୁମ୍ପୁରାଠାରେ ଗୋଟିଏ ଦୋକାନଟିଏ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସେ ତାଙ୍କର ପିଲାମାନଙ୍କୁ ଅଧିକ ଶିକ୍ଷିତ ସକ୍ଷମ କରିବାପାଇଁ ସଦା ତତ୍ପର । ଗାଈଠାରୁ ପ୍ରଥମ ଥର ଛଅଟା ବାଛୁରୀ ପାଇଥିଲେ । ଯାହାକୁ ବର୍ତ୍ତମାନ ୩,୦୦୦ ଟଙ୍କା ହେବ । ଏହା ବ୍ୟତୀତ ନିଜର ରହିବା ଘରଟିର ସେ ରି-ମଡେଲି କରାଇଛନ୍ତି । ୬,୦୦୦ ଟଙ୍କା ଖର୍ଚ୍ଚ କରି ସେ ନିଜର ରହିବା ଘରର ଛାତଟିକୁ କରି ପାରିଛନ୍ତି । ବର୍ତ୍ତମାନ ଶ୍ରୀ ନିରାକାରଙ୍କର ପୈତୃକ ସମ୍ପତ୍ତି, ଚା ଦୋକାନ, ତଥା କ୍ଷୀର ବିକ୍ରୀରୁ ବାର୍ଷିକ ଆୟ ପ୍ରାୟ ସାତ ହଜାର ଟଙ୍କାରେ ପହଞ୍ଚିଲାଣି । ତେଣୁ ସେ ଦାରିଦ୍ର୍ୟ ସୀମାରେଖାଠାରୁ ପାର ହୋଇ ସାରିଲେଣି ବୋଲି ନିଜେହିଁ ନିଜ ମୁହଁରେ ସ୍ୱୀକାର କରନ୍ତି ।

ଅପୂରଣ ରହେ । କୀର୍ତ୍ତନର ପରିବାର ବହୁ ଦୁଃଖ ଅନାଟ ମଧ୍ୟରେ ଦିନ କାଟନ୍ତି । ବହୁ ପରିଶ୍ରମ ସତ୍ତ୍ୱେ କୀର୍ତ୍ତନଙ୍କ ବାର୍ଷିକ ଆୟ ମାତ୍ର ତିନିହଜାର ଟଙ୍କା ମଧ୍ୟରେ ସୀମିତ ରହେ । ୧୯୮୩-୮୪ ରେ ସେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ପରିସରଭୁକ୍ତ ହେଲେ ଏବଂ ଗୋଟିଏ କୂଅ ଖୋଳିବା ଚିନ୍ତା କରିଥିଲେ । ତେଣୁ ସେ ଝୁମ୍ପୁରା ବ୍ଲକକୁ ଦରଖାସ୍ତ କଲେ । ଏହି ଦରଖାସ୍ତ ବିଚାର ହୋଇ ତାଙ୍କୁ ତା୨୫-୧-୮୪ ରିଖରେ ଚାରିହଜାର ଟଙ୍କା ଋଣ ପ୍ରଦାନ କରାଗଲା । ସେଥିରେ କି ଦୁଇହଜାର ଟଙ୍କା ରିହାତି ଥିଲା । ଏହି ଋଣ ଟଙ୍କା ଅର୍ଥରେ ସେ ଗୋଟିଏ କୂଅ ଖୋଳିଲେ । କୂଅ ପାଖର ଅଧ ଏକର ଜମିରୁ ଏକ ଏକର ପର୍ଯ୍ୟନ୍ତ ଟେଣ୍ଡା ସାହାଯ୍ୟରେ ଜଳସେଚିତ କରି ପ୍ରଥମେ ଶୀତକାଳୀନ ପନିପରିବା ଚାଷକରି ସେ ବେଶ୍ ଦୁଇପଇସା ପାଇଲେ । ୧୯୮୫-୮୬ ସୁଦ୍ଧା ସେ ବ୍ୟାଙ୍କର ସମସ୍ତ ଋଣ ପରିଶୋଧ କଲେ । ଟେଣ୍ଡା ସାହାଯ୍ୟରେ ଜଳ ସେଚିତ ହେବା ଅଧିକ ସମୟ ସାପେକ୍ଷ ତଥା ଶ୍ରମ ସାପେକ୍ଷ ହୋଇଥିବାରୁ, ତାଙ୍କର ଏପରି ଜଳସେଚନର ସଫଳତା ଦେଖି ବ୍ଲକ ଉନ୍ନୟନ ଅଧିକାରୀ କୂଅ ବିଦ୍ୟୁତ୍ ସେଚିତ କରିବା ପାଇଁ



## ସେ ଆଜି କାହିଁକି ସରକାରଙ୍କୁ ମନେ ପକାନ୍ତି

କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ, ଧନୁର୍ଜୟପୁର ଗ୍ରାମର ଶ୍ରୀ ଦାଶରଥୀ ନାଏକଙ୍କ ପୁତ୍ର ଶ୍ରୀ କୀର୍ତ୍ତନ ନାଏକ । ଜାତିରେ ଆଦିବାସୀ । ଛୋଟିଆ ସଂସାର । ଘରଡ଼ିହ ଓ ପୈତୃକ ସଂପତ୍ତି ମିଶି ସମୁଦାୟ ସାଢ଼େ ତିନି ଏକର । ପରିବାରର ଆଠପ୍ରାଣୀ କୁଟୁମ୍ବଙ୍କର ସମସ୍ତ ଚଳାଚଳ ଦାୟିତ୍ୱ କୀର୍ତ୍ତନଙ୍କ ଉପରେ । ଏଥିପାଇଁ ତାଙ୍କୁ ବହୁ ଶ୍ରମ କରିବାକୁ ପଡ଼େ । ଦିନରାତି ଚବିଶ ପ୍ରହର ଜମିରେ ଖଟିବାକୁ ପଡ଼େ । ତଥାପି ପେଟ

ପ୍ରସ୍ତାବ ଦେଲେ । ଫଳରେ ୧୯୮୬-୮୭ ରେ ପୁନଃ ସାହାଯ୍ୟ ପାଇଁ ସେ ଷ୍ଟେଟବ୍ୟାଙ୍କକୁ ଆବେଦନ କଲେ । ୯୪୫୦ ଟଙ୍କାରେ ଦୁଇଅଶ୍ୱ ଶକ୍ତି ବିଶିଷ୍ଟ ଗୋଟିଏ ଶକ୍ତି ଚାଳିତ ପଂପ ତାଙ୍କ କୂଅରେ ସଂଯୋଗ କରାଯାଇଥିଲା । ଯେଉଁଥିରେ କି ସେ ବ୍ୟାଙ୍କରୁ ୪୭୨୫ ଟଙ୍କା ରିହାତି ପାଇଥିଲେ । ଏହାଦ୍ୱାରା ତାଙ୍କର ଜଳସେଚନ ପରିସର ଅଧଏକରରୁ ଏକ ଏକରକୁ ବୃଦ୍ଧି ପାଇଥିଲା ।

ଜମି ଜଳସେଚିତ ହେବାରୁ ଫସଲ ଅଧିକ ଅମଳ ହେଲା । ଏବଂ ଏଥିରୁ ପୂର୍ବାପେକ୍ଷା ତାଙ୍କୁ ଅଧିକ ଲାଭ ମିଳିଲା । ତେଣୁ

ବର୍ତ୍ତମାନ ସେ ୨୩୧୦ ଟଙ୍କା ଦାମରେ ଗୋଟିଏ ବଳଦ କିଣିଛନ୍ତି । ତା' ଛଡ଼ା ସାତ ହଜାର ଟଙ୍କା ଖର୍ଚ୍ଚକରି ସେ ପୁଅ ଏବଂ ଝିଅଟିକୁ ବିବାହ ଦେଇପାରିଛନ୍ତି । ଅନ୍ୟ ପିଲମାନଙ୍କୁ ବର୍ତ୍ତମାନ ପାଠ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି । ଜୀବନ ତାଙ୍କର ପୂର୍ବାପେକ୍ଷା ଅଧିକ ପରିବା ଅମଳ କରୁଛନ୍ତି ଏବଂ ସେସବୁ ପରିବାକୁ ବଜାର ଦରରେ ବିକ୍ରୀ ମଧ୍ୟ କରୁଛନ୍ତି । ପରିବାରର ସମସ୍ତେ ଆଗଠାରୁ ଭଲ ଖାଉଛନ୍ତି ଏବଂ ପିନ୍ଧୁଛନ୍ତି । ସେ ଆଜି ଆଗଠାରୁ ବହୁତ ଭଲରେ ଏବଂ ଶାନ୍ତିରେ ସମୟ କାଟିବା ସଙ୍ଗେ ସଙ୍ଗେ ଇନ୍ଦିରାଙ୍କ ସହିତ ସରକାରଙ୍କୁ ମନେ ପକାଉଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ
ଅଧିକାରୀ, କେନ୍ଦୁଝର ।

ଆଇ. ଆର. ଡି. ପି. ଋଣ ସହାୟତା ନିମନ୍ତେ ୩'୯୦ ଲକ୍ଷ ଟଙ୍କା ଗରୀବ ସ୍ତ୍ରୀଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ସିଣ୍ଡିକେଟ ବ୍ୟାଙ୍କ ଶତକଡ଼ା ୮୭ ଭାଗ ଋଣ ଉପକୃତ ବ୍ୟକ୍ତିଙ୍କଠାରୁ ପରିଶୋଧ ପାଇ ପାରିଛି ।

ଗ୍ରାମର ଅଗ୍ରଣୀ ତଥା ଉତ୍ସାହୀ କୃଷକ ପଠାଣ ପରିଡ଼ାଙ୍କର ୫୦ ବର୍ଷ ବୟସରେ ସମନ୍ବିତ ଗ୍ରାମ ଉନ୍ନୟନ ଯୋଜନାର ସହାୟତା ନବ-ଜୀବନର ସ୍ୱାଦ ଭରି ଦେଇଛି । ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠି ଆଜି ସ୍ୱଚ୍ଛଳ ଜୀବନ ବିତାଇ ପାରିଛନ୍ତି । ପିତା କୈବଲ୍ୟ ପରିଡ଼ା ବୃଦ୍ଧାବସ୍ଥା, ପୁଅ ପଠାଣ ପରିଡ଼ାର ଏ ସ୍ୱଚ୍ଛଳ ସଂସାର ଦେଖି ନିଜ ଅତୀତ ଦାରିଦ୍ର୍ୟ ସଂସାରର କଷ୍ଟକୁ ଭୁଲି ପାରିଛନ୍ତି । ୧୯୮୧ରେ



## "ଦାରିଦ୍ର୍ୟ ଦୁଃଖ ଦହନୀୟ, ଓଁ ନମଃ ବିଂଶସୂତ୍ରୀ କାର୍ଯ୍ୟାୟ"

ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ନନ୍ଦିଆଗଡ଼ା ଗ୍ରାମର ଶତକଡ଼ା ୯୮ ଭାଗ ଲୋକ ବିଂଶସୂତ୍ରୀ କାର୍ଯ୍ୟକ୍ରମର ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ୧୯୮୧ରୁ ୧୯୮୭ ମଧ୍ୟରେ ଉପକୃତ ହୋଇପାରିଛନ୍ତି । ଗ୍ରାମର ୧୯୪ ପରିବାର ମଧ୍ୟରୁ ୧୮ ଜଣ ଇ. ଆର.ଆର.ପି. ଦ୍ୱାରା ଓ ୧୦୦ ଜଣ ଆଇ. ଆର. ଡି. ପି. ଦ୍ୱାରା ଦ୍ୱିତୀୟଥର ଯାଏଁ ଋଣ ସହାୟତା ପାଇପାରିଛନ୍ତି । ଏହି ଛୋଟିଆ କୃଷକ ଗ୍ରାମରେ ସିଣ୍ଡିକେଟ ବ୍ୟାଙ୍କର କବିସୂର୍ଯ୍ୟ ନଗର ଶାଖା ମାଧ୍ୟମରେ ଗଞ୍ଜାମ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ୫'୨୦ ଲକ୍ଷ ଟଙ୍କା ଋଣ ମାଧ୍ୟମରେ ବିନିଯୋଗ କରିପାରିଛି । ଏ ମଧ୍ୟରୁ ଇ. ଆର. ଆର. ପି ଓ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଦାରିଦ୍ର୍ୟ ଦୂରୀକରଣ ଯୋଜନାର ଆଇ. ଆର. ଡି. ପି. କୁ ଯେତେବେଳେ ଗ୍ରାମାଞ୍ଚଳରେ ପ୍ରସାର କରାଗଲା ସେ ସମୟରେ ପଠାଣ ପରିଡ଼ାଙ୍କର ଜୀବନ ଅଭାବ ଅନାଟନରେ କଟୁଥିଲା । ମାତ୍ର ଦୁଇ ଏକର ଜମିର ଅଦାୟ ଉପରେ ୧୦ଜଣ ପରିବାର ସଦସ୍ୟଙ୍କର ଭରଣ-ପୋଷଣ କଠିଣ ସମସ୍ୟା ଥିଲା । କବିସୂର୍ଯ୍ୟନଗର ବ୍ଲକ ବି. ଡି. ଓ.ଙ୍କର ସୁପାରିଶ କ୍ରମେ ୧୯୮୧ରେ ଗଞ୍ଜାମ ଜିଲ୍ଲା ଡି. ଆର. ଡି. ଏ.ର ଅର୍ଥ ଲଗାଣରୁ ସିଣ୍ଡିକେଟ ବ୍ୟାଙ୍କର କବିସୂର୍ଯ୍ୟନଗର ଶାଖା ମାଧ୍ୟମରେ ଆଇ. ଆର. ଡି. ପି. ଯୋଜନାରେ ଦୁଧିଆଳି ମଇଁଷି, ବାଛୁରୀ ନିମନ୍ତେ ୨,୦୦୦ ଟଙ୍କାର ଋଣ ସହାୟତା ଯୋଗାଇ ଦିଆଗଲା । ୧୯୮୮ ମସିହା ବେଳକୁ ପଠାଣ ପରିଡ଼ା ରିହାତି ଟଙ୍କା ବାଦ ଋଣକୁ ମାସିକ କିସ୍ତି ଦେଇ ଦେଇ ପରିଶୋଧ କରିଦେଲେ । ଏ ସମୟ ମଧ୍ୟରେ ବଜାରର

ହୋଟେଲମାନଙ୍କୁ ମଇଁଷି କ୍ଷୀର ବିକି ପ୍ରାୟ ୩,୧୦୦ ଟଙ୍କା ସେ ପାଉଛନ୍ତି ଓ ଗୋଟିଏ ମଇଁଷୀ ଛୁଆକୁ ୧,୭୦୦ ଟଙ୍କାରେ ବିକ୍ରୀ କରିଛନ୍ତି । ୧୯୮୭ରେ ପୁନର୍ବାର ଆଇ. ଆର. ଡି. ପି. ର ଦ୍ୱିତୀୟ କିସ୍ତି ଋଣ ବାବଦକୁ ଆଉ ଗୋଟିଏ ଦୁଧିଆଳୀ ମଇଁଷୀ ୩,୦୦୦ ଟଙ୍କା ମୂଲ୍ୟରେ କିଣି ସିଣ୍ଡିକେଟ ବ୍ୟାଙ୍କ ଯୋଗାଇ ଦେଲେ । ଗୁହାଳ ସଂପ୍ରସାରଣ ନିମନ୍ତେ ୮୦୦ ଟଙ୍କାର ଋଣ ଯୋଗାଇ ଦେଲେ । ବର୍ତ୍ତମାନ ପ୍ରାୟ ୫ ଲିଟର କ୍ଷୀର ବଜାରକୁ ବିକ୍ରୀପାଇଁ ନେଉଛନ୍ତି । ମାସିକ କିସ୍ତିରେ ପନର୍ବାର ମିଳିଥିବା ଋଣ ପରିମାଣକୁ ପରିଶୋଧ କରିବା ଆରମ୍ଭ କରିଦେଇଛନ୍ତି । ସିଣ୍ଡିକେଟ ବ୍ୟାଙ୍କ ପଠାଣ ପରିଡା ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରି ମଜୁରି କୃଷି ବ୍ୟବହାର୍ଯ୍ୟ (Consumption) ଋଣ ସହାୟତା ୫୦୦ ଟଙ୍କା ୨୬-୧୧-୮୭ ତାରିଖରେ ଯୋଗାଇ ଦେଇଛି ।

୧୯୮୧-୮୨ ବେଳକୁ ପଠାଣ ପରିଡ଼ାଙ୍କର ବାର୍ଷିକ ଆଦାୟ ପ୍ରାୟ ୩,୫୦୦ଟଙ୍କା ଥିବା ବେଳେ ବର୍ତ୍ତମାନ ବାର୍ଷିକ ଆଦାୟ ପ୍ରାୟ ୧୦ ହଜାର ଟଙ୍କା ଯାଏଁ ହୋଇପାରିଛି ବୋଲି ତାଙ୍କର ହୃଦବୋଧ ହୋଇଛି । ଗ୍ରାମ ପରିମଳ ଯୋଜନାରେ ବଉପାଲି ପାଇଖାନା ନିମନ୍ତେ, ଜାଳେଣୀ ଅଭାବ ମେଣ୍ଟାଇବା ପାଇଁ ଗୋବରଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ପଠାଣ ପରିଡାଙ୍କର ନାମକୁ ବ୍ୟାଙ୍କ ସର୍ବାଗ୍ରେ ପ୍ରାଧାନ୍ୟ ଦେଇଛି । ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ସହ ପଠାଣ ପରିଡ଼ା ନିଜ ୩ପୁଅ ଓ ଗୋଟିଏ ଝିଅକୁ ସ୍ୱାକ୍ଷର କରି ପାରିଛନ୍ତି । ଗ୍ରାମର "ସପ୍ତର୍ଷି" ପଲ୍ଲୀଶ୍ରୋତା ମଣ୍ଡଳୀର ଜଣେ ଉତ୍ସାହୀ ସ୍ୱଶୀ ସଦସ୍ୟ ଭାବେ ପଠାଣ ପରିଡ଼ା ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ସନ୍ଧ୍ୟା ୭-୩୦ ଘଣ୍ଟାରେ ରେଡିଓ ଆଲୋଚନା ଶୁଣିବାକୁ ମଣ୍ଡଳୀ ବୈଠକରେ ଯୋଗଦେଇ କୃଷି, ପଶୁପାଳନ, ସମବାୟ, ଶିକ୍ଷା ଉପରେ ଆଲୋଚନା ଶୁଣି ସମ୍ୟକ ଜ୍ଞାନ ଆହରଣ ସହ ନିଜ ଅନୁଭୂତିକୁ ଅନ୍ୟ ସଦସ୍ୟ-ମାନଙ୍କୁ କହୁଥିବା ବିଷୟ ପଲ୍ଲୀଶ୍ରୋତା ମଣ୍ଡଳୀର ସଭାପତି ଶ୍ରୀ ଭିକାରୀ ପରିଡ଼ା ଓ ଆବାହକ ଶ୍ରୀ ଯୁଧିଷ୍ଠିର ବହାଲ ଜଣାଇଛନ୍ତି ।

## ଆଜି ଆଖିରେ ଆଲୋକ

ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମପଞ୍ଚାୟତର ଭେଜିପୁଟ ଗ୍ରାମରେ ଏକ ଦୁଃସ୍ଥ ନିଃସହାୟ ଯୁବକ କେଦାରନାଥ ପଣ୍ଡା । ମାତ୍ର ଆଠବର୍ଷ ବୟସରେ ସେ ପିତୃହରା । ପେଟ ପୋଷିବା ପାଇଁ ସେ ଅନ୍ୟ ଉପାୟ ନ ପାଇ ଭୁଲିଚାମ କରିବା ତଥା ବିବାହ ବ୍ରତ ଆଦିରେ ରନ୍ଧାରନ୍ଧି କରି ନିଜର ଜୀବିକା ନିର୍ବାହ କରନ୍ତି । ଜମିବାଡ଼ି କିଛି ହେଲେ ନାହିଁ । ରହିବାକୁ ଘର ନାହିଁ । ପିନ୍ଧିବାକୁ ମଧ୍ୟ ଲୁଗା ନାହିଁ । ଦୁଇଓଳି ଦୁଇମୁଠା ଖାଇବାକୁ ନାହିଁ । ଏହି ହେଲା ତାଙ୍କର ଜୀବନର କାହାଣୀ ! ଖାଲି ଯାହା ଆଖିର ତତଲା ଲୁହ ପିଇ ପିଇ ଜୀବନ ବିତାଇ ଚାଲିଥାଏ । ଅଣକୁଶଳି ଶ୍ରମିକ ଜୀବନରେ ବାର୍ଷିକ ଆୟ ମଧ୍ୟ ହଜାରେ ଟଙ୍କାରୁ ଅଧିକ ହେଉ ନ ଥିଲା । ବହୁ ଦୁଶ୍ଚିନ୍ତା ମଧ୍ୟରେ ସମୟ ତାର ଅତିବାହିତ ହେଉଥାଏ । ଶୁଣିଲୁ ବ୍ଲକ ମାଧ୍ୟମରେ ଗରିବ ଲୋକମାନଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଉଛି । ତରୁଣ ପଲ୍ଲୀଶ୍ରୋତା ମଣ୍ଡଳୀଟି ଭେଜିପୁଟ ଗ୍ରାମରେ ସ୍ଥାପିଛି । ଏଥିରେ କେଦାରନାଥ ବସି ବିଭିନ୍ନ କାର୍ଯ୍ୟକ୍ରମ ଶୁଣୁଥାଏ । ପଲ୍ଲୀଶ୍ରୋତା ମଣ୍ଡଳୀର ଶୁକ୍ରବାର ସନ୍ଧ୍ୟା କାର୍ଯ୍ୟକ୍ରମରେ "ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ"ର ଆଲୋଚନା ଶୁଣି ତା ପରଦିନ ଖଲ୍ଲିକୋଟ ବ୍ଲକକୁ ଯାଇ ବି. ଡ଼ି. ଓ.ଙ୍କୁ ସାକ୍ଷାତ କଲା । ବି. ଡ଼ି. ଓ. ଙ୍କ ସୁପାରିଶ କ୍ରମେ ପ୍ରଥମେ କେଦାରର ଅବସ୍ଥା ଅନୁଧ୍ୟାନ କରି ତାଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା । ଦୁଗ୍ଧ ବ୍ୟବସାୟ ନିମନ୍ତେ ଜର୍ସି ଜାତୀୟ ଗାଈ ଯୋଗାଇ ଦିଆଗଲା । କାରଣ କେଦାରନାଥ ଏହି ବ୍ୟବସାୟକୁ ଅଧିକ ପସନ୍ଦ କରୁଥିଲେ । ତେଣୁ ପ୍ରଥମେ ତାଙ୍କୁ ୨,୫୦୦ ଟଙ୍କାର ଗୋଟିଏ ଗାଈ ଓ ବାଛୁରୀ ଯୋଗାଇ ଦିଆଗଲା । ଦୈନିକ ଦଶ ଲିଟର ପର୍ଯ୍ୟନ୍ତ କ୍ଷୀର ସେ ପାଏ । ଏହାକୁ ଲଙ୍ଗଳେଶ୍ୱରଠାରେ ଲିଟରକୁ ୩ ଟଙ୍କା ହିସାବରେ ବିକ୍ରୀକରେ । ଗାଈ ଓ ବାଛୁରୀର ଯତ୍ନ ନେବାରୁ ୬ ମାସ ପରେ ଦ୍ୱିତୀୟ ଗାଈ ଓ ବାଛୁରୀ ଯୋଗାଇ ଦିଆଗଲା । ଯାହାର ମୂଲ୍ୟ ୨୫୦୦ ଟଙ୍କା । ଅତଏବ ସମୁଦାୟ ୫୦୦୦ ଟଙ୍କା ଋଣ କେଦାରଙ୍କୁ ମିଳିଲା । ଏ ସମସ୍ତ ଟଙ୍କାକୁ ଦୀର୍ଘ ମିଆଦୀ ସୁଧ ସହ ପରିଶୋଧ କରିବାକୁ ନିର୍ଦ୍ଦେଶ ଥିଲା ।

କେଦାରନାଥ ଗାଈମାନଙ୍କର ଅଧିକ ଯତ୍ନ ନେଲେ । ଗୁହାଳକୁ ପକ୍କା କରିଦେଲେ । ଖାଇବା ଦାନା ପିଡ଼ିଆ ଦେଇ ଗାଈଗୁଡ଼ିକୁ ବେଶ ହୃଷ୍ଟପୁଷ୍ଟ କରି ଦେଲେ । ଦୁଇ ଗାଈର ୧୫ ଲିଟର କ୍ଷୀରକୁ ବିକ୍ରୀକରି ସରକାର ଦେଇଥିବା ଋଣ ପରିଶୋଧ କରିବା ସହିତ ନିଜେ ରହିବା ପାଇଁ ଘର ଖଣ୍ଡେ କଲେ । ଆଠହାତ ଓସାର, ପଇଁତିରିଶ ହାତ ଲମ୍ବ ଘରଡ଼ିହ ଗାଁର ଶେଷ ମୁଣ୍ଡରେ ପଥର ସଡ଼କ କଡରେ କିଣିଲେ । ତାଙ୍କର ଏହି ସଚ୍ଚୋଟ ପଣିଆ ଦେଖି ଆନ୍ଧ୍ରାବାଦ ବ୍ୟାଙ୍କ ତାଙ୍କୁ କିଛି ଟଙ୍କା ଋଣ ଆକାରରେ ଦେଲେ । ଯାହା-ଦ୍ୱାରା ସେ ତିନି ବଖରା ପକ୍କା ଘର ତିଆରି କରି ପାରିଛନ୍ତି । ଆଜି ସେ ପୂର୍ବକଥା ପାଶୋରି ଦେଇ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ପାରିଛନ୍ତି ।

ମୁଖ୍ୟମନ୍ତ୍ରୀ ଗସ୍ତ କରିବା ସମୟରେ କେଦାରନାଥଙ୍କର ପ୍ରଗତି ଓ ବିକାଶ ଦେଖି ବିଶେଷ ଆନନ୍ଦ ପ୍ରକାଶ କରିଥିବା କଥା କେଦାରନାଥ କହନ୍ତି ।

ଶ୍ରୀ ଦାମୋଦର ପାଢ଼ୀ
ମଣ୍ଡଳ ସଙ୍ଗଠକ,
ପଲ୍ଲୀଶ୍ରୋତା ମଣ୍ଡଳୀ,
ଛତ୍ରପୁର, ଗଞ୍ଜାମ

## ଆଲୋକ ପଥେ ବଂଶୀଧର

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଏକ ଅନୁନ୍ନତ ଅଞ୍ଚଳ । ଏହି ହିନ୍ଦୋଳ ଉପଖଣ୍ଡଟି ଆଦିବାସୀ, ହରିଜନ ବହୁଳ ଛୋଟିଆ ସବଡ଼ିଭିଜନଟିଏ । ପ୍ରତ୍ୟେକ ଗ୍ରାମର ଅଧିକାଂଶ ଲୋକ ଆର୍ଥିକ ସୀମାରେଖା ତଳେ ଜୀବନଯାପନ କରନ୍ତି । ଏହି ଦରିଦ୍ର ଲୋକମାନଙ୍କର କିପରି ଉନ୍ନତି ହେବ ସେଥିପାଇଁ ସରକାର ବିଶେଷ ଦୃଷ୍ଟି ଦେଇ ଆସୁଛନ୍ତି ।

ଏହି ଉପଖଣ୍ଡର ଅଧିକାଂଶ ପରିବାର ଚାଷ ତଥା ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇ ଥା'ନ୍ତି । ଏହି ପଛୁଆ ସମ୍ପ୍ରଦାୟର ବହୁବିଧ ଉନ୍ନତି ନିମନ୍ତେ ବହୁ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ, ବହୁ ଜନ ମଙ୍ଗଳକାରୀ ଯୋଜନା ଏଠାରେ ଚାଲିଛି । ଇ. ଆର୍. ଆର୍. ପି., ଆଇ. ଆର୍. ଡି. ପି. ଗୋଟି ଶ୍ରମିକ ଅଭ୍ୟୁତ୍ଥାନ, ଶ୍ରମଭିତ୍ତିକ ଯୋଜନା ଯଥା-ଏନ. ଆର୍. ଇ. ପି. ଓ ଆର୍. ଏଲ. ଜି. ପି. ପୂର୍ଣ୍ଣ ପ୍ରାଣରେ ଏଠାରେ ଚାଲିଛି । ତଥାପି ସର୍ବାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି ।

ଏହିପରି ଏକ ପଛୁଆ ଉପଖଣ୍ଡ ଅଞ୍ଚଳର ବାଉଁଶ ପୋଖରୀ ଛୋଟ ଗ୍ରାମଟିଏ । ସେହି ଗାଁରେ ଗୋଟିଏ ଗରିବ ପରିବାରରେ ବିଦ୍ୟାଧର ମହାପାତ୍ରଙ୍କର ଜନ୍ମ । ବାପା, ମାଆ, ଭାଇ, ଭଉଣୀଙ୍କୁ ମିଶାଇ ଦଶପ୍ରାଣୀ କୁଟୁମ୍ବ ଭୋକ ଉପାସରେ ସମୟ କଟାଉଥାଆନ୍ତି । ବୃଦ୍ଧ ପିତାଙ୍କର ବାର୍ଦ୍ଧକ୍ୟ ହେତୁ ମଜୁରୀ ଲାଗିବାକୁ ସକ୍ଷମ ନୁହନ୍ତି । ବଡ଼ପୁଅ ହିସାବରେ ପରିବାରର ଗୁରୁ ଦାୟିତ୍ୱ ବିଦ୍ୟାଧରଙ୍କ ଉପରେ । ସେତେବେଳକୁ ସେ ମାଟ୍ରିକୁଲେସନ ପାଶକରି ବେକାର ହୋଇ ବୁଲୁଥାଆନ୍ତି । କଲେଜରେ ପାଠ ପଢ଼ିବାକୁ ବହୁ ଅସୁବିଧା ହେଉଥାଏ । ଭାଇ, ଭଉଣୀଙ୍କର ପାଠପଢ଼ା ଓ ସେମାନଙ୍କର ବିବାହ ଆଦି ସମସ୍ତ କଥା ବୁଝିବାର ଦାୟିତ୍ୱ କେବଳ ବିଦ୍ୟାଧର ଉପରେ ।

ଯେପରି ଦୁଃଖ ପରେ ସୁଖ, ଅନ୍ଧାର ପରେ ଆଲୋକ ପ୍ରକାଶ ପାଇଥାଏ, ସେହିଭଳି ବିଦ୍ୟାଧରର ଦୁଃଖ ଅପସରି ଯାଇ ଭାଗ୍ୟର ପରିବର୍ତ୍ତନ ହେଲା । ସେ ଆଇ. ଆର. ଡି. (ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ) ଯୋଜନାରେ ଗୋଟିଏ ତେଜରାତି ଦୋକାନ ପାଇଁ ଋଣ ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିନ୍ଦୋଳଙ୍କୁ ଦରଖାସ୍ତ କଲେ । ତାଙ୍କୁ ୧୯୮୫-୮୬ ଆର୍ଥିକ ବର୍ଷରେ ଢେଙ୍କାନାଳ ଗ୍ରାମ୍ୟ ବ୍ୟାଙ୍କ ହିନ୍ଦୋଳ ଶାଖାରୁ ୩,୦୦୦ ଟଙ୍କା ଋଣ ଦିଆଗଲା । ଏକହଜାର ଟଙ୍କା ଛାଡ଼ ମିଳିଲା । ସେହି ଟଙ୍କାରେ ଦୋକାନ ଆରମ୍ଭକରି ତାକୁ ଭଲ ଭାବରେ ଚଳାଚଳ କରି ଆଜି ସବୁ ଋଣଟଙ୍କା ସେ ପରିଶୋଧ କରି ସାରିଲେଣି । ନିଜର ଅମାୟିକ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି । ବର୍ତ୍ତମାନ ସେ ପତ୍ର ବିନିମୟ ପାଠ୍ୟ କାର୍ଯ୍ୟକ୍ରମ ଦ୍ୱାରା +୨ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି । ଆଉ ଅଧିକ ପଢ଼ିବା ପାଇଁ ସେ ଆଗ୍ରହ ପ୍ରକାଶ କରନ୍ତି । ଦୁଇଟି ଭଉଣୀଙ୍କର ବିବାହ କାର୍ଯ୍ୟ ସରିଲାଣି । ଛୋଟ ଦୁଇଭାଇ ସ୍କୁଲ୍‌କୁ ପାଠ ପଢ଼ିବାକୁ ଯାଉଛନ୍ତି । ବର୍ତ୍ତମାନ ବିଦ୍ୟାଧର ଆଠ ହଜାର ଟଙ୍କା ରୋଜଗାର କରି ପାରୁଛନ୍ତି । ଦୋକାନର ବୃଦ୍ଧି ନିମନ୍ତେ ସେ ଦ୍ୱିତୀୟ କିସ୍ତି ଋଣପାଇଁ ଆବେଦନ କରିଛନ୍ତି । ସରକାରଙ୍କଠାରୁ ଋଣ ଗ୍ରହଣ କରି ସେ ନିଜେ ଆତ୍ମ ନିର୍ଭର-ଶୀଳ ହୋଇ ପାରିଛନ୍ତି । ତେଣୁ ତାଙ୍କର ବନ୍ଧୁ ଓ ଗ୍ରାମ-ବାସୀଙ୍କ ପାଖରେ ପ୍ରଶଂସାଭାଜନ ହୋଇ ପାରିଛନ୍ତି । ଏଥିରେ ସେ ସଂପୂର୍ଣ୍ଣ ସକ୍ଷମ ।

ଶ୍ରୀ ଚନ୍ଦ୍ରକାନ୍ତ ନାୟକ,
ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ ହିନ୍ଦୋଳ

## ସଦା ଘିଉରିଆ ଆଜି ସ୍ୱାବଲମ୍ବୀ କାହିଁକି ?

କୋରାପୁଟ ଜିଲ୍ଲାର ଜୟପୁର ସବ୍‌ଡିଭିଜନରେ ଜୟପୁର ପଞ୍ଚାୟତ ସମିତି ଅବସ୍ଥିତ । ଏହି ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଘିଉରି ଗ୍ରାମ ନିବାସୀ ସ୍ୱର୍ଗୀୟ ଅର୍ଜୁନ ଘିଉରିଆଙ୍କ ପୁତ୍ର ଶ୍ରୀ ସଦା ଘିଉରିଆ ।

ଘିଉରି ଗ୍ରାମ ନିବାସୀ ସଦା ଘିଉରିଆ ଜାତିରେ ଆଦିବାସୀ ଭୂମିଆ ଲୋକ । ଜନ୍ମରୁ ଦରିଦ୍ର । ଜମିବାଡ଼ି, ଘରି ଆଦି କିଛି ନାହିଁ । ଗୁଲି ମଜୁରୀ କରି ପେଟ ପୋଷିବା ଛଡ଼ା ତା'ର ଅନ୍ୟ ଉପାୟ ନାହିଁ । ସେ ତା'ର ପତ୍ନୀ, ଦୁଇପୁଅ, ଝିଅଟିଏ ଏବଂ ମା' ବୁଢ଼ୀ ଓ ବୋଉଙ୍କୁ ନେଇ ସାତ ପ୍ରାଣୀ କୁଟୁମ୍ବ । ସର୍ବଦା ଅଭାବ ଅନାଟନରେ ସମୟ କଟାଏ । ନିଜେ କିମିତି ବଞ୍ଚିବ ସବୁବେଳେ ତା'ର ଚିନ୍ତା ।

ସବୁଦିନ ସମାନ ଯାଏନା । ଦୁଃଖ ପରେ ସୁଖ ସଂସାରର ନିୟମ । ସୌଭାଗ୍ୟ ବଶତଃ ଲୋକପ୍ରିୟ ସରକାରଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଣୀତ ଗ୍ରାମ୍ୟ ଦରିଦ୍ରଙ୍କ ଆର୍ଥିକ ପୁନର୍ବସତି ଯୋଜନା ରାଜ୍ୟ ସାରା କ୍ଷିପ୍ରଗତିରେ ଚାଲିଲା । ଈଶ୍ୱରଙ୍କ କୃପାରୁ ଶ୍ରୀ ସଦା ଘିଉରିଆ ସେଥିରେ ତାଲିକାଭୁକ୍ତ ହୋଇ ତାଙ୍କର ଚାହିଦା ଅନୁସାରେ ଦୁଇଗୋଟି ଦୁଧିଆଳି ମଇଁଷି ରିହାତି ସୂତ୍ରରେ ଋଣ ଆକାରରେ ମଞ୍ଜୁର ପାଇଲେ ।

ତଦନୁଯାୟୀ ୧୯୮୪ ମସିହା ଡିସେମ୍ବର ମାସ ୧୨ ତାରିଖ ଦିନ ଗୋଟିଏ ଦୁଧିଆଳୀ ମଇଁଷି ତା' ଛୁଆ ସହ ସଂପୃକ୍ତ ଷ୍ଟେଟବ୍ୟାଙ୍କ ଜରିଆରେ ପାଇଲେ । ମଇଁଷିର ମୂଲ୍ୟ ଦୁଇ ହଜାର ଟଙ୍କା ଏବଂ ଏହା ଇ. ଆର. ଆର. ପି. ଯୋଜନାରେ ଦିଆଗଲା । ସେଦିନ ମଇଁଷି ପାଇ ସଦା ଓ ତା'ର ପରିବାରର ଆନନ୍ଦ କହିଲେ ନ ସରେ । ପୁଣି ୧୯୮୫ ମସିହା ଜାନୁୟାରୀ ୩ ତାରିଖ ଦିନ ନିର୍ଦ୍ଧାରିତ ଚୁକ୍ତିନାମା ଅନୁଯାୟୀ ଆଉ ଗୋଟିଏ ଦୁଧିଆଳୀ ମଇଁଷି ଛୁଆ ସହ ପାଇଲେ । ଦୁଇଟି ଦୁଧିଆଳୀ ମଇଁଷି ଓ ଦୁଇଟି ଛୁଆ ସହ ଚାରିଗୋଟି ମଇଁଷି ହେଲେ ।

ମଇଁଷିମାନଙ୍କଠାରୁ ଦୈନିକ ୩୫।୪୦ ଟଙ୍କା କ୍ଷୀରରୁ ଆଦାୟ ହେଲା । ସେଥିରୁ ସେ ନିଜ କୁଟୁମ୍ବ ଚଳାଚଳ କରି ପ୍ରତ୍ୟେକ ଦିନ କିଛି କିଛି ପଇସା ସଞ୍ଚୟ କରି ବ୍ୟାଙ୍କରେ ଋଣ ବାବଦକୁ ଜମା ଦେଲେ । ଦୁଇଟି ମଇଁଷିର ରିହାତି ଯାଇ ଅବଶିଷ୍ଟ ୨୦୦୦ ଟଙ୍କା ପରିଶୋଧ କରିବାକୁ ହେବ । ସେଥିରୁ ଅଧିକାଂଶ ଋଣ ପରିଶୋଧ ହୋଇ ସାରିଲାଣି । ସେ ଆଶା କରନ୍ତି ୧୯୮୮-୮୯ ମସିହା ଶେଷ ବେଳକୁ ସମସ୍ତ ଋଣ ପରିଶୋଧ ହୋଇ ପାରିବ ।

ବର୍ତ୍ତମାନ ଶ୍ରୀ ସଦା ଘିଉରିଆ ବହୁ ଆନନ୍ଦରେ ନିଜର କର୍ତ୍ତବ୍ୟ କରି ଚାଲିଛନ୍ତି ଏବଂ ସରକାରଙ୍କର ଯୋଜନା ବିଷୟରେ ଗାହି ପଡ଼ିଶାରେ ପ୍ରଶଂସା କରି ନିଜର ମନକୁ ଶାନ୍ତି ଦେଉଛନ୍ତି ।

ଶ୍ରୀ ବ୍ରଜସୁନ୍ଦର କରସୁଧା ପଟ୍ଟନାୟକ
ମଣ୍ଡଳ ସଂଗଠକ ପଲ୍ଲୀଶ୍ରୋତା ମଣ୍ଡଳୀ କୋରାପୁଟ

ଅବିଶ୍ୱାସ କରିଥିରେ ବିଦ୍ରୋହକରି ଉଠିଲେ । କେତେକ ସ୍ଥଳରେ ବ୍ରିଟିଶ ଶାସନ ଲୋପକରି ସ୍ୱାଧୀନ ସରକାର ବି ପ୍ରତିଷ୍ଠାକଲେ । ଏହାର ପ୍ରଭାବ କେବଳ ବ୍ରିଟିଶ ଉପରେ ନୁହେଁ, ତାଂକର ସହଯୋଗୀ ରାଷ୍ଟ୍ର ଶକ୍ତିମାନଂକ ଉପରେ ପଡ଼ିଲା । ତେଣୁ ବାଧ୍ୟହୋଇ ବ୍ରିଟିଶ ସରକାରକୁ ନିଜହାତରୁ କ୍ଷମତା ହସ୍ତାନ୍ତର କରିବାକୁ ପଡ଼ିଲା । ଏପରି ଭବରେ ବ୍ରିଟିଶ ସାମ୍ରାଜ୍ୟ ବାଦର ପତନ ସାରା ପୃଥିବୀରେ ଆଲୋଡ଼ନ ସୃଷ୍ଟିକଲା । ଅହିଂସକ ବିପ୍ଳବର ପରାକାଷ୍ଠା ପ୍ରତିପାଦିତ ହେଲା ।

ବର୍ତ୍ତମାନ ପରିସ୍ଥିତିରେ ଏହି ଅହିଂସକ ବିପ୍ଳବର ବିଭିନ୍ନ ଦିଗପ୍ରତି ଦୃଷ୍ଟିଦେବାକୁ ପଡ଼ିବ । ଏପରି ଅହିଂସକ ବିପ୍ଳବର ବିଶେଷତ୍ୱ ହେଉଛି ସାରା ଦେଶବାସୀଂକର ଏଥିରେ ଯୋଗଦାନ । ସାରା ଦେଶକୁ ସ୍ୱାଧୀନ କଲେ ଅଂଚଳ ଜାତି ଧର୍ମ କିମ୍ବା ଅନ୍ୟ କୌଣସି ସଂକୀର୍ଣ୍ଣ ବିଷୟର ଏଥିରେ ସ୍ଥାନ ନାହିଁ । ଏକ ଜାତୀୟତାର ସ୍ରୋତ ଦେଶରେ ପ୍ରବାହିତ ହେଲା । ଏ ଜାତୀୟତା ସଂକୀର୍ଣ୍ଣତାର ବହୁ ଉର୍ଦ୍ଧ୍ୱରେ । ଏହା କୂପମଣ୍ଡୂକ ନଥିଲା, ମାତ୍ର ଅନ୍ୟ ଦେଶମାନଂକ ସହିତ ମଧୁର ସଂପର୍କ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଉଦ୍‌ଦିଷ୍ଟ ଥିଲା । ଅହିଂସକ ବିପ୍ଳବ ହେତୁ ଏପରି କରିବା ସମ୍ଭବ ହେଲା । ଗଣତାନ୍ତ୍ରିକ ଭିତ୍ତି ଓ ପରଂପରା ସୃଷ୍ଟି ହେଲା । ଭାରତ ପୃଥିବୀ ପୃଷ୍ଠରେ ଏକ ସାର୍ବଭୌମ ସ୍ୱାଧୀନ ଗଣତନ୍ତ୍ର ଭବରେ ପରିଗଣିତ ହେଲା ।

ଆଜିକା ପରିସ୍ଥିତି ଆଲୋଚନା କଲାବେଳକୁ ଆମକୁ ଏଇ ଅହିଂସକ ଲଢ଼ାଇର ପ୍ରକୃତ ତତ୍ତ୍ୱ ଓ ଆଦର୍ଶକୁ ବିଚାର କରିବାକୁ ପଡ଼ିବ । ଆନଂଦ ଓ ଗର୍ବର କଥା ଯେ ଅନ୍ୟ ଦେଶଭଳି ଆମ ଦେଶ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପରିତ୍ୟାଗ କରିନାହିଁ । ବରଂ ଦୃଢ଼ କରିବା ନିମନ୍ତେ ଚେଷ୍ଟିତ ହୋଇଛି । ଆମ ଦେଶରେ ଲିଖିତ ସଂବିଧାନ ପ୍ରଚଳନ କରାଯାଇଛି । ପ୍ରତ୍ୟେକ ସାବାଳକ ନରନାରୀ ସ୍ୱାଧୀନ ମତ ବ୍ୟକ୍ତ କରିବାର ଅଧିକାର ଲାଭ କରିଛନ୍ତି । ଗଣତାନ୍ତ୍ରିକ ପଦ୍ଧତିରେ ପଂଚାୟତଠାରୁ ଆରମ୍ଭକରି ଆସେମ୍ବ୍ଲି, ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ପ୍ରତିନିଧିମୂଳକ ଶାସନ ସ୍ଥାପିତ ହୋଇଛି । ପ୍ରାୟ ସାତଥର ସାଧାରଣ ନିର୍ବାଚନ ହେବାପରେ ଲୋକଂକ ଭିତରେ ରାଜନୈତିକ ଚେତନା ସର୍ବଦା ଜାଗ୍ରତ ହୋଇଛି । ଏ ଦେଶରେ ଏକଛତ୍ରାଧିପତି ଶାସନ ଚଳି ପାରିବନାହିଁ କିମ୍ବା କୌଣସି କେନ୍ଦ୍ରିକଶକ୍ତି ଦ୍ୱାରା ବା ଏକ ଦଳର ଅଧିନାୟକତ୍ୱ ତିଷ୍ଠି ପାରିବ ନାହିଁ । କେବଳ ଲୋକ ଶାସନ ହିଁ ଏ ଦେଶରେ ରହିବ । କାରଣ, ସାଧାରଣ ନାଗରିକ ସଚେତନ ଓ ସଦା ଜାଗ୍ରତ ।

ଗତ କେତେକ ନିର୍ବାଚନରେ ଏକଥା ପ୍ରମାଣିତ ହୋଇଛି ଯେ କୌଣସି କେଂନ୍ଦ୍ରୀଭୂତ ଶାସନ କିମ୍ବା କେନ୍ଦ୍ରିକ କର୍ତ୍ତୃତ୍ୱ ଏ ଦେଶ ବରଦାସ୍ତ କରି ପାରିବ ନାହିଁ । ଉଦାହରଣ ସ୍ୱରୂପ ଦେଖାଯିବ ଯେ ଏବେ ବହୁ ରାଜ୍ୟରେ ଭିନ୍ନ ଭିନ୍ନ ସରକାର ସ୍ଥାପିତ ହୋଇଛି । ଏକ ଦଳର ରାଜତ୍ୱ ସାରାଦେଶରେ ରହିପାରୁନାହିଁ, ରହିବ ନାହିଁ ମଧ୍ୟ । କେଂନ୍ଦ୍ରୀକ ଶକ୍ତି ନିଜର କର୍ତ୍ତୃତ୍ୱ ଲାଭ କରିବା ନିମନ୍ତେ ବଳ ପ୍ରୟୋଗ ବା ଅଗଣତାନ୍ତ୍ରିକ ନୀତି ପ୍ରୟୋଗର ଚେଷ୍ଟା ବ୍ୟର୍ଥ ହେବ । ଅତି ନିକଟ ଅତୀତରେ ତାହା ଘଟିଯାଇଛି ।

ଗଣତନ୍ତ୍ରର ସଫଳତା ବହୁ ପରିମାଣରେ ନିର୍ଭର କରେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ଅଧିକ ବଳଶାଳୀ ଓ କ୍ଷମତା ଦେବା ଦ୍ୱାରା । ଆମର ସଂବିଧାନର ପ୍ରସାରଣରେ ହିଁ ଏହା ସମ୍ଭବ । ସଂବିଧାନକୁ କିମ୍ବା ସଂବିଧାନିକ ଅନୁଷ୍ଠାନଗୁଡ଼ିକୁ ସଂକୁଚିତ କରିବାର ପ୍ରଚେଷ୍ଟାର ପରିଣତି ଭୟାବହ ହେବ । ଏକଥା ସ୍ୱୀକାର କରିବାକୁ ହେବ ଯେ, ଆମେ ଗତ ୩୯ ବର୍ଷ ଭିତରେ ସଂବିଧାନ ପ୍ରଚଳନ ହେବା ଦିନରୁ ଏହାର ପ୍ରସାରଣ ନିମନ୍ତେ ଏବଂ ଲୋକଂକ ହାତକୁ ଅଧିକ କ୍ଷମତା ପ୍ରଦାନ ଦିଗରେ ଆନ୍ତରିକ ଉଦ୍ୟମ କରିନାହୁଁ । ତାହାରି ଫଳରେ ଦେଶରେ ନାନା ବିଭ୍ରାଟ ମୁଣ୍ଡ ଟେକିଛି ।

ସଂବିଧାନକୁ ଫଳପ୍ରଦ ଭବରେ କାର୍ଯ୍ୟକାରୀ କରିବାରେ ରାଜନୈତିକ ଦଳଗୁଡ଼ିକର ପ୍ରଧାନ ଭୂମିକା ରହିଛି । ଗଣତାନ୍ତ୍ରିକ ରାଜନୈତିକ ଦଳମାନେ ହିଁ ଗଣତାନ୍ତ୍ରିକ ଶକ୍ତିର ମର୍ଯ୍ୟାଦା ବୁଝନ୍ତି ଓ ଗଣତନ୍ତ୍ରକୁ ଦୃଢ଼କରି ପାରନ୍ତି । ମାତ୍ର ଦେଶରେ ଶାସନ ଅଧିକାର ଲାଭକରିବା ଉଦ୍ଦେଶ୍ୟରେ ଯେଉଁ ରାଜନୈତିକ ଦଳଗୁଡ଼ିକ କାର୍ଯ୍ୟ କରୁଛନ୍ତି, ସେମାନେ ଗଣତାନ୍ତ୍ରିକ ଅଧିକାର ଓ ମର୍ଯ୍ୟାଦା ନିଜର ଆଭ୍ୟନ୍ତରୀଣ ସଂଗଠନ ରକ୍ଷାକରୁ ନାହାନ୍ତି । ଏହା ଆମର ରାଜନୈତିକ କ୍ଷେତ୍ରରେ ଅଧୋଗତିର ଆଉରି ଏକ କାରଣ ।

ତେଣୁ ଆମ ଦେଶକୁ ଓ ଦେଶର ଗଣତନ୍ତ୍ରକୁ ମଜବୁତ କରିବାକୁ ହେଲେ ମହାତ୍ମା ଗାଂଧୀଙ୍କ ନେତୃତ୍ୱରେ ଆମ ଦେଶରେ ଯେଉଁ ଗଣତାନ୍ତ୍ରିକ ଭିତ୍ତି ଓ ପରଂପରା ସ୍ଥାପିତ ହୋଇଛି, ତା'ର ମର୍ଯ୍ୟାଦା ରକ୍ଷାକରିବା ଓ ତା'କୁ ଶକ୍ତିଶାଳୀ କରିବା ପ୍ରତ୍ୟେକ ଦେଶପ୍ରେମୀର ପରମ କର୍ତ୍ତବ୍ୟ ।

---

ଏ-୭୬, ସେକ୍ଟର-୫
ରାଉରକେଲା-୭୬୯୦୦୨



# ସମ୍ବାଦ ପରିକ୍ରମା

## ଜାତୀୟ ସ୍ତରରେ ଓଡ଼ିଶା ପ୍ରଥମ

ସର୍ବଭାରତୀୟ ସ୍ତରରେ ଗ୍ରାମୀଣ ଭୂମିହୀନ ଶ୍ରମିକ ନିଯୁକ୍ତି ନିର୍ଭରତା କାର୍ଯ୍ୟକ୍ରମ (ଆର. ଏଲ. ଇ. ଜି. ପି.)ରେ ଓଡ଼ିଶା ପ୍ରଥମ ସ୍ଥାନ ଲାଭ କରିଥିବା ବିଷୟ କେନ୍ଦ୍ର ସରକାରଙ୍କ ଗ୍ରାମ ବିକାଶ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି ।

ଗତ ଆର୍ଥିକବର୍ଷ, ୧୯୮୭-୮୮ରେ ଆର. ଏଲ. ଇ. ଜି. ପି. ଅନ୍ତର୍ଭୁକ୍ତ ରାସ୍ତା, କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ, ଗୃହ ନିର୍ମାଣ, ବୃକ୍ଷ ରୋପଣ ଇତ୍ୟାଦି ବିଭିନ୍ନ ଉନ୍ନୟନ ଯୋଜନାମାନଙ୍କରେ ବ୍ୟୟିତ ଅର୍ଥ ଶତକଡ଼ା ୧୨୩'୬୨ ଭାଗ ହୋଇଥିବାରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରୁ ଓଡ଼ିଶାରେ ସର୍ବାଧିକ ସଫଳତା ହୋଇପାରିଛି ।

ଓଡ଼ିଶାରେ ଗତବର୍ଷ ଏହି କାର୍ଯ୍ୟକ୍ରମରେ ୫୧'୦୮୨ ମେଟ୍ରିକ ଟନ ଚାଉଳ ଓ ଗହମର ମୂଲ୍ୟ ସମେତ ମୋଟ ୩୫ କୋଟି ୬୭ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ କରାଯାଇ ୪୬୮ ଲକ୍ଷ ୪୧ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା ।

ଗତବର୍ଷର କାର୍ଯ୍ୟ ବିବରଣୀ ସମୀକ୍ଷାରୁ ପ୍ରକାଶ ଯେ, ଜାତୀୟ ସ୍ତରରେ ଏହି କାର୍ଯ୍ୟକ୍ରମରେ ବ୍ୟୟିତ ଅର୍ଥ ଶତକଡ଼ା ୯୬'୯୫ ଭାଗ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହାଠାରୁ ୨୬'୬୬ ଭାଗ ଅଧିକ ହୋଇପାରିଛି । ଶ୍ରମିକମାନଙ୍କୁ ଖାଦ୍ୟଶସ୍ୟ ଯୋଗାଣ ଓ ଶ୍ରମଦିବସ ସୃଷ୍ଟି କ୍ଷେତ୍ରରେ ଜାତୀୟ ସ୍ତରରେ ସଫଳତା ଯଥାକ୍ରମେ ଶତକଡ଼ା ୭୮'୪୪ ଭାଗ ଓ ୧୧୯'୩୫ ଭାଗ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହା ଶତକଡ଼ା ୧୧୩.୦୫ ଭାଗ ଓ ୧୩୦'୭୩ ଭାଗ ହୋଇପାରିଥିଲା ।

## ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ପେନସନ କମିଟି

ପୁନର୍ଗଠିତ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ପେନସନ କମିଟିର ପ୍ରଥମ ବୈଠକ ଏହାର ଅଧ୍ୟକ୍ଷ ତଥା ଅର୍ଥ, ଆଇନ୍ ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ଆରମ୍ଭରେ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇ ଶ୍ରୀ ପଟ୍ଟନାୟକ କହିଲେ ଯେ ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ୍ ମଞ୍ଜୁର କରିବା ବେଳେ ଏଥିପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମାବଳୀ ପ୍ରତି ଦୃଷ୍ଟି ଦିଆଯାଇ ପ୍ରକୃତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପେନସନ୍ ମଞ୍ଜୁର କରାଯିବ । ଏ କ୍ଷେତ୍ରରେ କୌଣସି ପାତର ଅନ୍ତର କରିବା କିମ୍ବା କୌଣସି ଚାପର ବଶବର୍ତ୍ତୀ ହୋଇ ସିଦ୍ଧାନ୍ତ ନେବା କମିଟିର ଆଭିମୁଖ୍ୟ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ୭୩ ଜଣ ଦରଖାସ୍ତକାରୀଙ୍କ ମଧ୍ୟରୁ ୩୪ ଜଣଙ୍କୁ, ଢେଙ୍କାନାଳ ଜିଲ୍ଲାର ୨୭ ଜଣଙ୍କ ମଧ୍ୟରୁ ୧୫ ଜଣଙ୍କୁ ଓ ସମ୍ବଲପୁର ଜିଲ୍ଲାର ୨ ଜଣଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟ ସରକାରଙ୍କ ପେନସନ୍ ମଞ୍ଜୁରୀ ନିମନ୍ତେ କମିଟି ସ୍ଥିର କରିଛନ୍ତି ।

୪୦ ତମ ସ୍ୱାଧୀନତା ଦିବସରେ କେନ୍ଦ୍ର ସରକାରଙ୍କଠାରୁ ଭତ୍ତା ପାଉଥିବା ଓ ପୂର୍ବରୁ ତାମ୍ରପତ୍ର ପାଇ ନଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭାରତ ସରକାରଙ୍କ ତରଫରୁ ତାମ୍ରପତ୍ର ପ୍ରଦାନ କରାଯାଉଛି । ଉକ୍ତ ସଂଗ୍ରାମୀଙ୍କ ମଧ୍ୟରୁ ୧୭୩ ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇ ତାମ୍ରପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଛି ବୋଲି ବୈଠକରେ ପ୍ରକାଶ ପାଇଥିଲା ।

## ପ୍ରତି ଜିଲାରେ ନୂତନ କ୍ରୀଡ଼ା ହଷ୍ଟେଲ

ସେଚ, ଶକ୍ତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ରାଉରକେଲଠାରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ପକ୍ଷରୁ ନୂଆ କରି ନିର୍ମାଣ କରାଯାଇଥିବା 'ଦ୍ୱିତୀୟ ହକି ଛାତ୍ରୀ ନିବାସ' ଉଦ୍‌ଘାଟନ କରି କହିଲେ ଯେ ଆସନ୍ତା ୧୯୯୦ ମସିହା ସୁଦ୍ଧା ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ କ୍ରୀଡ଼ା

*With compliments from :*

## INDIAN METALS & FERRO ALLOYS LIMITED

## INDIAN CHARGE CHROME LIMITED

**BHUBANESWAR-751010**

Largest Producers of :

**FERRO SILICON** **SILICON METAL**

**CHARGE CHROME** **SOLAR GRADE SILICON**

ବୈଠକ ଜିଲ୍ଲାପାଳ ଶ୍ରୀ ଅରବିନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପରିଚାଳନା ଓ କାର୍ଯ୍ୟାବଳୀ ବିଶେଷ ଭାବେ ଆଲୋଚିତ ହୋଇଥିଲା । ଆଲୋଚନାରୁ ପ୍ରକାଶ ଯେ, ଉଭୟ ବିଦ୍ୟାଳୟରେ ୪୮ ଜଣ ଆବାସୀ ଶିକ୍ଷାର୍ଥୀ (ଉଭୟ ବାଳକ ଓ ବାଳିକା) ଶିକ୍ଷା ଗ୍ରହଣ କରିଛନ୍ତି । ଜିଲ୍ଲା ରେଡ଼କ୍ରସ ସଂସ୍ଥାର ତତ୍ତ୍ୱାବଧାନରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଏହାର ପରିଚାଳନା ଭାର ଗ୍ରହଣ କରିଛନ୍ତି । ଆବଶ୍ୟକୀୟ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଛନ୍ତି । ଏଠାରେ ବାଣୀ ପଠନ, ଓଷ୍ଠ ପଠନ, ଇନ୍ଦ୍ରିୟ ପ୍ରଶିକ୍ଷଣ ଏବଂ ବ୍ରେଇବୋର୍ଡ ମାଧ୍ୟମରେ ଛାତ୍ର ଛାତ୍ରୀମାନଙ୍କୁ ସାଧାରଣ ଶିକ୍ଷା ଓ ଅନ୍ଧମାନଙ୍କୁ ସଙ୍ଗୀତ ଶିକ୍ଷା ଦିଆଯାଇଥାଏ । ଚଳିତ ବର୍ଷଠାରୁ ଚକ୍ ଖଡ଼ି ତିଆରି, ମସିଣା, ତିଆରି, ସିଲେଇ ଶିକ୍ଷା, ଚୌକିବୁଣା ଆଦି ବୈଷୟିକ ଶିକ୍ଷା ପ୍ରଚଳନ କରିବା ପାଇଁ ସ୍ଥିର କରାଯାଇଛି । ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଭୁବନେଶ୍ୱର ଓ ସୁନାବେଡ଼ାଠାରେ ଅନୁଷ୍ଠିତ ସମାବେଶରେ ଯୋଗ ଦେଇ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଜିଲ୍ଲା ସ୍ତରରେ ବିଭିନ୍ନ ଜାତୀୟ ଦିବସରେ ଅଂଶ ଗ୍ରହଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । ଜିଲ୍ଲାପାଳ ଏହାର ପରିଚାଳନା କୃତି ଓ ଶୃଙ୍ଖଳାରେ ସନ୍ତୋଷ ପ୍ରକାଶ କରି ଏହି ବିଦ୍ୟାଳୟକୁ ଏକ ଆଦର୍ଶ ଅନୁଷ୍ଠାନ ଭାବେ ଗ୍ରହଣ କରି ଏହି ଜିଲ୍ଲାରେ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ଶାରୀରିକ ଅକ୍ଷମ ବିଦ୍ୟାଳୟମାନ ପରିଚାଳିତ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ ।

# ଶିଳ୍ପପ୍ରଗତିକୁ ଗତିଶୀଳ କରିବାରେ ବ୍ୟାଙ୍କ୍‌ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଓଡ଼ିଶାରେ ଶିଳ୍ପର ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାଙ୍କଗୁଡ଼ିକ ସକ୍ରିୟ ଭାବେ ଜଡ଼ିତ ହେବାକୁ ଶିଳ୍ପ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି ।

ଭୁବନେଶ୍ୱର ନିକଟସ୍ଥ ଚନ୍ଦକା ଶିଳ୍ପାଞ୍ଚଳଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ୮୧ତମ ଶାଖାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ଓଡ଼ିଶାର ଅର୍ଥନୈତିକ ପ୍ରଗତି ପାଇଁ ବ୍ୟାଙ୍କଗୁଡ଼ିକ ପୂର୍ଣ୍ଣ ସହଯୋଗ ମନୋଭାବ ନେଇ ଆଗେଇ ଆସନ୍ତୁ । ସେ କହିଲେ ଯେ ୧୯୮୦ ମସିହା ପରବର୍ତ୍ତୀ ସମୟଠାରୁ ଶିଳ୍ପର ବିକାଶ ପାଇଁ ଅଭୂତପୂର୍ବ ଜାଗରଣ ଦେଖାଦେଇଛି । ରାଜ୍ୟରେ ନୂତନ ଶିଳ୍ପନୀତି ଘୋଷଣା ପରେ ରାଜ୍ୟରୁ ଓ ରାଜ୍ୟ ବାହାରୁ ବହୁ ଶିଳ୍ପୋଦ୍ୟୋଗୀ ଏଠାରେ ନୂଆନୂଆ ଶିଳ୍ପାନୁଷ୍ଠାନମାନ ଗଢ଼ିବାକୁ ଆଗେଇ ଆସୁଛନ୍ତି । ଏଥିପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସେମାନଙ୍କ ଉଦ୍ୟମକୁ ଅଧିକ ମଜବୁତ୍ ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଋଣ ଯୋଗାଣ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବା ଆବଶ୍ୟକ ହୋଇପଡ଼ିଛି । ସୁଖର କଥା, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛି । ଚନ୍ଦକା ଶିଳ୍ପାଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଶାଖା ଅଫିସ୍ ହେଉଛି ସହଯୋଗର ଆଉ ଏକ ମାଇଲ ଖୁଣ୍ଟି । ରାଜ୍ୟର ଶିଳ୍ପ ଅଭିବୃଦ୍ଧି ସଂପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ୧୯୮୦ ମସିହା ବେଳକୁ ରାଜ୍ୟରେ ୫୭ଟି ବୃହତ୍ ଓ ମଧ୍ୟମ ଶିଳ୍ପ ଏବଂ ୯୧୧୯ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହୋଇପାରିଥିଲା । ମାତ୍ର ୧୯୮୦ ମସିହାଠାରୁ ୧୯୮୮ ମଧ୍ୟରେ ୧୨୮ଟି ମଧ୍ୟମ ଓ ବୃହତ୍ ଶିଳ୍ପ ସମେତ ୨୨,୬୦୦ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇ ଏକ ଉଲ୍ଲେଖନୀୟ ସାଫଲ୍ୟ ଅର୍ଜନ କରାଯାଇ ପାରିଛି । ଶିଳ୍ପ ପ୍ରଗତିର ବେଗକୁ ଅଧିକ ଗତିଶୀଳ କରିବା ପାଇଁ ଏବଂ ରୁଗ୍‌ଣ ଶିଳ୍ପଗୁଡ଼ିକୁ ସକ୍ରିୟ ଅବସ୍ଥାକୁ ଆଣିବା ପାଇଁ ବ୍ୟାଙ୍କଗୁଡ଼ିକ ବାସ୍ତବ ଆଭିମୁଖ୍ୟ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସେ କହିଲେ ଯେ ଶିଳ୍ପର ବିକାଶ ପାଇଁ ରାଜ୍ୟରେ ପ୍ରାକୃତିକ ସଂପଦ ଓ ଅନ୍ୟାନ୍ୟ କଞ୍ଚାମାଲ ଭରପୂର ରହିଥିଲେ ମଧ୍ୟ ଅର୍ଥ ବିନିଯୋଗ ସୁବିଧାର ଅଭାବ ଯୋଗୁଁ ଏବଂ ଏକ ପ୍ରଗତିଶୀଳ ଶିଳ୍ପନୀତିର ଅଭାବ ଯୋଗୁ ବହୁଦିନ ଧରି ଓଡ଼ିଶା ଶିଳ୍ପ କ୍ଷେତ୍ରରେ ପଛୁଆ ରହିଯାଇଥିଲା । ସେହି ଅଭାବକୁ ଦୂର କରିବା ପାଇଁ ୧୯୮୦ ଏବଂ ୧୯୮୬ ମସିହା ଶିଳ୍ପନୀତି ଘୋଷିତ ହୋଇଯାଇଛି ଏବଂ ଶିଳ୍ପୋଦ୍ୟୋଗୀମାନଙ୍କୁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବ୍ୟାଙ୍କଗୁଡ଼ିକ ମଧ୍ୟ ପର୍ଯ୍ୟାପ୍ତ ଋଣ ଯୋଗାଇ ଦେବା ପାଇଁ ଆଗେଇ ଆସନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି ।

## କୃଷୀଙ୍କୁ ସାର ଯୋଗାଣ

ଖରିଫ ଫସଲ ଚାଷ ପାଇଁ ଗତ ବର୍ଷ ଜୁନ୍ ମାସ ସୁଦ୍ଧା ରାଜ୍ୟର କୃଷକମାନେ ୧୩ ହଜାର ୬୫୩ ମେଟ୍ରିକ ଟନ୍ ବିଭିନ୍ନ ରାସାୟନିକ ସାର ଉପଯୋଗ କରିଥିବା ସ୍ଥଳେ ଚଳିତ ବର୍ଷ ଜୁନ୍ ସୁଦ୍ଧା ଏହାର ଉପଯୋଗ ୧୯ ହଜାର ୬୭୫ ମେଟ୍ରିକ ଟନକୁ ବୃଦ୍ଧି ପାଇଛି । ଗତ ଜୁନ୍ ସୁଦ୍ଧା ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୬୩୮୩ ମେଟ୍ରିକ ଟନ, କଟକରେ ୪୧୪୬ ମେଟ୍ରିକ ଟନ୍, ପୁରୀରେ ୨୩୧୨ ମେଟ୍ରିକ ଟନ୍; ବାଲେଶ୍ୱରରେ ୧୧୮୬ ମେଟ୍ରିକ୍ ଟନ୍, ଗଂଜାମରେ ୧୦୫୬ ମେଟ୍ରିକ ଟନ୍ ଏବଂ ଢେଙ୍କାନାଳ ଜିଲ୍ଲାରେ ୧୦୨୧ ମେଟ୍ରିକ୍ ଟନ ସାର ବ୍ୟବହୃତ ହୋଇଛି ।

ଚଳିତ ଖରିଫ୍ ଋତୁରେ ସାର ବ୍ୟବହାର ୧ ଲକ୍ଷ ୩ ହଜାର ମେଟ୍ରିକ୍ ଟନକୁ ବୃଦ୍ଧି କରିବାକୁ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହାକୁ ପୂରଣ କରିବାକୁ ସାର ବିକ୍ରୟ କେନ୍ଦ୍ରଗୁଡ଼ିକର ସଂଖ୍ୟା ବୃଦ୍ଧି କରିବା ଏବଂ ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର ଜରିଆରେ କୃଷୀଙ୍କ ଦ୍ୱାରଦେଶକୁ ସାର ପଠାଇବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏହି ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟରେ ଏବଂ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବା ଲାଗି କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସ ବିହାରୀ ବେହେରା ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଏହାର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିଛନ୍ତି ।

ହଷ୍ଟେଲ ଛାତ୍ର ଛାତ୍ରୀମାନଙ୍କ ପାଇଁ ନିର୍ମାଣ କରାଯିବ । ବର୍ତ୍ତମାନ ୫ ଟି ଜିଲ୍ଲାରେ ହଷ୍ଟେଲ ନିର୍ମାଣ ସରିଛି ଏବଂ ଖୁବ୍ ଶୀଘ୍ର ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ହଷ୍ଟେଲ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ । ଏହାର ଏକମାତ୍ର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ହେଉଛି ଯେ ରାଜ୍ୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଭା ଅନ୍ୱେଷଣ କରି ପ୍ରତିଭା ସଂପନ୍ନ କ୍ରୀଡାବିତ୍‌ମାନଙ୍କୁ ମନୋନୀତ କରିବା ଓ ସେମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ଜାତୀୟ ଏବଂ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରାଇ ରାଜ୍ୟକୁ କ୍ରୀଡାରେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବା ପାଇଁ ସୁଯୋଗ ସୃଷ୍ଟି କରିବା । ସେ କହିଲେ ଯେ ଛାତ୍ର ଛାତ୍ରୀମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଶିକ୍ଷା ସହିତ ସୁସ୍ୱାସ୍ଥ୍ୟ ଗଠନରେ କ୍ରୀଡା ଯଥେଷ୍ଟ ସହାୟକ ହୁଏ । କ୍ରୀଡା ଛାତ୍ର ଛାତ୍ରୀମାନଙ୍କୁ ହଷ୍ଟେଲ ବ୍ୟବସ୍ଥା ସହ ଖାଦ୍ୟପେୟ ଓ ପୋଷାକ ପରିଚ୍ଛଦ ଯୋଗାଇ ଦିଆଯିବ । କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଅଭିଜ୍ଞ କୋଚ୍‌ମାନଙ୍କ ଦ୍ୱାରା ତାଲିମ ଦିଆଯିବ । ସୁନ୍ଦରଗଡ଼ ଜିଲ୍ଲାରେ ହକି ଖେଳ ପାଇଁ ବିଶେଷ ଆଗ୍ରହ ରହିଥିବାରୁ ସେ ଖେଳର ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

## ଇନ୍ଦିରା ଆବାସ ଭିତ୍ତି ପ୍ରସ୍ତର ସ୍ଥାପନ

ଖଣି ଓ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ନାଗ୍ ସମ୍ବଲପୁର ଜିଲ୍ଲା ପଦ୍ମପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ଲେବିଡ଼ିଠାରେ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଦୁଃସ୍ଥ ଆଦିବାସୀ ଓ ହରିଜନ ପରିବାରମାନଙ୍କ ପାଇଁ ଉଦ୍ଦିଷ୍ଟ ୨୦ଟି ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଏସବୁ ଗୃହ ନିର୍ମାଣ କରାଯିବ ଓ ପ୍ରତି ଗୃହର ନିର୍ମାଣ ବାବଦରେ ୯,୩୦୦ ଟଙ୍କା ଖର୍ଚ୍ଚ ହେବ ।

ଏ ଉପଲକ୍ଷେ ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନାଗ୍ ଉଦ୍‌ବୋଧନ ଦେଇ ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ଉନ୍ନତି ଦିଗରେ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ୨୦-ଦଫା ଅର୍ଥନୈତିକ କାର୍ଯ୍ୟକ୍ରମକୁ ରାଜ୍ୟରେ କିଭଳି ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଉଛି, ତାହା ବର୍ଣ୍ଣନା କରିଥିଲେ । ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଦରିଦ୍ର ଲୋକମାନେ ନିଜ ନିଜକୁ ସାମିଲ କରି ଅର୍ଥନୈତିକ ଉନ୍ନତି କରିବାକୁ ସେ ପରାମର୍ଶ ଦେଇଥିଲେ । ସୋହେଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଶ୍ରୀ ଅବୁ ବକର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ।

ରାଷ୍ଟ୍ରମନ୍ତ୍ରୀ ଏହାପରେ ବରଗଡ଼ ସବ୍‌ଡିଭିଜନର ଭଟଲି ବ୍ଲକ୍ ଅନ୍ତର୍ଗତ ବେହେରାପାଲି, ଉଦଧିଉପାଲି ଓ ବରଗଡ଼ ବ୍ଲକ୍ ଅନ୍ତର୍ଗତ ତେନ୍ତୁଲିପାଲିଠାରେ ଗରିବ, ଆଦିବାସୀ, ହରିଜନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଇନ୍ଦିରା ଆବାସ କଲୋନୀ ଉଦ୍‌ଘାଟନ କରି ସଂପୃକ୍ତ ହିତାଧିକାରୀମାନଙ୍କୁ ଘରର ପଟ୍ଟା ବଣ୍ଟନ କରିଥିଲେ । ଏହି ବିନିଯୋଗର ପ୍ରତ୍ୟେକ ସ୍ଥାନରେ ୨୦ଟି ଲେଖାଏଁ ଗୃହ ନିର୍ମିତ ହୋଇଛି ଓ ପ୍ରତ୍ୟେକ ଘର ପିଛା ୯,୩୦୦ ଟଙ୍କା ଖର୍ଚ୍ଚ ହୋଇଛି । ତେନ୍ତୁଲିପାଲିଠାରେ ପାନୀୟ ଜଳ ପାଇଁ ନଳକୂପ ବସାଯାଇଛି । ଇନ୍ଦିରା ଆବାସରେ ରହିବା ଲୋକଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଋଣ ମଧ୍ୟ ଯୋଗାଇ ଦିଆଯିବ । ଏସବୁ ସ୍ଥାନରେ ରାଷ୍ଟ୍ରମନ୍ତ୍ରୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରିଥିଲେ । ବେହେରାପାଲିଠାରେ ରାଷ୍ଟ୍ରମନ୍ତ୍ରୀ ବୃକ୍ଷ ରୋପଣ କରିଥିଲେ ଓ ଏହି କାର୍ଯ୍ୟକ୍ରମର ଉପକାରିତା ସଂପର୍କରେ ଲୋକଙ୍କୁ ବୁଝାଇଥିଲେ ।

## ନଡ଼ିଆ ଚାଷର ପ୍ରସାରପାଇଁ କେନ୍ଦ୍ରୀୟ ସହାୟତା

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ନଡ଼ିଆ ଚାଷ ପାଇଁ ଉପଯୋଗୀ ଥିବା ବ୍ୟାପକ ଅଞ୍ଚଳରେ ଏହି ଚାଷର ଅଧିକ ପ୍ରସାର କରିବାକୁ କେନ୍ଦ୍ର ସରକାର ସଂପୂର୍ଣ୍ଣ ଆର୍ଥିକ ସାହାଯ୍ୟ ଦେଉଛନ୍ତି । କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅଧୀନରେ ଗଠିତ ନାରିକେଳ ଉନ୍ନୟନ ବୋର୍ଡ ରାଜ୍ୟର ଉତ୍ସାହୀ ଚାଷୀ, ବିଶେଷତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସବ୍‌ସିଡ଼ି ଆକାରରେ ସାହାଯ୍ୟ ଦେବାର ବ୍ୟବସ୍ଥା କରିଛନ୍ତି । ୧୯୮୪ ମସିହାଠାରୁ କାର୍ଯ୍ୟକାରୀ ହେଉଥିବା 'ନଡ଼ିଆ ଚାଷ ଅଞ୍ଚଳ ସଂପ୍ରସାରଣ ଯୋଜନା' ଅନୁଯାୟୀ ଗତ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟର ଅଧିକ ୪୫୮ ହେକ୍ଟର ଜମିରେ ନଡ଼ିଆ ଚାରା ଲଗାଯାଇଛି । ଏଥିପାଇଁ ୭୨୧ ଜଣ ଚାଷୀଙ୍କୁ ପ୍ରଥମ କିସ୍ତି ସବ୍‌ସିଡ଼ି ବାବଦରେ ୪ ଲକ୍ଷ ୬୭ ହଜାର ୭୨୭ ଟଙ୍କା ଏବଂ ଚାରାର କ୍ରମବିକାଶ ତଥା ରକ୍ଷଣାବେକ୍ଷଣ ସବ୍‌ସିଡ଼ି ବାବଦରେ ୩୪,୫୭୮ ଟଙ୍କା ଏହିପରି ସମୁଦାୟ ୫ ଲକ୍ଷ ୨ ହଜାର ୩୦୫ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ଦିଆଯାଇଛି ।

ଚଳିତ ଆର୍ଥିକ ବର୍ଷ ଏହି ଯୋଜନାନୁସାରେ ଅଧିକ ୧୨୫ ହେକ୍ଟର ଜମିରେ ନଡ଼ିଆ ଚାରା ରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି। ଏଥିପାଇଁ ଏହି ବୋର୍ଡ କେନ୍ଦ୍ର ସରକାରଙ୍କ ତରଫରୁ ୨ ଲକ୍ଷ ୫୦ ହଜାର ଟଙ୍କା ସବ୍‌ସିଡ଼ି ଆକାରରେ ସାହାଯ୍ୟ ଦେବେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବର୍ତ୍ତମାନ ଓଡ଼ିଶାରେ ଥିବା ନଡ଼ିଆ ଚାଷ ଅଞ୍ଚଳ ସମଗ୍ର ଦେଶର ନଡ଼ିଆ ଚାଷ ଅଞ୍ଚଳର ଶତକଡ଼ା ମାତ୍ର ୨.୩ ଭାଗ । ଅପରପକ୍ଷରେ ଓଡ଼ିଶାର ବହୁ ଅଞ୍ଚଳ ନଡ଼ିଆ ଚାଷ ପାଇଁ ଉପଯୋଗୀ ବୋଲି ଅନୁଧ୍ୟାନ କରାଯାଇଥିବାରୁ କେନ୍ଦ୍ରୀୟ ସହାୟତାରେ ଉକ୍ତ ସଂପ୍ରସାରଣ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାନୁଯାୟୀ ପ୍ରତି ହେକ୍ଟର ଜମିରେ ନୂତନ ଚାରା ରୋପଣ କରିବାକୁ କିସ୍ତିୱାରୀ ସମୁଦାୟ ୩,୦୦୦ ଟଙ୍କା ସବ୍‌ସିଡ଼ି ଦିଆଯାଉଛି । ତନ୍ମଧ୍ୟରୁ ପ୍ରଥମ ବର୍ଷରେ ୧,୨୫୦ ଟଙ୍କା ଏବଂ ଚାରାବର୍ଦ୍ଧନ ତଥା ରକ୍ଷଣାବେକ୍ଷଣ ପାଇଁ ଅବଶିଷ୍ଟ ଟଙ୍କାକୁ ପରବର୍ତ୍ତୀ ୪ ବର୍ଷରେ ସମାନ କିସ୍ତିରେ ଚାଷୀମାନଙ୍କୁ ଦେବାର ବ୍ୟବସ୍ଥା ହୋଇଛି ।

## ଦୃଷ୍ଟିହୀନ ଓ ମୂକବଧୀର ଛାତ୍ର ଛାତ୍ରୀଙ୍କ ପାଇଁ ବୈଷୟିକ ଶିକ୍ଷା

ସଂପ୍ରତି ଭବାନୀପାଟଣା ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ ଓ ରେଡ୍‌କ୍ରସ ମୂକବଧିର ବିଦ୍ୟାଳୟର ପରିଚାଳନା ସମିତି

ମଧ୍ୟରୁ ୭୦,୪୩୬ ଜଣ କ୍ଷୁଦ୍ର ଚାଷୀ ଓ ୯୭,୮୯୭ ଜଣ ନାମମାତ୍ର ଚାଷୀ ଅଟନ୍ତି । ଉପକୃତ ହୋଇଥିବା ଏହି ଚାଷୀମାନଙ୍କ ମଧ୍ୟରେ ୩୨,୨୨୬ ଜଣ ତଫସିଲଭୁକ୍ତ ଜାତି ଓ ୪୫,୮୬୫ ଜଣ ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଉପଭୋକ୍ତାମାନଙ୍କ ମଧ୍ୟରୁ ୭୫,୮୯୨ ଜଣଙ୍କୁ ମିନିକିଟ ଦିଆଯାଇଥିବା ବେଳେ ୯୨,୪୪୧ ଜଣ ଚାଷୀଙ୍କୁ ମିନିକିଟ ବ୍ୟତୀତ ଅନ୍ୟାନ୍ୟ ସାହାଯ୍ୟ ଦିଆଯାଇଛି ।

ଅଗ୍ରୀମ ଆକାରରେ ଦିଆଯାଇଥିବା ୧ କୋଟି ୮୪ ଲକ୍ଷ ୮୯ ହଜାର ଟଙ୍କା ସମେତ ଉପଭୋକ୍ତାମାନଙ୍କ ସବ୍‌ସିଡ଼ି ବାବଦରେ ମୋଟ ୧୨ କୋଟି ୨୩ ଲକ୍ଷ ୫ ହଜାର ଟଙ୍କା ବ୍ୟୟ ହୋଇଥିବା ବେଳେ ସେମାନଙ୍କୁ ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ୨ କୋଟି ୯୯ ଲକ୍ଷ ୪୨ ହଜାର ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଇଛି । ଏହା ମଧ୍ୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାରେ ୮ କୋଟି ୧୭ ଲକ୍ଷ ୧୨ ହଜାର ଟଙ୍କା, ଭୂ-ଉନ୍ନୟନ ବାବଦରେ ୨ କୋଟି ୧୬ ଲକ୍ଷ ୨୩ ହଜାର ଟଙ୍କା ଏବଂ ଉଭୟ ଖରିଫ ଓ ରବିଚାଷ ଲାଗି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ମିନିକିଟସ୍ ବାବଦରେ ୧ କୋଟି ୯ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ହୋଇଛି ।

## ପରିବେଶ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ

ରାଜ୍ୟରେ ବିଜ୍ଞାନ, କାରିଗରୀ କୌଶଳ ଓ ପରିବେଶ ବିଭାଗ ବିଗତ ୧୯୮୨ ମସିହାଠାରୁ ଗଠନ କରାଯାଇଛି । ସମାଜର ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ପରିବେଶର ସୁରକ୍ଷା ପାଇଁ ଜନ ଜାଗରଣ ସୃଷ୍ଟି କରିବାରେ ରାଜ୍ୟ ସରକାର କେତେକ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଜନସାଧାରଣ ଓ ଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି, ନିର୍ଦ୍ଦିଷ୍ଟ ବିଜ୍ଞାନ ଅନୁଷ୍ଠାନ ଓ କାର୍ଯ୍ୟକ୍ରମର ବିକାଶ, ପରିବେଶ ସଂରକ୍ଷଣ, ପରିବେଶ ସଚେତନତା ବୃଦ୍ଧି ଓ ଶିକ୍ଷା, ପରିବେଶ ଦୂଷିତକରଣ ରୋକିବା, ବିକଳ୍ପ ଶକ୍ତି ଉପରେ ବିକାଶ ଏ ସବୁ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

ରାଜ୍ୟରେ ଏକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଗଠନ କରାଯାଇଛି । ଯେଉଁସବୁ କଳକାରଖାନା ବାୟୁ, ନଦୀ ଜଳ ଦୂଷିତ କରୁଛନ୍ତି, ତାହା ରୋକିବା ଲାଗି ବୋର୍ଡ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

ବିଜ୍ଞାନକୁ ଲୋକପ୍ରିୟ କରାଇବାକୁ ରାଜ୍ୟ ବିଜ୍ଞାନ ଏକାଡେମୀ ଗଠନ କରାଯାଇଛି ।

ପରିବେଶ ସପକ୍ଷରେ ସଚେତନତା ସୃଷ୍ଟି ସକାଶେ ଜିଲ୍ଲା, ସ୍କୁଲ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ତରରେ ଆଲୋଚନାଚକ୍ରମାନ କରାଯାଉଛି । ସ୍କୁଲମାନଙ୍କରେ 'ପ୍ରକୃତି କ୍ଲବ' କରାଯାଉଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହନ ଦେବା ଲାଗି ପ୍ରକୃତି ମିତ୍ର ପୁରସ୍କାର ବ୍ୟବସ୍ଥା ହୋଇଛି । ପରିବେଶ ସପକ୍ଷରେ ଲେଖିବା ପାଇଁ ଲେଖକ କର୍ମଶାଳା ଆୟୋଜନ କରାଯାଉଛି । ଆଦିବାସୀମାନଙ୍କ ମଧ୍ୟରେ ଜଙ୍ଗଲ କାଟ ବିରୁଦ୍ଧରେ ଜନମତ ସୃଷ୍ଟି ଲାଗି ପଦଯାତ୍ରା, ଆଦିବାସୀ ଭାଷାରେ ସଙ୍ଗୀତ ପରିବେଷଣ, ପାଲା କାର୍ଯ୍ୟକ୍ରମ ଆଦି ଆୟୋଜିତ ହେଉଛି ।

ବିକଳ୍ପ ଶକ୍ତିର ବିକାଶ ଲାଗି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଗଠନ କରାଯାଇଛି । ସୌରଶକ୍ତି, ବାୟୁଶକ୍ତି, ବାଇଓ ଗ୍ୟାସର ଉପଯୋଗ ଓ ପ୍ରସାର ଘଟାଇ ଜାଳେଣି ତଥା ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଲାଗି ଏହି ସଂସ୍ଥା ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ଭୁବନେଶ୍ୱର ସଂଲଗ୍ନ ପ୍ରାୟ ୫୦୦ ଏକର ପରିମିତ ଜମିରେ 'ଏକାମ୍ର କାନନ' ନାମକ ଏକ ନୂତନ ଉଦ୍ୟାନ ସୃଷ୍ଟି କରାଯାଇ ସେଠାରେ ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର ସ୍ଥାପନ କରାଯାଇଛି । ଅନେକ ଦୁଷ୍ପ୍ରାପ୍ୟ ବୃକ୍ଷ, ଗୁଳ୍ମ, ଔଷଧ ଜାତୀୟ ଗଛପତ୍ର, ବିଦେଶୀ ଗଛପତ୍ର ଏଠାରେ ରୋପଣ କରାଯାଇ ଏହା ଉପରେ ଗବେଷଣା କରାଯାଉଛି ।

ରିମୋଟ ସେନ୍‌ସିଂ ଆପ୍ଲିକେସନ ସେଣ୍ଟର ଜରିଆରେ ରାଜ୍ୟରେ କେତେ ଜଙ୍ଗଲ ଅଛି ଓ ଜଙ୍ଗଲ କି ଭଳି ଧ୍ୱଂସ ପାଉଛି, ମୃତ୍ତିକା କ୍ଷୟ ଆଦି ସମ୍ପର୍କରେ ଉପାଦେୟ ତଥ୍ୟମାନ ସଂଗ୍ରହ କରାଯାଉଛି ।

ଜମି ଓ ଜଳର ଉପଯୋଗ ସମ୍ପର୍କରେ ଏକ ଷ୍ଟେଟ ଲ୍ୟାଣ୍ଡ ବୋର୍ଡ଼ ଗଠନ କରାଯାଇଛି ।

## କ୍ଷୁଦ୍ର ଓ ନାମମାତ୍ର କୃଷୀଙ୍କ ଲାଗି କେନ୍ଦ୍ରୀୟ ସହାୟତା

ଗତ ଆର୍ଥିକ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କ ପାଇଁ କେନ୍ଦ୍ରୀୟ ସହାୟତା ଯୋଜନାରେ ଜଳସେଚନ ସୁବିଧା ଲାଗି ୪୨୨୯ଟି ସେଚକୂପ, ୪୮୮ଟି ନଳକୂପ, ୧୦୨୮ଟି ପୋଖରୀ ଖୋଳା ଯାଇଛି । ଏତଦ୍‌ବ୍ୟତୀତ ଚାଷୀମାନଙ୍କୁ ୩୨୫୦ଟି ପମ୍ପସେଟ୍ ଯୋଗାଇ ଦେବା ସଙ୍ଗେସଙ୍ଗେ ୧୭୧ଟି ଉଠା ଜଳସେଚନର ମଧ୍ୟ ସୁବିଧା କରାଯାଇଛି । ଏହାଦ୍ୱାରା ମୋଟ ୭୨୯୭'୪୫ ହେକ୍ଟର ଜମିରେ ଜଳଯୋଗାଇଦେବାର ସୁବିଧା ସୃଷ୍ଟି କରାଯାଇ ପାରିଛି । ମୋଟ ୧୬ ହଜାର ୧୭୦ଟି ଜମବନ୍ଧ ତିଆରି କରି ଚାଷୀମାନେ ଜଳସେଚନ ସୁବିଧା ମଧ୍ୟ କରିପାରିଛନ୍ତି । ଏହି ବର୍ଷ ଉକ୍ତ ଯୋଜନାରେ ୩୫୬୮.୯୨ ହେକ୍ଟର ଜମକୁ ସମତଳ କରି ଚାଷୋପଯୋଗୀ କରିବା ପାଇଁ ଚାଷୀମାନଙ୍କୁ ସାହାଯ୍ୟ ଦିଆଯାଇଛି ।

ଖରିଫ ଚାଷ ପାଇଁ କୃଷକମାନଙ୍କୁ ୧୦୪୦ଟି ଧାନ ବିହନ ଓ ସାର ପୁଡ଼ିଆ ଏବଂ ୧୭ ହଜାର ୪୨୭ଟି ଡାଲି ଜାତୀୟ ଫସଲର ବିହନ ପୁଡ଼ିଆ ଯୋଗାଇ ଦିଆଯାଇଛି । ସେଥିରୁ ୮୦୪୩ଟି ମୁଗ, ୭୨୩୦ଟି ବିରି ଓ ୨୧୯୪ଟି ହରଡ଼ ବିହନ ଓ ସାର ପୁଡ଼ିଆ ଅନ୍ତର୍ଭୁକ୍ତ । ଖରିଫ ଚାଷ ଲାଗି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ମୋଟ ୧୨ ହଜାର ୧୨୧ଟି ବିହନ ପୁଡ଼ିଆ ମଧ୍ୟରୁ ୭୯୧୦ଟି ଚିନାବାଦାମ, ୪୨୧୧ଟି ସୂର୍ଯ୍ୟମୁଖୀ ଓ ୨୫ଟି ରାଶି ବିହନ ପୁଡ଼ିଆ ଅନ୍ତର୍ଭୁକ୍ତ ।

ସେହିପରି ରବି ଓ ଖରଡିଆ ଚାଷ କରିବାକୁ ୧୨୨ଟି ଚୁନା ଓ ୩୨୦ଟି ଗୋଲ ଆଳୁ ବିହନ ଓ ସାର ପୁଡ଼ିଆ ଯୋଗାଇ ଦିଆ ଯାଇଥିବା ବେଳେ, ମୁଗ, ବିରି ଓ ମଟର ଇତ୍ୟାଦି ଡାଲି ଜାତୀୟ ଫସଲ ଲାଗି ୩୨ ହଜାର ୮୫୬ଟି

ସମୀକ୍ଷାରୁ ପ୍ରକାଶ ଯେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ସମୁଦାୟ ୫୫୬୧ଟି ସାର ବିକ୍ରୟ କେନ୍ଦ୍ର ଥିବା ସ୍ଥଳେ ଚଳିତ ବର୍ଷ ଏହାର ସଂଖ୍ୟା ୧୧ ହଜାର ୫୦୦କୁ ବୃଦ୍ଧି କରିବାକୁ ପଦକ୍ଷେପ ନିଆଯାଉଛି । ତଦନୁଯାୟୀ କଟକ ଜିଲ୍ଲାରେ ସର୍ବାଧିକ ୧୬୫୪ଟି, ପୁରୀରେ ୧୬୦୭ଟି, ଗଞ୍ଜାମରେ ୧୪୭୨ଟି ଏବଂ ବାଲେଶ୍ୱର ଜିଲ୍ଲାରେ ୧୧୦୪ଟି ସାର ବିକ୍ରୟ କେନ୍ଦ୍ର ଖୋଲାଯିବ ।

ଚଳିତ ବର୍ଷ ଯେଉଁ ଅଧିକ ୫୯୩୯ଟି ସାର ବିକ୍ରୟ କେନ୍ଦ୍ର ଖୋଲିବାକୁ ବ୍ୟବସ୍ଥା ହେଉଛି, ତନ୍ମଧ୍ୟରେ ସମବାୟ ସଂସ୍ଥାଗୁଡ଼ିକର ଉଦ୍ୟମରେ ସର୍ବାଧିକ ୨୯୧୫ଟି କେନ୍ଦ୍ର ଖୋଲାଯିବ । ସେହିପରି ଓଡ଼ିଶା କୃଷି ଶିଳ୍ପ ନିଗମ ଦ୍ୱାରା ୧୪୩୪ଟି, "ଅଏଲ୍‌-ଫେଡ୍‌" ଦ୍ୱାରା ୨୨୭ଟି ଏବଂ ବେସରକାରୀ ଉଦ୍ୟମରେ ୧୩୬୩ଟି ବିକ୍ରୟ କେନ୍ଦ୍ର ଖୋଲାଯିବ ।

## ଗ୍ରାମ୍ୟ ପରିମଳ କାର୍ଯ୍ୟକ୍ରମ

ଗ୍ରାମମାନଙ୍କରେ ସ୍ୱାସ୍ଥ୍ୟକର ପରିବେଶର ଉନ୍ନତି ପାଇଁ ଗ୍ରାମ୍ୟ ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉଛି । ରାଜ୍ୟ ସରକାର ଓ ୟୁନିସେଫ୍‌ର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗ୍ରାମବାସୀଙ୍କୁ ଏ ଦିଗରେ ଶିକ୍ଷା ଓ ସୁବିଧା ସୁଯୋଗ ଏବଂ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ।

ଗତ ଆର୍ଥିକ ବର୍ଷରେ ରାଜ୍ୟର ୨୭ଟି ଶିଶୁ ଉନ୍ନୟନ ଯୋଜନା ପରିସରଭୁକ୍ତ ବ୍ଲକମାନଙ୍କରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ୮୧୮ଟି ପରିବାର ଓ ୯୫ଟି ଅଙ୍ଗନବାଡ଼ି ଓ ପ୍ରାଥମିକ ବିଦ୍ୟାଳୟ ପ୍ରଭୃତି ଶିକ୍ଷାନୁଷ୍ଠାନ ପାଇଁ ଉନ୍ନତ ଧରଣର ବରପାଲି ଏବଂ ଜଳମୁଦ ପାଇଖାନା ନିର୍ମାଣ ବାବଦରେ ୮ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

ଇ: ଆର: ଆର୍‌: ପି: ଓ ଆଇ: ଆର: ଡି: ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କ ପାଇଁ ବିନା ମୂଲ୍ୟରେ ବରପାଲି ପାଇଖାନା ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସ୍ୱଳ୍ପ ଆୟକାରୀ ପରିବାରଙ୍କ ପାଇଁ ଶତକଡ଼ା ୫୦ ଭାଗ ରିହାତି ମିଳିବାର ବ୍ୟବସ୍ଥା କରାଯାଉଛି । ଗ୍ରାମାଞ୍ଚଳରେ ଲୋକମାନେ ପାଇଖାନା ବ୍ୟବହାରରେ ଅଭ୍ୟସ୍ତ ହେଲେ ବିଭିନ୍ନ ସଂକ୍ରାମକ ରୋଗର ପ୍ରାୟ ପ୍ରାଦୁର୍ଭାବ କମିବା ସହିତ ପରିବେଶର ଉନ୍ନତି ସାଧିତ ହେବ ।

## କୃଷି ଶ୍ରମିକମାନଙ୍କୁ ପତିତ ଜମି ବଣ୍ଟନ

୧୯୭୪-୭୫ରୁ ଗତ ମଇ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍‌ ୪ ଲକ୍ଷ ୧୬୦ଟି ଭୂମିହୀନ କୃଷି ଶ୍ରମିକ ପରିବାରଙ୍କୁ କୃଷି ପାଇଁ ମୋଟ୍‌ ୬ ଲକ୍ଷ ୫୫ ହଜାର ୮୦୦ ଏକର ସରକାରୀ ପତିତ ଜମି ବଣ୍ଟନ କରାଗଲାଣି । ତନ୍ମଧ୍ୟରେ ୧ ଲକ୍ଷ ୯୪ ହଜାର ୮୭୫ଟି ଆଦିବାସୀ ପରିବାରଙ୍କୁ ବଣ୍ଟନ କରାଯାଇଥିବା ୩ ଲକ୍ଷ ୪୫ ହଜାର ୨୯୧ ଏକର ଓ ୮୬,୬୩୮ଟି ହରିଜନ ପରିବାରଙ୍କୁ ଦିଆଯାଇଥିବା ୧ ଲକ୍ଷ ୫୭ ହଜାର ୬୮୦ ଏକର ପତିତ ଜମି ଅନ୍ତର୍ଭୁକ୍ତ ।

୧୯୭୪-୭୫ରୁ ସରକାର ଭୂମିହୀନ କୃଷି ଶ୍ରମିକମାନଙ୍କୁ କୃଷି ନିମନ୍ତେ ପତିତ ଜମି ଯୋଗାଇ ଦେବାର ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ନିୟମାନୁଯାୟୀ ପ୍ରତ୍ୟେକ ଭୂମିହୀନ ପରିବାରଙ୍କୁ ଏକ ଷ୍ଟାଣ୍ଡାର୍ଡ ଏକର ପର୍ଯ୍ୟନ୍ତ ଜମି ମାଗଣାରେ ଯୋଗାଇ ଦିଆଯାଉଛି । ଗୃହଜମି ବଣ୍ଟନ କ୍ଷେତ୍ରରେ ପ୍ରକୃତ ଭୂମିହୀନ ପରିବାର ଯେପରି ଜମି ପାଇପାରନ୍ତି, ସେଥିପାଇଁ ଗ୍ରାମଓ୍ୱାରୀ ତାଲିକା ପ୍ରସ୍ତୁତ କରିବା ନିମନ୍ତେ କ୍ଷେତ୍ର ଅଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଉଛି ।

## ଲାଞ୍ଜିଆ ସଉରା ଆଦିବାସୀଙ୍କର ଉନ୍ନତି ପାଇଁ ପଦକ୍ଷେପ

ପାରଳାଖେମୁଣ୍ଡିର ଗୁମ୍ମା ବ୍ଲକ୍‌ ଅନ୍ତର୍ଗତ ସେରଙ୍ଗ ଓ ଅଜୟଗଡ଼ ଗ୍ରା: ପ: ର ୨୧ଟି ଗ୍ରାମରେ ବାସ କରୁଥିବା ୮୧୩ ଜଣ ଲାଞ୍ଜିଆ ସଉରା ଆଦିବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ଦିଗରେ ସରକାରଙ୍କ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ସେରଙ୍ଗସ୍ଥ ଲାଞ୍ଜିଆ ସଉରା ଉନ୍ନତି ସଂସ୍ଥାର ଉଦ୍ୟମରେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ କେତେକ ଅର୍ଥ ଉପାର୍ଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏହି ସଂସ୍ଥା ଦ୍ୱାରା ଚଳିତ ବର୍ଷ ସମୁଦାୟ ୭ଲକ୍ଷ ୫୭ ହଜାର ୫୦୦ ଟଙ୍କା, ଆଇ:ଟି:ଡି:ଏ: ପାଣ୍ଠିରୁ ୫ଲକ୍ଷ ୬ ହଜାର ଟଙ୍କା ଏବଂ ଗୁମ୍ମା ବ୍ଲକ୍‌ ପାଣ୍ଠିରୁ ୧ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

୨୦ ହଜାର ଟଙ୍କା ବ୍ୟୟରେ ୨୦୦ଜଣ ସଉରାଙ୍କୁ ଉନ୍ନତ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଏହା ଫଳରେ ସେମାନେ ୧୦୦ଏକର ଜମିରେ ଖରିଫ୍‌ ଓ ୫୦ ଏକର ଜମିରେ ରବି ଫସଲ ଚାଷ କରିପାରିବେ । ୨୮,୮୦୦ ଟଙ୍କା ବ୍ୟୟରେ ୧୬ ହଳ ବଳଦ କିଣି ୧୬ଜଣଙ୍କୁ ଯୋଗାଇ ଦିଆଯିବ । ୫ହଜାର ଟଙ୍କାର ୨୦ଟି ମହୁସ୍ତମ୍ଭ ପେଡ଼ି ୨୦ଜଣ ସଉରାଙ୍କୁ ଦିଆଯିବ । ବଢ଼େଇ ଓ କମାର ଆଦି ଗ୍ରାମ୍ୟ କାରିଗରମାନଙ୍କୁ ୨୨ହଜାର ଟଙ୍କା ମୂଲ୍ୟର ଯନ୍ତ୍ରପାତି ଏବଂ ପଥର ଭାଙ୍ଗିବା ପାଇଁ ୨୦ ଜଣଙ୍କୁ ୬ ହଜାର ଟଙ୍କା ମୂଲ୍ୟର ହାତୁଡ଼ି ଆଦି ଆନୁଷଙ୍ଗିକ ଯନ୍ତ୍ରପାତି ଯୋଗାଇ ଦିଆଯିବ ।

ଏହି ଅଞ୍ଚଳରେ ଥିବା ପ୍ରାୟ ୬୦୮ ଏକର ଜମିରେ ସଘନ କାଜୁ ବାଦାମ, କଫି, କାଗେଜି ଲେମ୍ବୁ ଓ କମଳା ଗଛ ଲଗାଯାଇ ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଛି । ଚଳିତ ବର୍ଷ ୩୮ ହଜାର ଟଙ୍କା ବ୍ୟୟରେ ଅଧିକ ୧୦୦ ଏକର ଜମିରେ ଏହିସବୁ ଫଳଗଛ ଲଗାଯିବ । ପ୍ରାୟ ୨୭ ହଜାର ଟଙ୍କା ବ୍ୟୟରେ ୧୦୦୦ ନଡ଼ିଆ ଚାରା, ୮୦୦ କଲମୀ ଆମ୍ବଚାରା ଓ ୨୫ ହଜାର ସପୁରୀ ଚାରା ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ ଦ୍ୱାରା ହଜାର ହଜାର ଚାଷୀ ଉପକୃତ

ପ୍ରଧାନମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ ଦ୍ୱାରା ଗତ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ୧ ଲକ୍ଷ ୬୮ ହଜାର ୩୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି । ଏମାନଙ୍କ

# ଓଡ଼ିଶାବାସୀଙ୍କ ପ୍ରତି ମହାତ୍ମା ଗାନ୍ଧୀଙ୍କ ମମତା

ଶ୍ରୀ ଆର. ପି. ଶାସ୍ତ୍ରୀ

୧୯୨୧ ମାର୍ଚ୍ଚ ୨୪ ତାରିଖରେ ମହାତ୍ମାଗାନ୍ଧୀ କଟକରେ ପହଞ୍ଚିବାର ଥିଲା । କିନ୍ତୁ ଦିନକ ଆଗରୁ ୨୩ ତାରିଖ ଦିନ ସେ ପହଞ୍ଚି ଥିଲେ । ତାଙ୍କୁ ଅଭ୍ୟର୍ଥନା କରିବା ନିମନ୍ତେ କଟକ ଷ୍ଟେସନରେ ବିରାଟ ଜନତା ଉପସ୍ଥିତ ଥିଲେ ।

୨୪ ତାରିଖ ଦିନ ଅପରାହ୍ନ ୫ ଘଣ୍ଟା ସମୟରେ ମହାତ୍ମାଜୀ କାଠଯୋଡ଼ି ବାଲିରେ ଏକ ବିରାଟ ସଭାରେ ଭାଷଣ ଦେଇଥିଲେ । ପ୍ରାୟ ୧୦ ହଜାର ଲୋକ ଉକ୍ତ ସଭାରେ ଉପସ୍ଥିତ ଥିଲେ ।

ଅସହଯୋଗ ସମ୍ବନ୍ଧରେ ମହାତ୍ମାଜୀ ବୁଝାଇଥିଲେ । ସୂତାକଟା, ଲୁଗାବୁଣା, ସ୍ୱଦେଶୀ ବସ୍ତ୍ର ବ୍ୟବହାର, ବିଦେଶୀ ବସ୍ତ୍ର ବର୍ଜନ, ନିଶାଦ୍ରବ୍ୟ ବର୍ଜନ ପ୍ରଭୃତି ବିଷୟରେ ସେ ପ୍ରାଞ୍ଜଳ ଭାବରେ କହିଥିଲେ ।

ସେ କହିଥିଲେ ଆମେମାନେ ସଂସାରରେ ସାଧାରଣ କାର୍ଯ୍ୟରେ ସଂଯମ ଶିକ୍ଷା ନ କଲେ ଅସହଯୋଗ ଆନ୍ଦୋଳନ ସଫଳ ହେବ ନାହିଁ । ଅସହଯୋଗର ବ୍ୟାପକ ପ୍ରଚାର ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମଧ୍ୟ କହିଥିଲେ ।

୨୫ ତାରିଖ ୮ଟା ସମୟରେ କଦମରସୁଲରେ ଏକ ସଭା ହୋଇଥିଲା । ଖିଲାଫତ୍ ସମ୍ବନ୍ଧରେ ମହାତ୍ମାଜୀ ବକ୍ତୃତା ଦେଇଥିଲେ ଏବଂ ୨୫ ତାରିଖ ଅପରାହ୍ନ ୨ଟାରେ ବିନୋଦ ବିହାରୀ ମନ୍ଦିରରେ ମଧ୍ୟ ଭାଷଣ ଦେଇଥିଲେ ।

## ସ୍ୱଦେଶୀ ପ୍ରଚାର ସମ୍ବନ୍ଧରେ ମହାତ୍ମାଗାନ୍ଧୀଙ୍କ ଘୋଷଣା ପତ୍ର

ନିଖିଳ ଭାରତ କଂଗ୍ରେସ କମିଟି ଆଦେଶ ମତେ ବିଦେଶୀ ବସ୍ତ୍ର ବର୍ଜନ ପୂର୍ଣ୍ଣ କରିବାକୁ ଅତି ଅଳ୍ପଦିନ ଅଛି । ଏହି ବର୍ଜନ ପ୍ରତି ଯଦ୍ୟପି ପ୍ରତ୍ୟେକ କଂଗ୍ରେସ କର୍ମୀ ବିଶେଷ ମନଯୋଗ ଦିଅନ୍ତି, ତାହାହେଲେ ଏବେ ମଧ୍ୟ ସମୟ କିଛି ବିଳମ୍ବ ହୋଇଯାଇ ନାହିଁ । ସ୍ୱଦେଶୀ ବ୍ୟତୀତ ଅର୍ଥାତ୍ ବିଦେଶୀ ବସ୍ତ୍ର ବର୍ଜନ ଓ ହାତକଟା ଓ ହାତବୁଣା ଦ୍ୱାରା ସମସ୍ତ ଆବଶ୍ୟକୀୟ ବସ୍ତ୍ର ପ୍ରସ୍ତୁତ କରି ନପାରିଲେ ସ୍ୱରାଜ୍ୟ ମିଳିନପାରେ ଓ ସ୍ୱରାଜ୍ୟ ବ୍ୟତୀତ ଖିଲାଫତ୍ ଓ ପଞ୍ଜାବ ସମସ୍ୟା ନିଷ୍ପତ୍ତି ହୋଇନପାରେ । ଯଦ୍ୟପି ପ୍ରତ୍ୟେକ ଲୋକ ଏହା ବୁଝି ପାରୁଛନ୍ତି, ତାହାହେଲେ ଏହି ବିଦେଶୀ ବର୍ଜନ ଓ ବସ୍ତ୍ରବୟନ କାର୍ଯ୍ୟରେ ପରିଣତ କରିବା କଠିନ ହେବ ନାହିଁ । ମୁଁ ଜାଣୁଛି ଯେ ଅନେକ ହଠାତ୍ ବିଦେଶୀ ଜିନିଷ ଛାଡିବାକୁ ଅସୁବିଧା ବୋଧ କରିବେ । ଏହାଛଡା ଏପରି ଲକ୍ଷ ଲକ୍ଷ ଗରିବ ଲୋକ ଅଛନ୍ତି ଯେଉଁମାନେ ବିଦେଶୀ ବସ୍ତ୍ର ଫିଙ୍ଗି ଦେଇ ତା ବଦଳରେ ଖଦି ଲୁଗା କିଣି ପାରିବେ ନାହିଁ । ମାନ୍ଦ୍ରାଜରେ ସମୁଦ୍ର କୂଳରେ ମୁଁ ଯେପରି କରିଥିଲି ସେମାନଙ୍କୁ ସେହିପରି କାର୍ଯ୍ୟ କରିବାକୁ ପରାମର୍ଶ ଦେଉଅଛି । ସେମାନେ ଖଣ୍ଡେ ଖଣ୍ଡେ ଖଦୀରେ ବର୍ତ୍ତମାନ ସନ୍ତୁଷ୍ଟ ରହନ୍ତୁ । ଆମ ଦେଶରେ ଖରାଦିନେ ଦେହରକ୍ଷା କରିବାକୁ ଅଧିକ ଲୁଗାଲାଗେ ନାହିଁ । ଦେଖେଇ ହେବା ଉଦ୍ଦେଶ୍ୟରେ ପୋଷାକ ପିନ୍ଧିବା ଅନାବଶ୍ୟକ । ଭାରତବର୍ଷରେ ପୁରୁଷମାନେ ସଭ୍ୟତା ରକ୍ଷା ନିମନ୍ତେ ଦେହପୂରା ଆବୃତ କରିବାର ପ୍ରଥା ପ୍ରଚଳିତ ନାହିଁ । ଏଥିର ପୂର୍ଣ୍ଣ ଦାୟିତ୍ୱ ବୁଝିପାରି ମୁଁ ଏହି ପରାମର୍ଶ ଦେଉଅଛି । ଉଦାହରଣ ଦେଖାଇବା ଉଦ୍ଦେଶ୍ୟରେ ମୁଁ ଅନ୍ତତଃ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୁର୍ତ୍ତା ଓ ଟୋପି ତ୍ୟାଗ କରିବାକୁ ପ୍ରସ୍ତାବ କରୁଅଛି । ଦେହରକ୍ଷା ନିମନ୍ତେ କେବଳ ଖଣ୍ଡେ ଖଦୀ ଓ ଆବଶ୍ୟକ ସ୍ଥଳରେ ଖଣ୍ଡେ ଚଦରରେ ମୁଁ କାର୍ଯ୍ୟ ଚଳାଇ ନେବି । ମୁଁ ଏହିପରି ବର୍ଜନ ଗ୍ରହଣ କରୁଛି ଯେହେତୁ ଯାହା ମୁଁ ନିଜେ ନକରି ପାରିବି, ପରକୁ ତାହା କରିବାକୁ ଉପଦେଶ ଦେବାକୁ ମୁଁ ସର୍ବଦା କୁଣ୍ଠିତ । ବିଶେଷତଃ ଯେଉଁମାନେ ବିଦେଶୀ ଲୁଗା ଛାଡ଼ି ପାରୁ ନାହାନ୍ତି ସେମାନଙ୍କୁ ବାଟ ଦେଖେଇବାକୁ ମୁଁ ଏପରି କରୁଛି । ଦୁଃଖର ଚିହ୍ନ ସ୍ୱରୂପ ମୁଁ ଏହି ତ୍ୟାଗ ସ୍ୱୀକାର କରିବା ଆବଶ୍ୟକ ମନେ କରୁଛି । ଏ ପ୍ରଦେଶରେ ଖାଲି ଦେହ ଓ ଖାଲି ମୁଣ୍ଡ ଦୁଃଖର ଚିହ୍ନ ବୋଲି ଗଣ୍ୟ । ବର୍ଷ ଶେଷ ହୋଇ ଆସିଲେ ମଧ୍ୟ ଆମେମାନେ ଏ ପର୍ଯ୍ୟନ୍ତ ସ୍ୱରାଜ୍ୟ ପାଇଲୁ ନାହିଁ । ଏଥି ନିମନ୍ତେ ଆମେମାନେ ଶୋକ ଚିହ୍ନ ଧାରଣ କରୁଅଛୁ । ଏହା ମୁଁ ଭଲ ଭାବରେ ବୁଝି ପାରୁଅଛି । ସେମାନଙ୍କ ନିଜ କାର୍ଯ୍ୟ ଉଦ୍ଧାର କରିବାକୁ ଆବଶ୍ୟକ ନହେଲେ ସମସ୍ତ ସହକର୍ମୀମାନେ ଯେ ଟୋପି ଓ କୁର୍ତ୍ତା ଛାଡ଼ି ଦେବେ ଏପରି ମୁଁ ଆଶା କରୁନାହିଁ ।

ପ୍ରତ୍ୟେକ ଜିଲ୍ଲା ଓ ପ୍ରତ୍ୟେକ ପ୍ରଦେଶରେ ଯଥେଷ୍ଟ କର୍ମୀ ଥିଲେ । ସେମାନେ ଆପଣା ଆପଣା ଅଭାବ ମୋଚନ ନିମନ୍ତେ ଯଥେଷ୍ଟ ଲୁଗାଟିଆରି କରି ନେଇ ପାରିବାର ମୋର ଦୃଢ଼ ବିଶ୍ୱାସ ଅଛି । ଏହି ଉଦ୍ଦେଶ୍ୟରେ ମୁଁ ପରାମର୍ଶ ଦେଉଅଛି କି ଏହି ଏକମାସ କାଳ ଆମେମାନେ ସ୍ୱଦେଶୀ ବ୍ୟତୀତ ଅନ୍ୟ କିଛି କାର୍ଯ୍ୟରେ ହାତ ଦେବା ନାହିଁ । ଏଥିନିମନ୍ତେ ମଦ ଦୋକାନରୁ (ପିକେଟ) ପହରା ଉଠାଇ ଦେବାକୁ ମଧ୍ୟ ମୁଁ ଇଚ୍ଛା କରେ ଓ ଆଶା କରେ ନିଶାଖିଆ ଲୋକ ଆତ୍ମଶୁଦ୍ଧିର ଉପକାରିତା ବୁଝିପାରି ତଦନୁସାରେ କାର୍ଯ୍ୟ କରିବେ । ପ୍ରତ୍ୟେକ ଅସହଯୋଗୀଙ୍କୁ ମୁଁ ପରାମର୍ଶ ଦେଉଅଛି ଯେ, କାରାବାସକୁ ସେ ଜୀବନର ନିତ୍ୟ ନୈମିତ୍ତିକ ଅବସ୍ଥା ମନେ କରି ଏହା କିଛି ନୁହେଁ ଏହା ହିଁ ମନେ କରୁ । ଯଦ୍ୟପି ଏହି ଅକ୍ଟୋବର ମାସ ଯାକ ଆମେମାନେ ନୂତନ

ପୁଡ଼ିଆ ଦିଆଯାଇଛି । ସେଥିରୁ ୧୮ ହଜାର ୨୨ଟି ମୁଗ, ୯ ହଜାର ୬୦ଟି ବିରି, ୧୦୫ଟି ହରଡ଼, ୩୦୪୩ଟି ବୁଟ ଓ ଚଣା ଜାତୀୟ ଓ ୨୬୨୬ଟି ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ପୁଡ଼ିଆ ଅନ୍ତର୍ଭୁକ୍ତ ।

ଏହି ସମୟ ମଧ୍ୟରେ ମୋଟ ୨୮ ହଜାର ୫୩୦ଟି ତୈଳବୀଜ ବିହନ ପୁଡ଼ିଆ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୮୬୬୭ଟି ଚିନାବାଦାମ, ୧୩ ହଜାର ୪୭୩ଟି ସୋରିଷ ଓ ୬୩୯୦ଟି ରାଶି ବିହନ ପୁଡ଼ିଆ ଅନ୍ତର୍ଭୁକ୍ତ ।

ଏହି ଯୋଜନା ଦ୍ୱାରା ଗତବର୍ଷ ୧ ଲକ୍ଷ ୬୮ ହଜାର ୩୩୩ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି । ତନ୍ମଧ୍ୟରେ ୭୦ ହଜାର ୪୩୬ ଜଣ କ୍ଷୁଦ୍ରଚାଷୀ ଓ ୯୭ ହଜାର ୮୯୭ ଜଣ ନାମମାତ୍ର ଚାଷୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ତଫସିଲି ଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଚାଷୀମାନଙ୍କ ସଂଖ୍ୟା ଯଥାକ୍ରମେ ୩୨ ହଜାର ୨୨୬ ଓ ୪୫ ହଜାର ୮୬୫ ଜଣ ।

ଏ ବାବଦରେ ମୋଟ ୧୦ କୋଟି ୩୮ ଲକ୍ଷ ୧୬ ହଜାର ଟଙ୍କା ବିନିଯୋଗ ହୋଇଛି । ସେଥିରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ବାବଦରେ ୮ କୋଟି ୧୭ ଲକ୍ଷ ୧୨ ହଜାର ଟଙ୍କାର ଡାଲି ଜାତୀୟ ଫସଲ ବିହନ ଓ ସାର ପୁଡ଼ିଆ ଲାଗି ୧ କୋଟି ୮ ଲକ୍ଷ ୭୦ ହଜାର ଟଙ୍କା ଏବଂ ଉନ୍ନୟନ ଲାଗି କର୍ମଚାରୀଙ୍କ ନିଯୁକ୍ତି ବାବଦରେ ୨ କୋଟି ୯୬ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ ହୋଇଛି । ସମବାୟ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକରୁ ଚାଷୀମାନଙ୍କୁ ୨ କୋଟି ୯୬ ଲକ୍ଷ ୪୨ ହଜାର ଟଙ୍କା ମଧ୍ୟମ ଓ ଦୀର୍ଘମିଆଦି କୃଷି ଋଣ ଦିଆଯାଇଛି ।

## ଚାଷୀଙ୍କୁ ସୁବିଧାରେ ସାର ଯୋଗାଇବା ପାଇଁ ସରକାରୀ ପଦକ୍ଷେପ

ଚଳିତ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ७୪ ଲକ୍ଷ ୩୨ ହଜାର ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା, ଜମିର ହେକ୍ଟର ପିଛା ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଏବଂ ଅଧିକ ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରିବା ପାଇଁ ସରକାର ଯେଉଁ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି ତାହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଯେପରି ସୁବିଧାରେ ବିଭିନ୍ନ ସାର ଯୋଗାଇ ଦିଆଯାଇ ପାରିବ ସେ ସଂପର୍କରେ ସଚିବାଳୟଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶାସନ ସଚିବ ଶ୍ରୀ କୈଳାସ ବିହାରୀ ବର୍ମା, ସମବାୟ ସମିତି ସମୂହର ନିବନ୍ଧକ ଶ୍ରୀ ଏଲ୍. କିଣ୍ଡୋ, ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି, କୃଷି, ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ହୃଷିକେଶ ପଣ୍ଡା ଏବଂ ଆପେକ୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶକ୍ତିପ୍ରସାଦ ମଣ୍ଡ ଯୋଗ ଦେଇଥିଲେ ।

ଆଲୋଚନାରେ ପ୍ରକାଶ ଯେ, ଚଳିତ ଖରିଫ୍ ଋତୁରେ ସମୁଦାୟ ୧ ଲକ୍ଷ ୧୦ ହଜାର ମେ : ଟନ୍ ରାସାୟନିକ ସାର ବଣ୍ଟନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଚାଷୀମାନଙ୍କୁ ନିର୍ଦ୍ଧାରିତ ଦରରେ ୧୦ କି : ଗ୍ରା : ବିଶିଷ୍ଟ ସାର ପୁଡ଼ିଆ ଯୋଗାଇ ଦିଆଯିବ । ରାଜ୍ୟରେ ବର୍ତ୍ତମାନ ପ୍ରାୟ ୬ ହଜାର ବିକ୍ରୟ କେନ୍ଦ୍ର ଜରିଆରେ ସାର ବିକ୍ରୟ କରାଯାଉଛି । ଚଳିତବର୍ଷ ଅଧିକ ୧ ହଜାର ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲିବାକୁ ବୈଠକରେ ସ୍ଥିର କରାଯାଇଛି ।

ଚାଷୀମାନଙ୍କୁ ଯଥା ସମୟରେ ଓ ତାଙ୍କ ଗୃହ ନିକଟରେ ସାର ପୁଡ଼ିଆ ଯୋଗାଇଦେଲେ ଓଡ଼ିଶାରେ ସାର ବ୍ୟବହାରର ପରିମାଣ ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୃଷିମନ୍ତ୍ରୀ ସୂଚନା ଦେଇଥିଲେ । ସେ କହିଲେ ଯେ, ରାଜ୍ୟର ଗ୍ରାମାଞ୍ଚଳରେ ସାର ବିକ୍ରୟ ପାଇଁ ଅଧିକ ସଂଖ୍ୟକ ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର ଖୋଲିବାକୁ ବ୍ୟବସ୍ଥା କରାଯାଉଛି ।

## ଲେଖକମାନଙ୍କୁ ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ ପାଇଁ ପଦକ୍ଷେପ

ଓଡ଼ିଶାରେ ଲେଖକମାନେ ପ୍ରକାଶକମାନଙ୍କଠାରୁ ଯେପରି ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ପାଇପାରିବେ, ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ରାଜ୍ୟ ସଚିବାଳୟଠାରେ ଓଡ଼ିଶାର କେତେଜଣ ବିଶିଷ୍ଟ ଲେଖକ ଓ ସାହିତ୍ୟିକମାନଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଏହି ପ୍ରତିଶ୍ରୁତି ଦେବା ସଙ୍ଗେସଙ୍ଗେ ମୁଖ୍ୟମନ୍ତ୍ରୀ ଲେଖକମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଅନୁଧ୍ୟାନ କରିଥିଲେ । ପ୍ରକାଶକମାନେ ଲେଖକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ଦେଉ ନାହାନ୍ତି ବୋଲି ଯେଉଁ ଅଭିଯୋଗ ହେଉଛି, ସେ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ କେତେକ କାର୍ଯ୍ୟାନୁଷ୍ଠାନ ସଂପର୍କରେ ସୂଚନା ଦେଇଥିଲେ । ସେ କହିଲେ ଯେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ପ୍ରକାଶକମାନଙ୍କଠାରୁ ଯେଉଁସବୁ ପୁସ୍ତକ କ୍ରୟ କରାଯାଉଛି, ସେଥିପାଇଁ ଏକ କେନ୍ଦ୍ରୀୟ କ୍ରୟ ବ୍ୟବସ୍ଥା କରାଯିବ । ସେହି ସଙ୍ଗେସଙ୍ଗେ ସରକାରଙ୍କୁ ସେମାନଙ୍କର ପୁସ୍ତକ ବିକ୍ରୟ ନିମନ୍ତେ ପ୍ରକାଶକମାନେ ସଂପୃକ୍ତ ପୁସ୍ତକରେ ମୁଦ୍ରିତ ମୂଲ୍ୟର ଅନ୍ୟୂନ ଶତକଡ଼ା ୧୫ ଭାଗ ଅର୍ଥ ରୟାଲଟି ସ୍ୱରୂପ ଲେଖକମାନଙ୍କୁ ଦେବା ବାଧ୍ୟତାମୂଳକ କରାଯାଇପାରେ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ପୁସ୍ତକ କ୍ରୟ ପାଇଁ ଏକ କେନ୍ଦ୍ରୀୟ ପୁସ୍ତକ କ୍ରୟ କମିଟି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ଏହି ବୈଠକରେ ବିଶିଷ୍ଟ ଲେଖକ ସର୍ବଶ୍ରୀ ସାତକଡ଼ି ହୋତା, ବିଭୂତି ପଟ୍ଟନାୟକ, ବରେନ୍ଦ୍ର କୃଷ୍ଣ ଧଳ, ଫନୀ ମହାନ୍ତି, ରବି ପଟ୍ଟନାୟକ, ରମାଶଙ୍କର ମିଶ୍ର ଓ ପ୍ରଭାତ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଜ୍ୟ ସଂସ୍କୃତି ବିଭାଗ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, ଆଇନ ବିଭାଗ ସଚିବ ଶ୍ରୀ ଯଜ୍ଞେଶ୍ୱର ଦାସ, ଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶ୍ରୀ ରମେଶ ମିଶ୍ର, ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ସାହୁ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ ।

ଇଂରେଜୀ ଶିକ୍ଷା କରିଥିଲେ କି ? ସେମାନଙ୍କ ସଙ୍ଗେ ଆଜିକାଲି ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଲୋକମାନଙ୍କର ତୁଳନା ହୋଇ ପାରିବ କି ? ପାଶ୍ଚାତ୍ୟ ଶିକ୍ଷାର ସେ ବିରୋଧୀ ନୁହନ୍ତି । କିନ୍ତୁ ଯେଉଁ ଧାରଣରେ ଏହି ଶିକ୍ଷା ଦିଆଯାଉଛି ତାହା ଭାରତୀୟ ସମାଜର ଅନିଷ୍ଟ କରୁଅଛି ।

୨୪ ତାରିଖ ରାତିରେ ମହାତ୍ମାଜୀ ଭଦ୍ରକ ଯାଇଥିଲେ । ୨୫ ତାରିଖ ସକାଳେ ଏକ ବିରାଟ ସଭା ଭଦ୍ରକ ସହରରେ ହୋଇଥିଲା ।

## ରେଳଷ୍ଟେସନ୍‌ରେ ଜନତାଙ୍କୁ ଗାନ୍ଧିଜୀଙ୍କ ଉଦ୍‌ବୋଧନ

ଗାନ୍ଧିଜୀ ୨୫ ତାରିଖରେ ଭଦ୍ରକରୁ ପୁରୀକୁ ଯାତ୍ରା କଲେ । ୨୬ ତାରିଖ ସକାଳ ସାଢ଼େ ଛଅଟାରେ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ଓହ୍ଲାଇ ସତ୍ୟବାଦୀ ଜାତୀୟ ସ୍କୁଲ ପରିଦର୍ଶନ କରିଥିଲେ । ଅପରାହ୍ଣରେ ଏଠାରେ ଏକ ବିରାଟ ସାଧାରଣ ସଭାରେ ବକ୍ତୃତା ଦେଇଥିଲେ । ଏହାପରେ ସେ ପୁରୀ ଅଭିମୁଖେ ଟ୍ରେନରେ ଯାତ୍ରା କରି ସନ୍ଧ୍ୟା ୫ଟାରେ ସେଠାରେ ଉପସ୍ଥିତ ହେଲେ ।

ପୁରୀ ଷ୍ଟେସନ୍‌ରେ ତାଙ୍କୁ ଏକ ବିରାଟ ଜନତା ସମ୍ବର୍ଦ୍ଧନା ଜଣାଇଥିଲେ । ୨୭ ତାରିଖ ଦିନ ଗାନ୍ଧୀ ସସ୍ତ୍ରୀକ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ।


ଏହିଦିନ ଅପରାହ୍ଣ ୪ଟା ବେଳେ ଜଗନ୍ନାଥ କ୍ଲବରେ ମହିଳାମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା । ଗାନ୍ଧୀ ସସ୍ତ୍ରୀକ ସଭାରେ ଉପସ୍ଥିତ ହୋଇ ବକ୍ତୃତା ଦେଇଥିଲେ ।

ସଂଧ୍ୟା ସମୟରେ ଗୁଣ୍ଡିଚା ମନ୍ଦିର ସରଧା ବାଲିରେ ଏକ ବିରାଟ ସଭା ହୋଇଥିଲା । ପ୍ରାୟ ୩୦–୪୦ ହଜାର ଲୋକ ଉପସ୍ଥିତ ଥିଲେ । ଗାନ୍ଧିଜୀ ଅସହଯୋଗ, ସ୍ୱଦେଶୀ, ବିଦେଶୀ ବସ୍ତ୍ର ବର୍ଜନ, ସୂତାକଟା, ଲୁଗାବୁଣା, ନିଶାଦ୍ରବ୍ୟ ବର୍ଜନ ପ୍ରଭୃତି ବିଷୟରେ ପ୍ରାୟ ଏକଘଣ୍ଟା କାଳ ବକ୍ତୃତା ଦେଇଥିଲେ ।

ସଭାଶେଷରେ ମହାତ୍ମାଜୀ ପୁରୀ ରାଜାଙ୍କ ସହ ସାକ୍ଷାତ କରିବାକୁ ଯାଇଥିଲେ । ଏହି ସାକ୍ଷାତ ସମୟରେ ଜଗନ୍ନାଥ ଦେବଙ୍କର ସେବାରେ ଅରଟକଟା ସୂତାରେ ତିଆରି ଗୋଟେ ଲୁଗା ବ୍ୟବହାର କରିବାକୁ ପୁରୀ ରାଜା ସ୍ୱୀକୃତ ହୋଇଥିବା ଶୁଣାଯାଏ ।

ସାଧାରଣ ସଭାରେ ମହାତ୍ମା ଗାନ୍ଧୀ ଜଗନ୍ନାଥଙ୍କ ସେବାରେ ବିଦେଶୀ ବସ୍ତ୍ର ବ୍ୟବହାର ହେଉଥିବା ଶୁଣି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ ।

ସଂପାଦକ
ଓଡ଼ିଶା ଟାଇମସ୍



ଦେଶୀଲୁଗା ତୟାର ଓ ବିଦେଶୀ ଲୁଗା ସଂଗ୍ରହରେ ଲାଗିଯାଅ ଓ ସଭା ସମିତିର ଉତ୍ତେଜନାରେ ଆଦୌ ଯୋଗ ନ ଦେଉ ତାହା ହେଲେ ଲୋକମାନଙ୍କ ମଧ୍ୟରେ ଏପରି ଶାନ୍ତିପୂର୍ଣ୍ଣ ଓ ସଂଯତ ଅବସ୍ଥା ପହଞ୍ଚିବ ଯେଉଁ ଅବସ୍ଥାରେ ଆମେମାନେ ଆବଶ୍ୟକ ହେଲେ ଆଇନ ଅମାନ୍ୟ କାର୍ଯ୍ୟ କରିପାରିବୁ । କିନ୍ତୁ ମୋର ଏହି ଦୃଢ଼ ବିଶ୍ୱାସ ହୋଇଯାଇଅଛି ଯେ ଯଦ୍ୟପି ସ୍ୱଦେଶୀ ପ୍ରଚାର କାର୍ଯ୍ୟରେ ଆବଶ୍ୟକୀୟ ପ୍ରଚୁର ଚରିତ୍ରବାନ୍ କାର୍ଯ୍ୟକାରୀ କ୍ଷମତା ଓ ଆଦର୍ଶ ଯୋଗ୍ୟ ସଂଯତ ଭାବ ଆମେମାନେ ଦେଖି ନ ପାରୁ ତା'ହେଲେ ଆମେମାନେ ସ୍ୱରାଜ୍ୟ ପାଇପାରିବା (୧.୧୦.୧୯୨୧) ।

ଏଠାରେ ରହିବ ଯେ ଧର୍ମରେ ରହ ଏବଂ ଧର୍ମରେ ଚଳ । ଜୁଆ ନ ଖେଳ, ସରାବ ନ ପିଅ, ରାଣ୍ଡିବାଜି ନକର । ମୁଁ ଅବଶ୍ୟ ସମସ୍ତଙ୍କୁ ଏକଥା କହୁ ନାହିଁ । ମାତ୍ର ଜଣେ ଲୋକ ଯେବେ ତୁମ ମଧ୍ୟରେ ଏପରି ଥାଏ, ତାହାରି ପ୍ରତି ଏହା କୁହାଯାଉଛି । ବିନା ଆତ୍ମଶୁଦ୍ଧିରେ ଈଶ୍ୱର ଦର୍ଶନ ମିଳେ ନାହିଁ । କୋରାନ ଓ ଗୀତାରେ ଏହା କୁହାଯାଉଛି । ଆତ୍ମଶୁଦ୍ଧି କରିବାକୁ ହେବ, ଶାନ୍ତି ପୂର୍ବକ ଧର୍ମ ପାଳନ କରିବାକୁ ହେବ । ଧର୍ମ ପାଳନ ବିଷୟରେ କିମ୍ବା ପ୍ରତିଜ୍ଞା ପାଳନ ବିଷୟରେ ଜେଲ୍ ଯିବା ଧର୍ମ । ତୁମମାନଙ୍କ ମଧ୍ୟରୁ କେତେଜଣ ଜେଲ୍ ଯାଉଛନ୍ତି, ମୁଁ ଶୁଣିଛି, ଯେ ଆପଣା ପ୍ରତିଜ୍ଞା ରକ୍ଷା କରିବା ଲାଗି ଜେଲ୍ ଗଲେ ସେତ ନିଜ ଧର୍ମ ପାଳନ କଲେ । ସେଥିଲାଗି ତାଙ୍କୁ ଧନ୍ୟବାଦ । ସବୁ ଲୋକ ଜେଲ୍ ଯାଆନ୍ତୁ ମାତ୍ର ଶାନ୍ତି ଭଙ୍ଗ ନହେଉ, ଅନ୍ୟାୟ ନ ହେଉ କିମ୍ବା କାହାରି ଉପରେ ଜବରଦସ୍ତି ନ ହେଉ । ଯେବେ ସବୁ ଲୋକ ଜେଲ୍ ଯିବାକୁ ତୟାର ହୋଇଯିବେ ତେବେ ମୁଁ କହେଁ, ସ୍ୱରାଜ୍ୟ ଦରଜା ଖୋଲିଗଲା । ଶେଷରେ ମୁଁ ଓଡ଼ିଆ ଭାଇମାନଙ୍କୁ କହୁଅଛି ଯେଉଁ ପ୍ରତିଜ୍ଞା କରିଅଛ ତାହା ଦୃଢ଼ ରଖ ଏବଂ ଶାନ୍ତିରେ କାର୍ଯ୍ୟକର । ମୁଁ କୋଡ଼ିଏ ମିନିଟ ମଧ୍ୟରେ ଏକ ମୁସଲମାନ ସଭାକୁ ଯିବି ବୋଲି ମଉଲାନା ଭାଇମାନଙ୍କୁ କହି ଆସିଥିଲି । ମାତ୍ର ଏଠାକୁ ଆସିବାରେ ମୋର କୋଡ଼ିଏ ମିନିଟ୍ ଲାଗିଲା । ବର୍ତ୍ତମାନ ମୁଁ ବିଦାୟ ହେଉଛି । ମୁଁ ଯାହା କହିଲି ତାହା ତୁମମାନଙ୍କୁ ସମଝେଇ ଦେବା ଲାଗି ମୁଁ ଭାଇ ଗୋପବନ୍ଧୁଙ୍କୁ କହିଯାଇଅଛି ।

(୨୪.୯.୧୯୨୧)
ଉତ୍କଳ ଦୀପିକା

ଭୁଲିଗଲେ । ଆପଣମାନଙ୍କ ମଧ୍ୟରୁ ବହୁତ ଭାଇ ପୁଣି ଏହି ବିଲାତ କପଡ଼ା ବେଚିବାରେ ଲାଗିଲେ । ଏହାଶୁଣି ମୋର ବଡ଼ ଦୁଃଖ ହେଉଅଛି କି ପୁରୀ ପବିତ୍ର ଭୂମିର ସାଧାସିଧା ନିବାସୀ ହୋଇ ଆପଣମାନେ ପ୍ରତିଜ୍ଞା କରି ତାହା କାହିଁକି ପାଳନ କଲେ ନାହିଁ । ଆଉ ତୁମମାନଙ୍କୁ ପ୍ରତିଜ୍ଞା କରାଇବି ନାହିଁ । ପ୍ରତିଜ୍ଞା ଭଙ୍ଗ ହେଲେ ପ୍ରତିଜ୍ଞା କରିବା ଲୋକର ପାପ ହୁଏ । କରାଇବା ଲୋକଙ୍କୁ ମଧ୍ୟ ପାପ ଲାଗେ । ତହିଁର ପୁରା ପ୍ରାୟଶ୍ଚିତ ବିନା ପୁନରାୟ ପ୍ରତିଜ୍ଞା କରିବା ବା କରାଇବା ଆମ୍ଭମାନଙ୍କର ଶାସ୍ତ୍ରର ଆଜ୍ଞା ନୁହେଁ । ଈଶ୍ୱର, ଧର୍ମ ଓ ଦେଶକୁ ଧୋକା ଦିଅ ନାହିଁ । ଯେ ଓଡ଼ିଆ ଏଠାରେ ଧର୍ମରେ ରହି ନପାରନ୍ତି ସେ ଓଡ଼ିଶାକୁ ଲେଉଟି ଯାଆନ୍ତୁ । ସେଠାରେ ତାଙ୍କୁ ଚରଖା ମିଳିବ ଏବଂ ଚରଖା ଚଲାଇଲେ ତାଙ୍କୁ ଖାଇବାକୁ, ପିଇବାକୁ ମିଳିବ । ତୁମ ଦେଶରେ ଲୁଗା ବୁଣିଲେ ଦିନକୁ ତୁମେ ଆଠ ଅଣା, ବାରଅଣା, ଟଙ୍କାଏ କମାଇ ପାରିବ । ତନ୍ତୀମାନେ ଲୁଗା ବୁଣିଲେ ସେହିପରି ଉପାୟ କରିପାରିବେ । ଖାଲି ସୂତୀ କାଟିଲେ ଦିନକୁ ଦୁଇଅଣା ଦଶ ପଇସା ଘରେ ବସି ପାଇଲେ ମନ୍ଦ ନୁହେଁ । ଗଲା ପୁରୀ ଦୁର୍ଭିକ୍ଷରେ ସାମାନ୍ୟ ଚାଉଳ ମୁଠିଏ ମୁଠିଏ ପାଇ ତୁମ ଦେଶର ଲୋକେ ଏତେ କୃତାର୍ଥ ହୋଇଥିଲେ ଯେ ମତେ ଦେଖିବାକୁ ସେମାନେ ଅତି ବ୍ୟାକୁଳ ହୋଇଥିଲେ । ତୁମେମାନେ ଅତି ଅଳ୍ପରେ ଚଳିପାର । ଏହା ବଡ଼ ଭଲ ଗୁଣ । ତୁମର ଏଗୁଣ ଯେପରି ନଷ୍ଟ ନ ହୁଏ । ଏହିପରି ଅଳ୍ପରେ ଚଳିବାର ଅଭ୍ୟାସ ଥିଲେ କେବଳ ଚରଖା ଦ୍ୱାରା ସଂସାର ଚଳିଯିବ ଯେ ।

## କଲିକତା ପ୍ରବାସୀ ଓଡ଼ିଆମାନଙ୍କୁ ମହାତ୍ମାଜୀଙ୍କ ଉପଦେଶ :

ଚଳିତ ମାସ ୧୧ ତାରିଖରେ କଲିକତା ପ୍ରବାସୀ ଓଡ଼ିଆମାନଙ୍କର ହାଲିଡ଼େ ପଡ଼ିଆରେ ଏକ ବିରାଟ ସଭା ହୋଇଥିଲା । ଓଡ଼ିଆ ମୁଲିଆମାନେ ମାରୱାଡ଼ି ଦୋକାନମାନଙ୍କର ଲୁଗା ଗାଣ୍ଠି ଆଉ ନ ବୋହିବାକୁ ପ୍ରତିଜ୍ଞା କରିଥିଲେ ମଧ୍ୟ ପୁନଶ୍ଚ କେତେ ଓଡ଼ିଆ ଏହି କାର୍ଯ୍ୟ କରିଥିବାରୁ ପଣ୍ଡିତ ଗୋପବନ୍ଧୁ ଦାସ ସେମାନଙ୍କୁ ଏହି କାର୍ଯ୍ୟରୁ ଏକାବେଳକେ ନିବୃତ୍ତ ହେବାକୁ ଉପଦେଶପୂର୍ଣ୍ଣ ବକ୍ତୃତା ଦେଇଥିଲେ । ଏହି ସଭାରେ ମାହାତ୍ମା ଗାନ୍ଧୀ ଉପସ୍ଥିତ ହୋଇ ଓଡ଼ିଆମାନଙ୍କୁ ନିମ୍ନୋକ୍ତ ମର୍ମରେ ଉପଦେଶ ଦେଇଥିବାର 'ସମାଜ' ପତ୍ରରେ ପ୍ରକାଶିତ ହୋଇଅଛି ।

"ମୁଁ ଆଜି କଲିକତାର ଓଡ଼ିଆ ଭାଇମାନଙ୍କୁ ଦର୍ଶନ କରିବାକୁ ଏବଂ ସେମାନଙ୍କୁ କିଛି ଉପଦେଶ ଦେବାକୁ ଆସିଅଛି । ଆପଣମାନେ ଏଠାରେ ଦେଢ଼ ଲକ୍ଷ ହେବେ ଅଛନ୍ତି । ଏଠାକୁ ଆସିବା ପରେ କେହି କେହି ତୁମମାନଙ୍କ ମଧ୍ୟରୁ ନିଶା, ଜୁଆ, ରାଣ୍ଡିବାଜି ଆଦିରେ ବିଗିଡ଼ି ଯାଉଛନ୍ତି ବୋଲି ମୁଁ ଶୁଣେ । ମାତ୍ର ଦେଖ, ତୁମେମାନେ ଏଠାକୁ ଜୀବିକା ଉପାର୍ଜନ କରିବାକୁ ଆସିଛ, ନିଜର ଜାତିର ଓ ଦେଶର ନାଁ ପକାଇବାକୁ ଆସିନାହିଁ, ଏକଥା ସବୁବେଳେ ମନେ ରଖିବ । ମୁଁ ଶୁଣୁଛି, ତୁମେମାନେ ଭାଇ ଗୋପବନ୍ଧୁ ଦାସଙ୍କ ପାଖେ ପ୍ରତିଜ୍ଞା କରିଛ କି ବିଦଶୀ କପଡ଼ା ଆଉ ଛୁଇଁବ ନାହିଁ । ପରେ ଆପଣମାନେ ନିଜ ପ୍ରତିଜ୍ଞା..........

## ଉତ୍କଳବାସୀଙ୍କୁ ଗାନ୍ଧିଜୀଙ୍କ ବାର୍ତ୍ତା—

ଉତ୍କଳକୁ ମୁଁ ଭୁଲି ପାରୁ ନାହିଁ । ତାହାର ଦାରିଦ୍ର୍ୟ ମୁଁ ନିଜେ ଆଖିରେ ଦେଖି ଆସିଅଛି । ସେହି ଦାରିଦ୍ର୍ୟକୁ ଦୂର କରିବା ହିଁ ପ୍ରକୃଷ୍ଟ ରାଜନୈତିକ କାର୍ଯ୍ୟ । ଉତ୍କଳର ପ୍ରତି ଘର ଚରଟ ଧ୍ୱନିରେ ଉଚ୍ଛୁଳି ପଡୁ । ଚରଟ ଚଳାଇବା ଦ୍ୱାରା କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ କର ଓ ଭାରତର ଅନ୍ୟାନ୍ୟ ପ୍ରଦେଶ ପାଇଁ ଉତ୍କଳକୁ ଖଦୀର ଭଣ୍ଡାର କରିଦିଅ । ଏହି ସ୍ୱଦେଶୀ ପ୍ରଚାର ହିଁ ଉତ୍କଳକର୍ମୀମାନଙ୍କର ପ୍ରଥମ ଓ ପ୍ରଧାନତମ କାର୍ଯ୍ୟ ।

ଯଦି ଉତ୍କଳ ଏହି ନୈତିକ ଯୁଦ୍ଧରେ ଜଣେ ହେଲେ ବନ୍ଦୀ ଅର୍ପଣ ନ କରେ ମୁଁ ତିଳେମାତ୍ର ଦୁଃଖିତ ହେବି ନାହିଁ । ସରକାରଙ୍କ ନୂତନ ଆଇନ ଦୃଷ୍ଟିରେ ପ୍ରତିଜ୍ଞାପତ୍ରକୁ ସର୍ବତୋଭାବେ ବୁଝି ସ୍ୱାକ୍ଷର କରୁଥିବା ୫ ହଜାର ସ୍ୱେଚ୍ଛାସେବକ ଉତ୍କଳ ଦେଉ, ଏହା ଉତ୍କଳକର୍ମୀଙ୍କର ଦ୍ୱିତୀୟ କର୍ତ୍ତବ୍ୟ । (ଶ୍ରୀଯୁକ୍ତ ଭାଗୀରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ନିରଞ୍ଜନ ପଟ୍ଟନାୟକ ଓ ନବକୃଷ୍ଣ ଚୌଧୁରୀଙ୍କ ଜରିଆରେ ମହାତ୍ମାଗାନ୍ଧୀ ନିମ୍ନୋକ୍ତ ବାର୍ତ୍ତା ପଠାଇଛନ୍ତି) (୭.୧.୧୯୨୨ର ଉତ୍କଳ ଦୀପିକା) (ସଂଗ୍ରାହକ— ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଏମ୍.ଏ.)

## ମହିଳାମାନଙ୍କ ସଭାରେ ଏକ ବକ୍ତୃତା

୨୫ ତାରିଖ ଦିନ କାଠଯୋଡ଼ିରେ ପୁଣି ଏକ ବିରାଟ ସଭା ହୋଇଥିଲା । ଏହି ସଭାରେ କେହି ଜଣେ ଭଦ୍ରବ୍ୟକ୍ତି ପ୍ରଶ୍ନ କରିଥିଲେ "ଯେଉଁ ଇଂରେଜୀ ଶିକ୍ଷାର ଫଳ ସ୍ୱରୂପ ରାଜା ରାମ ମୋହନ ରାୟ, କେଶବ ଚନ୍ଦ୍ର ସେନ, ଲୋକମାନ୍ୟ ତିଳକ ଓ ସ୍ୱୟଂ ଗାନ୍ଧୀ ମହୋଦୟଙ୍କ ପରି ସ୍ୱାଧୀନ ଚେତା ଓ ଦେଶ ହିତୈଷୀ ବ୍ୟକ୍ତିମାନେ ଆମମାନଙ୍କ ସମାଜରେ ଗଢ଼ା ହୋଇଅଛନ୍ତି ସେପରି ଶିକ୍ଷାକୁ କାହିଁକି ସେ ନିନ୍ଦା କରୁଛନ୍ତି ?" ମହାତ୍ମା ଗାନ୍ଧୀ ଉତ୍ତରରେ କହିଥିଲେ, "ଭାରତବର୍ଷରେ ଯେତେବେଳେ ଇଂରେଜୀ ଶିକ୍ଷା ଆଦୌ ନଥିଲା, ସେ ସମୟରେ ସମାଜରେ ଆହୁରି ଅଧିକ ଦେଶ ହିତୈଷୀ ବ୍ୟକ୍ତିମାନେ ଜନ୍ମ ହୋଇ ନଥିଲେ କି ? ପୂର୍ବେ ଶଙ୍କରାଚାର୍ଯ୍ୟ, ନାନକ, କବୀର, ତୁଳସୀ ଦାସ, ଚୈତନ୍ୟ ପ୍ରଭୃତି ଯେଉଁ ମହାତ୍ମାମାନେ ହିନ୍ଦୁ ସମାଜରେ ସମୟୋପଯୋଗୀ ଉପକାର ସାଧନ କରିଥିଲେ, ସେମାନେ କ'ଣ

ଶ୍ରୀଯୁକ୍ତ ଅନିରୁଦ୍ଧ ଦାଶଙ୍କ 'ବୀର ସୁରେନ୍ଦ୍ର ସାଏ', ସତ୍ୟନାରାୟଣ ମହାପାତ୍ରଙ୍କ ଲିଖିତ 'ସଂଗ୍ରାମୀ ସୁରେନ୍ଦ୍ର ସାଏ' ପୁସ୍ତକ ଦୁଇଟିକୁ ବାଦ୍ ଦେଲେ ଅନ୍ୟାନ୍ୟ ଗବେଷଣାଯୋଗ୍ୟ ପୁସ୍ତକ/ପୁସ୍ତିକା ଏଯାବତ୍ ପ୍ରକାଶ ପାଇନାହିଁ। ହିନ୍ଦୁସ୍ତାନର ଜଣେ ପ୍ରଖ୍ୟାତ ଓଡ଼ିଆ ସଂଗ୍ରାମୀଙ୍କ ପକ୍ଷେ ଏ ଦିଗରେ ଅବହେଳା କରାଯାଇଛି ଏକଥା କେହି ଅସ୍ୱୀକାର କରିବେ ନାହିଁ।

ସଂପ୍ରତି ସ୍ୱାଧୀନତା ସଂଗ୍ରାମକୁ ଆଧାର କରି ଅନେକ ଗବେଷକ, ଐତିହାସିକ ତଥା ଲେଖକ ଓଡ଼ିଆ ଭାଷାରେ ଅସଂଖ୍ୟ ପୁସ୍ତକ ପୁସ୍ତିକା ରଚନା କରି ବୀର ଓଡ଼ିଆମାନଙ୍କୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରି ପାରିଛନ୍ତି । ସେମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦାସଙ୍କ ଲିଖିତ 'କନିଷ୍ଠ ଶହୀଦ୍ ବାଜି ବିପ୍ଲବୀ' ଏକ ସଫଳ ପ୍ରଚେଷ୍ଟା । ଶ୍ରୀଯୁକ୍ତ ସୁଧାକର ଦାଶ ଓ ଡଃ ଜଗନ୍ନାଥ ପଟ୍ଟନାୟକଙ୍କ ଲିଖିତ 'ଭକ୍ତତୀର୍ଥ ଇରମ' ପୁସ୍ତକ ଦୁଇଟିରେ ଭାରତର ଦ୍ୱିତୀୟ ଜାଲିଆନ୍‌ୱାଲାବାଗ୍ ବାଲେଶ୍ୱର ଜିଲ୍ଲାର ଇରମ୍' ନାମକ ଏକ ଅଖ୍ୟାତ ସ୍ଥାନ ସଂପର୍କରେ ସବିଶେଷ ଆଲୋଚନା କରାଯାଇଛି । ଶ୍ରୀଯୁକ୍ତ ଦାଶରଥି ପ୍ରସାଦ ଦାସଙ୍କ ଲିଖିତ 'ଲକ୍ଷ୍ମଣ ନାୟକ' ପୁସ୍ତକଟି ଓଡ଼ିଶାର ଅଦ୍ୱିତୀୟ ଦେଶପ୍ରେମୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଆଧାରିତ ଏକ ମୂଲ୍ୟବାନ ପୁସ୍ତକ । ସର୍ବଶ୍ରୀ କୃପାସିନ୍ଧୁ ବିଶ୍ୱାଳ ଓ ସତ୍ୟବାଦୀ ବଳିୟାର ସିଂହଙ୍କ ଲିଖିତ 'ଶହୀଦ୍ ରଘୁ ଦିବାକର' ପୁସ୍ତକ ଦୁଇଟି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ କ୍ରାନ୍ତିକାରୀ ଜୀବନ ଉପରେ ଲିଖିତ । ସେହିପରି ସୁଲେଖକ ରାମଚନ୍ଦ୍ର ରାମଙ୍କ ଲିଖିତ 'ସଂଗ୍ରାମୀ' ପୁସ୍ତକଟି ରଣପୁର ପ୍ରଜାମଣ୍ଡଳ ଇତିହାସର ଏକ ମୂଲ୍ୟବାନ ସଂପଦ ।

ଏତଦ୍‌ବ୍ୟତୀତ ବିଭିନ୍ନ ସ୍ଥାନର ସ୍ୱାଧିନତା ସଂଗ୍ରାମୀ ସଂଘ ପକ୍ଷରୁ କେତେକ ଉପାଦେୟ ପୁସ୍ତକ ପୁସ୍ତିକା ପ୍ରକାଶ ପାଇଛି । ସେଥିମଧ୍ୟରୁ 'ରଣପୁର ସ୍ମରଣିକା', 'ନୀଳଗିରି ପ୍ରଜା ଆନ୍ଦୋଳନ' ପୁସ୍ତକ ଦୁଇଟି ଓଡ଼ିଆ ଭାଷାର ମହାର୍ଘ ସଂପଦ । ସଦ୍ୟ ପ୍ରକାଶିତ ସ୍ୱାଧୀନତା ସଂଗ୍ରାମରେ 'ବାନରସେନା' ପୁସ୍ତକଟି ଓଡ଼ିଆ ଭାଷାରେ ଏକ ଅତୁଳନୀୟ ଗ୍ରନ୍ଥ । ଏହାର ଲେଖକ ତଥା ପ୍ରକାଶକ ସଂଗ୍ରାମୀ ଶ୍ରୀ ପୁରୁଷୋତ୍ତମ ସିଂହ ଓଡ଼ିଆ ମାଟିର ଅନେକ ଅଜ୍ଞାତ ବାନର ସେନାଙ୍କ ଅମ୍ଳାନ ଜୀବନ କାହାଣୀକୁ ପୁସ୍ତକରେ ସନ୍ନିବେଶିତ କରିଛନ୍ତି ।


ସର୍ବଭାରତୀୟ ମୁକ୍ତି ସଂଗ୍ରାମ ଉପରେ ଆଧାରିତ ଅନେକ ପୁସ୍ତକ ଓଡ଼ିଆ ଭାଷାରେ ଲେଖା ହୋଇପାରିଛି । ଏଗୁଡ଼ିକ ଆମ ଲାଗି ବିଶେଷ ଉପାଦେୟ । ଅଧ୍ୟାପକ ଶ୍ରୀଯୁକ୍ତ ଅକ୍ଷୟ କୁମାର ସିଂହଙ୍କ ଲିଖିତ 'ଭକ୍ତତୀର୍ଥ ଜାଲିଆନ୍‌ୱାଲାର ବୀର' ଓ ବିପ୍ଳବୀ ପ୍ରଫୁଲ୍ଲ ଦାସଙ୍କ ଲିଖିତ ଭାରତରେ ସଶସ୍ତ୍ର ମୁକ୍ତି ସଂଗ୍ରାମ', 'କଳାପାଣିରେ ଅଗ୍ନିଶିଖା' ଓ 'ଅଗ୍ନିଯୁଗର ଆହ୍ୱାନ' ଓଡ଼ିଆ ସାହିତ୍ୟାକାଶରେ ଏକ ଏକ ଉଜ୍ଜ୍ୱଳ ନକ୍ଷତ୍ର । ଏତଦ୍‌ବ୍ୟତୀତ ଶ୍ରୀଯୁକ୍ତ ଚନ୍ଦ୍ରମଣି ପଣ୍ଡାଙ୍କ ଲିଖିତ 'ଚଟ୍ଟଗ୍ରାମର ମୁକ୍ତି ସଂଗ୍ରାମ' ପୁସ୍ତକଟି ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ଏକ ଅମୂଲ୍ୟ ଗ୍ରନ୍ଥ ।

ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଜ୍ଞାନମଣ୍ଡଳର ପ୍ରତିଷ୍ଠାତା ସୁଯୋଗ୍ୟ ସାହିତ୍ୟିକ ତଥା ଗବେଷକ ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋଙ୍କ ଲିଖିତ ତଥା ମୁକ୍ତି ପ୍ରତୀକ୍ଷାରେ ଥିବା ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ 'ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ' ନିଶ୍ଚିତ ରୂପେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ରୂପେ ପରିଗଣିତ ହେବ, ଏକଥା ନିଶ୍ଚିତ ।

ପରିଶେଷରେ ଓଡ଼ିଶା ସରକାରଙ୍କ ତରଫରୁ ପ୍ରକାଶିତ ମାସିକ 'ଉତ୍କଳ ପ୍ରସଙ୍ଗ'ରେ କେତେକ ସ୍ୱତନ୍ତ୍ର ବିଶେଷାଙ୍କରେ ସ୍ୱାଧୀନତା ସଂଗ୍ରାମ ଉପରେ ଅନେକ ଉପାଦେୟ ଲେଖା ପ୍ରକାଶିତ ହୋଇଛି । ଏଗୁଡ଼ିକ ଆମ ଲାଗି ଅନେକ ଉପାଦେୟ । ତଥାପି ଓଡ଼ିଆ ଭାଷାରେ ଅଗ୍ନିଯୁଗର ସେହି ଲୋମହର୍ଷଣକାରୀ ରକ୍ତାକ୍ତ ଅଧ୍ୟାୟଗୁଡ଼ିକ ସଂପୂର୍ଣ୍ଣ ରୂପେ ପୁସ୍ତକାକାରରେ ପ୍ରକାଶ ପାଇନାହିଁ । ଭାବି ବଂଶଧରଙ୍କ ଲାଗି ଏହା ଏକ ଆହ୍ୱାନ କହିଲେ ଭୁଲ ହେବନାହିଁ ।

---

ଶିଶୁ ଅନନ୍ତ ମହାବିଦ୍ୟାଳୟ
ଗ୍ରାଃ ପୋଃ: ବାଲିପାଟଣା
ଜିଃ ପୁରୀ
ପିନ୍-୭୫୨୧୦୨



# ମୁକ୍ତି ସଂଗ୍ରାମ ଓ ଓଡ଼ିଆ ପୁସ୍ତକ ପୁସ୍ତିକା

ଅଧ୍ୟାପକ ଭବାନୀ ଶଙ୍କର ଦାଶ

ସ୍ୱାଧୀନତା ସଂଗ୍ରାମ ଅବଧିରେ ଓଡ଼ିଶାର ଅନେକ ଯୋଗଜନ୍ମା କବି, ଲେଖକ ମୁକ୍ତି ସଂଗ୍ରାମକୁ ତ୍ୱରାନ୍ୱିତ କରିବା ଲାଗି ମସୀ ସୃଜନ କରି ବେଶ୍ ସଫଳତା ଅର୍ଜନ କରିଥିଲେ । ଜାତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଜାତିପ୍ରେମ ବହ୍ନିକୁ ପ୍ରଜ୍ୱଳିତ କରି ସେହି ପ୍ରାତଃସ୍ମରଣୀୟ ମନିଷୀଗଣ ଜାତୀୟ ଆନ୍ଦୋଳନକୁ ଦୃଢ଼ ଗତିଶୀଳ କରାଇଥିଲେ । ସେମାନଙ୍କ ମଧ୍ୟରୁ କବିବର ରାଧାନାଥ ରାୟ, କୁଳବୃଦ୍ଧ ମଧୁସୂଦନ ଦାସ, ଉତ୍କଳକବି ମଧୁସୂଧନ ରାଓ, କବି ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବୀରକିଶୋର ଦାସ, ସର୍ବୋପରି କବି ବାଞ୍ଛାନିଧି ମହାନ୍ତି, କବି କୃଷ୍ଣମୋହନ ପଟ୍ଟନାୟକଙ୍କ ଭଳି ମନିଷୀଗଣ ସ୍ୱ ସ୍ୱ କାବ୍ୟ କବିତା ବଳରେ ତତ୍‌କାଳୀନ ମୁକ୍ତି ପିପାସୁ ଜନଗଣ ମନରେ ଅଭୂତପୂର୍ବ ତ୍ୟାଗ ସୃଷ୍ଟି କରିଥିଲେ । ସେହି ଜାତୀୟବାଦୀ କବିଗଣଙ୍କର କବିତାର ଛତ୍ରେଛତ୍ରେ ଫୁଟି ଉଠିଥିଲା ଜାତୀୟ ଭାବଧାରା । ମୁକ୍ତି ପିପାସୁ ଉତ୍କଳୀୟଙ୍କ ମାନସ ପଟରେ ଏହିସବୁ ପଦାବଳୀ ଗଭୀର ରେଖାପାତ କରିପାରିଥିଲା । କିନ୍ତୁ ଏ ସମସ୍ତ ଜାତୀୟତାବୋଧକ କାବ୍ୟ କବିତାର ସୃଷ୍ଟି ହୋଇଥିଲା ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ।

ଓଡ଼ିଶା ଇତିହାସରେ ମୁକ୍ତି ସଂଗ୍ରାମର ଅଧ୍ୟାୟ ବସ୍ତୁତଃ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଶ୍ ଗୁରୁତ୍ୱପୂର୍ଣ୍ଣ । ୧୮୧୭ ମସିହାରେ ଭାରତର ପ୍ରଥମ ଗଣ ବିପ୍ଳବ ଖୋର୍ଦ୍ଧାର ପାଇକ ବିଦ୍ରୋହ ସମଗ୍ର ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ କିନ୍ତୁ ଦୁଃଖର କଥା ଓଡ଼ିଆ ଭାଷାରେ ଅଦ୍ୟାବଧି ଏ ଯାବତ୍ ବିଧିବଦ୍ଧ ଭାବେ କୌଣସି ପୁସ୍ତକ ପ୍ରକାଶ ପାଇନାହିଁ । କେବଳ ପ୍ରାଣନାଥ ମହାବିଦ୍ୟାଳୟ ଅଧ୍ୟାପକ ଲକ୍ଷ୍ମୀନାରାୟଣ ରାୟସିଂଙ୍କ ଲିଖିତ ଭାରତର ପ୍ରଥମ ଗଣବିପ୍ଳବ ଓଡ଼ିଆ ଭାଷାରେ ପ୍ରକାଶିତ ଏକ ସଫଳ ତଥା ମୂଲ୍ୟବାନ୍ ପୁସ୍ତକ ।

ବିଶ୍ୱ ବିଖ୍ୟାତ ପାଇକ ବିଦ୍ରୋହ ସଂପର୍କରେ ଅବଶ୍ୟ ଅନେକ ଅଜ୍ଞାତ ଓଡ଼ିଆ କବି ନିଜ ନିଜର କାବ୍ୟ କବିତା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛନ୍ତି କିନ୍ତୁ ଏ ଯାବତ୍ ସେଗୁଡ଼ିକ ଲୋକ ଲୋଚନର ଅନ୍ତରାଳରେ ରହିଯାଇଛି । ସେଥିମଧ୍ୟରୁ ଅନେକ କାବ୍ୟ କବିତା ତାଳପତ୍ର ପୋଥିରେ ଲିଖିତ । ତନ୍ମଧ୍ୟରୁ 'ଫିରିଙ୍ଗି କଟି ଭାରତ' ଏକ ଅମୂଲ୍ୟ ଗ୍ରନ୍ଥ । ସେହିପରି ପାଇକ ବିଦ୍ରୋହ ଭଳି ଏକ ରକ୍ତକ୍ଷୟକାରୀ ସଂଗ୍ରାମ ଉପରେ ଆଧାରିତ ସ୍ୱର୍ଗତଃ ଦିଗମ୍ବର ହରିଚନ୍ଦନଙ୍କ ଲିଖିତ "ଖୁର୍ଦ୍ଧା ଦର୍ପଣ" ଏକ ଶ୍ଳାଘ୍ୟ ତଥା ଉପଯୋଗୀ ପୁସ୍ତକ ।

ବିଂଶ ଶତାବ୍ଦୀର ମଧ୍ୟଭାଗ ଥିଲା ଜାତୀୟବାଦୀ ଭାବଧାରା ଆଧାରିତ ପୁସ୍ତକ ପୁସ୍ତିକା ପ୍ରକାଶନର ଏକ ସୁବର୍ଣ୍ଣ ଯୁଗ । ଏହି ସନ୍ଧିସନ୍ଧି ସମୟରେ ଯେଉଁ ଜନଚେତନା କବି/ଲେଖକ ନିଜ ରଚନା ବଳରେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରୁ ଉତ୍କଳ କେଶରୀ ସ୍ୱର୍ଗୀୟ ଡକ୍ଟର ହରେକୃଷ୍ଣ ମହତାବ ଥିଲେ ଅଗ୍ରଗଣ୍ୟ ।

ଡ଼ଃ ମହତାବ ଥିଲେ ପ୍ରଖ୍ୟାତ ଐତିହାସିକ, ଗବେଷକ ତଥା ମୁକ୍ତି ସଂଗ୍ରାମର ଜଣେ ସଫଳ ଅଧିନାୟକ । ନିଜର ଅଗ୍ନିମୟୀ ଅନୁଭୂତିକୁ ଆଧାର କରି ସେ ଲେଖିଥିଲେ ଓଡ଼ିଶା ଇତିହାସ, ପ୍ରତିଭା (ନାଟକ), ଦଶବର୍ଷରେ ଓଡ଼ିଶା, ଗାନ୍ଧିଜୀ ଓ ଓଡ଼ିଶା ଓ ସାଧନାର ପଥେ (ଆତ୍ମଜୀବନୀ) । ପ୍ରତ୍ୟେକ ପୁସ୍ତକ ଜାତୀୟ ଭାବଧାରା ଉପରେ ପ୍ରତିଷ୍ଠିତ । ସେହିପରି ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମହାବୀର ଦୋହରା ବିଶୋଇ' ପୁସ୍ତକଟି ସମ୍ବଲପୁର ରାଜ୍ୟରେ ସ୍ୱାଧୀନତା ସଂଗ୍ରାମ ତଥା ମହାବୀର ଦୋହରା ବିଶୋଇଙ୍କ ବୀରତ୍ୱ ଉପରେ ଆଧାରିତ । ଅନ୍ୟତମ କବି ନୃସିଂହ କବିଚନ୍ଦ୍ର ରାୟଗୁରୁଙ୍କ ରଚିତ 'ଅନୁଗୋଳ ଇତିହାସ' ତଥା ଅନୁଗୋଳର ସ୍ୱାଧୀନତାକାମୀ ନରପତି ରାଜା ସୋମନାଥ ସିଂ ଜଗଦେବଙ୍କ କ୍ରାନ୍ତିକାରୀ ବଳିଦାନ ଶୀର୍ଷକ କବିତା ପୁସ୍ତକ ଏକ ଉପାଦେୟ କାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଶ୍ରୀଯୁକ୍ତ ବିଶ୍ୱମ୍ଭର ପରିଡ଼ାଙ୍କ ଲିଖିତ 'ମୁକ୍ତି ସଂଗ୍ରାମ ଓ ଓଡ଼ିଶା' ଏକ ମୂଲ୍ୟବାନ୍ ସଂକ୍ଷିପ୍ତ ପୁସ୍ତିକା ରୂପେ ବିବେଚିତ । ଶ୍ରୀ ମିହିର କୁମାର ରାଓଙ୍କ ଲିଖିତ 'ଚନ୍ଦନ ହଜୁରୀ' ପୁସ୍ତିକାଟି କ୍ରାନ୍ତିକାରୀ ଚନ୍ଦନ ହଜୁରୀ ଓରଫ୍ ଋଷି ଖଣ୍ଡିଆଙ୍କ ମହାନ୍ ଜୀବନ ଦର୍ଶନ ଉପରେ ଲିଖିତ ।

ଏଗୁଡ଼ିକ ବ୍ୟତୀତ ପ୍ରଖ୍ୟାତ ବିପ୍ଳବୀ ତଥା ରାଜନୀତିଜ୍ଞ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଲିଖିତ 'ଅରଣ୍ୟ ବିପ୍ଳବ', ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ଲିଖିତ 'ମୁକ୍ତିପଥେ ସୈନିକ' ରାଜନୀତିଜ୍ଞ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଲିଖିତ 'ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ', ପ୍ରଶାସକ ସୂର୍ଯ୍ୟନାରାୟଣ ଦାସଙ୍କ ଲିଖିତ ପୁସ୍ତକ 'ପାଇକ ବିଦ୍ରୋହ', 'ସିପାହୀ ବିଦ୍ରୋହ' ତଥା 'ସିପାହୀ ବିଦ୍ରୋହର ଇତିହାସ' ଓଡ଼ିଆ ଭାଷାରେ ଲିଖିତ ତଥା ମୁକ୍ତି ସଂଗ୍ରାମ ଆଧାରିତ ଅମୂଲ୍ୟ ପୁସ୍ତକାବଳୀ ।

ସେହିପରି ସାମ୍ବାଦିକ ଶ୍ରୀହର୍ଷ ମିଶ୍ରଙ୍କ ଲିଖିତ "ସ୍ୱାଧୀନତାର ଜୟଯାତ୍ରା" ଓ "ବ୍ରିଟିଶ ଶାସନର ରଥଚକ୍ର ତଳେ" ପୁସ୍ତକ ଦୁଇଟି ମୁକ୍ତି ସଂଗ୍ରାମ ବିଷୟରେ ଅନେକ ତଥ୍ୟ ଯୋଗାଇ ଥାଏ । ଢେଙ୍କାନାଳର ଅନ୍ୟତମ ବିପ୍ଳବୀ ତଥା ପ୍ରଜାମଣ୍ଡଳର ଜଣେ ବାଣୁଆ କର୍ମୀ ଶ୍ରୀଯୁକ୍ତ ବ୍ରଜ କିଶୋର ଧଳଙ୍କ ଲିଖିତ 'ଭୁଲିହୁ ନାହିଁ' ପୁସ୍ତକଟି ଢେଙ୍କାନାଳ ରାଜ ଅତ୍ୟାଚାରର ଅନେକ ଗୋପନୀୟ ତଥ୍ୟ ପ୍ରଦାନ କରିଥାଏ ।

ସିପାହୀ ବିଦ୍ରୋହର ଅନ୍ୟତମ ଦୁର୍ଦ୍ଦଂଶ ଦୁର୍ଜୟ ମହାବୀର ସୁରେନ୍ଦ୍ର ସାଏଙ୍କ ଜୀବନ ସଂଗ୍ରାମ କେବଳ ଓଡ଼ିଶା ନୁହେଁ ସାରା ଭାରତର ଗର୍ବ ଏବଂ ଗୌରବ । ଏହି ମହାନ୍ ସଂଗ୍ରାମୀଙ୍କ ଜୀବନ କାହାଣୀ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ରୋମାଞ୍ଚକର ଅଧ୍ୟାୟ ସୃଷ୍ଟି କରିଛି । କିନ୍ତୁ ଓଡ଼ିଆ ଭାଷାରେ ଲିଖିତ

ହେତୁ କିମ୍ବା ଅନ୍ୟ କୌଣସି କାରଣ ହେତୁ ତାକୁ ଟିକିଏ ହସ ମାଡ଼ିଲା । ସେ ହସି ପକାଇଲା । ଏ ହସ ଦାରୋଗା ବାବୁଙ୍କର ଦୃଷ୍ଟିରୁ ବାଦ୍ ଯାଇନି—ଦାରୋଗା ବାବୁଙ୍କ ଆଦେଶକ୍ରମେ ଦୁଇଜଣ ଦୁର୍ଦ୍ଦାନ୍ତ ଚୌକିଦାର ଲୋକଟାକୁ ଧରି ଆଣିଲେ । ବାବୁଙ୍କର କ୍ରୁଦ୍ଧ ଗମ୍ଭୀର ରୂପ ଦେଖି ବିଚରା ଭୟରେ ଥରିଗଲାଣି । ବାବୁ ପଚାରିଲେ, କିରେ ! ହସୁଥିଲୁ କାହିଁକି ? ହଉବେ କେତୁଟା ସୁନାଖିଲ ବାଡ଼ରେ ମାରିବୁ ? ଲୋକଟି ବହୁ କଷ୍ଟରେ ଉତ୍ତର ଦେଲା—"ହସ ମାଡ଼ିଲା" । ଆଚ୍ଛା-ଆଚ୍ଛା.... ଯାହୁ ଥାନା ଘରିପଟେ ଅଡ଼େ ବୁଲେଇ ଆଣ—ଇଯେ ମନଇଚ୍ଛା ହସୁ । ଦୁଇଜଣ ସିପେହୀ ସଙ୍ଗେସଙ୍ଗେ ଆଦେଶ ପ୍ରତିପାଳନ କଲେ । ୧୦ ମିନିଟ୍ ପରେ ତାକୁ ଦାରୋଗା ବାବୁଙ୍କ ପାଖରେ ଆଣି ହାଜର କରଗଲା । ଲୋକ୍ ବାସ ବିପର୍ଯ୍ୟସ୍ତ—ଆଖି ନାଲି ନାଲି—ଫୁଲ ଫୁଲ—ମୁହଁ ତଳକୁ—ଦାରୋଗା ବାବୁ ପଚାରିଲେ,କିବେ !"ଅଉ ହସ ମାଡ଼ୁଛି ?" ଲୋକଟି ଉତ୍ତର ଦେଲା—ନାହିଁ ହଜୁର । ଦାରେଗୋ କହିଲେ—ଆବେ ଶଳ, ଏଇଟା ରେଙ୍ଗୁନ ନୁହଁ, ବୁଝିଲୁ ? "ବୁଝିଲି ହଜୁର" ଲୋକଟି ଉତ୍ତର ଦେଲା ।

ଏହିଭଳି ଅନେକ ନିଷ୍ଠୁର ଅନୁଭୂତି ଏବେ ମଧ୍ୟ ଆମ ଅଞ୍ଚଳର ଲୋକ ମୁଖରେ ପ୍ରଚଳିତ । ରଜା ରାଜୁଡ଼ା ତଥା ପୋଲିସ୍‌ଙ୍କର ନିର୍ମମ ଅତ୍ୟାଚାରରୁ ଲୋକମାନେ ନିସ୍ତୃତି ଲାଭ କରିଛନ୍ତି । ଏକଥା ସତ୍ୟ ଯେ ସ୍ୱାଧୀନତା ପ୍ରାପ୍ତିପରେ ଲୋକମାନେ ନିର୍ଭୀକ ହେଲେ—ସ୍ୱାଭିମାନ ଆସିଲା—ଦୁଃଖ ଦୁର୍ଦ୍ଦିନ ଏବଂ ଅତ୍ୟାଚାର ଦୂର ହେଲା ସମସ୍ତେ ସୁଖଶାନ୍ତିରେ କାଳାତିପାତ କଲେ । କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଆମେ ଅନେକେ ସ୍ୱାଧୀନତା ମାନେ ସ୍ୱେଚ୍ଛାଚାରିତା ବୁଝିଲୁ, ଯଥେଚ୍ଛାଚାରିତା ବୁଝିଲୁ ଏବଂ ଅସମ୍ଭବ ଭାବରେ ଆପଣା ସର୍ବସ୍ୱ ମନୋବୃତ୍ତି ଆଣିଲୁ । ଗୋଟିଏ ଉଦାହରଣ ଦେଖାଯାଉ—ଆମର ପୂର୍ବପୁରୁଷ ଆମ୍ବ ଗଛଟିଏ ଲଗାଇଥିଲେ, ବରଗଛଟିଏ ଲଗାଇଥିଲେ, ଅଶ୍ୱତ୍ଥ ଗଛଟିଏ ଲଗାଇଥିଲେ, ଏମିତି ଗୋଟିଏ ଗଛ ପୋତୁ ପୋତୁ ତୋଟ ଟିଏ ତିଆରି କରାଇ ଦେଇଥିଲେ । ଗାଁ ଗାଁ କେ ଆମ୍ବ ତୋଟା ପଣସ ତୋଟା କାଟି କାଟିକା ଗଛରେ ଶୋଭାମାନ—କିନ୍ତୁ ଆମେ ଆଜି ଗଛ ସବୁ ଧ୍ୱଂସ କରିବାରେ ବ୍ୟସ୍ତ । ସରକାରୀ ଜଙ୍ଗଲ ହେଲେତ କଥା ନାହିଁ-କେହି କାହାକୁ କହିବାକୁ ନାହିଁ-ଯିଏ ଯାହା ହାତରେ ତଉଦ ପାଆ-ସରକାରୀ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି......ସେତେବେଳେ ସିନା ରାଜାଙ୍କର ସଂପତ୍ତି ଥିଲା ଏବଂ ସେ ସବୁ ସର୍ବସାଧାରଣ ସଂପତ୍ତି । ସର୍ବସାଧାରଣ ସଂପତ୍ତିକୁ ଧ୍ୱଂସ କରିଦେବାର ଫଳ ଆମକୁ ଏବଂ ଆମର ଉତ୍ତରାଧିକାରୀ ମାନଙ୍କୁ ଭୋଗିବାକୁ ପଡ଼ିବ । ଏବେ ଆମେ ପରିବେଶର ସୁରକ୍ଷା ନିମିତ୍ତ ଚିନ୍ତିତ ହୋଇ ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁ । ବହୁ ବିଳମ୍ବରେ ଦେଶବାସୀ ହୃଦ୍‌ଗମ କଲେଣି ଅରଣ୍ୟ ସଂପଦକୁ ଧ୍ୱଂସକରି ଆମେ କି ମାରାତ୍ମକ ଭୁଲ୍ କରିଅଛୁ । ଆମ ଗଡ଼ଜାତରେ ସଂରକ୍ଷିତ କାଳରେ ଜଙ୍ଗଲ ସୁରକ୍ଷିତ ଥିଲା । ଖୁରିଆ, ଖୁକରମଲ, ରାଜଗିରି, ଗୋଛା, ଗୟଳ ସିଂହ, ପଞ୍ଚୁପାଣ୍ଡବା ପ୍ରଭୃତି ପର୍ବତ ଉଚ୍ଚତମ ସବୁଜ ପ୍ରାଚୀର ସଦୃଶ ଦଣ୍ଡାୟମାନ ଥିଲେ । ନୟାଗଡ଼ ଘନ ଅରଣ୍ୟ ବେଷ୍ଟିତ ଥିଲା । ପର୍ବତରେ ପ୍ରଚୁର ପରିମାଣରେ ଶାଳ, ପିଆଶାଳ, କୁରୁମ, ଶିଶୁ, ବାନ୍ଧଣ, ହରିଡ଼ା, ବାହାଡ଼ା, ଅଁଳା, ଆମ୍ବ, ପଣସ, କେନ୍ଦୁ, ଜାମୁ, କସି ପ୍ରଭୃତି ମୂଲ୍ୟବାନ ବୃକ୍ଷ ଥିଲା । ଉକ୍ତ ସବୁଜ ଅରଣ୍ୟ ହେତୁ ମୌସୁମୀବାୟୁ ଜନିତ ବୃଷ୍ଟିପାତ ପ୍ରଚୁର ହେଉଥିଲା । ବୃକ୍ଷଲତାପୂର୍ଣ୍ଣ ପର୍ବତ ଶଯ୍ୟାର ମୃତ୍ତିକା ଆଦୌ କ୍ଷୟ ହେଉନଥିଲା । ସବୁଜ ଅରଣ୍ୟରୁ ପ୍ରଚୁର ପରିମାଣରେ ଅମ୍ଳଜାନ ସୃଷ୍ଟି ହେଉଥିଲା । ଲାଖ, ଝୁଣା, ମହୁ, ହରିଣ ଶିଂଘ ହାତୀଦାନ୍ତ, ମୟୂରପୁଚ୍ଛ, ହିଙ୍ଗୁ କାଠି, ପତ୍ର କରମ ଆଦି ଆଦାୟ ହେଉଥିଲା । ପଲ୍ଲିର ଆଦିବାସୀମାନଙ୍କର ଅରଣ୍ୟ ଭାତ ହାଣ୍ଡି ଥିଲା ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ । ଜାମୁକୋଳି, କ୍ଷୀର କୋଳି, କଣ୍ଟେଇକୋଳି, କଇଁଚ କୋଳି, ଗୁଆ କୋଳି, ଭୂଇଁ ଖଜୁର, ଆମ୍ବ, ପଣସ, ହରିଡ଼ା, ବାହାଡ଼ା, ଅଁଳା, ଅତ, ବଣ କଦଳୀ ପ୍ରଭୃତି ଫଳ ଆଦିବାସୀମାନେ ବିକ୍ରୟ କରି ପେଟ ପୋଷୁଥିଲେ । ଝୁସୁଂଡ଼ି, ବରଡ଼ା, ଭଦଭଦଳିଆ ଶାଗ, ବାଉଁଶଗଜା (କରଡ଼ି), ଲେଟରଭାଇ, ଟୋକେଇ ଲେଉଟିଫୁଲ ପଡ଼ର୍ଣ୍ଣ ଗିରିଜନ ହରିଜନ ମାନଙ୍କର ପ୍ରିୟଖାଦ୍ୟ ଥିଲା । ବଣ ପାହାଡ଼ରୁ ପ୍ରଚୁର ପରିମାଣରେ ଭାଳକ ମିଳୁଥିଲା । ଆମ୍ବ କୋଇଲି ଏବଂ ମହୁଲ ଆଦିବାସୀମାନଙ୍କର ପ୍ରିୟ ଖାଦ୍ୟ । ମହୁଲରୁ ସେମାନେ ଉତ୍କୃଷ୍ଟ ପାନୀୟ ପ୍ରସ୍ତୁତ କରନ୍ତି । କରଡ଼ା, ପ୍ରାଣି ଆଳୁ, ଶାକରକନ୍ଦା, କାଠ କନ୍ଦମୂଳ ପ୍ରଭୃତି କନ୍ଦା ଜାତୀୟ ଖାଦ୍ୟ ପଦାର୍ଥ ଅରଣ୍ୟରୁ ପ୍ରଚୁର ପରିମାଣରେ ଉତ୍ପନ୍ନ ହେଉଥିଲା । ଏତଦ୍‌ବ୍ୟତୀତ ଅରଣ୍ୟରୁ ବିଭିନ୍ନ ପ୍ରକାର ଆୟୁର୍ବେଦୀୟ ଔଷଧ ସଂଗ୍ରହ କରଯାଉଥିଲା । ପର୍ବତରେ ହସ୍ତୀ, ବ୍ୟାଘ୍ର, ହରିଣ, ଶମ୍ବର, ଭାଲୁ, ଗୟଳ, ଖରିଆ, ଖୁରଙ୍ଗ, କୋଟର, ବଣ କୁକୁଡ଼ା, ହିଙ୍କ, ମୟୂର, କଲରା ପତ୍ରିଆ ବାଘ, ହେଟା ବାଘ, ପାତି ମାଙ୍କଡ଼, ହନୁମାଙ୍କଡ଼ ପ୍ରଭୃତି ବାସ କରୁଥିଲେ । ଭଗବାନ ଏମାନଙ୍କ ହାତରେ ଅରଣ୍ୟ ସଂପତ୍ତିର ସୁରକ୍ଷା ଭାର ପ୍ରଦାନ କରିଥିଲେ । ଏମାନଙ୍କ ଡରରେ ମଣିଷ ଜଙ୍ଗଲ ଭିତରକୁ ଏକାକୀ ଯିବା ପାଇଁ ସାହସ କରୁନଥିଲେ । ଏବେ ଅରଣ୍ୟ କ୍ରମଶଃ ବୃକ୍ଷଲତା ଶୂନ୍ୟ ହୋଇ ଯାଉଛି-ଅରଣ୍ୟରେ ବାଘ ଭାଲୁ ଦେଖିବାକୁ ସ୍ୱପ୍ନ ପକ୍ଷୀମାନଙ୍କର ସଂଖ୍ୟା କମିଗଲାଣି । ଅରଣ୍ୟ ଆଜି ମଳିନ-ହତଶ୍ରୀ ।

ରାଜୁଡ଼ା ଶାସନ ଅମଳରେ ଲୋକମାନେ ଜଙ୍ଗଲକୁଯାଇ ନିଶ୍ଚିନ୍ତ କାଠ କାଟିବାକୁ ସାହସ କରୁନଥିଲେ । ଅରଣ୍ୟ ସଂପଦ ଲୁଣ୍ଠନକାରୀଙ୍କର ସଂଖ୍ୟା ଖୁବ୍ କମ୍ ଥିଲା । ମୂଲ୍ୟବାନ କାଠ ଆଣି କ'ଣ କରିବେ ? ବାହାରକୁ ପଠେଇବାର ସୁବିଧାନଥିଲା-ଜଙ୍ଗଲରୁ କାଠଆଣି ଘର ତିଆରି କଲେ କିମ୍ବା ଖଟ, ପଲଙ୍କ, ଆଲମିରା ତିଆରକଲେ ରଜାଙ୍କର ଲୋକ ଦେଖିବେ ଏବଂ ଧରା ପଡ଼ିବେ—ଏଣୁ ସେଥିରେ କେହି ପଶୁନଥିଲେ । ଲୋକଙ୍କର ଆର୍ଥିକ ସଙ୍ଗତି ମଧ୍ୟ ନଥିଲା । ପ୍ରତିବର୍ଷ ଡିସେମ୍ବର ମାସଠାରୁ ମାର୍ଚ୍ଚ ୧୫ ଯାଏଁ ଜଙ୍ଗଲ ଖୋଲା ହେଉଥିଲା—ଲୋକମାନେ ଏହି ସମୟରେ ଜାଳେଣିକାଠ କାଟିବା ପାଇଁ ଅନୁମତି ପାଉଥିଲେ । କେହି ଜାଳେଣି କାଠଛଡ଼ା ଅନ୍ୟ କାଠ କାଟିଲେ ନିୟମାନୁଯାୟୀ ଦଣ୍ଡପାଉଥିଲା । ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ତିମ ପର୍ଯ୍ୟାୟରୁ ଦେଖାଗଲା ଲୋକମାନେ ବେଆଇନ୍ ଭାବରେ ଜଙ୍ଗଲ କଟା ଆରମ୍ଭକରି ଦେଇଛନ୍ତି । ଦୀର୍ଘ ୪୦ବର୍ଷଧରି ଆମେ ଜଙ୍ଗଲକୁ ଧ୍ୱଂସକରି ଆସୁଛୁ । ସୁବିଶାଳ ଅରଣ୍ୟ ଅଞ୍ଚଳ ପଡ଼ିଆରେ ପରିଣତ ହେଲାଣି । ସେ ପଡ଼ିଆକୁ ଦେଖି ଏବେ କିଏ ବିଶ୍ୱାସ କରିବ ଦିନେ ସେଠାରେ ଅଗମ୍ୟ ଅରଣ୍ୟ ଥିଲା-ବୋଲି ? ବାଘ, ଭାଲୁ, ମିରିଗ, କୋଟର, ହରିଣ ଏଠାରେ ବାସ କରୁଥିଲେ । ଦିନବେଳେ ମଧ୍ୟ ଏହା ଅନ୍ଧକାର ଆଚ୍ଛାଦିତ ଥିଲା । ଆଜି ବୃକ୍ଷଲତାହୀନ ଲଣ୍ଡା ପାହାଡ଼ଗୁଡ଼ିକ ଅତୀତର ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ । ଆମ ଅଞ୍ଚଳରେ ହାତୀ ରହିବା ପାଇଁ ଘନ ଜଙ୍ଗଲ ନାହିଁ । ତାଳ ଲେଉରେ ଦୁର୍ବୃତ୍ତମାନେ ବନ୍ୟହାତୀ ମାରୁଛନ୍ତି । ଏଇ ହାତୀ ବିଷୟରେ ଏବେ ଏବେ ଘଟିଯାଇଥିବା ଏକ ଚାଞ୍ଚଲ୍ୟକର ଏବଂ ମର୍ମାନ୍ତକର ମୁଁ ବର୍ଣ୍ଣନା କରୁଛି—

ତା୧୯-୧୨-୧୯୮୭ ରିଖରେ ଓଡ଼ିଶାର ସବୁ କଲେଜରେ ଏକ୍‌ସ ମାସ ଛୁଟି ଘୋଷଣା କରଗଲା । ସେହି ଅବସରରେ ବର୍ତ୍ତମାନ ର ପ୍ରକେତ୍ କଲେଜର ଏନ୍ ଏସ୍. ଏସ୍. ଛାତ୍ରମାନେ ବର୍ତ୍ତମାନ ଠାରୁ ୧୫ କିଲୋମିଟର ଦୂରରେ ଘନଜଙ୍ଗଲ ମଧ୍ୟରେ ଆଦିବାସୀ ଅଧ୍ୟୁଷିତ ଏକ କ୍ଷୁଦ୍ର ଗ୍ରାମରେ ଶିବିର ସଂସ୍ଥାପନ କଲେ । ସହରର ଜଣେ ଧନୀଙ୍କର ସେଠାରେ ଗୋଟିଏ ଫାର୍ମ ହାଉସ ଥିଲା—କୋଠାଘର—ଚାରିପଟେ ଖଳା--ବିରାଟ ଆମ୍ବବାଡ଼ି—ପାଖରେ ପୋଖରୀ—ସେବାସଂସ୍ଥା ସେଇଠାରେ ତମ୍ବୁ ପକାଇ ରହିଲେ । ୧ କିଲୋମିଟର ଦୂରରେ ଅବସ୍ଥିତ ଏକବନ୍ଧ—ଏଥିରୁ ମାଟିକାଟି ବନ୍ଧକୁ ଗଭୀର କଲେ ଲୋକମାନେ ଖରଦିନେ ଜଳକଷ୍ଟରୁ ଉଦ୍ଧାର ପାଇବେ—ଏହି ଲକ୍ଷ୍ୟରେ ପ୍ରଥମ ଦିନ ପ୍ରକେତ୍ କଲେଜର ଅଧ୍ୟକ୍ଷ ମହୋଦୟଙ୍କର ପୌରୋହିତ୍ୟରେ ମୃତ୍ତିକା ଖନନ କାର୍ଯ୍ୟ ଆରମ୍ଭ କରଗଲା ।

କ୍ରମ ବିନୋଦନ ସକାଶେ ସ୍ଥାନୀୟ ଆଦିମ ଅଧିବାସୀମାନେ ଅରଣ୍ୟ ବନ୍ୟହାତୀ ପ୍ରସଙ୍ଗ ଉପସ୍ଥାପନ କଲେ । ସାରାଂଶ—ଏକଦା ଏକ ଯୁଥଚ୍ୟୁତ ବନ୍ୟହାତୀ ଏକାକୀ ସଂପୃକ୍ତ ଅରଣ୍ୟକୁ ଆସି ନିର୍ବାସିତ ଜୀବନ ଯାପନ କରୁଥିଲା । ସହରର ଜଣେ ଦୁର୍ଦ୍ଦାନ୍ତ ଶିକାରୀ ତାକୁ ଗୁଳିବିଦ୍ଧ କଲେ—ହସ୍ତୀ ଆଘାତ ପାଇ ଭୟଙ୍କର ହୋଇ ଉଠିଲା ଏବଂ ଶିକାରୀକୁ ମାରିବା ପାଇଁ ଗୋଡ଼ାଇଲା । ଶିକାରୀ ପ୍ରାଣ ଭୟରେ ମୋଟର ସାଇକେଲ୍‌ରେ ବସି ସହରକୁ ପଳାଇଗଲେ । ସେହିଦିନଠାରୁ ହସ୍ତୀ ପ୍ରତି ଶୀତଋତୁରେ ସେହି ଅଞ୍ଚଳକୁ ଶିକାରୀକୁ ଅନୁସନ୍ଧାନ କରିବାକୁ ଆସୁଛି—ପରଜଙ୍ଗ ଚିଁ—ଫସଲ ଧ୍ୱଂସ କରି ଦେଉଛି—ମାତ୍ର ଲୋକଙ୍କୁ ଆଘାତ କରୁନାହିଁ । ତଥାପି ଲୋକମାନେ ହସ୍ତୀର ଦୃଷ୍ଟି ଏଡ଼ାଇ ଚଳୁଛନ୍ତି । ପୂର୍ବଦିନ ରାତିରେ ହାତୀ ଆସି ବାଡ଼ପଡ଼ିଆ ଆମ୍ବ ତିଆରୀରେ ପଶି ଆମ୍ବ ଗଛସବୁ ଦଳିଚକଟି ଯାଇଛି । କଥାର ସତ୍ୟତା ସ୍ୱରୂପ ଆମେ ଆମ୍ବ ତିଆରୀରେ ହାତୀ ଖୋଜ ଦେଖିଲୁ ।

# ସ୍ୱାଧୀନତା ସଂଗ୍ରାମର ଅନ୍ତରାଳେ

ଶ୍ରୀ ଗଦାଧର ମହାପାତ୍ର

୪୫ ବର୍ଷ ତଳର କଥା-

ସ୍ୱାଧୀନତା ସଂଗ୍ରାମର ଅବସରରେ ଯେତେ ଯାହା ସବୁ ଘଟୁଥିଲା ଏବଂ ଯାହା ସବୁ ଅନୁଭବ କରିଛି ସେଥିରୁ ଯେତିକି ମନେ ରହିଛି ଧାରବାହିକ ଭାବେ ଲେଖା ଯାଉଛି ।

ନୟାଗଡ଼—ଓଡ଼ିଶାର ଏକ ପ୍ରାକ୍ତନ କ୍ଷୁଦ୍ର ଗଡ଼ଜାତ, ମୋର ଜନ୍ମସ୍ଥାନ—ଆମ ଗଡ଼ଜାତରେ ସ୍ୱାଧୀନତା ସଂଗ୍ରାମ କ୍ରମଶଃ ତୀବ୍ରତର ହେବାକୁ ଲାଗିଲା । ଅନେକ କର୍ମୀ ପୋଲିସର ନିର୍ମମ ଅତ୍ୟାଚାରର ଶିକାର ହେଲେ । ସେହିମାନଙ୍କର ପ୍ରଚେଷ୍ଟାରେ ଜନସାଧାରଣଙ୍କର ପୋଲିସ୍ ପ୍ରତି ଭୟ ଧୀରେ ଧୀରେ କମିଯିବାକୁ ଆରମ୍ଭ କଲା । ପ୍ରଜାମଣ୍ଡଳର ଆନ୍ଦୋଳନ ପୂର୍ବେ ଗାଁ ଗହଳର ଲୋକମାନେ ବେଠି ଖଟୁଥିଲେ । ବେଠିରେ ଗାଁକୁ ଗାଁ ସଡ଼କ ତିଆରି ହେଉଥିଲା । ପୋଲିସ୍ ଅଫିସରମାନେ କାମର ତଦାରଖ କରୁଥିଲେ । ୪–୫ ଖଣ୍ଡ ମୌଜାର କେନ୍ଦ୍ର ସ୍ଥଳରେ ଗୋଟିଏ ଗୋଟିଏ କୋଠଘର ବେଠିରେ ନିର୍ମାଣ କରଯାଉଥିଲା । ସହରରୁ ହାକିମ ହୁକୁମା ଆସିଲେ, ଦାରୋଗା କିମ୍ବା ମୁନିସ୍ ଚୋରୀ ଚମାରି ତଦାରଖ୍ କରିବାକୁ ଆସିଲେ, Forest ବିଭାଗର କର୍ମଚାରୀ-ମାନେ ଆସିଲେ, ଟୀକା ଦେବା ପାଇଁ ଟୀକା ଦିଆ ଆସିଲେ କୋଠାଘରେ ରାତ୍ରି ଯାପନ କରୁଥିଲେ । କୋଠାଘରେ କେହି ହାକିମ ହୁକୁମା ଆସିଲେ ସମ୍ପୃକ୍ତ ଗ୍ରାମର ଚୌକିଦାରମାନେ ମଧ୍ୟ କୋଠା-ଘର ବାରଣ୍ଡାରେ ଶୋଇ ଯାଉଥିଲେ । ଥିଲାବାଲାଙ୍କ ଘରୁ ନୋହିଲେ ସର୍ବସ୍ୱହରାଙ୍କ ଘରୁ ସଜ ଆସୁଥିଲା । ପଶ୍ଚିମ ଓଡ଼ିଶାରେ ସର୍ବସ୍ୱହରାମାନଙ୍କୁ ଗୋଟିଆ ବୁହାଯାଉଥିଲା । କେବେ କେବେ ଦାରୋଗା କୋଠାଘରେ ଋତିରେ ରହି ଯାଉଥିଲେ । ବେଠିରେ ସଡ଼କ ତିଆରି, ସ୍କୁଲ ଘର ତିଆରି, କୋଠାଘର ତିଆରି ହେଉଥିଲା । ସ୍ଥାନେ ସ୍ଥାନେ ବନ୍ଧ, ପୋଖରୀ ଖୋଳା ହେଉଥିଲା । ଯେଉଁ ଲୋକ ବେଠିକୁ ଆସୁନଥିଲା କିମ୍ବା ବେଠିରେ ଖିଲାପ୍ କରୁଥିଲା ତାକୁ ଗାଁ ଚୌକିଆ ଧରି ଆଣୁଥିଲା । ଏହି ବେଠି ପ୍ରଥାକୁ ନେଇ ତତ୍କାଳୀନ ଜଣେ ଦାରୋଗାଙ୍କର ଦମ୍ଭୋକ୍ତି ଏବେ ମଧ୍ୟ ଆମ ଗାଁ ଗହଳର ଲୋକମାନଙ୍କ ମୁହଁରେ ହସ ଫୁଟାଏ । ବେଠିଆମାନଙ୍କର ସଂଖ୍ୟା କମ୍ ଦେଖିଲେ ଦାରୋଗା ବାବୁ ଚୌକିଦାରକୁ ପଚାରୁଥିଲେ, "କିରେ ଗଉଡ଼ିଆ ଆଜି କାହିଁକି ବେଠିଆ କମ୍ ଆସିଛନ୍ତି" ସାରଦିନ ପରିଶ୍ରମ କଲାପରେ ମଧ୍ୟ ବେଠିଆକୁ କିଛି ମିଳେନି । ଏଣୁ ହାତକୁ ଖାଇ ଘୋଡ଼ା ଆଗରେ ନାଚିବା ପାଇଁ କିଏ କାହିଁକି ହମ ହମ ହୋଇ ଧାଇଁ ଆସିବ ? ଚୌକିଆ ଉତ୍ତର ଦେଉଥିଲା,– "ହଜୁର ଅମୁକ ଅମୁକ ଲୋକ ବେଠି କରିବାକୁ ଆଦୌ ଆସୁ ନାହାନ୍ତି" । ଦୁର୍ବଳ ଚୌକିଦାର ସେମାନଙ୍କ ଉପରେ ଦାଉ ସାଧିବାକୁ ଏମିତି ଏକ ସୁବର୍ଣ୍ଣ ସୁଯୋଗ ଅପେକ୍ଷାରେ ଥିବ । "ଦୁ ନାଥ ପରମ ଦୟାଳୁ"–

ଦାରୋଗା ସାହେବ ତତ୍‌କ୍ଷଣାତ୍ ଆଦେଶ କରନ୍ତି, "ଯେଉଁମାନେ ବେଠି କରିବାକୁ ଆସୁ ନାହାନ୍ତି ସେମାନଙ୍କ କଥା ଛାଡ଼ି ଦିଅ, ମାତ୍ର ଯେଉଁମାନେ ସବୁଦିନ ଆସୁଛନ୍ତି ସେମାନେ ଆଜି ଆସି ନାହାନ୍ତି କାହିଁକି ? ଯାଅ ସେମାନଙ୍କୁ ଧରିଆଣ ?" ସବୁଦିନେ ସବୁବେଳେ ନିରୀହ ଲୋକମାନଙ୍କୁ ଏ ଅଦୋଉତି ସହ୍ୟ କରିବାକୁ ପଡ଼େ । ଅଗତ୍ୟା ସେମାନେ ଧରା ହୋଇ ଆସନ୍ତି ଏବଂ ବେଠି ଖଟନ୍ତି । ରାଧାନାଥ ଲେଖିଥିଲେ–

" କେହି ବୋଲେ ମୁହିଁ ଅଟଇ ପୋଲିସ
ବିନା ମେଘେ ସୃଜି ପାରଇ ବୃହୀଣ "

କବି ଏଇ ଗଡ଼ଜାତର ପୋଲିସ୍ କର୍ମଚାରୀମାନଙ୍କୁ ଲକ୍ଷ୍ୟ କରି ଲେଖିଥିଲେ । ଦାରୋଗା ବାବୁ ପୋଷାକ ପିନ୍ଧି ରାସ୍ତାରେ ଗଲାଥିବେ--ତାଙ୍କ ପଛରେ ୪ଟା ଖଣ୍ଡେ ଚୌକିଦାର ଧର୍ମ ସଙ୍ଗ ହୋଇ ଧାଇଁ ଥିବେ । ବାଟରେ ନଈ ପଡ଼ିଲେ ଦାରୋଗା ବାବୁ ଦୁଇଜଣ ହୃଷ୍ଟ ପୁଷ୍ଟ ଚୌକିଦାରଙ୍କ ପିଠିରେ ସବାର ହୋଇ ନଦୀ ପାର ହେବେ । ଗୋଡ଼ରୁ ଯୋତାମୋଜା ଖୋଲିବା ଦର୍କାର ପଡ଼ିବନି । ଥରେ ଦାରୋଗା ବାବୁ ସାଦା ପୋଷାକରେ ଗସ୍ତରେ ବାହାରି ଥିଲେ । ବାଟରେ ନଦୀ ପଡ଼ିଲା-ନଦୀରେ ଦୁଇଫୁଟ ପାଣି ବହୁଥିଲା-ଦାରୋଗା ବାବୁ ନଈ ପାର ହେବାକୁ ଯାଉଥିବା ଜଣେ ଯୁବକକୁ ସାଇକେଲଟା ପାର୍ କରେଇ ଦେବାକୁ କହିଲେ । ଯୁବକ ମନା କରିବାରୁ ତା' ଗାଲରେ ଗୋଟାଏ ଚାପୁଡ଼ା ବାଜିଲା । ଯୁବକ ତତ୍‌କ୍ଷଣାତ୍ ପଚାରିଲା, "ବାବୁ, ତମେ ଆପଣ ପୁଲିସ୍ ବୋଲିକି ?" ବାବୁଙ୍କ ମୁହଁରେ ମୁଲାୟମ ହସ..............ତମେ ଆପଣ ଆଗରୁ ସେ କଥା କହୁନ.......ଯୁବକ ସାଇକେଲ କାନ୍ଧ ଉପରେ ରଖି ନଈ ପାର ହବା ପାଇଁ ଆଗେ ଆଗେ ଚାଲିଲା..........ଆପଣାର ଭରିକତାରେ ସେ ସେମିତି ତନ୍ମୟ । ସେତେବେଳେ ଥାନା ସାମନାରେ ଯିବା ପାଇଁ ଲୋକଙ୍କୁ ଡର ମାଡ଼ୁ ଥିଲା । ସେତେବେଳେ ଆମ ଗଡ଼ଜାତର ଅନେକ ଗରିବ ଲୋକ ପେଟ ପୋଷିବାକୁ ଦୁଇପଇସା ଘରକୁ ଆଣିବାକୁ ରେଙ୍ଗୁନ ଯାଉଥିଲେ । ରେଙ୍ଗୁନ୍ ଯାତ୍ରୀଙ୍କୁ ଗୋପାଳପୁର ବନ୍ଦର ଯାଏଁ ଯିବାକୁ ପଡୁଥିଲା । ସେଠାରେ ଜାହାଜରେ ବସି ସମୁଦ୍ର ଭିତରକୁ ଜାହାଜ ପାଖକୁ ଯିବାକୁ ପଡୁଥିଲା । ଜାହାଜ ଗୋପାଳପୁର ବନ୍ଦରକୁ ଆସୁନଥିଲା । ରେଙ୍ଗୁନ୍ ଯାତ୍ରୀମାନଙ୍କ ମଧ୍ୟରୁ କେହି କେହି ମରି ହଜି ଯାଉଥିଲେ କିନ୍ତୁ ଅନେକେ ଟଙ୍କା ପଇସା ଧରି ଘରକୁ ଫେରୁଥିଲେ । ଜଣେ ରେଙ୍ଗୁନ୍ ଫେରନ୍ତା ଯୁବକ-ରେଙ୍ଗୁନରୁ ବେଶ୍ ଦୁଇ ପଇସା ଅର୍ଜନ କରି ଆଣିଛି । ତାଙ୍କରେ ସୁନା ଲାଗି ମାରିଛି- ବେକରେ ୨ ଭରି ଓଜନର ଗୋଟିଏ ମାଳ ପିନ୍ଧିଛି-ଗାଁ ଲୋକଙ୍କ ଭିତରେ ବାରି ହୋଇ ଯାଉଛି । ଦିନେ ଥାନା ସାମନାରେ ଯାଉଥିଲା । ଦାରୋଗାଙ୍କର ଦୁର୍ଦ୍ଦଣ୍ଡ ପ୍ରତାପ କଥା କିଛି ଜାଣି ନଥାଏ । ଦାରୋଗା ବାବୁଙ୍କ ବିଶାଳ ବପୁ ଦର୍ଶନ କରିବା

# ରକ୍ତତୀର୍ଥ ତୁଡ଼ିଗଡ଼ିଆ

**ଶ୍ରୀ ହୃଷିକେଶ କାଣ୍ତି**

ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ସୋରୋ, ଖଇରା ଓ ଶିମୁଳିଆ ଥାନାର କେନ୍ଦ୍ରସ୍ଥଳରେ ରହିଛି ରକ୍ତତୀର୍ଥ 'ତୁଡ଼ିଗଡ଼ିଆ' । ମୁକ୍ତି ସଂଗ୍ରାମର ଏହି ଅଞ୍ଚଳର ଦେଶପ୍ରେମୀମାନେ ଯେଉଁ ବୀରତ୍ୱ ପ୍ରଦର୍ଶନ କରିଥିଲେ ତାହା ଭାରତ ଇତିହାସରେ ବିରଳ । ବିଶେଷତଃ ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ସମୟରେ ତୁଡ଼ିଗଡ଼ିଆ ଅଞ୍ଚଳର ଆନ୍ଦୋଳନକାରୀମାନେ ଅଭୂତପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିଲେ । ସେହିବର୍ଷ ସେପ୍ଟେମ୍ବର ୬ଓ ତାରିଖ ଦିନ ସ୍ଥାନୀୟ କଂଗ୍ରେସ କର୍ମୀ ଶ୍ରୀ କୃଷ୍ଣଚନ୍ଦ୍ର ଜେନା, ଶ୍ରୀ ଚିନ୍ତାମଣି ପଣ୍ଡା, ଓ ଶ୍ରୀ ପୁରୁଷୋତ୍ତମ ପାତ୍ରୀ ଗାନ୍ଧିଜୀଙ୍କ "କର ଅବା ମର" ଧ୍ୱନିକୁ ପ୍ରଚାର ଆରମ୍ଭ କରିଥିଲେ । ଜନ ସାଧାରଣ ଏହି ଧ୍ୱନୀରେ ଉଦ୍‌ବୁଦ୍ଧ ହୋଇ ସଂଗ୍ରାମ ମଧ୍ୟକୁ ଝାସଦେଲେ ।

ଏହି ଅଞ୍ଚଳର ଅନ୍ୟତମ ଉଦୀୟମାନ ଯୁବକ ଶ୍ରୀ ବୈଦ୍ୟନାଥ ରାଉତ ୧୯୪୨ ମସିହାର ମୁକ୍ତି ସଂଗ୍ରାମରେ ନେତୃତ୍ୱ ନେଇଥିଲେ । ସେପ୍ଟେମ୍ବର ୨୨ତାରିଖ ଦିନ ତୁଡ଼ିଗଡ଼ିଆ ହାଟପାଳି ଥାଏ । ଶ୍ରୀଯୁକ୍ତ ବୈଦ୍ୟନାଥ ରାଉତ କେତେଜଣ କଂଗ୍ରେସ କର୍ମୀଙ୍କୁ ନିଜ ସଙ୍ଗରେ ନେଇ ହାଟ ପଡ଼ିଆକୁ ଗଲେ । ହାଟରୁ କିଛି ଚାନ୍ଦା ସଂଗ୍ରହ କରିବା ଓ ଲୋକମାନଙ୍କ ମନରେ ବିଦ୍ରୋହାଗ୍ନି ପ୍ରଜ୍ୱଳିତ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଖବର କେତେଜଣ କାନଫୁଙ୍କା ଲୋକ ପୋଲିସ ପାଖରେ ପହଞ୍ଚାଇ ଦେଲେ । ସଙ୍ଗେସଙ୍ଗେ ହାଟ ଘେରିପଡି ଘେରାଉ କରାଗଲା । ବିପ୍ଳବର ନେତା ଶ୍ରୀ ବୈଦ୍ୟନାଥ ରାଉତଙ୍କୁ ଗିରଫ କରାଗଲା । ଏହି ଖବର ସଙ୍ଗେସଙ୍ଗେ ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା । ଆଖ ପାଖ ଗାଁର ଲୋକମାନେ ପୋଲିସ କ୍ୟାମ୍ପ ପାଖରେ ଜୁଳ ହୋଇଗଲେ । ସମସ୍ତେ ଏକସ୍ୱରରେ କହିଲେ ବୈଦ୍ୟନାଥ ରାଉତଙ୍କୁ ଖଲାସ କର । ପୋଲିସ ପକ୍ଷରୁ ଅମାନୁଷିକ ଲାଠିଚାର୍ଜ ହେବାରୁ ଜଣେ କଂଗ୍ରେସ କର୍ମୀଙ୍କ ମୁଣ୍ଡ ଫାଟିଲା । ତଥାପି ଉତ୍ୟକ୍ତ ଜନତା ନୀରବ ରହିଲା ନାହିଁ । ପୋଲିସ ଓ ଚୌକିଦାରଙ୍କ ଉପରେ ପ୍ରତି ଆକ୍ରମଣ କରାଗଲା । ପୋଲିସ ପୋଷାକ, ବିଜ୍ଞପଣାପତ୍ର, ମଶାରୀ ଓ ଯୋତା ପୋଡ଼ି ଦିଆଗଲା । ପ୍ରାଣ ଭୟରେ ପୋଲିସ ବାହିନୀ ପଛଘୁଞ୍ଚା ଦେଇ ବିଭିନ୍ନ ସ୍ଥାନରେ ଲୁଚି ରହିଲେ । ଏହି ଖବର ବାଲେଶ୍ୱରସ୍ଥିତ ଏସ. ପି. ଙ୍କ ପାଖରେ ପହଞ୍ଚିଲା ।

୧୯୪୨ ମସିହା ସେପ୍ଟେମ୍ବର ଚବିଶ ତାରିଖ ଦିନ ବାଲେଶ୍ୱରଠାରୁ ପୋଲିସ ଫୋର୍ସ ଆସି ତୁଡ଼ିଗଡ଼ିଆରେ ପହଞ୍ଚିଥିଲେ । ସଙ୍ଗେସଙ୍ଗେ ବିପ୍ଳବର କର୍ଣ୍ଣଧାର ବୈଦ୍ୟନାଥ ରାଉତଙ୍କୁ ଗ୍ରେପ୍ତାର କରିବା ଲାଗି ତନାଘନା ଉଦ୍ୟମ ଆରମ୍ଭ ହେଲା । ପୋଲିସ ଆସିବା ଖବର ଶୁଣି ଲୋକମାନେ ଶଙ୍ଖ ବଜାଇ ଗାଁରୁ ଗାଁକୁ ଏ ସମ୍ବାଦ ପ୍ରଚାର କରିଦେଲେ । ଶଙ୍ଖ ଶବ୍ଦଶୁଣି ଆଖପାଖ ଗାଁର ଲୋକେ ଗୋଟିଏ ସ୍ଥାନରେ ଜୁଳହେଲେ । ପୋଲିସ କର୍ମକର୍ତ୍ତା ଲୋକମାନଙ୍କୁ ଘୁଞ୍ଚିଯିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ସମବେତ ଜନତା ତିଳେ ମାତ୍ର ପଛଘୁଞ୍ଚା ଦେଲେ ନାହିଁ । ବିକ୍ଷୁବ୍ଧ ଜନତା ସମ୍ମୁଖରେ ପୋଲିସ ଅଧିକ ସମୟ ରହିବାକୁ ନିରାପଦ ନ ମଣି କ୍ୟାମ୍ପକୁ ଫେରି ଯାଇଥିଲେ । ଏହି ଘଟଣା ଆନ୍ଦୋଳନକାରୀଙ୍କ ମନରେ ଅଭୂତପୂର୍ବ ଜାଗରଣ ଆଣିଥିଲା ।

ତା'ପର ଦିନଠାରୁ ଆଖପାଖ ଗ୍ରାମରେ ବିପ୍ଳବାତ୍ମକ କାର୍ଯ୍ୟଗୁଡ଼ିକ ଜୋରଦାର ଭାବେ ଆରମ୍ଭ ହୋଇଗଲା । ଆନ୍ଦୋଳନକାରୀଗଣ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ ଲାଗି 'ଛଚରା' ଗ୍ରାମଠାରେ ଏକତ୍ରିତ ହେଲେ । ଅସ୍ୱାଭାବିକ ଶଙ୍ଖ ଶବ୍ଦ ଶୁଣାଗଲା । ସମସ୍ତେ ଖଇରାଡ଼ିହ ଗାଁ ଆଡ଼କୁ ମୁହାଁଇଲେ । କାରଣ ବିପ୍ଳବର କର୍ଣ୍ଣଧାର ବୈଦ୍ୟନାଥ ରାଉତଙ୍କ ଘର ସେହି ଖଇରାଡ଼ିହ ଗ୍ରାମରେ । ସେହି ଦିଗରୁ ମଧ୍ୟ ଶଙ୍ଖ ଶବ୍ଦ ଶୁଣାଯାଇଥିଲା ।

ଏହି ଘଟଣାର ପୂର୍ବଦିନ ପୋଲିସ ଫୌଜ ଆସି ବୈଦ୍ୟନାଥ ବାବୁଙ୍କ ଘର ଖାନତଲାସି କରିସାରିଥିଲେ । ତାଙ୍କ ବାପା ଶିବ ପ୍ରସାଦ ରାଉତଙ୍କୁ ଭୀଷଣ ପ୍ରହାର କରିଥିଲେ । ଗାଁ ଦାଣ୍ଡରେ ପୋଲିସ ଫୋର୍ସ ପଇଁତରା ମାରି ବାହାରୁ ଆସୁଥିବା ଉତ୍ୟକ୍ତ ଜନତାଙ୍କୁ ଘଉଡ଼ାଇ ଦେବା ଲାଗି ଅସ୍ୱାଭାବିକ ଗୁଳିଚାଳନା ଆରମ୍ଭ କରିଦେଲେ । ସବୁରି ଆଗରେ ବୀର ସଂଗ୍ରାମୀ ରଘୁ ବେହେରା ଓ ମକର ଲେଙ୍କା ବନ୍ଧୁକ ଗୁଳିରେ ଟଳି ପଡ଼ିଲେ । ଆଉ କେତେଜଣ ଦେଶପ୍ରେମୀ ଗୁରୁତର ଭାବେ ଆହତ ହେଲେ । ବିପ୍ଳବୀ ନେତା ବୈଦ୍ୟନାଥ ରାଉତଙ୍କ ଘର ପୋଲିସ ଫୌଜ ଲୁଟତରାଜ କରି ବାସନକୁସନ, ଲୁଗାପଟା ଓ ଗହଣା ଗାଣ୍ଠି ନେଇଗଲେ ।

କଥା ସେତିକିରେ ସରିଲାନାହିଁ । ଶହୀଦମାନଙ୍କ ମୃତ ଶରୀରକୁ ପୋଲିସ କବଳରୁ ଆଣିବା ଲାଗି ଲୋକେ ଜିଦ୍ ଧରିଲେ । ପ୍ରାୟ ତିନି ହଜାର ବିକ୍ଷୁବ୍ଧ ଜନତା ଏକତ୍ରିତ ହୋଇ ତୁଡ଼ିଗଡ଼ିଆ ଆଡ଼କୁ ଅଗ୍ରସର ହେଲେ । ସଙ୍ଗେସଙ୍ଗେ ପୋଲିସ ତରଫରୁ ଗୁଳିଚାଳନା କରାଗଲା । ଗୁଳିମାଡ଼ରେ ବୀର ଜେନୁ ସାହୁ ଟଳି ପଡ଼ିଲେ । ବାରମ୍ବାର ଗୁଳିଚାଳନା ହେବାରୁ ଜନତା ଛତ୍ରଭଙ୍ଗ ଦେଲେ ।

ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ପୋଲିସ ତରଫରୁ ବିପ୍ଳବର ମୁଖ୍ୟ ବୈଦ୍ୟନାଥ ରାଉତ ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଘର ଲୁଟପାଟ କରାଗଲା । ନିରୀହ ଲୋକମାନଙ୍କଠାରୁ ପିଟୁଣୀ ଟିକସ (ସମୂହ ଜୋରିମାନା) ଆଦାୟ କରାଗଲା । ଅନେକ ଦେଶପ୍ରେମୀଙ୍କୁ ଗ୍ରେପ୍ତାର କରାଗଲା । ଶେଷରେ ବିପ୍ଳବର ମୁଖ୍ୟ ବୈଦ୍ୟନାଥ ରାଉତ ପୋଲିସ ଦ୍ୱାରା ଗିରଫ ହେବା ପରେ ଆନ୍ଦୋଳନ ମ୍ଳାନ ହୋଇପଡ଼ିଲା । ତଥାପ ତୁଡ଼ିଗଡ଼ିଆର ସେହି ଅବିସ୍ମରଣୀୟ ଶହୀଦ୍‌ଗଣ ଦେଶଲାଗି ବଳିଦାନ ପୂର୍ବକ ଅମର ନମସ୍ୟ ହୋଇଛନ୍ତି ।

---

ତଣାହାଟ ଜନବିଦ୍ୟା ମନ୍ଦିର
ଗ୍ରାମ/ପୋଷ୍ଟ : ତଣାହାଟ, ଜିଲ୍ଲା : ପୁରୀ

ସତକୁ ସତ ସେଦିନ ଘଡି ୧୦ଟାରେ ହାତୀ ଆସିଲା । ଆଖୁବାଡ଼ି ବାଡ଼ ଭାଙ୍ଗି-ଆଖୁଗଛ ଉପାଡ଼ିଲା-ଖଳାବାଡ଼ି ଭିତରେ ପଶିଲା-ଖଡଗଦାଏ ଥିଲା ଭାଙ୍ଗିଲା-ଆଖୁଗଛ ଉପାଡ଼ିଲା ଭିତରେ କିଛିସମୟ ଖେଳିଲା । ପର୍ବତ ହାତୀ ସେଇ ତାକୁ ଶୁଣ୍ଢରେ ପଡ଼ାର ଗଡ଼ାଇ କିଛିସମୟ ଖେଳିଲା । ଏନ୍. ଏସ୍. ଗଡ଼ାଇବା ପରି ଗୋଟାଏ କାଠ ସେଇର ଗଡ଼ାଇବାକୁ ଲାଗିଲା । ଏନ୍. ଏସ୍. ଏସ୍ ପିଲମାନେ ତଳେ ଛପର ଛାଉଣୀ ଘରେ ୧ ଜୁଲାଇନ ଗ୍ରାଉଣ୍ଡ ଘଞ୍ଚାରେ ପୁରାଇ ରଖିଥିଲେ । ହାତୀ ସେଥିରୁ ୧୦ କେଜି ଗ୍ରାଉଣ୍ଡ ଉପରସ୍ଥ କଳ-ବାଲୀ ଗ୍ରାଉଣ୍ଡ ଶୁଣ୍ଢରେ ଉଠାଇ ବାହାରେ ଫିଙ୍ଗିଦେଲା, ପଶୁକୋଡି ଥିଲା, ତାକୁ ଖାଇଲା, ତାପରେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଗଲା । ଡିସେମ୍ବର ୨୦ ତାରିଖ ମଧ୍ୟରାତ୍ରିରେ ଜଳକ୍ରୀଡ଼ା-ହସ୍ତୀକୁ ବୋଧହୁଏ ଜଳକ୍ରୀଡ଼ା ଆରାମ ଦାୟକ ହେଉଥିବ ନୋହିଲେ ସେହିରାତିରେ (୧୦ଟାରୁ ସେଇ ୪ଟାଯାଏଁ) ହାତୀ ପୋଖରୀରେ ଦୁଇଥର ସ୍ନାନ କରିଥାଆନ୍ତା କାହିଁକି ?

ସ୍ନାନ ଶେଷକରି ହାତୀ ପୁନର୍ବାର ଖଳାବାଡ଼ି ଭିତରକୁ ଆସିଲା । ସେ ଜାଣେ ଏଠାରେ ମଣିଷ ଅଛନ୍ତି । ଏନ୍. ଏସ୍. ଏସ୍. ସଂସ୍ଥାର ସବୁ-ଛାତ୍ରମାନେ ଏବଂ ଶିକ୍ଷକ କୋଠାଘର ଛାତ ଉପରକୁ ଉଠିଯାଇ ସେଠାରେ ଡମ୍ବ ପକାଇ ଡିସେମ୍ବର ମାସର ଶୀତକଷ୍ଟରୁ ଆପଣାକୁ ରକ୍ଷା କରୁଥିଲେ । ହାତୀ ଗପଦ୍ ବରେ ସମସ୍ତେ ଅତିଷ୍ଠ ଏବଂ ଭୟଭୀତ-ଶିକ୍ଷକ ମହାଶୟ ହସ୍ତୀକୁ ଅନୁନୟ କରି କହିଲେ-ଯାହା ଖାଉଛ ଖାଅ-ଯାହା ଧ୍ୱଂସ କରୁଛ କର-ମାତ୍ର ଭଲରେ ଭଲରେ ଫେରିଯାଅ । ହାତୀ ମଣିଷକଥା ଶୁଣିଲା-ମାତ୍ର ବୁଝିଲା କି ନାହିଁ ସେ ଜାଣିଥିବ-ସୁନାପିଲଟି ପରି ଖଳାବାଡ଼ି ଛାଡ଼ି ବାହାରକୁ ଚାଲିଗଲା । ପରଦିନ ଘଡି ୧୦ଟା ପରିବର୍ତ୍ତେ ଘଡି ୭ଟାରେ ହାତୀ ଖଳାବାଡ଼ି ପାଖରେ ପହଞ୍ଚିଲା । ଛାତ୍ର ଏବଂ ଶିକ୍ଷକମାନେ ହାତୀଭୟରେ ରାତହାଲି ତରକାରୀଧରି ଛାତ ଉପରକୁ ଚାଲିଯାଇଥିଲେ-ସଂଧ୍ୟା ପୂର୍ବରୁ ଭୋଜନ ସରିଥିଲା । ପୂର୍ବଦିନ ପରି ହାତୀ ତାର କ୍ରୀଡ଼ା ଆରମ୍ଭ କରିଦେଲା-ଆଖୁବାଡ଼ିରେ ପଶି ଗଛସବୁ ଭାଙ୍ଗିଲା-ବାଡ଼ଭାଙ୍ଗିଲା-ପୋଖରୀରେ ଗାଧୋଇଲା ଏବଂ ସେଇ ୪ଟାରେ ଘନଜଙ୍ଗଲ ମଧ୍ୟକୁ ଚାଲିଗଲା । ପରଦିନ ସକାଳେ ଏନ୍.ଏସ୍.ଏସ୍. ଅଫିସର-ମାନେ ସଂପୃକ୍ତ ଅଧ୍ୟକ୍ଷ ମହୋଦୟଙ୍କ ଅନୁମତିକ୍ରମେ ସେଠାରୁ କ୍ୟାମ୍ପ ଭାଙ୍ଗିଦେଇ ଅନ୍ୟତ୍ର ଚାଲିଗଲେ ।

ଏବେ ସରକାର ହସ୍ତୀ ତଥା ବଣ୍ୟପଶୁଙ୍କର ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଅଭୟାରଣ୍ୟ ସୃଷ୍ଟି କରେଣ । ଆମ ଗଡ଼ଜାତ ଅଞ୍ଚଳରେ ବାଘ, ଭାଲୁ ଆଉ ଦେଖିବାକୁ ମିଳୁନାହାନ୍ତି । ସେତେବେଳେ ଖାଁଡ଼ଗି ନ ବାଘଭୟ ପ୍ରବଳ ହେଉଥିଲା । ବାଘ କେଉଁଠି ଗାଈ ମାରି ଖାଇଗଲାଣିତ କେଉଁଠି ପୋଢ଼ୁଅ ମାରିଲାଣି-କେଉଁଠି ମଣିଷକୁ ନେଇଗଲାଣି । ୧୯୪୨ ମସିହା କଥା-ଆମ ପଣ୍ଡିତଙ୍କଗାଈ ଗୋଠରେ ଯାଉଥିଲା । ଗଉଡ଼ ଗୋଠ ନେଇ ଜଙ୍ଗଲ ଭିତରକୁ ଗଲା-ଏବେ ଯେଉଁଠାରେ ଓଡ଼ଗାଁ ମହାବିଦ୍ୟାଳୟ ଅବସ୍ଥିତ ସେଠାରେ ସେତେବେଳେ ଘୋରଜଙ୍ଗଲ-ମହାବଳ ବାଘ ପଣ୍ଡିତଙ୍କ ଗାଈ ଉପରକୁ ଲମ୍ଫଦେଲା-ତାର ବେକ ଦାନ୍ତରେ କାମୁଡ଼ିଧରି ଗାଈଟାକୁ ଭିଡ଼ିନେବାକୁ ଚେଷ୍ଟା କଲାବେଳେ ଗଉଡ଼ ସମେତ ଅନେକ ଲୋକ ହୋ-ହାଲ୍ଲାକରି ଧାଇଁବାରୁ ପରିସ୍ଥିତି ସୁବିଧାଜନକ ନୁହେଁ ବୋଲି ଭାବି ମହାବଳ ଗଭୀର ଅରଣ୍ୟ ମଧ୍ୟକୁ ଫେରିଗଲା । ଗାଈଟି ରକ୍ତସ୍ନାନକରି ପଡିଥିଲା । ତାକୁ ଲୋକମାନେ ପଣ୍ଡିତଙ୍କ ଘରକୁ ଟେକି ଆଣିଲେ । ଗୁଆଘିଅ ଏବଂ କଉଡ଼ିପୋଡ଼ି କ୍ଷତସ୍ଥାନରେ ବାନ୍ଧିଦିଆଗଲା । ମାସକପରେ ଗାଈ ସଂପୂର୍ଣ୍ଣ ସୁସ୍ଥହେଲା ।

କେବଳ ଗୋରୁ ଗାଈ ନୁହନ୍ତି ମଣିଷ ମଧ୍ୟ ହିଂସ୍ରଜନ୍ତୁଙ୍କ ହାବୁଡ଼ରେ ପଡ଼ନ୍ତି । ଥରେ ଥରେ ହିଂସ୍ର ପଶୁମାନେ ଗାଁର ସୀମା ଭିତରକୁ ମାଡ଼ିଆସି ଉପଦ୍ରବ କରନ୍ତି । ଦିନକରକଥା-ଆମଗାଁ ରଥେ ଆପଣେ ବାଣ ପୋଖରୀ ତୁଡ଼ାରେ ବସି ଝାଡ଼ା ଫେରୁଥିଲେ-ସକାଳ ହୋଇନି-ଅନ୍ଧାର ଛାଡ଼ିନ୍ତୁ-ଭାଲୁ ବିଚରା ଇଆଡ଼ ସେପଟ ହୋଇ ମୁଣ୍ଡିଆକୁ ଧାଇଁଛି । ଦିନର ଆଲୁଅ ଆସିବା ପୂର୍ବରୁ କେମିତି ଜଙ୍ଗଲ ଭିତରେ ପଶିଯିବ । ବାଟରେ ହାବୋଡ଼ିଲା ରଥ ଆପଣଙ୍କୁ-କାନ୍ଧକୁ ପୁରାଏ ଏବଂ ବାହାକୁ ପୁରାଏ କାମୁଡ଼ିବା ପରେ କୌଣସି ପ୍ରକାର ପ୍ରତିରୋଧ କିମ୍ବା ପ୍ରତିବାଦର ସମ୍ମୁଖୀନ ନହେବାରୁ ଭାଲୁ ରଥଙ୍କୁ ମୃତ କିମ୍ବା ଅଚଳ ଜୀବ ମନେକରି ପରିତ୍ୟାଗ ପୂର୍ବକ ଦକ୍ଷିଣାଭି-ମୁଖୀହେଲା-ରଥେ କାନରେ ୨ଥେବା ପଇତା ଦେଇଥିଲେ-କଥା କହିଲେ ମାର ହୋଇଯିବ । ଦକ୍ଷିଣ ଦିଗକୁ ମୁହଁ କରି ବସିଥିଲେ-ଭାଲୁରଦିଗକୁ କୁକୁରଟାଏ କାମୁଡ଼ିଛି ବୋଲି ମନରେ ଭାବି ଖୁବ୍ ନିମ୍ନସ୍ୱରରେ କହି ଚାଲିଥିଲେ-ମଲି- ଭୟାନା କଣ'ମ? ଭାଲୁ ଯେତେବେଳେ ଦକ୍ଷିଣାଭିମୁଖୀ ହେଲା ରଥେ ଆପଣେଭାଲୁକୁ ଦେଖି ଭୟରେ ଉତ୍ତରାଭିମୁଖୀ ହୋଇ ଦୌଡ଼ିବାକୁ ଆରମ୍ଭ କଲେ । ବାହୁମୂଳରୁ ରକ୍ତ ଧାର ଧାର ହୋଇ ବହିଯାଉଥାଏ । ଏହିପରି ଭାବରେ ପ୍ରତିବର୍ଷ କିଛି କିଛି ଲୋକ ବାଘ କିମ୍ବା ଭାଲୁ ହାବୁଡ଼ରେ ପଡ଼ି ପ୍ରାଣ ହରାଉଥିଲେ । ହସପିଟାଲରେ ପ୍ରତିବର୍ଷ ଶୀତଋତୁରେ ଗୋଟାଏ ଦୁଇଟା ବାଘଖିଆ ନୋହିଲେ ଭାଲୁଖିଆ ଲୋକ ଚିକିତ୍ସିତ ହେଉଥିବା କଥା ।

ଏହି ଅରଣ୍ୟ ଅଧ୍ୟୁଷିତ ଅଞ୍ଚଳ ପ୍ରଜାମଣ୍ଡଳୀ କର୍ମୀମାନଙ୍କ ପାଇଁ ଅଭେଦ୍ୟ ଦୁର୍ଗ ସଦୃଶ ଥିଲା । ରାଜସରକାରଙ୍କର ଦୃଷ୍ଟି ଅନ୍ତରାଳରେ ଏହିଘନ ଜଙ୍ଗଲ ମଧ୍ୟରେ ଆନ୍ଦୋଳନ ପାଇଁ ବିଭିନ୍ନ କର୍ମପନ୍ଥା ଗ୍ରହଣ କରଯାଉ ପାରୁଥିଲା । ଅରଣ୍ୟ ଅଞ୍ଚଳର ଆଦିବାସୀ ଲୋକମାନେ ଅତ୍ୟନ୍ତ ସରଳ ଏବଂ ବିଶ୍ୱାସୀ ଥିଲେ । ପ୍ରଜାମଣ୍ଡଳର କର୍ମୀମାନଙ୍କୁ ସେମାନେ ଆପଣାର ଲୋକ ବୋଲି ବିଶ୍ୱାସ କରୁଥିଲେ । ସେମାନଙ୍କର ଅତିଥିସେବାର ପଟ୍ଟାନ୍ତରନାହିଁ । କନ୍ଧ ଗାଁରେ କେହି ଅତିଥି ପହଂଚିଗଲେ କନ୍ଧମାନେ ତାକୁ ଖୁବ୍ ଆଦର ଯତ୍ନ କରନ୍ତି । ଚାଉଳ ନୋହିଲେ ମାଣ୍ଡିଆ ଚୁନା ରାନ୍ଧିବା ପାଇଁ ଦିଅନ୍ତି । ବାଇଗଣ, ସାରୁ, କଦଳୀ, ପାଣିଆଳୁ ଯାହାଥାଏ ତରକାରୀ କରିବା ପାଇଁ ଦିଅନ୍ତି--ଲୁଣ, ସୋରିଷ,କାଠ ଆଉ ହାଣ୍ଡି ଯୋଗାଇ ଦିଅନ୍ତି । ବେଳେବେଳେ ଶୁଖିଲା ମାଂସ ଖାଇବାକୁ ମିଳିଥାଏ । ସେ ମାଂସ ପାଣିରେ ଅନେକ ସମୟ ପକାଇବା ପରେ ରନ୍ଧାଯାଏ ।

ପ୍ରଜାମଣ୍ଡଳର କର୍ମୀମାନେ ଗାଁ ଗଣ୍ଡା ଘରଦୁଆର ପିଲାଝିଲା ଛାଡ଼ି ବଣଜଙ୍ଗଲରେ ଗାଁ କୁ ଗାଁ ବୁଲି ଗାନ୍ଧୀ ନେହୁରୁ ସୁବାସଙ୍କ ବାର୍ତ୍ତା ପ୍ରଚାର କରୁଥିଲେ । ବାପୁଜୀଙ୍କ ହାତମୁଠା ଟାଣ କରିବା ପାଇଁ ଲୋକମାନଙ୍କୁ ବୁଝାଉଥିଲେ । ସ୍ୱରାଜ ପାଣି ପାଇଁ ସ୍ୱଧା ଅତ୍ତୁର କରୁଥିଲେ । ଶୀତ କାକରରେ ବଣଜଙ୍ଗଲରେ କଷ୍ଟ ଭୋଗ କରୁଥିଲେ । କନ୍ଧମାନଙ୍କ ଘରି ସୁଆଁ ଚାଉ, ମାଣ୍ଡିଆ ଜାଉ, ଆମ୍ବ ଟାକୁଆ ଡାଲି ଏବଂ ଫଳମୂଳ ଖାଇ ବଂଚୁଥିଲେ । ସେତେବେଳର ସେହି ନିଃସ୍ୱାର୍ଥପର କର୍ମୀମାନଙ୍କ ମଧ୍ୟରୁ ଏବେ ମଧ୍ୟ ଅନେକେ ବଂଚି ରହିଛନ୍ତି-ସେମାନେ ବ୍ୟକ୍ତି ନୁହନ୍ତି ପ୍ରତ୍ୟେକେ ଏକ ଏକ ଅନୁଷ୍ଠାନ-ସେମାନଙ୍କର ଅଭୂତପୂର୍ବ ତ୍ୟାଗରେ ଆଜିର ଏହି ସ୍ୱାଧୀନତା । ସେହି ସ୍ୱାଧୀନତା ସଂଗ୍ରାମୀମାନେ ଆଜି ଏ ଜାତିର ଶ୍ରଦ୍ଧାଭକ୍ତି ଅନେକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ-ନୁହେଁ-ସରକାରଙ୍କ ପ୍ରଦତ୍ତ ଭତ୍ତାରେ ସେମାନେ ବ୍ୟୟ ନିର୍ବାହ କରୁଛନ୍ତି ।

ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ରାଜେନ୍ଦ୍ର କଲେଜ, ବଲାଙ୍ଗିର ।

ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ଦିଗରେ ଆମର ଉଦ୍ୟମ ସର୍ବଜନବିଦିତ । ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଓ ବିଦ୍ୟୁତ୍‌ଶକ୍ତିର ପ୍ରସାର, କୃଷି ଉତ୍ପାଦନ ଓ ଶିଳ୍ପର ବିକାଶ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିକ୍ଷା, ପର୍ଯ୍ୟଟନ, ଶିଳ୍ପ କ୍ଷେତ୍ରରେ ବିଶେଷ ଉଦ୍ୟମ ଚାଲୁ ରହିଛି । ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ



ଥିଲ– ଦେଶର ସ୍ୱାଧୀନତା କର୍ମୀମାନଙ୍କୁ ଅସହଯୋଗ ଆନ୍ଦୋଳନ ନିଷ୍କ୍ରିୟ ପ୍ରତିରୋଧ, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ବିଦେଶୀ ଦ୍ରବ୍ୟ ବର୍ଜନ, ଜାତୀୟ ଶିକ୍ଷାପଦ୍ଧତି ପ୍ରଚଳନ, ସରକାରୀ ଅଦାଲତର ସାହାଯ୍ୟ ବିନା ମକଦ୍ଦମାର ଫାଇସ କରିବା ଇତ୍ୟାଦି ବିଷୟରେ ଜ୍ଞାନଦାନ କରିବା ଓ ସେମାନଙ୍କୁ ଜାତୀୟ ଆନ୍ଦୋଳନର ଉପଯୁକ୍ତ କରି ଗଢ଼ି ତୋଳିବା । ଷ୍ଟେଟସ୍‌ମ୍ୟାନର ତତ୍‌କାଳୀନ ସଂପାଦକ ମିଃ. ରାଟକ୍ଲିଫ୍ କେତେବର୍ଷ ତଳେ "ମାଞ୍ଚେଷ୍ଟର ଗାର୍ଡିଆନ" କାଗଜରେ ଲେଖିଥିଲେ ଯେ ଭାରତୀୟ ସାମ୍ବାଦିକତାର ଇତିହାସରେ "ବନ୍ଦେ ମାତରମ୍"ର ଆବିର୍ଭାବ ଥିଲ ଏକ ଅଭୂତପୂର୍ବ ଘଟଣା । ଶକ୍ତିଶାଳୀ ବୈପ୍ଳବିକ ଭାଷା ଓ ପ୍ରଖର ବୁଦ୍ଧିମତ୍ତାରେ ପତ୍ରିକାର ପ୍ରତିପୁଷ୍ଟା ଥିଲ ପ୍ରଦୀପ୍ତ । କାଳକ୍ରମେ ବଙ୍ଗଦେଶରେ ଜାତୀୟତା ବୋଧ ଆନ୍ଦୋଳନର ପ୍ରଧାନ ପରିଚାଳକ ରୂପେ ଶ୍ରଦ୍ଧେୟ ଅରବିନ୍ଦ ଅଭ୍ୟର୍ଥିତ ହେଲେ । ଭାରତୀୟ ଜାତୀୟ କଂଗ୍ରେସର ଗୋଟିଏ ଜରୁରୀ ଅଧିବେଶନ ଦାଦାଭାଇ ନାରୋଜୀଙ୍କର ସଭାପତିତ୍ୱରେ କଲିକତାରେ ୧୯୦୬ ମସିହା ଡ଼ିସେମ୍ବର ମାସରେ ଅନୁଷ୍ଠିତ ହୋଇଥିଲ । ସର୍ବପ୍ରଥମେ ଭାରତର ଏହି ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲ ଯେ ଭାରତୀୟ ଜାତୀୟ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହୋଇବର "ପୂର୍ଣ୍ଣ ସ୍ୱାଧୀନତା ଲଭ" ।

ଆଜି ଏକଥା ସ୍ୱୀକୃତ ଯେ ଶ୍ରୀ ଅରବିନ୍ଦ ହେଉଛନ୍ତି ଭାରତୀୟ ଜନତାର ପ୍ରଥମ ସନ୍ତାନ ଯେ କି ପ୍ରକାଶ୍ୟ ଭାବରେ ଆପୋଷହୀନ ସ୍ୱାଧୀନତାର ଦାବୀ ଉପସ୍ଥାପିତ କରିଥିଲେ । ଝଡ଼ୀଭୂତ ସାମ୍ରାଜ୍ୟର ସେଇ ଯୁଗରେ ଏପରି ଦାବୀ ଉଠାଇବା ପାଇଁ ଯେଉଁ ମାତ୍ରାର **ସାହାସ ଓ ତ୍ୟାଗର**—ପ୍ରସ୍ତୁତିର ପ୍ରୟୋଜନ ଥିଲ, ଆଜି ତାହା ସ୍ୱପ୍ନବତ୍ ପରି । ନେତାଜୀ ସୁଭାଷ ବୋଷ ତାଙ୍କ ପତ୍ରିକାରେ ଲେଖିଛନ୍ତି—"ଯେତେବେଳେ ଅଧିକାଂଶ ନେତା ସବୁ ଦିଗ ବଂଶ୍ରର କେବଳ ସ୍ୱାୟତ୍ତଶାସନ ପର୍ଯ୍ୟନ୍ତ ଦାବୀ କରିବାକୁ ପ୍ରସ୍ତୁତ ଥିଲେ ସେତେବେଳେ ଏକା ଶ୍ରୀଅରବିନ୍ଦ ସ୍ୱାଧୀନତାର ଉଦାର ଆହ୍ୱାନ ଶୁଣାଇ-ଥିଲେ । ସଂପୂର୍ଣ୍ଣ ଅବିଚଳିତ ଭାବରେ ସେ କାରାଦଣ୍ଡ ସହିଥିଲେ । .........
୧୯୧୩ ମସିହାରେ ମୁଁ କଲିକତା ଆସିଲି । ସେତେବେଳକୁ ଶ୍ରୀଅରବିନ୍ଦ ଏକ ଅଭାବନୀୟ ଶ୍ରଦ୍ଧାୟୁତନାମ । କ୍ୱଚିତ କୌଣସି ନେତାଙ୍କ ସଂପର୍କରେ ଲୋକେ ଏତେ ଭାବବିହ୍ୱଳ ହୋଇ ଆଲୋଚନା କରୁଥିବେ । ଏହି ମହାନ ବ୍ୟକ୍ତିତ୍ୱଙ୍କ ସଂପର୍କରେ କେତେ କାହାଣୀ ଶୁଣାଯାଉଥାଏ...........
"ନିଃସ୍ୱାର୍ଥପର ଦେଶପ୍ରୀତି ସହ ଯେଉଁ କେତେକ ମନିଷୀମାନେ ଜାତୀୟ ଜାଗରଣରେ ଝାସ ଦେଉଥିଲେ, ଶ୍ରୀ ଅରବିନ୍ଦ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଜାତୀୟତାର ଚେତନା ତାଙ୍କର ଅସ୍ଥିମଜ୍ଜାଗତ ହୋଇ ଯାଇଥିଲ । ଏଥିରୁ ସହଜରେ ଅନୁମେୟ ଯେ,ଜାତୀୟ ଜାଗରଣରେ ଶ୍ରୀଅରବିନ୍ଦ ଶୁଦ୍ଧ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ । କଲିକତାରେ ଅବସ୍ଥାନ କାଳରେ ଜାତୀୟ ଆନ୍ଦୋଳନ ସମୟରେ ରବୀନ୍ଦ୍ରନାଥ ଟାଗୋରଙ୍କ ସହିତ ଶ୍ରୀଅରବିନ୍ଦଙ୍କର ଅନେକ ସମୟରେ କେତେକ କାର୍ଯ୍ୟସୂଚୀ ବିଷୟରେ ଗଭୀର ଆଲୋଚନା ହେଉଥିଲ । ୧୯୦୭ ମସିହାରେ "ବନ୍ଦେମାତରମ୍" ପତ୍ରିକା ବିରୁଦ୍ଧରେ ବଙ୍ଗ ସରକାରଙ୍କର ମକଦ୍ଦମା ଚାଲୁଥିବା ସମୟରେ ବିଶ୍ୱକବି ରବୀନ୍ଦ୍ରନାଥ ଶ୍ରୀଅରବିନ୍ଦଙ୍କ ସଂବର୍ଦ୍ଧନା ସମ୍ବଳିତ ଏକ ବିଖ୍ୟାତ ରାବନ୍ତଶୀ କବିତା ରଚନା କରିଥିଲେ —"ଅରବିନ୍ଦ ରବୀନ୍ଦ୍ରେର ଲହ ନମସ୍କାର"

"ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର
ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶୀ ଆତ୍ମାର
ବାଣୀମୂର୍ତ୍ତି ତୁମେ, ତୁମଲାଗି ନୁହେଁ ମାନ
ଧନ, ପୁଣ୍ୟ, କ୍ଷୁଦ୍ର କୃପା ଅବା କ୍ଷୁଦ୍ର ଦାନ
ଇଚ୍ଛାତୁମେ କରିନାହିଁ କେବେ ଭିକ୍ଷା ଲାଗି
ରହିନାହିଁ ଆତୁର ଅଞ୍ଜଳି................................

ଓଡ଼ିଆ (ମର୍ମାନୁବାଦ)

ଶ୍ରୀ ଅରବିନ୍ଦ ଯେ କେବଳ ସ୍ୱାଧୀନତାର ଆଦର୍ଶରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ, ସେତିକି ନୁହେଁ ସେ ଦିଗରେ ଆନ୍ଦୋଳନ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ ଅନୁସୃତ ହେବା କଥା ସେସବୁ ମଧ୍ୟ ଉପସ୍ଥାପିତ କରିଥିଲେ । ସେ ସବୁ ହେଲ–ଅସହଯୋଗୀ, ସ୍ୱଦେଶପ୍ରୀତି, ଇଂରାଜୀ ପଣ୍ୟଦ୍ରବ୍ୟ ବର୍ଜନ ଓ ଜାତୀୟ ଶିକ୍ଷା ପଦ୍ଧତି ପ୍ରଚଳନ । "ବନ୍ଦେ ମାତରମ୍" ପତ୍ରିକା ଜରିଆରେ ତାଙ୍କ ବାର୍ତ୍ତା ପରିବେଷଣ କରିବା ସଙ୍ଗେସଙ୍ଗେ ଜନସଭାମାନଙ୍କରେ ମଧ୍ୟ ସେ ଭାଷଣ ଦେଉଥିଲେ । ତାଙ୍କ ଭାଷଣ ଶୁଣିବାପାଇଁ ସର୍ବଦା ଯେଉଁ ଜନସମାବେଶ ହେଉଥିଲ, ସେ ସମାବେଶର କିୟଦଂଶମାତ୍ର ତାଙ୍କ ଇଂରାଜୀ ବକ୍ତୃତା ବୁଝୁଥିବେ । ସେ ପୁଣିଥିଲେ ଜଣେ ଧୀରସ୍ଥିର ବକ୍ତା । ଅଥଚ ବିସ୍ମୟର କଥା ହେଲ, ସମଗ୍ର ସମାବେଶ ମନ୍ତ୍ରମୁଗ୍ଧ ଭଳି ବସିରହି ତାଙ୍କ କଣ୍ଠସ୍ୱର ଶୁଣୁଥିଲ । ଲଣ୍ଡନ ଟାଇମ୍‌ସ କାଗଜ ଦିନକର ଗୋଟିଏ ସଭାର ବିବରଣୀ ଦେଇ ଲେଖିଛନ୍ତି ଏହି ମର୍ମରେ : "ସେଦିନ ପାଞ୍ଚହଜାର ଲୋକ ସଭାରେ ଉପସ୍ଥିତଥିଲେ । ଯେତେବେଳେ ବଡ଼ବଡ଼ ବକ୍ତାମାନେ ବି ଜନତାକୁ ଅନୁପ୍ରାଣିତ କରିପାରିଲେ ନାହିଁ, ଠିକ୍ ସେତିକିବେଳେ ହଠାତ୍ ଦେଖାଗଲ ସଭାମଞ୍ଚର ଗୋଟିଏ କଣରେ ଶ୍ରୀ ଅରବିନ୍ଦ ଛିଡ଼ା ହୋଇଛନ୍ତି । ବାସ୍, ସେତିକିରେ ବିରାଟ ଜନତାର କରତାଳି ଓ ଉଲ୍ଲାସ ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହେଲ । ନିଃସନ୍ଦେହରେ ଶ୍ରୀ ଅରବିନ୍ଦହିଁ ହେଲେ ସେ ସଂଧ୍ୟାର ଅବିସମ୍ବାଦିତ ନାୟକ । (He was Unquestionably the hero of the evening)" । ୧୯୦୭ ମସିହା ଡ଼ିସେମ୍ବର ୨୬ ତାରିଖରେ ଅନୁଷ୍ଠିତ ହେଲ ଐତିହାସିକ ସୁରାଟ କଂଗ୍ରେସ । ମାଂଦାପନ୍ଥୀ (Moderate) ମାନଙ୍କ ସହ ଜାତୀୟତାବାଦୀ ବା ଚରମପନ୍ଥୀ (Nationalist) ବା (Extremist) ମାନଙ୍କ ସଂଘର୍ଷ ସେଠାରେ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହେଲ । ମାଂଦାପନ୍ଥୀମାନେ ସ୍ୱଦେଶୀ ଅସହଯୋଗ ଓ ବିଦେଶୀ ପଣ୍ୟ ବର୍ଜନ ଭଳି ପଦକ୍ଷେପର ସମର୍ଥନମୂଳକ ପ୍ରସ୍ତାବ ଗ୍ରହଣ କରିବାକୁ ରାଜିନହେବା ଏ ସଂଘର୍ଷର କାରଣ । ଲୋକମାନ୍ୟ ତିଲକ ଓ ଶ୍ରୀ ଅରବିନ୍ଦଥିଲେ ଜାତୀୟତାବାଦୀମାନଙ୍କର ନେତା । ସେ ସମ୍ମିଳନୀ ଭାଙ୍ଗିଗଲ । ପରଦିନ ଶ୍ରୀ ଅରବିନ୍ଦଙ୍କ ସଭାପତିତ୍ୱରେ ଜାତୀୟତାବାଦୀମାନଙ୍କର ଏକ ବିରାଟ ସଫଳ ସମ୍ମିଳନୀ ଅନୁଷ୍ଠିତ ହେଲ । ଏହା ପରେପରେ ମାଂଦାପନ୍ଥୀମାନଙ୍କ ପ୍ରଭାବ ଧୀରେଧୀରେ ଅବଲୁପ୍ତ ହେଲ ।

ସମଗ୍ର ଜାତିର ମାନସ ପଟରେ ଲୋକମାନ୍ୟ ବାଳଗଙ୍ଗାଧର ତିଲକ ଓ ଶ୍ରୀ ଅରବିନ୍ଦ ହେଲେ ଅବିସମ୍ବାଦିତ ନାୟକ । ସର୍ବୋପରି ଯୁବଚିତ୍ତରେ ଶ୍ରୀଅରବିନ୍ଦଙ୍କୁ ସ୍ଥାନ ହେଲ ଅଦ୍ୱିତୀୟ । ସେତେବେଳେ ଯେଉଁଠାରେ ଶ୍ରୀ ଅରବିନ୍ଦ ପହଞ୍ଚୁଥିଲେ ସେଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଉଥିଲ । ୧୯୦୭ ମସିହା ଡିସେମ୍ବର ମାସରେ ମହାରାଷ୍ଟ୍ରୀ ଯୋଗୀ ବିଷ୍ଣୁ ଭାସ୍କର ଲେଲେଙ୍କ ସହିତ ଶ୍ରୀ ଅରବିନ୍ଦଙ୍କର ପରିଚୟ ହୋଇଥିଲ । ମନରେ ନିଶ୍ଚଳତା, ନୀରବତା ସମ୍ବନ୍ଧରେ ସେ ତାଙ୍କଠାରୁ କେତେକ ନିର୍ଦ୍ଦେଶ ପାଇଥିଲେ । ବୈପ୍ଳବିକ ଆନ୍ଦୋଳନ–ବିଶେଷ ତୀବ୍ର ଆକାର ଧାରଣ କରିବା ହେତୁ ଭାରତର ବିଭିନ୍ନ ସ୍ଥାନରେ ପ୍ରବଳ ବିକ୍ଷୋଭ, ଅସ୍ଥିରତା, ବିଶେଷ ଅସନ୍ତୋଷ ଓ ହିଂସାକାଣ୍ଡ ବ୍ୟାପକ ହେଲ । ୧୯୦୮ ମସିହା ମଇ ୨ ରେ ଶ୍ରୀ ଅରବିନ୍ଦଙ୍କ କଲିକତାସ୍ଥ ବାସଭବନକୁ କ୍ଷମତା ପତ୍ରସହ ପୁଲିସ କର୍ମଚାରୀଗଣ ତଦାରଖ କଲେ । ରାଜନୈତିକ ବିପ୍ଳବୀ ସମାଜର ବହୁବ୍ୟକ୍ତିଙ୍କୁ ଗିରଫ କରାଗଲ । ଉକ୍ତ ଦିବସରେ ଶ୍ରୀ ଅରବିନ୍ଦ ତାଙ୍କଭାଇ ବାରୀନ୍ଦ୍ର [ଇଂଲଣ୍ଡ ଅନ୍ତର୍ଗତ କ୍ରୟଡନ ( Croydon ) ଠାରେ ୧୮୮୦ ମସିହା ଜାନୁୟାରୀ ୫ ତାରିଖରେ ବାରୀନ୍ଦ୍ର ଜନ୍ମଗ୍ରହଣ କରିଥିଲେ] ଓ ଅନ୍ୟାନ୍ୟ ସହକର୍ମୀଙ୍କସହ ଗିରଫ ହେଲେ ଏବଂ ମଇ ୫ ତାରିଖରେ ବିଚାରାଧୀନ ଅପରାଧୀରୂପେ ଶ୍ରୀ ଅରବିନ୍ଦ ଆଲିପୁର (କଲିକତା) ଜେଲରେ କାରାରୁଦ୍ଧ ହେଲେ । ୧୯୦୯ ମସିହା ମଇ ୫ ତାରିଖ ପର୍ଯ୍ୟନ୍ତ ବିଚାରାଧୀନ ଅପରାଧୀ ରୂପେ ଜେଲଦଣ୍ଡ ଭୋଗି ମଇ ୬ ତାରିଖରେ ଜେଲରୁ ମୁକ୍ତ ହେଲେ । ଆଲିପୁର ବିଚାରବେଳେ ପୋଲିସ ପକ୍ଷର ଓକିଲ ବାରିଷ୍ଟର ନର୍ଟନ୍ କ୍ଷୋଭର ସହ କହିପକାଇଥିଲେ—"ଅରବିନ୍ଦ ସତେ ଯିମିତି ଜଣେ ସମ୍ରାଟ । ଭାରତରେ ସେ ଯୁଆଡ଼େ ଗଲେ ସେଇଠି ରାଜକୀୟ ଆଦରେ ତାଙ୍କୁ ସଂଖ୍ୟା ଯାଉଥାଏ । " ପ୍ରକୃତରେ କିନ୍ତୁ ରାଜକୀୟ ସମ୍ମାନର ଅସୀମ ଉର୍ଦ୍ଧ୍ୱରେ ଥିଲେ ଶ୍ରୀ ଅରବିନ୍ଦ । ଯେତେବେଳେ ସେ ଗିରଫ ହୋଇଥିଲେ ଓ ତାଙ୍କ ପାଇଁ ପ୍ରତିରକ୍ଷା ପାଣ୍ଠି ଖୋଲଗଲ, ସେତେବେଳେ ଏକ ସଂପାଦକୀୟରେ ଦୈନିକ "ବସୁମତୀ" ଲେଖିଥିଲେ—

"ଜାତୀୟତାର ମନ୍ତ୍ରଦେଇ ସମଗ୍ର ଭାରତଜାତିକୁ ପ୍ରାଣବନ୍ତ କରିଛନ୍ତି ଅରବିଂନ୍ଦ । ଆକୁମାରୀ ହିମାଚଳ ତାଙ୍କ ବଜ୍ର ବାର୍ତ୍ତାରେ ପ୍ରତିଧ୍ୱନିତ । ହେ ଭାରତବାସୀ ? ତୁମପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି ଏହି ଅତୁଳନୀୟ ମହାନ୍ ପୁରୁଷ । ତୁମପାଇଁ ସେ ସମସ୍ତ ସାଂସାରିକ ସୁଖ ଜଳାଞ୍ଜଳି ଦେଇଛନ୍ତି ।

# ସଂଗ୍ରାମରୁ ଯୋଗ :
# ଶ୍ରୀ ଅରବିନ୍ଦ ଏକ ଦୃଷ୍ଟିପାତ

ଶୁଭେନ୍ଦୁ ଭୂୟାଁ
ସଂଘମିତ୍ରା ଭୂୟାଁ

ଏ ସୃଷ୍ଟିର ଆଦିପର୍ବରୁ ମାନବ ସମାଜ ସମୟର ସ୍ରୋତ ସଙ୍ଗେ ପାଦ-ମିଳାଇ ଆଗେଇ ଚାଲିଛି ଊର୍ଦ୍ଧ୍ୱକୁ । କାଳର ରଥଚକ୍ର ତଳେ କେତେ ଯେ ମହା ମାନବ, ମନିଷୀ ଏଥିରେ ବିଲୀନ ହୋଇଛନ୍ତି ତା'ର ଇୟତ୍ତା ନାହିଁ । ନିୟତିର ଚକ ଘୂରିଯାଏ, ଯେତେବେଳେ ଏ ବିଶ୍ୱ ମିଥ୍ୟା, ଅତ୍ୟାଚାର ଓ ପାପ ଭାରାରେ କଳୁଷିତ ହୋଇଯାଏ–ଗ୍ଲାନିର ଅବତାରଣା ଘଟେ, ଠିକ୍ ସେତିକିବେଳେ ମାନବରୂପୀ ଭଗବାନ ଅତିମାନସ ଚେତନାର ପ୍ରକାଶ ଓ ଧର୍ମର ଉତ୍‌ଥାନ ପାଇଁ ଏ ଧରାରେ ଅବତରଣ କରି ସାଧୁସଜ୍ଜନଙ୍କୁ ଉଦ୍ଧାର କରନ୍ତି ଓ ଦୁଷ୍କୃତଙ୍କୁ ବିନାଶ କରନ୍ତି ।

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନଂ ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୁନାଂ ବିନାଶୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ ।

ଭକ୍ତମାନେ ଆତ୍ମସମର୍ପଣ ଦ୍ୱାରା ଭଗବାନଙ୍କୁ ଉପଲବ୍ଧି କରିଥାନ୍ତି । ଏହି ଆତ୍ମସମର୍ପଣ ବ୍ୟତିରେକେ ଜାଗତିକ ସମସ୍ତ ସଂପଦ, ଅଷ୍ଟସିଦ୍ଧି ନବନିଧି, ମୋକ୍ଷ, କୈବଲ୍ୟ ଭଗବାନଙ୍କ ଦୃଷ୍ଟିରେ କମ ପ୍ରତୀତ ହୁଏ । ଭଗବାନ ଭକ୍ତର ଆତ୍ମସମର୍ପଣରେ ହିଁ ପ୍ରସନ୍ନ । ଏହି ସର୍ମର୍ପଣ କୌଣସି ପୁରାତନ ଯୋଗସିଦ୍ଧିରେ ପୂର୍ଣ୍ଣହୁଏ ନାହିଁ–ପୂର୍ଣ୍ଣହୁଏ ଶ୍ରୀ ଅରବିନ୍ଦଙ୍କ ଅତିମାନସ ସିଦ୍ଧିଯୋଗରେ ।

ଭାରତର ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ନେତା, ତଥା ମହା-ଯୋଗୀ ଶ୍ରୀ ଅରବିନ୍ଦ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ କଲିକତାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ କୃଷ୍ଣ ଧନ ଘୋଷ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣଲତା ଦେବୀ । ଶ୍ରୀ ଅରବିନ୍ଦ ପିତାମାତାଙ୍କର ୩ୟ ପୁତ୍ର ଥିଲେ (୧ମ–ବିନୟ ଭୂଷଣ ୨ୟ–ମନୋମୋହନ) । ୧୮୭୭ ମସିହା ପର୍ଯ୍ୟନ୍ତ ଅରବିନ୍ଦ ପିତାମାତାଙ୍କ ନିକଟରେ ବାସ କରିଥିଲେ । ପାଞ୍ଚବର୍ଷ ବୟସ ଅରବିନ୍ଦ ତାଙ୍କ ଦୁଇଭାଇଙ୍କ ସହ ଦାର୍ଜିଲିଂର ଲରେଟୋ କନ୍‌ଭେଣ୍ଟ ସ୍କୁଲ (Loretto Convent School) ରେ ନାମ ଲେଖାଇଲେ । ଅରବିନ୍ଦ ପିତା ମାତାଙ୍କ ସହ ୧୮୭୯ ମସିହାରେ ଇଂଲଣ୍ଡକୁ ଗଲେ । ୧୮୭୯ ମସିହାରେ ସେ ଇଂଲଣ୍ଡରେ ଡ୍ରୁଏଟ (Drewett) ଦଂପତିଙ୍କ ଗୃହରେ ଶିକ୍ଷାଲାଭ କଲେ । ୧୮୮୪ ରେ ସେ ଲଣ୍ଡନରେ ସେଣ୍ଟ ପଲସ ( St. Pauls ) ସ୍କୁଲରେ ନାମ ଲେଖାଇଲେ । ସେହି ସ୍କୁଲରେ ପଢୁଥିବା ସମୟରେ ସେ (I. C. S.) ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହେଲେ । ୧୮୯୦ରେ କେଂବ୍ରିଜର କିଙ୍ଗସ କଲେଜରେ ପଢୁଥିଲା ବେଳେ ସେ (I.C.S.) ପରୀକ୍ଷା ଦେଇ କୃତକାର୍ଯ୍ୟ ହେଲେ । ୧୮୯୩ ମସିହା ଫେବୃୟାରୀ ମାସରେ ସେ ଭାରତରେ ପଦାର୍ପଣ କଲେ ଏବଂ ବରୋଦାର ରାଜ-ସରକାରଙ୍କ ଚାକିରୀରେ ୮ ତାରିଖରେ ଯୋଗଦେଲେ । ୧୮୯୩ ମସିହାରେ ବମ୍ବେର ଆପୋଲୋ ବନ୍ଦରରେ ପଦାର୍ପଣ କରିବା ସମୟରେ ଶ୍ରୀ ଅରବିନ୍ଦ ମାତୃଭୂମିର ସ୍ପର୍ଶରେ ଏକ ନୂତନ ଜାଗରଣ ସ୍ପଷ୍ଟ ଅନୁଭବ କରିପାରିଥିଲେ । ସେ ବରୋଦାରେ ତେରବର୍ଷ ପାଞ୍ଚମାସ ରହିଥିଲେ । ଭାରତୀୟ ଜାତୀୟ କଂଗ୍ରେସର ରାଜନୀତିକୁ ସମାଲୋଚନା କରିବା ଉଦ୍ଦେଶ୍ୟରେ ଶ୍ରୀ ଅରବିନ୍ଦ ବମ୍ବେରୁ ପ୍ରକାଶିତ "ଇନ୍ଦୁପ୍ରକାଶ" ନାମକ ପତ୍ରିକାରେ "ପୁରାତନ ପରିବର୍ତ୍ତେ ନୂତନ ପ୍ରଦୀପ" (New lamps for the old) "ଶୀର୍ଷକ କେତୋଟି ପ୍ରବନ୍ଧ ଲେଖିଥିଲେ । ସେଠାରେ ସେ ପ୍ରଥମଥର ପାଇଁ ଏକ ଜାତୀୟ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଏହି ଲେଖାଟିକୁ ପ୍ରକାଶ କରିଥିଲେ । ବରୋଦାରେ ଚାକିରୀ କରିବା ସମୟରେ ପ୍ରକାଶ୍ୟ ଭାବରେ ଭାରତର ରାଜନୈତିକ ଆନ୍ଦୋଳନରେ ଯୋଗଦେବା ପାଇଁ ସେ ସୁଯୋଗ ପାଇନଥିଲେ । ୧୯୦୨ ମସିହାରେ ସେ ଚାକିରୀ ପ୍ରତି ବୀତସ୍ପୃହ ହୋଇ ରାଜନୈତିକ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ହୋଇଥିଲେ । ୧୯୦୫ ମସିହା ଅକ୍‌ଟୋବର ମାସରେ ବଙ୍ଗ ବିଭାଗ ହେତୁ ବଙ୍ଗଦେଶରେ ପ୍ରବଳ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଲର୍ଡ଼ କର୍ଜନ ଭାରତର ବଡ଼ଲାଟ ଥିଲେ । ଶ୍ରୀ ଅରବିନ୍ଦ ବଙ୍ଗ ବିଭାଗ-ବିରୋଧି ଆନ୍ଦୋଳନରେ ଅଂଶଗ୍ରହଣ କରୁଥିବା ଜାତୀୟତାବାଦୀ କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ସୃଷ୍ଟି କରିଥିଲେ । ବଙ୍ଗ ଦେଶର ଏହି ସ୍ୱଦେଶୀ ଆନ୍ଦୋଳନ ସମଗ୍ର ଭାରତରେ ବ୍ୟାପକ ହେଲା ଏବଂ ଦେଶ ହିତୈଷୀ, ଦେଶାତ୍ମବୋଧ ସଂପନ୍ନ ଦେଶ ଭକ୍ତମାନଙ୍କ ଉପରେ ବିଶେଷ ପ୍ରଭାବ ବିସ୍ତାର କଲା । "ଦେଶର ସ୍ୱାର୍ଥ ଓ ନିଜର ସ୍ୱାର୍ଥ ଅଭିନ୍ନ"–ଏହି ମହତ୍ ଜ୍ଞାନଦ୍ୱାରା ସେ ସମଗ୍ର ଭାରତୀୟ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ୧୯୦୫ ମସିହା ଅଗଷ୍ଟ ୩୦ ତାରିଖରେ ଶ୍ରୀଅରବିନ୍ଦ ନିଜ ପତ୍ନୀ ମୃଣାଳିନୀ ଦେବୀଙ୍କୁ ଭାରତର ମୁକ୍ତି ଆନ୍ଦୋଳନ ଓ ତହିଁରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ବିଷୟରେ ଏକ ଦୀର୍ଘ ପତ୍ର ଲେଖି ଥିଲେ । ଏଥିରେ ଶ୍ରୀ ଅରବିନ୍ଦ ତାଙ୍କର ଅନ୍ତର୍ଗତ ଭାବ ପ୍ରକାଶ କରିଥିଲେ ।

ସେତେବେଳେ ରାଜନୈତିକ କର୍ମସୂରୀମାନଙ୍କର "ବଂଦେ ମାତରମ୍" ଏକ ବିଶିଷ୍ଟ ସାଙ୍କେତିକ ଧ୍ୱନି (Slogan) ଥିଲା । ଶ୍ରୀ ଅରବିନ୍ଦଙ୍କ ବରୋଦା ସହକର୍ମୀ ସୁବୋଧ ମଲ୍ଲିକଙ୍କ ଦାନ ସାହାଯ୍ୟରେ କଲିକତାରେ ସ୍ଥାପିତ ବଙ୍ଗଦେଶୀୟ ଜାତୀୟ ମହାବିଦ୍ୟାଳୟ (B. N.C.) ରେ ୧୯୦୬, ଅଗଷ୍ଟ-୧୫ ତାରିଖରେ ଅଧ୍ୟକ୍ଷ ରୂପେ ନିଯୁକ୍ତ ହେଲେ । ଏହି ନିଯୁକ୍ତି ହେତୁ ଦେଶର କାମ କରିବାକୁ ତାଙ୍କୁ ପ୍ରଭୂତ ସମୟ ମିଳିଲା ବୋଲି ସେ ଖୁବ୍ ଆନନ୍ଦିତ ହୋଇ ପଡ଼ିଥିଲେ । ଏହି ବର୍ଷ ବିପିନି ଚନ୍ଦ୍ର ପାଲ "ବନ୍ଦେ ମାତରମ୍" ନାମକ ଇଂରାଜୀ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଶ୍ରୀ ଅରବିନ୍ଦ ଏହି ପତ୍ରିକାର ପରିଚାଳନା ଦାୟିତ୍ୱ ତୁଲାଇବାକୁ ଯାଇ ସଂପୂର୍ଣ୍ଣ ରୂପେ ଏହି ପତ୍ରିକାର ସମସ୍ତ ଦାୟିତ୍ୱ ସହ ଜଡ଼ିତ ହୋଇଗଲେ । ଏହି ପତ୍ରିକାର ଉଦ୍ଦେଶ୍ୟ

ସଂକୋଚନ ( Involution ) ଫଳରେ ଜଡ଼ ଓ ଜୀବଜଗତ ଯାଏ ପ୍ରକାଶ କରିଛନ୍ତି । ସେହି ଚେତନା ପୁଣି ଆରୋହଣ, ବିସ୍ତାର ବା କ୍ରମ ବିକାଶ (Evolution ) ପଥରେ ନିଜର ସ୍ୱରୂପ ପ୍ରକାଶ କରି ଚାଲିଛି । ପ୍ରକାରାନ୍ତରେ କହିବାକୁ ଗଲେ ଦେବମନୁଷ୍ୟ ହେଉଛି ଏକ, ଅଦ୍ୱିତୀୟ, ଅନିର୍ଦ୍ଦେଶ୍ୟ, ଅନନ୍ତ, ଅବ୍ୟକ୍ତ, ଅବ୍ୟୟ ପରମ ଉଚ୍ଚ ଚେତନା । ସେ ପୁଣି ହୋଇଛନ୍ତି ଅନେକ (ବହୁ) ଦ୍ୱିତୀୟ, ନିର୍ଦ୍ଦିଷ୍ଟ, ସାନ୍ତ, ବ୍ୟକ୍ତ, ବ୍ୟୟଶୀଳ, ଅପରା, ତୁଚ୍ଛ, ଅଚେତନ । ଅର୍ଥାତ୍ ଏହି ଦୃଶ୍ୟମାନ୍ ଜଡ଼ ଜଗତ୍ ଓ ଅର୍ଦ୍ଧଚେତନ ଜୀବ ଜଗତ୍ । ସେହି ବ୍ରହ୍ମ ବା ସଚ୍ଚିଦାନନ୍ଦ, ସେ ପୁଣି ଭଗବାନ୍, ଏବଂ ଶେଷରେ ସେ ପୁଣି ହୋଇଛନ୍ତି ପୃଥିବୀ ।। ଚିନ୍ମୟ ସେ, ମୃଣ୍ମୟ ହୋଇଛନ୍ତି, ହୋଇଛନ୍ତି ସେ "ଏକ ମେବା ଦ୍ୱିତୀୟଂ ।"ସେ ପୁଣି "ସର୍ବ ଖଲ୍ୱ ମିଦଂ ବ୍ରହ୍ମ ।" ଏକ କ୍ରିୟାତ୍ମକ ଶକ୍ତିରାଜି ହିଁ ପରମପୁରୁଷଙ୍କର (Absolute) ସୃଜନଶକ୍ତି ବା ମାତୃଶକ୍ତି ବା ପରା ପ୍ରକୃତି । ପରମଙ୍କ ଆପାତ ଲୁକ୍କାୟିତ ଅଦିବସ୍ତୁ ପରମାଙ୍କର ଶକ୍ତିତରଙ୍ଗର ସ୍ପନ୍ଦନ ବା କଂପନ ରୂପେ ଚେତନାର ପ୍ରଥମ ଅବତରଣ ସଂଭବ ହୁଏ । ଏହି ଅବତରଣକୁ ଶ୍ରୀ ଅରବିନ୍ଦ ଅତିମାନସ ବା ଦିବ୍ୟଶକ୍ତି (Supermind or gnosis) ନାମରେ ନାମିତ କରିଅଛନ୍ତି । ଏହାପରେ ଚେତନା ଅତିମାନସ ଭୂମିରୁ ଅଧିମାନସ ଭୂମିକୁ ଅବତରଣ କଲା । ଏହି ଅଧିମାନସ (Overmind) ହେଉଛି ଦେବଲୋକ । ତା'ପରେ ଅବତରଣ କଲା ବୋଧିମନ ( Intentive mind ) । ଏହି ଭୂମିରେ ଅଧିମାନସର ଆଲୋକ ସ୍ପଷ୍ଟ ରୂପେ ପ୍ରତିଭାତ ହୁଏ । ତାପରେ ଆଲୋକିତ ମନ (Illumined mind) ର ଭୂମି । ଏହି ଭୂମିରେ ଅଧିମାନସର ଆଲୋକ ଅସ୍ପଷ୍ଟ ହୋଇ ଆସୁଥାଏ । ତା'ତଳକୁ ଉଚ୍ଚତର ମନର ( Higher mind ) ଭୂମି । ଏହି ଭୂମିରେ ଅଜ୍ଞାନବୋଧ, କୁ ଅଭ୍ୟାସ, ଅସଂଗତି ଓ ସ୍ୱଭାବଗତ ବିକୃତି ଓ ବିଚ୍ୟୁତି ବହୁ ପରିମାଣରେ ପରିଲକ୍ଷିତ ହୁଏ । ତା'ପରେ ଅବତରଣ କଲେ ମନ । ( Mind ) । ମନର ଉଦୟରେ ବ୍ରହ୍ମଚେତନା । ବିଶ୍ୱାତୀତ ଓ ବିଶ୍ୱଗତ ଭୂମିରୁ ଶେଷରେ ବ୍ୟକ୍ତିଗତ ହୁଏ । ଏହାପରେ ଚେତନା ମନସ୍ତରରୁ ପ୍ରାଣ ( Vital ) ସ୍ତରକୁ ଓହ୍ଲାଇ ଆସେ । ଏଠାରେ ଆବେଗ ( Emotion ) ପ୍ରବୃତ୍ତି ( Impulse ) ଏବଂ କାମନା ବାସନା (Desire and passion) ଆଦି ଚେତନାକୁ ଢାଙ୍କି ରଖନ୍ତି । ଚେତନାର ଏହି ଅବତରଣ ପ୍ରକ୍ରିୟା ପ୍ରାଣ କ୍ଷେତ୍ରରେ ସମାପ୍ତି ଲାଭ କରିନାହିଁ, ଏହା ଆହୁରି ନିମ୍ନକୁ ଓହ୍ଲାଇଯାଇ ଶରୀର ବା ଜଡ଼ (Physiccal or matter ସ୍ତରରେ ପ୍ରବେଶ କରିଛି । ଚେତନାର ଏହି କ୍ରମବିକାଶ (Evolution) ରେ ସକ୍ରିୟ ଓ ସଜ୍ଞାନ ସହଯୋଗ ହିଁ "ଯୋଗ" ଏବଂ ଏଇ ଯୋଗ ବଳରେ ଚେତନାର ଆରୋହଣ "ତ୍ୱରାନ୍ୱିତ" ( Accelerate ) ହୁଏ । ଯୋଗସାଧନାର ଅଭିଜ୍ଞତା ସମୂହ ଆମମାନଙ୍କର ଅନ୍ତର୍ଗୂଢ଼ ଚେତନା ରାଜ୍ୟର ବିଷୟ । ଏହି ସକଳ ଉପଲବ୍ଧିର ସ୍ୱୀୟ, ଧର୍ମ, ବିଧାନ, ପଦ୍ଧତି ଓ ସିଦ୍ଧାନ୍ତର ଧାରାରହିଛି । ତାହା ଇନ୍ଦ୍ରିୟଲବ୍ଧ ଜ୍ଞାନର ବହିର୍ଭୂତ । ତାହା ଯୁକ୍ତିସଙ୍ଗତ ଅଥବା ଜଡ଼ ବିଜ୍ଞାନସଙ୍ଗତ ଅନୁସନ୍ଧାନର ପରିଣାମ ନୁହେଁ । କୌଣସି ମୌଳିକ ପଦାର୍ଥର ବିଭାଜ୍ୟତା ନିର୍ଣ୍ଣୟ ଉଦ୍ଦେଶ୍ୟରେ ଯେତେବେଳେ ଜଡ଼ ବିଜ୍ଞାନ (Science) ର ଗବେଷଣା ପଦାର୍ଥର ସୂକ୍ଷ୍ମାତିସୂକ୍ଷ୍ମ ସ୍ତରର (ଅଣୁ, ପରମାଣୁ, ଜଡ଼ିତ ଅଣୁ ପ୍ରଭୃତି) ଅନୁସନ୍ଧାନରେ ଅଗ୍ରସର ହୁଏ, ସେତେବେଳେ ସେହି ଗବେଷଣା ଅତୀନ୍ଦ୍ରିୟ ରାଜ୍ୟରେ ପ୍ରବେଶ କରେ, ସେଠାରେ ଜ୍ଞାନେନ୍ଦ୍ରିୟ (ଚକ୍ଷୁ-କର୍ଣ୍ଣ-ନାସିକା-ଜିହ୍ୱା-ତ୍ୱକ୍) ଶାନ୍ତ ହୁଏ । ଇଲେକ୍ଟ୍ରନ (Electron) ଦେଖାଯାଏ ନାହିଁ ତାହାକୁ ସ୍ପର୍ଶ କରାଯାଇ ପାରେନାହିଁ । ଏହା ଇନ୍ଦ୍ରିୟର ଗୋଚର ନୁହେଁ । ଆଧ୍ୟାତ୍ମିକ ଅନୁଭୂତିର ଅସ୍ତିତ୍ୱ ବା ଅଭାବ ଯୁକ୍ତିବଳରେ ନିର୍ଣ୍ଣୟ କରିବା ଅସଂଭବ । ଆଧ୍ୟାତ୍ମିକ ବିଜ୍ଞାନ ରାଜ୍ୟରେ ଜଡ଼ ବିଜ୍ଞାନ ପରି କ୍ରମଶଃ ଅନୁଭୂତିସମୂହ ଆହରଣ କରିବାକୁ ହୁଏ, ଗୁରୁଙ୍କ ନିର୍ଦ୍ଦେଶ ଓ ସାଧନା ପଦ୍ଧତି ଶ୍ରଦ୍ଧାପୂର୍ବକ ଅନୁସରଣ କରିବାକୁ ହୁଏ ଏବଂ ଯଥାକାଳରେ ବୋଧିଜାତ ସୂକ୍ଷ୍ମବୃଦ୍ଧି ( Intuitive descrimination ) ସାହାଯ୍ୟରେ ଅଭିଜ୍ଞତାଗୁଡ଼ିକ ମଧ୍ୟରେ ପାର୍ଥକ୍ୟ, ଅଭିଜ୍ଞତାର ସମୀଚୀନତା ବିଷୟ ଜାଣିବାର ଶକ୍ତି ଅର୍ଜ୍ଜନ କରିବାକୁ ହୁଏ ।

ଶ୍ରୀ ଅରବିନ୍ଦ ପଥ ନିର୍ଦ୍ଦେଶ କରିଛନ୍ତି....

ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ, ଏକ ନୂତନ ମାନବ ଗୋଷ୍ଠୀ, ନୂତନ ଭାଗବତିକ ଦିଗନ୍ତ ଓ ନୂତନ କର୍ମପ୍ରବାହ ସଂସାରରେ ସତ୍ୟ ହୋଇ ଉଠିବ । ଅତିମାନସ ସିଦ୍ଧି ଓ ଶକ୍ତିର ଅବତରଣ ଘଟିସାରିଛି ପୃଥିବୀ ପୃଷ୍ଠରେ । ଆସନ୍ତୁ ଆମେ ସର୍ବେ ଏ ସେହି ଅବତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ଅରବିନ୍ଦଙ୍କ ଜନ୍ମବାସରରେ ଶପଥ ନେବା ।

ପଣ୍ଡିଚେରୀର ଏହି ଦୀର୍ଘ ରହଣି ମଧ୍ୟରେ ଅରବିନ୍ଦ ଯେ ଭାରତମାତାର ସ୍ୱପ୍ନ ଦେଖୁନଥିଲେ ତାହା ନୁହେ । ବରଂ ତାଙ୍କର ଆଧ୍ୟାତ୍ମିକ ସାଧନାର ଭିତ୍ତିଉପରେ ରାଜନୀତି ପ୍ରତିଷ୍ଠିତ ହୋଇଥିଲା । ସେ କହିଥିଲେ " But I had thought yoga which requires me to give up the word is not for me" "ଭାରତକୁ ଆଧ୍ୟାତ୍ମିକ ସ୍ୱାଧୀନତା ହାସଲ କରିବାକୁ ହେବ ଏବଂ ସମଗ୍ର ପୃଥିବୀକୁ ଦେଖାଇବାକୁ ହେବ ଯେ ଆଧ୍ୟାତ୍ମିକ ଶକ୍ତି ଭୌତିକ ଶକ୍ତିଠାରୁ ଶକ୍ତିଶାଳୀ" । ଶ୍ରୀମା ୧୯୧୪ ମସିହା ମଇ ୨୯ ତାରିଖରେ ଶ୍ରୀ ଅରବିନ୍ଦଙ୍କୁ ସାକ୍ଷାତ କରିଥିଲେ । ସେ ବୁଝିଥିଲେ ଭାରତର ସ୍ୱାଧୀନତା ଲାଭ ପୂର୍ବରୁ ଜନସାଧାରଣଙ୍କ ଆଧ୍ୟାତ୍ମିକ ଉନ୍ନତି ଆବଶ୍ୟକ । କାରଣ ସ୍ୱାଧୀନତା ଏକ ଚରମ ଉଦ୍ଦେଶ୍ୟ ସାଧନର ଉପାୟ ମାତ୍ର (means) । ୧୯୨୫ ମସିହାରେ ଲାଲାଲଜପତରାୟ, ପୁରୁଷୋତ୍ତମ ଦାସ ଟଣ୍ଡନ୍ ଓ ଅନେକ ନେତା ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ ଲାଭ କରିଥିଲେ ଓ ତତ୍କାଳୀନ ଅସ୍ଥିର ରାଜନୈତିକ ଅବସ୍ଥା ବିଷୟରେ ଆଲୋଚନା କରିଥିଲେ । ୧୯୪୦ ସେପ୍ଟେମ୍ବର ମାସରେ ଶ୍ରୀ ଅରବିନ୍ଦ ଓ ଶ୍ରୀମା ମିତ୍ର ପକ୍ଷକୁ ସମର୍ଥନ କରିଥିଲେ ଓ ବଡ଼ଲାଟଙ୍କ ଯୁଦ୍ଧପାଣ୍ଠିକୁ ଚାନ୍ଦା ଦେଇଥିଲେ । ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେଲା । ଶ୍ରୀ ଅରବିନ୍ଦଙ୍କ ଜନ୍ମଦିନ ସ୍ୱାଧିନ ଓ ନବଭାରତର ଶୁଭ ଜନ୍ମତିଥି ହେଲା । ଏହି ଆଶ୍ଚର୍ଯ୍ୟ ଯୋଗାଯୋଗ ବିଷୟରେ ଶ୍ରୀ ଅରବିନ୍ଦ କହିଛନ୍ତି– "୧୫ ଅଗଷ୍ଟ ମୋର ନିଜ ଜନ୍ମଦିନ । ସୁତରାଂ ଏହି ଦିନଟିର ଏପରି ବିରାଟ ତାତ୍ପର୍ଯ୍ୟ ପରିଗ୍ରହଣ ମୋ ନିକଟରେ ସ୍ୱଭାବତଃ ପ୍ରୀତିପଦ । ଏହାକୁ ମୁଁ ଗୋଟାଏ ଆଶ୍ଚର୍ଯ୍ୟ ଯୋଗାଯୋଗ ବା ଆକସ୍ମିକ ଦୈବ ଘଟଣା ରୂପେ ଗ୍ରହଣ ନକରି, ଯେଉଁ ଉଦ୍ଦେଶ୍ୟରେ ମୁଁ ଜୀବନ ପଥରେ ଯାତ୍ରା ଆରମ୍ଭ କରିଥିଲି, ଯେଉଁ ଭଗବତ୍ ଶକ୍ତି, ପ୍ରତି ପଦକ୍ଷେପରେ ମୋତେ ପରିଚାଳିତ କରିଛନ୍ତି ତାଙ୍କର ଅନୁମୋଦନ ଓ ସ୍ୱୀକୃତିର ନିଦର୍ଶନ ରୂପେ ଏବଂ ସେହି ଉଦ୍ଦେଶ୍ୟରେ ପୂର୍ଣ୍ଣସିଦ୍ଧିର ସୂତ୍ରପାତ ହିସାବରେ ମୁଁ ଏହି ଦିନଟିକୁ ଗ୍ରହଣ କରୁଛି ।"

ସ୍ୱାଧୀନତା ଦିବସ ଉପଲକ୍ଷେ ଶ୍ରୀ ଅରବିନ୍ଦ ଯେଉଁ ବାଣୀ ଦେଇଛନ୍ତି, ସେଥିରେ ତାଙ୍କ ଜୀବନର ୫ ଗୋଟି ସ୍ୱପ୍ନର କଥା ଉଲ୍ଲେଖ କରିଛନ୍ତି । ପ୍ରଥମତଃ ଭାରତର ସ୍ୱାଧୀନତା, ଦ୍ୱିତୀୟରେ ସମଗ୍ର ଏସିଆର ଦଳିତ ଜାତିମାନଙ୍କର ମୁକ୍ତି, ତୃତୀୟରେ ୟୁରୋପରେ ଭାରତୀୟ ଆଧ୍ୟାତ୍ମ ଭାବଧାରାର ପ୍ରବେଶ, ଚତୁର୍ଥରେ ପୃଥିବୀରେ ଶାନ୍ତି ସଂଘର ପ୍ରତିଷ୍ଠା ଏବଂ ପରିଶେଷରେ ପୃଥିବୀ ପୃଷ୍ଠରେ ନୂତନ ମାନବ ଜାତିର ପ୍ରତିଷ୍ଠା । ଏକ ଦିଗରେ ସେ ଥିଲେ ଭାରତର ଜାତୀୟ ଜାଗରଣର ଶ୍ରେଷ୍ଠରଥୀ ଓ ଅନ୍ୟ ଦିଗରେ ସେ ମହାନ୍ ଯୋଗୀ ରୂପେ ସୁପରିଚିତ ଥିଲେ । ୧୯୫୦ ମସିହା ନଭେମ୍ବର ମାସରେ ସେ ଅସୁସ୍ଥ ହେଲେ । ଡିସେମ୍ବର ୫ ତାରିଖ ରାତ୍ରୀ ଘ୧।୨୬ ମିନିଟ୍‌ରେ ତାଙ୍କର ସ୍ଥୂଳଶରୀରରୁ ସେ ନିଜକୁ ପ୍ରତ୍ୟାହାର କଲେ । ତାଙ୍କର ପ୍ରତ୍ୟାହରଣର କାରଣ ଏପରି ମହିମା ଶ୍ରୀମଣ୍ଡିତ ଯେ ସାଧାରଣ ମନୁଷ୍ୟ ପକ୍ଷରେ ତାହାର ମର୍ମ ଅବୋଧ୍ୟ । ଏହି ଘଟଣା ସଂପର୍କରେ ଶ୍ରୀମା କହିଥିଲେ–"He was not compelled to leave his body, he chose to do so far reasons so sublime that they are beyond the reach of human mentality" ମହାପ୍ରୟାଣ ପରେ ଶ୍ରୀ ଅରବିନ୍ଦଙ୍କ ଶରୀର ୧୧୧ (ଏକଶହ ଏଗାର) ଘଣ୍ଟା କାଳ ଅବିକୃତ ଓ ଦୀପ୍ତି ମାନ ଥିଲା ।

୧୯୫୦ ଡିସେମ୍ବର ୯ ତାରିଖ ଅପରାହ୍ନରେ ତାଙ୍କ ଦେହ ଆଶ୍ରମ ପ୍ରାଙ୍ଗଣରେ ଭୂଗର୍ଭରେ ସମାହିତ ହେଲା ।

ଆଜି ସେ ଯୋଗଜନ୍ମା ମହାପୁରୁଷ ନାହାନ୍ତି ସତ କିନ୍ତୁ ତାଙ୍କର ଆଦର୍ଶ ଓ ନୀତିବାଣୀ ସମଗ୍ର ମାନବ ସମାଜକୁ ଦ୍ରୁତଗତିରେ ଆଗେଇ ନେବ ଓ ନେଉଛି ମଧ୍ୟ । ପୃଥିବୀରେ ଅତିମାନସ ଜ୍ୟୋତିର ପ୍ରକାଶ ଓ ବିକାଶର ବାର୍ତ୍ତା ଶୁଣାଇ ଦେଇ ସ୍ୱର୍ଗଲୋକରୁ ପରଲୋକରେ ହୁଏତ ଶ୍ରୀ ଅରବିନ୍ଦ ଅପେକ୍ଷା କରିଛନ୍ତି । ଆସନ୍ତୁନା, ଆମେ ସମସ୍ତେ ସେହି ମହାନ୍ ଯୋଗଜନ୍ମାଙ୍କ

ସେ ଗ୍ରହଣ କରିଛନ୍ତି ନିଷ୍କାମ କର୍ମର ତପସ୍ୟା । ତୁମକୁ ଦେଇଛନ୍ତି ଅପରାଜେୟ ମାତୃମନ୍ତ୍ର । ହେ ଭାରତମାତାର ସନ୍ତାନଗଣ ! ସେହି ସତ୍ୟଦ୍ରଷ୍ଟା, ତୁମର ମନ୍ତ୍ରଦାତା, ତୁମର ଆଧ୍ୟାତ୍ମିକ ଗୁରୁ ଶ୍ରୀ ଅରବିନ୍ଦ ଆଜି ଅଭିଯୁକ୍ତ । ତୁମେ ଯଦି ଭାରତ ଜନନୀର ଯଥାର୍ଥ ସନ୍ତାନ ହୋଇଥିବ, ତେବେ ତୁମେ ମୁକ୍ତିଦାତାଙ୍କ ସହାୟତା ପାଇଁ ଆଜି ନିର୍ଭୟରେ ବାହାରିଆସ । ଜେଲରୁ ମୁକ୍ତ ହେବା ପରେ ୧୯୦୯ ମସିହା ମଇ-୩୦ ତାରିଖ ଦିନ ଶ୍ରୀ ଅରବିନ୍ଦ ଉତ୍ତରପଡ଼ାରେ (ହାୱଡ଼ା ଷ୍ଟେସନରୁ ୬-୭ କି: ମି: ଉତ୍ତରରେ) ଗୋଟିଏ ଭାବବିହ୍ୱଳ ସାରଗର୍ଭକ ଭାଷଣ ଦେଇଥିଲେ । ଏହି ଐତିହାସିକ ଭାଷଣରେ ସେ ତାଙ୍କର କାରାବାସର ଅନୁଭୂତି ଓ ଉପଲବ୍ଧି ପ୍ରକାଶ କରିଥିଲେ । ଉକ୍ତସଭାରେ ପ୍ରାୟ ୧୦ ହଜାର ଶ୍ରୋତା ସମବେତ ହୋଇଥିଲେ । ସଂପୂର୍ଣ୍ଣ ନୀରବପୂର୍ବକ ସମଗ୍ର ସଭାସ୍ଥଳ ହୋଇଯାଇଥିଲା ନିସ୍ତବ୍ଧ । (ସେ ସମୟରେ ଲାଉଡ଼ସ୍ପିକର ବ୍ୟବହୃତ ହେଉନଥିଲା ।) ଅରବିନ୍ଦଙ୍କ ଅନୁପସ୍ଥିତରେ ସେ ସମୟରେ ବଙ୍ଗଳା ଦେଶରେ ରାଜନୈତିକ କ୍ଷେତ୍ରରେ ସଂପୂର୍ଣ୍ଣ ହତୋତ୍ସାହଭାବ ଦେଖା ଦେଇଥିଲା । ଶ୍ରୀ ଅରବିନ୍ଦ ବିଭିନ୍ନ ସଭା-ସମିତିରେ ଜାତୀୟ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଓ ନରମପନ୍ଥୀ ନେତାବର୍ଗଙ୍କ ପରାଜୟ ମନୋଭାବ ସଂପନ୍ନ ନୀତି ବିରୁଦ୍ଧରେ ନାନାସଭା-ସମିତିରେ ଭାଷଣମାନ ଦେଇ ଜନସାଧାରଣଙ୍କ ସୁପ୍ତ ଜାତୀୟ ଚେତନାକୁ ଜାଗରିତ କରୁଥିଲେ । ଶ୍ରୀ ଅରବିନ୍ଦଂକ ପ୍ରଧାନ ଲକ୍ଷ୍ୟଥିଲା ପୂର୍ଣ୍ଣ ସ୍ୱାଧୀନତା । ଏହିବାର୍ତ୍ତା ସେ ଦୃଢ଼ତା ସହ ଘୋଷଣା କରିଥିଲେ ଏବଂ ଏହି ଲକ୍ଷ୍ୟ ପ୍ରାପ୍ତି ବିଷୟରେ ସେ ଦୃଢ଼ ପ୍ରତିଜ୍ଞାଥିଲେ । କିନ୍ତୁ ଭାରତର ପୂର୍ଣ୍ଣ ସ୍ୱାଧୀନତା ଲାଭ ଉପରେ ସେ ଏପରି ଅଧିକ ଗୁରୁତ୍ୱ ଆରୋପ କରିଥିଲେ କାହିଁକି ???

ତାହାର କାରଣ ଏହିପେ—ମାନବର ପାର୍ଥିବ ଜୀବନର ପୁନର୍ଗଠନ ନିମିତ୍ତ ଶ୍ରୀଅରବିଂନ୍ଦ ଭାରତବର୍ଷକୁ ଗୋଟିଏ ବୃହତ୍ ପଦମର୍ଯ୍ୟାଦା (Status) ବିଶ୍ୱର ଭବିଷ୍ୟତ ଏବଂ ଗୁରୁତର ଦାୟିତ୍ୱ ଅର୍ପଣ କରିଛନ୍ତି । ତାଙ୍କ ଦୃଷ୍ଟିରେ ଭାରତ ହିଁ ଆଧ୍ୟାତ୍ମ୍ୟ ଚେତନାର ଭଣ୍ଡାର, ଭାରତ ହିଁ ଦଣ୍ଡାରୀ ଭାରତ ହିଁ ସତ୍ୟର ରକ୍ଷକ । ତେଣୁ ଜଗତର ଏକତ୍ୱ ବିଧାୟକ ନବ-ଯୁଗରେ ସ୍ୱାଧୀନ ଭାରତର ଜାତୀୟ ଆତ୍ମା ଆଗାମୀ ଭବିଷ୍ୟତର ସୂତ୍ରପାତ ନିମନ୍ତେ କାର୍ଯ୍ୟ କରିବ । ମାନବ ସମାଜରେ ଆଧ୍ୟାତ୍ମିକ ଜୀବନକୁ ସାଫଲ୍ୟମଣ୍ଡିତ କରିବା ପାଇଁ ତାଙ୍କଦୃଷ୍ଟିରେ ଭାରତର ପୂର୍ଣ୍ଣ ସ୍ୱାଧୀନତା ଅପରିହାର୍ଯ୍ୟ ଥିଲା । ବର୍ତ୍ତମାନ ସ୍ୱାଧୀନ ଭାରତୀୟଙ୍କ ଏହାହିଁ କାର୍ଯ୍ୟଭାର । ନିର୍ଦ୍ଦିଷ୍ଟକର୍ମ, ଏହାହିଁ ବର୍ତ୍ତମାନ ସ୍ୱାଧୀନ ଭାରତର ମୁଖ୍ୟ ଉଦ୍ଦେଶ୍ୟ । ୧୯୦୯ ନଭେମ୍ବରରୁ ୧୯୧୦ ଫେବୃଆରୀ ପର୍ଯ୍ୟନ୍ତ ଶ୍ରୀ ଅରବିନ୍ଦ ତାଙ୍କର ମଉସା କୃଷ୍ଣକୁମାର ମିତ୍ରଙ୍କ କଲିକତାସ୍ଥ ବାସଭବନରେ ରହୁଥିଲେ । ସେ ଦିନେ ଖବର ପାଇଲେ ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଆସୁଛନ୍ତି । ଏହିବିଷୟରେ ସେ ସହକର୍ମୀମାନଙ୍କ ସହ ଆଲୋଚନାରତ ଥିବା ସମୟରେ ହଠାତ୍ ନିଜ ଅନ୍ତର ମଧ୍ୟରୁ ପ୍ରତ୍ୟାଦେଶ ପାଇଲେ—ଚନ୍ଦନ "ନଗରକୁ ଯାଆନ୍ତୁ" ଏବଂ ୧୦ମିନିଟ ମଧ୍ୟରେ ସେ ୨ଜଣ ସହକର୍ମୀଙ୍କ ସହିତ ଚନ୍ଦନ ନଗରରେ ୧୯୧୦; ଫେବୃଆରୀ ୧୪ ତାରିଖରେ ପହଂଚିଲେ । ୧୯୧୦ ଫେବୃଆରୀ ମାସରୁ ମାର୍ଚ୍ଚମାସ ପର୍ଯ୍ୟନ୍ତ ସେ ଚନ୍ଦନ ନଗରରେ ତାଙ୍କର ଜନୈକ ବନ୍ଧୁ ମୋତିଲାଲ ରାୟଙ୍କ ଗୃହରେ ଗୋପନରେ ରହିଥିଲେ । ପୁନଶ୍ଚ ସେ ପ୍ରତ୍ୟାଦେଶ ପାଇ ପଣ୍ଡିଚେରୀକୁ ଗଲେ । ୧୯୧୦ ମସିହା ଏପ୍ରିଲ୍ ମାସର ଏକ ପ୍ରାତଃକାଳରେ ଶ୍ରୀ ଅରବିନ୍ଦ (Dupleix) ଡୁପ୍ଲେକ୍ସ ନାମକ ଜାହାଜରେ କଲିକତାରୁ ଯାତ୍ରାରଂଭ କଲେ ଏବଂ ଏପ୍ରିଲ ୪ତାରିଖ ଅପରାହ୍ନ ୪ଘଟିକାରେ ପଣ୍ଡିଚେରୀରେ ପହଂଚିଲେ । ୧୯୧୦ ମସିହାରେ ଗୋଟିଏ ନିର୍ବାଚନ ସଂକ୍ରାନ୍ତରେ ଫ୍ରାନସରୁ ପଲ୍‌ରିଚାର୍ଡ (Paul Richard) ପଣ୍ଡିଚେରୀ ଆସିଥିଲେ । ସେ ଅରବିନ୍ଦଙ୍କ ସହିତ ସାକ୍ଷାତ କରିଥିଲେ । ପଲ୍‌ରିଚାର୍ଡ ଶ୍ରୀ ଅରବିନ୍ଦଙ୍କ ବିଷୟରେ ଏସିଆରେ ଉଷାକାଳ (The Dawn over Asia) ନାମକ ଗୋଟିଏ ପୁସ୍ତକ ଲେଖିଥିଲେ ଏବଂ ସେଥିରେ ଉଲ୍ଲେଖ କରିଥିଲେ ଯେ—ଶ୍ରୀ ଅରବିନ୍ଦ ହିଁ ଏସିଆ ମହାଦେଶର ଭବିଷ୍ୟତ ପଥ ପ୍ରଦର୍ଶକ । ୧୯୧୦ ମସିହାରୁ ୧୯୫୦ ମସିହା ଜୀବନର ଶେଷପର୍ଯ୍ୟନ୍ତ ସେ ପଣ୍ଡିଚେରୀରେ ଅବସ୍ଥାନ କରିଥିଲେ । ଏହି ସମୟ ମଧ୍ୟରେ ହିଁ ତାଙ୍କର ସାଧନା ଚରମ ସୀମାରେ ପହଂଚିଥିଲା ଓ ସେ ଭଗବାନଙ୍କ ଦିବ୍ୟତ୍ୱ ଲଭକରି ମହାଯୋଗୀ ହୋଇପାରିଥିଲେ ।

ଶ୍ରୀ ଅରବିନ୍ଦ ଯାହାକୁ ଅତିମାନସ ବୋଲି କହିଛନ୍ତି ତାହା ହେଉଛି ଚେତନାର ଏପରି ଏକ ସ୍ତର ବା ଅବସ୍ଥା ଯେଉଁଠି ସବୁ କିଛି ସତ୍ୟମୟ । ସେଠାରେ ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ ଭାବାବେଗ, କର୍ମର ସମସ୍ତ ପ୍ରେରଣା, ସଂକଳ୍ପ ଓ ଶକ୍ତି ଆଦି ସବୁକିଛି ଦିବ୍ୟସତ୍ୟର ଆଲୋକରେ ଉଦ୍ଭାସିତ । ଦିବ୍ୟଚେତନାର ସୋପାନଗୁଡ଼ିକ ହେଉଛି ସତ୍ୟରୁ ଅଧିକ ମହତର ସତ୍ୟ ଭିତରକୁ, ସତ୍ୟର ଦୃଷ୍ଟିରୁ ଗଭୀରତର ଦୃଷ୍ଟି ଭିତରକୁ, ସଂବୋଧିରୁ ସଂବୋଧିକୁ, ଜ୍ୟୋତିରୁ ଆଲୋକର ଅସୀମ ଉଲ୍ଲାସ ଭିତରକୁ, କ୍ରମବର୍ଦ୍ଧମାନ ବ୍ୟାପ୍ତିରୁ ବିପୁଳ ପ୍ରସାର ଓ ସ୍ୱୟଂଆନନ୍ତ୍ୟ ଭିତରକୁ ।

ଅତିମାନସ ଦ୍ୱାରା ଗଠିତ ସମସ୍ତ ଜୀବନ, କର୍ମ ଓ ନେତୃତ୍ୱ ଅଜ୍ଞାନ ଭୋଗୁଥିବା ସମସ୍ତ ମିଥ୍ୟା ଓ ଅନିଶ୍ଚୟତା କବଳରୁ ସ୍ୱଭାବତଃ ଭାବରେ ହିଁ ସୁରକ୍ଷିତ । ସଂପୂର୍ଣ୍ଣ ନିରାପଦ ଭାବରେ ହିଁ ଏହା ନିଜର ପୂର୍ଣ୍ଣତା ଦିଗରେ ଗତିକରେ । ଥରେ ଯଦି ଏହି ସତ୍ୟଚେତନା ଏଠାରେ ନିଜର ନିଶ୍ଚିତ ଭିତ୍ତି ଉପରେ ପ୍ରତିଷ୍ଠିତହୁଏ, ତାହାହେଲେ ଦିବ୍ୟଜୀବନର ବିବର୍ତ୍ତନ ହେବ ଆନନ୍ଦ ଓ ଆଲୋକ ଭିତରେ ଏକ ଜୟଯାତ୍ରା । ଶ୍ରୀ ଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଶରୀର ତଥା କର୍ମର ତ୍ୟାଗନୁହେଁ, ମନ ପ୍ରାଣ, ଶରୀରର ତା'ର ମୂଳ ଦିବ୍ୟତତ୍ତ୍ୱରେ ପୂର୍ଣ୍ଣ ରୂପାଂତର ; ରୋଗ, ଜରା, ମୃତ୍ୟୁରୁ ମୁକ୍ତି ରୂପାନ୍ତରିତମନ, ପ୍ରାଣ ଶରୀରର ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ, ସମସ୍ତ କର୍ମ ଭାଗବତ କର୍ମରେ ପରିଣତ, ଭଗବାନଙ୍କ ମନ୍ତ୍ରରୂପେ ଭାଗବତ ଶକ୍ତିଦ୍ୱାରା ପରିଚାଳିତ ହେବା-ହେଲା ଶ୍ରୀ ଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ।

ଅର୍ଜୁନଙ୍କ ମନରେ ବିଷାଦ ଦେଖି ଶ୍ରୀକୃଷ୍ଣ କହିଥିଲେ—

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥"

ତୁ ସମସ୍ତ ଧର୍ମ ତ୍ୟାଗ କରି ମୋ ଶରଣାପନ୍ନ ହେଲେ ମୁଁ ତୋର ସମସ୍ତ ପାପ ଗ୍ରହଣ କରି ତୋତେ ମୁକ୍ତ କରିଦେବି । " ଏଥିରେ ମଧ୍ୟମ ପାଣ୍ଡବ ସନ୍ତୋଷ ହୋଇ କହିଲେ—

"ନଷ୍ଟୋମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ ପ୍ରସାଦନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତ ସନ୍ଦେହଃ କରିଷ୍ୟେ ବଚନଂ ତବଃ ।"

ତବ କୃପାରେ ମୋର ମୋହ ଦୂର ହୋଇଗଲା, ସ୍ମୃତି ପ୍ରାପ୍ତ ହେଲା, ସଂଶୟ ନଷ୍ଟ ହେଲା, ମୁଁ ତୁମ ଆଜ୍ଞା ପାଳନ କରିବି ।

ଗୀତା ଏବଂ ରାମାୟଣରେ ଯେଉଁ ଚରମ ଗୁହ୍ୟ, ରହସ୍ୟମୟ, ଆତ୍ମ-ସମର୍ପଣର ଉପଦେଶ ଦିଆଯାଇଛି ତାହା ପୂର୍ଣ୍ଣ ହୋଇଛି ଶ୍ରୀ ଅରବିନ୍ଦଙ୍କ ଅତିମାନସିକ ଯୋଗରେ । ଏହି ପୃଥିବୀ ଓ ଜୀବଜଗତ-ନାମ, ରୂପ, ଗୁଣ ପର୍ଯ୍ୟାୟରେ ଶକ୍ତିର ଅନନ୍ତ ଲୀଳା ରଚନା ପାଇଁ, ଅନନ୍ତଙ୍କଠାରୁ ଜନ୍ମ ଲାଭ କରିଛି ।

ଏହି ଅନନ୍ତ ଓ ଅଖଣ୍ଡ ଚେତନା ଶକ୍ତି ଜଡ଼, ଜୀବ, ସ୍ଥାବର ଓ ଜଂଗମ ଭେଦରେ ପୃଥିବୀରେ ପ୍ରକଟିତ ହୋଇଅଛନ୍ତି । ଶକ୍ତିବାଚକ ଏହି ଚୈତନ୍ୟ ସର୍ବୋଚ୍ଚ ସର୍ବୋତ୍ତମ ସତ୍ତା ଏବଂ ପ୍ରତ୍ୟେକ ବସ୍ତୁର ଆଦି ଜନନୀ ବା ଉତ୍ସ । ଏହି ଆଦିଜନନୀର ନିର୍ବିଶେଷ ସ୍ୱରୂପ ହେଉଛନ୍ତି ପରଂବ୍ରହ୍ମ ବା ପୁରୁଷୋତ୍ତମ । ସେ ପୁଣି ହୋଇଛନ୍ତି ସତ୍-ଚିତ୍ (ଚୈତନ୍ୟ ବା ଚେତନା)-ଓ ଆନନ୍ଦ ଶକ୍ତିର ଏକାତ୍ମ ସମାହାର ।

ସତ୍—ଯାହା, ପୂର୍ଣ୍ଣ ଭାବରେ ଥିଲା, ଅଛି ଓ ରହିଥିବ ।

ଚିତ୍—ଯାହା ପୂର୍ଣ୍ଣ ଚେତନଶୀଳ (ଶକ୍ତିମାନ୍) ଭାବରେ ଥିଲା, ଅଛି ଓ ରହିଥିବ ।

ଆନନ୍ଦ—ଯାହା, ପୂର୍ଣ୍ଣ ଆନନ୍ଦରେ ଥିଲା, ଅଛି ଓ ରହିଥିବ ।

ଭଗବାନ୍ ଶବ୍ଦର ଅର୍ଥ ହେଉଛି ଭଗ୍ ଅର୍ଥାତ୍ ଐଶ୍ୱର୍ଯ୍ୟଯୁକ୍ତ, ଦିବ୍ୟ ପ୍ରମୂର୍ତ୍ତ ପ୍ରକାଶ । ଏହି ଷଡ଼ୈଶ୍ୱର୍ଯ୍ୟ ହେଉଛି—ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ । ରୂପାୟନରେ ଏହି ଭଗବାନ ପୁଣି ହୋଇଛନ୍ତି ଏହି ଅସଂଖ୍ୟ ଚରାଚର ଜୀବଜଗତ । ପ୍ରାଣୀ ଜଗତର ଆଦିମ ଚେତନାଗ୍ରସ୍ତ ପଶୁ ମନୁଷ୍ୟ, ନିମ୍ନଗାମୀ ମନର ବିକାର ଗ୍ରସ୍ତ ଅସୁର ମନୁଷ୍ୟ, ଉଚ୍ଚମନର ସାତ୍ତ୍ୱିକ ଭାଗବତ ଯୋଗୀ ମନୁଷ୍ୟ ଏବଂ ସର୍ବୋପରି ସର୍ବୋଚ୍ଚ ମନର ନିର୍ବିକାର ଓ ନିର୍ଗୁଣ ଭାଗବତ, ଭାଗବତ୍ ମନୁଷ୍ୟର ପ୍ରସ୍ତୁତି ଚାଲିଛି ଏହି "ଚେତନାର ଉତ୍ତରଣ" ନାମକ ଗବେଷଣାଗାରରେ । ଚେତନାର ଅବତରଣ, ଅବଗୁଣ୍ଠନ ବା ଅନ୍ତ

# ସ୍ୱର୍ଗତ ସୁବାହୁ ସିଂହ

ଶ୍ରୀ ମାୟାଧର ହରିଚନ୍ଦନ

ସ୍ୱର୍ଗତ ମହେଶ୍ୱଚନ୍ଦ୍ର ସୁବାହୁ ସିଂହ ଢେଙ୍କାନାଳର ପର୍ଜଙ୍ଗ ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର । ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବଡ଼ିଭିଜନର ପର୍ଜଙ୍ଗ ଥାନା ଅର୍ନ୍ତଗତ ସରାଙ୍ଗ ଗ୍ରାମରେ ୧୮୭୬ ମସିହାରେ (ଆନୁମାନିକ) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ଉପେନ୍ଦ୍ର ସର୍ଦ୍ଦାରସିଂହ ଏବଂ ମାତାଙ୍କର ନାମ ଉର୍ବଶୀ ଦେଈ । ସେତେବେଳେ ସେ ପିତା ମାତାଙ୍କର ସହ କୁଆଁଲୋ ଗ୍ରାମରେ ବସବାସ କରୁଥିଲେ । କୁଆଁଲୋରୁ ଯାତାୟାତ କରି ମୁଣ୍ଡେଇଲେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ । ପ୍ରାଥମିକ ଶିକ୍ଷା ସମାପ୍ତି ପରେ ସେତେବେଳର ଇଂରାଜୀ ବିଦ୍ୟାଳୟ ଢେଙ୍କାନାଳରେ ନାମ ଲେଖାଇ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଥିଲେ । ପାରିବାରିକ ଅସୁବିଧା ବିଦ୍ୟାଳାଭର ଅନ୍ତରାୟ ହୋଇ ଉଠିଥିଲା । ସେ ପାରିବାରିକ ଭରଣ ପୋଷଣ ତଥା ଉନ୍ନତି ପାଇଁ ଷ୍ଟେଟ ପୋଲିସ୍ ବିଭାଗରେ ଯୋଗଦାନ କରିଥିଲେ ଏବଂ ବିହାରର ହଜାରିବାଗଠାରେ ଆରକ୍ଷୀ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ୍ ପାଇଥିଲେ । ପ୍ରଶିକ୍ଷଣ ପରେ ସେ କନ୍ଧମାଳ ଠାରେ ଆରକ୍ଷୀ ରୂପେ ପ୍ରଥମେ ନିଯୁକ୍ତି ପାଇଥିଲେ । ଏହା ପୂର୍ବରୁ ସେ ପାରିବାରିକ ଜୀବନରେ ଆବଦ୍ଧ ହୋଇଥିଲେ । କିଛିକାଳ ପୋଲିସ ଚାକିରୀ କଲାପରେ ପାରିବାରିକ ଅସୁବିଧା ନେଇ ଉକ୍ତ ଚାକିରୀ ତ୍ୟାଗ କରିଥିଲେ । ପରେ କିଛି କାଳ ପାଇଁ ତାଳଚେର ରାଜାଙ୍କ ଅଧିନରେ ଜେଲ ବିଭାଗରେ କାର୍ଯ୍ୟ କରିଥିଲେ । ତତ୍କାଳୀନ ଢେଙ୍କାନାଳର ରାଜାସାହେବ ସୁରପ୍ରତାପ ମହିନ୍ଦ୍ର ବାହାଦୁର, ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୋଷ ଲାଭ କରି ଗଡ଼ପର୍ଜଙ୍ଗ ମୌଜାର ସର୍ବରାକାରୀ ପ୍ରଦାନ କରିଥିଲେ । ଏଣୁ, ସେ ସରାଙ୍ଗ ନିଜ ଘର ତ୍ୟାଗ କରି ପର୍ଜଙ୍ଗଠାରେ ସମ୍ପୂର୍ଣ୍ଣ ଆବାସିକ ଭାବେ ରହିଲେ । ସନ୍ ୧୯୨୨ ମସିହାରେ ରାଜସ୍ୱ ବୃଦ୍ଧିର ପ୍ରତିବାଦ କରି ଢେଙ୍କାନାଳର ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବେଣୁଧର ପଣ୍ଡା ପ୍ରମୁଖଙ୍କର ସହ ପରାମର୍ଶ କରି ଏବଂ ସେମାନଙ୍କ ସହ ସକ୍ରୀୟ ଭାଗ ନେଇ ଖଜଣା ଅଭିବୃଦ୍ଧିର ପ୍ରତିବାଦ କଲେ । ଏହା ହେଲା ସ୍ୱାଧୀନତା ସଂଗ୍ରାମର ଶ୍ରୀଗଣେଶ । ଏହି ପ୍ରତିବାଦର ଫଳ ସ୍ୱରୂପ ସୁବାହୁ ସିଂହ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବେଣୁଧର ପଣ୍ଡା ଦୁଇବର୍ଷ କାଳ କାରାଦଣ୍ଡ ଭୋଗିଲେ ଏବଂ କର ବୃଦ୍ଧି ବନ୍ଦ ହେଲା । କାରାଦଣ୍ଡରୁ ମୁକ୍ତ ହେବା ପରେ ସେ ପୁନରାୟ ଗଡ଼ପର୍ଜଙ୍ଗ ମୌଜାର ସର୍ବରାକାରୀ ଲାଭ କଲେ । ସରକାରୀ ସ୍ତରରେ ପ୍ରତିନିଧି ଥାଇ ମଧ୍ୟ ସରକାରୀ ଶାସନ ବିରୁଦ୍ଧରେ ସେ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିଥିଲେ । ତତ୍କାଳୀନ ରାଜକୀୟ କ୍ଷମତାର ଅପବ୍ୟବହାର, ଶୋଷଣ ଓ ଅନ୍ୟାୟ ବିରୁଦ୍ଧରେ ୧୯୩୮ ମସିହାରେ ଚେଙ୍କି ଉଠିଲା ପ୍ରଜାମଣ୍ଡଳ ଆନ୍ଦୋଳନ । ଏହାର ସୂତ୍ରଧର ଥିଲେ ସୁବାହୁ ସିଂହ । ଢେଙ୍କାନାଳର ବୈଷ୍ଣବ ପଟ୍ଟନାୟକ, ହରମୋହନ ପଟ୍ଟନାୟକ, ବ୍ରଜ କିଶୋର ଧଳ, ମୁକ୍ତା ମଲ୍ଲିକ, କୃତ୍ତିବାସ ପ୍ରଧାନ ପ୍ରମୁଖଙ୍କ ସହ ମିଶି ପ୍ରଜାମଣ୍ଡଳ ଗଠନ କଲେ । ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରି ତତ୍କାଳୀନ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଜନଚେତନା ସୃଷ୍ଟି କଲେ । ପ୍ରବଳ ବେଗରେ ଜନ ଜାଗରଣ ଢେଙ୍କାନାଳ ସାରା ବ୍ୟାପିଗଲା ଏବଂ ଭୀଷଣ ଆକାର ଧାରଣ କଲା ଜନ ଆନ୍ଦୋଳନ । ଏହି ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦବାଇବା ଲାଗି ସ୍ୱ ସୈନ୍ୟ ବାହିନୀଙ୍କ ଅସାମର୍ଥ୍ୟ ଯୋଗୁଁ ବ୍ରିଟିଶ ଫୋର୍ସ ମଗାଇବାକୁ ପଡ଼ିଲା । ସେମାନେ ଗଡ଼ ପର୍ଜଙ୍ଗ ମୌଜାକୁ ଆସି ନିରୀହ ଜନତାଙ୍କ ଉପରେ ଅତ୍ୟାଚାର କଲେ । ଲୁଟତରାଜ, ପୋଡ଼ା ଜଳା ଚାଲିଲା । ଏକଥା ଜାଣି ସେମାନଙ୍କର ପ୍ରବେଶ ପୂର୍ବରୁ ସୁବାହୁ ସିଂହ ଗଡ଼ ପର୍ଜଙ୍ଗ ମୌଜା ଛାଡ଼ି ଅନୁଗୋଳ ଚାଲି ଯାଇଥିଲେ । ତାଙ୍କ ଘରକୁ ହାତୀ ଲଗାଇ ଭାଙ୍ଗି ଦିଆଗଲା ଏବଂ ସୁବାହୁ ସିଂହଙ୍କ ନାମରେ ୱାରେଣ୍ଟ ଜାରି କରାଗଲା । ମାତ୍ର ତାଙ୍କୁ ପୋଲିସ୍ ବିଭାଗ ଧରି ପାରିନଥିଲେ । ଏହି ଅବସ୍ଥାରେ ସେ ଲୁଚିଛପି ଜନ-ଜାଗରଣ କରାଇଥିଲେ ଏବଂ ଆନ୍ଦୋଳନର ଆଲୋକ ବର୍ତ୍ତିକା ରୂପେ ନେତୃତ୍ୱ ଦେଇଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନକୁ ଜେଜିୟାନ୍ ରଖି ରାଜତନ୍ତ୍ରର ବିଲୋପ କରିବାକୁ ସେ ତୀବ୍ର ହୋଇ ଉଠିଥିଲେ । ସେ ୧୯୪୦ ମସିହାରେ କଟକ ଠାରେ ଆରେଷ୍ଟ ହୋଇ ଢେଙ୍କାନାଳ ଜେଲକୁ ଆସିଥିଲେ । ସେଠାରେ ତାଙ୍କୁ ଛାଡ଼ି ଦିଆ ଯାଇଥିଲା । ପରେ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ସଙ୍ଗେସଙ୍ଗେ ୧୯୪୨ ମସିହାରେ ଭାରତ ଛାଡ଼ (କୁଇଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ) ରେ ଯୋଗ ଦେଇ ୧୯୪୨ ରୁ ୧୯୪୬ ମସିହା ପର୍ଯ୍ୟନ୍ତ କାରାବରଣ କଲେ । ୧୯୪୭ ଅଗଷ୍ଟ ୧୫ ଦିନ ଦେଶ ସ୍ୱାଧୀନତା ଲାଭ କଲା । ସ୍ୱାଧୀନତା ସଂଗ୍ରାମୀମାନଙ୍କର ବହୁ ଦିନର ସ୍ୱପ୍ନ ସାର୍ଥକ ହେଲା । ୧୯୪୮ ମସିହାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅଧ୍ୟକ୍ଷତାରେ ଦେଶୀୟ ଗଡ଼ଜାତ ମିଶ୍ରଣ ହେଲା । ଓଡ଼ିଶାର ୨୬ଟି ଗଡ଼ଜାତ ମିଶ୍ରଣ ମଧ୍ୟ ହୋଇଥିଲା ଏବଂ ଏଥିପାଇଁ ଓଡ଼ିଶାର ଏକ କାଉନ୍‌ସିଲ୍ ଗଠିତ ହୋଇଥିଲା । ତହିଁର ସଭ୍ୟ ରୂପେ ସେ ମନୋନୀତ ହୋଇଥିଲେ । ୧୯୫୨ ମସିହାରେ ସେ କାମାକ୍ଷାନଗର, ପାଲଲହଡ଼ା

ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତର ଜାତୀୟତା ଓ ଜାତୀୟ ପତାକାର ମର୍ଯ୍ୟାଦା ରକ୍ଷାପାଇଁ ଆଗଭର ହୋଇ ବାହାରିପଡ଼ିବା । ଆଜି ସେହି ଜାତୀୟ ନେତା ତଥା ମହାନ କର୍ମଯୋଗୀ ଶ୍ରୀ ଅରବିନ୍ଦଙ୍କ ଶୁଭ ଜନ୍ମତିଥି ତଥା ଭାରତର ସ୍ୱାଧୀନତା ଦିବସରେ ଆମେ ସେହି ଯୋଗପୁ ବିନମ୍ର ପ୍ରଣତୀ ଜ୍ଞାପନ କରୁଛୁ ।

ସାଇରଚନ
ଗ୍ରାମ : -ଡାକ ପଣ୍ଡଇ ଜିଲ୍ଲା-ବାଲିଚନ୍ଦ୍ରପୁର କଟକ-୭୫୪୨୦୫




ଡକ୍ଟର ଆମ୍ବେଦକରଙ୍କ ପ୍ରତିକୃତିରେ ଉପ-ରାଷ୍ଟ୍ରପତିଙ୍କ ମାଲ୍ୟାର୍ପଣ..

# ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାରେ ଆଦିବାସୀ ବିଦ୍ରୋହ

ଶ୍ରୀ କାର୍ତ୍ତିକ ଦାଶ

ଭାରତରେ ଇଂରେଜ ଶାସନ ପ୍ରାରମ୍ଭରୁ ହିଁ ଏ ଦେଶର ପ୍ରତ୍ୟେକ ସଚେତନ ନରନାରୀ ଏହି ଶାସନ ବିରୁଦ୍ଧରେ ସ୍ୱରୋତ୍ତଳନ କରିଥିଲେ । ଇଂରେଜ ବଣିକମାନେ ଏ ଦେଶରେ ଶାସକ ପାଲଟିଥିଲେ । ଶାସକ ପରିବର୍ତ୍ତେ ଶୋଷକ ଭାବେ ସେମାନେ ବେଶ୍ ଫାଇଦା ଉଠାଇଥିଲେ । ସୁସଂଗଠିତ ଭାବେ ନହେଲେ ମଧ୍ୟ ଅସଂଗଠିତ ଭାବେ ଏହି ଅନ୍ୟାୟ ଶାସନକୁ ବିରୋଧ କରିଥିଲେ । ନାରୀ-ପୁରୁଷ, ଗୃହୀ-ସନ୍ନ୍ୟାସୀ, କୃଷକ-ଜମିଦାର, ସାମରିକ-ବେସାମରିକ, ହରିଜନ-ଗିରିଜନ ପ୍ରତ୍ୟେକ ସ୍ତରର ମୁକ୍ତିକାମୀ ଜନତା ଏହି ମୁକ୍ତି ଆନ୍ଦୋଳନରେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ମାଟିରେ ଆଦିବାସୀମାନଙ୍କର ବିଦ୍ରୋହ ବେଶ୍ ରୋମାଞ୍ଚକର ତଥା ତାତ୍ପର୍ଯ୍ୟପୂର୍ଣ୍ଣ । କିନ୍ତୁ ଘୋର ପରିତାପର ବିଷୟ ଓଡ଼ିଶାରେ ଆଦିବାସୀ ବିଦ୍ରୋହର ସେହି ରୋମାଞ୍ଚକର ଇତିହାସ ସଂପର୍କରେ ଅଦ୍ୟାବଧି କୌଣସି ଗବେଷଣା କରାଯାଇ ନାହିଁ ।

ଐତିହାସିକମାନେ କହନ୍ତି–ଭାରତରେ ଆଦିବାସୀ ବିଦ୍ରୋହ ମୁଖ୍ୟତଃ ୧୮୨୦ ମସିହାରୁ ଆରମ୍ଭ ହୋଇଥିଲା । କିନ୍ତୁ ଅତି ଗୌରବର କଥା ଏହି ବିଦ୍ରୋହ ଆରମ୍ଭ ହୋଇଥିଲା ଇଂରେଜ ରାଜୁତିର ଠିକ୍ ଦଶବର୍ଷ ପରେ ଅର୍ଥାତ୍ ୧୭୬୭ ମସିହାରେ । ବିଦ୍ରୋହର କେନ୍ଦ୍ରସ୍ଥଳ ଥିଲା ଓଡ଼ିଶା ମାଟିର ଘୁମୁସର ଓ ପାରଳା ଅଞ୍ଚଳ । ସାରା ଭାରତରେ ଏହା ହିଁ ଥିଲା ସର୍ବ ପ୍ରଥମ ଗିରିଜନକୃତ ରକ୍ତକ୍ଷୟକାରୀ ମୁକ୍ତି ସଂଗ୍ରାମ । ଏଥିଲାଗି ଓଡ଼ିଶାବାସୀ ଆଜି ଗର୍ବିତ ।

୧୭୬୬ ମସିହାରେ ଘୁମୁସର ସମେତ ସମଗ୍ର ଦକ୍ଷିଣ ଓଡ଼ିଶା ଇଂରେଜ ଇଷ୍ଟ ଇଣ୍ଡିଆ କଂପାନୀ ଅଧିନସ୍ଥ ହୋଇଥିଲା । ସେତେବେଳେ ଘୁମୁସରର ରାଜା ଥିଲେ କୃଷ୍ଣଭଞ୍ଜ । ଇଂରେଜ କର୍ତ୍ତୃପକ୍ଷ ଘୁମୁସର ରାଜ୍ୟ ଉପରେ ଅଧିକ କର ଦାବି କରିବା ଫଳରେ ବିଦ୍ରୋହର ସୂତ୍ରପାତ ହେଲା । ରାଜା କୃଷ୍ଣଭଞ୍ଜ ବର୍ଦ୍ଧିତ କର ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ତାଙ୍କୁ ସମର୍ଥନ କରିଥିଲେ ଅଗଣନ ଗିରିକନ୍ଦର ନିବାସୀ ଆଦିବାସୀ ନରନାରୀ । ପର ପଦାନତ ହେବାକୁ ସେମାନେ ଅନ୍ତରରୁ ଘୃଣା କରିଆସନ୍ତି । ଇଂରେଜ ଶାସକ ଗୋଷ୍ଠୀର ହୀନ ଚକ୍ରାନ୍ତ ସେମାନଙ୍କ ଗ୍ରହଣୀୟ ହେଲନାହିଁ । ତେଣୁ ରାଜ କର୍ମଚାରୀ ସମେତ ଦୁର୍ଦ୍ଧର୍ଷ ଆଦିବାସୀ ନରନାରୀ ବ୍ରିଟିଶ ଶକ୍ତିର ମୁକାବିଲା କଲେ । ଏହି ଘଟଣା ଘଟିଥିଲା ୧୭୬୮ ଡିସେମ୍ବର ସତର ତାରିଖ ଦିନ । ଏଥିରେ ଅନେକ ଦେଶପ୍ରେମୀ ନରନାରୀ କଥା ଇଂରେଜ କ୍ରୋଧାଧୀନ ନିହିତ ହେଲେ ।

୧୭୬୭ ମସିହାରେ ପାରଳା ରାଜା ନାରାୟଣ ଦେବ ନିଜର ପ୍ରିୟ ଆଦିବାସୀ ପ୍ରଜାମାନଙ୍କ ସହାୟତାରେ ଇଂରେଜ ଶକ୍ତିର ମୁକାବିଲା କରିଥିଲେ । ଜାଲମୁରାଠାରେ ଗଜପତି ନାରାୟଣ ଦେବ ଇଂରେଜ ସୈନ୍ୟବାହିନୀର ମୁକାବିଲା କରିଥିଲେ । ଏହି ସଂଘର୍ଷରେ ତିରିଶ ଜଣ ଦେଶଭକ୍ତ ଗିରିଜନ ଦେଶଲାଗି ପ୍ରାଣଦାନ କରିଥିଲେ । କେବଳ ପାରଳା ନୁହେଁ ତତ୍ ସଂଲଗ୍ନ ମହୁରି, ଖଲିକୋଟ, ଚରଳା ଓ କଲତରର ଜମିଦାରଗଣ ଇଂରେଜ ଶାସନର ଦୃଢ଼ ବିରୋଧ କରିଥିଲେ । କିନ୍ତୁ ଇଂରେଜ ଶକ୍ତିର ଦୃଢ଼ ଉଦ୍ୟମ ଯୋଗୁଁ ଏହି ବିଦ୍ରୋହ ପ୍ରଶମିତ ହୋଇଥିଲା ।

ତଥାପି ପାରଳା ରାଜ୍ୟ ନିରୁପଦ୍ରବ ନଥିଲା । ରାଜା ଗୌରଚନ୍ଦ୍ର ଗଜପତିଦେବ ଓ ତାଙ୍କ ପତ୍ନୀ ପାଟ ମହାଦେବୀ ଇଂରେଜ ଶକ୍ତିର ଦୃଢ଼ ମୁକାବିଲା କରିଥିଲେ । ଗଜପତି ପାଟ ମହାଦେବୀ କିଭାଙ୍ଗ, ସୁମା, ସେରଙ୍ଗ ଓ ରାୟଗଡର କିଶୋରମାନଙ୍କୁ ନେଇ ଇଂରେଜ ଶକ୍ତିର ସମ୍ମୁଖୀନ ହୋଇଥିଲେ ।

ପାରଳା ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିବା ପରେ ଇଂରେଜ କର୍ତ୍ତୃପକ୍ଷ ଶାନ୍ତିରେ ନିଃଶ୍ୱାସ ମାରୁଥିଲା ବେଳେ ଘୁମୁସରର ଆଦିବାସୀ ଜନ ସମାଜ ଆଉ ଗୋଟିଏ ପଦକ୍ଷେପ ନେଇଥିଲେ । ଘୁମୁସରର ଦେଶଭକ୍ତ ରାଜା ତ୍ରିବିକ୍ରମ ଭଞ୍ଜ ନିଜର ପ୍ରିୟ ଆଦିବାସୀ ପ୍ରଜାମାନଙ୍କ ସହାୟତାରେ ଇଂରେଜ ଶକ୍ତିକୁ ବିରୋଧ କରିଥିଲେ । ଦୀର୍ଘ ତୃତୀୟବର୍ଷ କାଳ ବିଦ୍ରୋହୀ ନରପତି ତ୍ରିବିକ୍ରମ ଗରିଲା ଯୁଦ୍ଧ ପ୍ରଣାଳୀ ଅବଲମ୍ବନ କରି ଇଂରେଜ ଶକ୍ତିକୁ ଅଥୟ କରି ଦେଇଥିଲେ । ପୁନର୍ବାର ୧୮୦୧ ମସିହାରେ ଘୁମୁସର ରାଜା ଶ୍ରୀକର ଭଞ୍ଜ ଜମିଦାର ମଣିକେଓଙ୍କ ସହ ହାତ ମିଳାଇ ପ୍ରାଣ ପ୍ରତିମ ଗିରିଜନମାନଙ୍କୁ ନେଇ ବ୍ରିଟିଶ ଶାସନର ଦୃଢ଼ ବିରୋଧ କରି ପାରିଥିଲେ । ପାରଳା ଓ ଘୁମୁସର ବିଦ୍ରୋହ ଇଂରେଜ ଶାସନକୁ ଏତେଦୂର ବିପର୍ଯ୍ୟସ୍ତ କରିଥିଲା ଯେ, ଯାହା ଫଳରେ ଇଂରେଜ ସରକାର ଏହି ଅଞ୍ଚଳକୁ ବାଧ୍ୟ ହୋଇ "ପରିତ୍ୟକ୍ତ ଅଞ୍ଚଳ" ରୂପେ ଘୋଷଣା କରିଥିଲା ।


୧୮୧୭ ମସିହାରେ ଘୁମୁସର ବିଦ୍ରୋହର ଅଳ୍ପଦିନ ପରେ ଖୋର୍ଦ୍ଧା ଅଞ୍ଚଳରେ ହଠାତ୍ ଇଂରେଜ ବିରୋଧୀ ବିଦ୍ରୋହ ଦେଖାଦେଲା । ବାଣପୁରଠାରୁ ଆଦିବାସୀ ଜନମାନେ ଖୋର୍ଦ୍ଧା ଓ ବାଣପୁରଠାରେ ଇଂରେଜ ଅଫିସଗୁଡ଼ିକରେ ପର୍ଣ୍ଣ 'ଲୁଟତରାଜ ଆରମ୍ଭ କରିଦେଲେ । ଇଂରେଜ ଥାନା, କଚେରୀ ଖାଜାଞ୍ଚିଖାନା ଲୁଟ କରା ଗଲା । ସେଦିନ ସେହି ଦୁର୍ଦ୍ଧର୍ଷ କରଦୋଷମୁକ୍ତ ଏଭଳି ପଦକ୍ଷେପ ନେଇ ଥିଲେ ହୁଏତ ବଳସି କଥରଷ୍ଟ

ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଆଶା ଓ ପ୍ରତୀକ ରୂପେ ନିର୍ବାଚିତ ପ୍ରତିନିଧିଭାବେ ଯୋଗ ଦେଇଥିଲେ । ୧୯୫୨ ରୁ ୧୯୫୭ ପର୍ଯ୍ୟନ୍ତ ସ୍ଥାନୀୟ ଲୋକମାନଙ୍କର ତଥା ରାଜ୍ୟର ବିଭିନ୍ନ ସ୍ୱାର୍ଥରେ ଜଡ଼ିତ ରହି ନିଜକୁ ସେମାନଙ୍କ ସେବାରେ ନିୟୋଜିତ କରିଥିଲେ ।


ସେ ୧୯୫୭ ମସିହାଠାରୁ ନିଜକୁ ଲୋକମାନଙ୍କର ସେବା ଏବଂ ଜନହିତକର କାର୍ଯ୍ୟରେ ନିୟୋଜିତ କରିଥିଲେ । ତାଙ୍କରି ପ୍ରଚେଷ୍ଟାରେ ଗଢ଼ିଉଠିଥିଲା ପର୍ଜଙ୍ଗଠାରେ ପ୍ରସ୍ତାବିତ ଉଚ୍ଚ ବିଦ୍ୟାଳୟ ଏବଂ ସ୍ଥାନୀୟ ପିଲାମାନେ ଶିକ୍ଷାଲାଭର ସୁଯୋଗ ପାଇଲେ । ସେ ଥିଲେ ନିର୍ଭୀକ, ସତ୍ୟବାଦୀ ଓ ଧାର୍ମିକ । ଅନ୍ୟାୟ ସେ ବରଦାସ୍ତ କରୁନଥିଲେ । ବିଭିନ୍ନ ସଂଗଠନ ସହ ସେ ସଂପୃକ୍ତ ଥିଲେ । ଶିକ୍ଷାରମାନ ବୃଦ୍ଧି ଏବଂ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ପ୍ରାଣ କାନ୍ଦି ଉଠୁଥିଲା । ୧୯୫୧ ଅଗଷ୍ଟ ୧ ତାରିଖରେ ତାଙ୍କର ଅମର ଆତ୍ମା ଚିରଦିନ ପାଇଁ ଇହଧାମ ତ୍ୟାଗକରି ଚାଲିଗଲା । ତାଙ୍କର ଜୀବନାଦର୍ଶ ଆମମାନଙ୍କୁ ଉଦ୍‌ବୁଦ୍ଧ କରୁ ଏବଂ ଆମମାନଙ୍କୁ ମହୀୟାନ କରୁ ଏହାହିଁ ଆମମାନଙ୍କର କାମନା ।

ଗଡ଼ପର୍ଜଙ୍ଗ, ଢେଙ୍କାନାଳ

[ବିଦ୍ର: ୰ବୃନ୍ଦାବନ ସିଂହ ନିସନ୍ତାନ ଥିଲେ । ସେ ତାଙ୍କର ବଡ଼ଭାଇର ପୁଅ ଶ୍ରୀ ମାୟାଧର ହରିଚନ୍ଦନଙ୍କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରି ନେଇଥିଲେ]



ପାରାଦୀପ ବନ୍ଦର ପ୍ରସଙ୍ଗରେ ..






10 BEDED HOSPITAL
BEGUNIA
SRI J B PATNAIK
ଦଶ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା
ବେଗୁନିଆ





କୃତ ପାଇକ ବିଦ୍ରୋହର ସୂତ୍ରପାତ ହୋଇନଥାନ୍ତା । କାରଣ ଏହି ଘଟଣା ହିଁ ବକ୍ସି ଜଗବନ୍ଧୁ ଓ ପାଇକମାନଙ୍କୁ ଖୋରାକ୍ ଯୋଗାଇ ଥିଲା ।

ଖାସ ଘୁମୁସର ପୁନର୍ବାର ଅଶାନ୍ତ ହେଲା ୧୮୩୦ ମସିହାବେଳକୁ । ମହାରାଜା ଧନଞ୍ଜୟ ଭଞ୍ଜ ଓ ବୀର ସୁଶବ କମଳଲୋଚନ ଦୋରା ବିଶୋଇ ଓ ଚକରା ବିଶୋଇଙ୍କ ସହିତ ହାତ ମିଳାଇ ଥିଲେ ଘୁମୁସର ମାଟିର ସହସ୍ରାଧିକ ଦୋରା, ବିଶୋଇ ଦଣ୍ଡାସି ଓ ଶବର ଆଦିବାସୀ ନରନାରୀଗଣ । ୧୮୩୬ ମସିହା ବେଳକୁ ଇଂରେଜ କର୍ତ୍ତୃପକ୍ଷ ଘୃଣ୍ୟ ସାମରିକ ଆଇନ ଅବଲମ୍ବନ କରି ଆଶିବୁଢ଼ା ଗଣହତ୍ୟା ଆରମ୍ଭ କରିଦେଲେ । ରକ୍ତର ପ୍ଳାବନ ସୃଷ୍ଟି ହେଲା ଓଡ଼ିଶା ମାଟିରେ । ଏହି ବିଦ୍ରୋହ କେବଳ ଘୁମୁସର ଅଞ୍ଚଳରେ ସୀମିତ ନ'ହୋଇ ବୌଦ୍ଧଖଣ୍ଡମାଳ, ଅନୁଗୁଳ, କଳାହାଣ୍ଡି ପାଟଣା ଅଞ୍ଚଳକୁ ପରିବ୍ୟାପ୍ତ ହୋଇଥିଲା । ବୌଦ୍ଧର ବିଦ୍ରୋହୀ ନେତା ନବଘନ କହଁର ଏ ଦିଗରେ ବେଶ ଚମତ୍କାରିତା ପ୍ରଦର୍ଶନ କରିଥିଲେ । ବ୍ରିଟିଶ ଶାସନ କଳ ପୁରାପୁରି ଦୋହଲି ଯାଇଥିଲା ଏହି ବିଦ୍ରୋହ ଯୋଗୁଁ ।

୧୮୫୫ ମସିହାରେ ସଂଗଠିତ ସାନ୍ତାଳ ବିଦ୍ରୋହ ଅତୀବ ଭୟାନକ ହୋଇଥିଲା । ଭାରତରେ ନୂତନ ରେଳ ରାସ୍ତା ନିର୍ମାଣ ପାଇଁ ଇଂରେଜ କର୍ତ୍ତୃପକ୍ଷ ଗରିବ ସାନ୍ତାଳମାନଙ୍କୁ ବେଠି ଖଟାଉଥିଲେ । ବେଙ୍ଗଲ, ବିହାର ଓ ଓଡ଼ିଶାରେ ବାସ କରୁଥିବା ସ୍ୱାଧୀନତାକାମୀ ସାନ୍ତାଳମାନେ ଏକଜୁଟ୍ ହୋଇ ଏହାର ତୀବ୍ର ପ୍ରତିବାଦ କଲେ । ଧନୁଶର, ବର୍ଚ୍ଛା, ଫାର୍ଶା, ଟାଙ୍ଗି ପ୍ରଭୃତି ହାତରେ ଧରି ସାନ୍ତାଳ ନରନାରୀ ଇଂରେଜ ଅଫିସ ଉପରେ ଅଗ୍ନିବାଣ ଚଳାଇ କଲେ । ବିଦ୍ରୋହର ମୁଖ୍ୟ ଥିଲେ ସାନ୍ତାଳ ପ୍ରଗଣାର ଘୁପିଭାଇ—ସିଦୋ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ୍ ମୁର୍ମୁ ଓ ଭାଇରୁ ମୁର୍ମୁ । ଇଂରେଜ ସୈନ୍ୟବାହିନୀ ସହାୟତାରେ ବିଦ୍ରୋହୀ ସାନ୍ତାଳମାନଙ୍କୁ ଦମନ କରାଗଲା । ପ୍ରତିଶହ ଦେଶଭକ୍ତ ସାନ୍ତାଳ ନରନାରୀ ସଂଘର୍ଷରେ ପ୍ରାଣ ହରାଇଲେ । ବିପ୍ଳବୀବୀର ସିଦୋ ମୁର୍ମୁ ବିଶ୍ବରରେ ଫାଶି ପାଇଥିଲେ ।

୧୮୬୮ ମସିହା ବେଳକୁ କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣଙ୍କୁ କେନ୍ଦ୍ରକରି ଆରମ୍ଭ ହେଲା ଭୂୟାଁ ମେଳି । ଧନୁର୍ଜୟଙ୍କୁ ସମର୍ଥନ କରୁଥିଲେ ଇଂରେଜ କର୍ତ୍ତୃପକ୍ଷ । ତେଣୁ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହେଲା କେନ୍ଦୁଝର ରାଜ୍ୟରେ । ଆଗୁଆ ହେଲେ ଭୂୟାଁ ଆଦିବାସୀ ନରନାରୀ । ନେତୃତ୍ୱ ଦେଲେ ସର୍ଦ୍ଦାର ରତ୍ନା ନାୟକ । ଭୂୟାଁମାନଙ୍କ ସହିତ ମିଳିତ ହୋଇଥିଲେ ଜୁଆଙ୍ଗ ଆଦିବାସୀ ଭାଇମାନେ । ବିଦ୍ରୋହ କ୍ରମଶଃ ପ୍ରବଳ ହେଲା । ଡେପୁଟି କମିଶନର ଡଃ: ହେଜ୍ ଓ କର୍ଣ୍ଣେଲ ଡ଼ାଇଟନ୍ ଏହି ବିଦ୍ରୋହ ଦମନ କରିଥିଲେ । ବୀର ରତ୍ନା ନାୟକଙ୍କ ସମେତ ଅନେକ ଦେଶଭକ୍ତ ଫାଶି ଖୁଣ୍ଟରେ ଜୀବନ ଦେଲେ ।

ପୁନର୍ବାର ୧୮୯୧ ବେଳକୁ ସେହି ଅତ୍ୟାଚାରୀ ରାଜା ଧନୁର୍ଜୟଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଧରଣୀଧର ନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ମେଳି । ସହସ୍ରାଧିକ ଭୂୟାଁ ଆଦିବାସୀ ମେଳିରେ ଯୋଗ ଦେଇ ରାଜନଅର ଉପରେ ଆକ୍ରମଣ କରିଥିଲେ । ରାଜା ଧନୁର୍ଜୟଙ୍କ ସୁରକ୍ଷା ଲାଗି ଇଂରେଜ କର୍ତ୍ତୃପକ୍ଷ ସୈନ୍ୟବାହିନୀ ପ୍ରେରଣ କରିଥିଲେ । ଉନ୍ନତ ଆଗ୍ନେୟାସ୍ତ୍ର ସାହାଯ୍ୟରେ ଏହି ମେଳି ଦମନ କରାଗଲା । ବିପ୍ଳବୀ ନେତା ଧରଣୀଧର ବିଚାରରେ ଜେଲଦଣ୍ଡ ଭୋଗି ଶେଷ ଜୀବନ ସନ୍ନ୍ୟାସୀ ଭଳି ଅତିବାହିତ କରିଥିଲେ । ବିଂଶ ଶତାବ୍ଦୀ ପ୍ରାରମ୍ଭରୁ ହିନ୍ଦୁସ୍ଥାନ ମାଟିରେ ପ୍ରତିଧ୍ୱନିତ ହୋଇଥିଲା ବିଖ୍ୟାତ ଆଦିବାସୀ ବିଦ୍ରୋହୀ ବିର୍ସାମୁଣ୍ଡାଙ୍କ ମହାମନ୍ତ୍ର— "ଆରେ ଅବୁ ଆରାଜ ଏତେ ଜାନା, ମାହାରାଣୀ ରାଜ୍ୟ ତୁନ୍ଦୁ ଜାନା" ଅର୍ଥାତ୍ (ମହାରାଣୀଙ୍କ ଶାସନ ଲୋପ ହେଉ, ଆମ ରାଜ୍ୟ ପ୍ରତିଷ୍ଠିତ ହେଉ) ସଂଗ୍ରାମୀ ବୀର ବିର୍ସାଙ୍କ ପରିଚାଳିତ ବିଦ୍ରୋହୀ ଆଦିବାସୀ ଜନତା ଗୁଣ୍ଠିବସା, ଚକ୍ରଧରପୁର ଓ ରାଞ୍ଚି ପ୍ରଭୃତି ସ୍ଥାନରେ ସରକାରୀ କଳକୁ ଅଚଳ କରିଦେଇଥିଲେ । ସେଥିଲାଗି ୧୯୦୦ ମସିହା ଜାନୁଆରି ୧୯ତାରିଖ ଦିନ ବିଦ୍ରୋହୀ ବିର୍ସାଙ୍କ ବିଦ୍ରୋହର କେନ୍ଦ୍ରସ୍ଥଳ 'ଡୋମ୍ବାରୀ' ପର୍ବତ ମାଳାକୁ ଫିରିଙ୍ଗି ସୈନ୍ୟ ଘେରଉ କରି ଅବିଶ୍ରାନ୍ତ ଗୁଳିବର୍ଷଣ କରିବା ଯୋଗୁଁ ସହସ୍ରାଧିକ ନରନାରୀ ଓ ନିରୀହ ଶିଶୁ ଟଳି ପଡ଼ିଥିଲେ । ଭାରତ ଇତିହାସରେ ଡୋମ୍ବାରୀ ଗୁଳିକାଣ୍ଡ ଏକ ରକ୍ତ ବିଜଡ଼ିତ ଅବିସ୍ମରଣୀୟ ଅଧ୍ୟାୟ ।

୧୯୩୯ ମସିହାରେ ସ୍ୱର୍ଗତ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ବିଖ୍ୟାତ ମୁଣ୍ଡା ବିଦ୍ରୋହ । ସୁନ୍ଦରଗଡ଼ ଜିଲ୍ଲା ବା ତତ୍କାଳୀନ ଗାଙ୍ଗପୁର ରାଜ୍ୟର ଶାସିକା ଥିଲେ ବିଧବା ରାଣୀ ଜାନକୀ ରତ୍ନା । ବ୍ରିଟିଶ ସରକାରର ବାହୁଚ୍ଛାୟା ତଳେ ରହି ରାଣୀ ନିରୀହ ପ୍ରଜାମାନଙ୍କ ଉପରେ ଅଧିକ ଖଜଣା ଦାବି କଲେ । ୧୯୩୭ଠାରୁ ୧୯ ପର୍ଯ୍ୟନ୍ତ ପ୍ରଜାଗଣ ଖଜଣା ଦେବା ବନ୍ଦ କରିଦେଲେ । ଅତ୍ୟାଚାରିତ ପ୍ରଜାଗଣ ପଲିଟିକାଲ ଏଜେଣ୍ଟ, ଗଭର୍ଣ୍ଣର ରାୟ ସର୍ବୋପରି ବଡ଼ଲାଟଙ୍କୁ ଏହି ଅତ୍ୟାଚାର ବିରୁଦ୍ଧରେ ଆବେଦନ କରିଥିଲେ । କିନ୍ତୁ ତତ୍କାଳୀନ ବ୍ରିଟିଶ ପ୍ରଶାସକଗଣ ଉତ୍ତର ଦେଇଥିଲେ—"ଏହା ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାର" । ଜନତା ଉତ୍କ୍ଷିପ୍ତ ହୋଇଉଠିଲେ । ରାଉରକେଲାଠାରୁ ୫୫ କି. ମି. ଦୂର ରାଏବଗା ଥାନା ଅଧିନସ୍ଥ "ଆମକୋ—ସିମ୍‌କୋ" ଠାରେ ଜନଗଣ ମିଳିତ ହୋଇ ଗୋଟିଏ ସଭା କରୁଥିବା ସମୟରେ ପଲିଟିକାଲ ଏଜେଣ୍ଟ ମି: ବିସ୍‌କୋ ସୈନ୍ୟବାହିନୀ ସହାୟତାରେ ଗୁଳିବର୍ଷଣ କରିଥିଲେ । ଗୁଳିକାଣ୍ଡରେ ଶ୍ରତିଶହରୁ ଅଧିକ ଦେଶଭକ୍ତ ଆଦିବାସୀ ନରନାରୀ ପ୍ରାଣଦାନ କରିଥିଲେ । ସେହି ଶହୀଦଙ୍କ ରକ୍ତ ଦାନରେ ଆମ୍‌କୋ—ସିମ୍‌କୋର ମାଟି ପବିତ୍ର ହେଲା ।


ସେହିପରି ୧୯୪୨ ମସିହାର ଅଗଷ୍ଟ ବିପ୍ଳବ ଅବସରରେ କୋରାପୁଟ ଜିଲ୍ଲାର ସମସ୍ତ ଆଦିବାସୀ ନରନାରୀ ପୂର୍ଣ୍ଣ ପ୍ରାଣରେ ମୁକ୍ତି ସଂଗ୍ରାମରେ ଯୋଗଦେଇ ବ୍ରିଟିଶ ଶାସନକୁ ଥରହର କରିଦେଇଥିଲେ । ମାତିଲି ଓ ପାପଡ଼ାହାଣ୍ଡି ଗୁଳିକାଣ୍ଡ ସର୍ବୋପରି ବୀର ଲକ୍ଷ୍ମଣ ନାୟକଙ୍କ ବଳିଦାନ ଯୋଗୁଁ ସେମାନେ ଆମର ନମସ୍ୟ । କେବଳ କୋରାପୁଟ ଜିଲ୍ଲା ନୁହେଁ ସମଗ୍ର ଓଡ଼ିଶାର ଅନ୍ୟାନ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସ୍ୱାଧୀନଚେତା ନରନାରୀ ଏଦିଗରେ ବେଶ୍ ସାଫଲ୍ୟ ହାସଲ କରିଥିଲେ ।

ଶିକ୍ଷକ, ପ୍ରତାପ ଶାସନ ଉଚ୍ଚ ବିଦ୍ୟାଳୟ
ବାଳକାଟି, ପୁରୀ



ଆମର ସବୁଠାରୁ ବଡ ବଡ଼ ସଂପଦ ହେଲା ଜନଶକ୍ତି । ବ୍ୟକ୍ତି ଓ ପରିବାର ଯେପରି ସେମାନଙ୍କର ଅନ୍ତର୍ନିହିତ ଶକ୍ତିର ପୂର୍ଣ୍ଣ ଉପଲବ୍ଧି କରି ପାରିବେ ସେଥିପାଇଁ ଆମକୁ କାର୍ଯ୍ୟକରିବାକୁ ହେବ । ଏଥିଲାଗି ପରିବାର ନିୟୋଜନ, ପୁଷ୍ଟି କାର୍ଯ୍ୟକ୍ରମ, ମହିଳା ଓ ଶିଶୁ କଲ୍ୟାଣ, ରୋଗ ନିୟନ୍ତ୍ରଣ, ପ୍ରାଥମିକ ଓ ପ୍ରୌଢ଼ ଶିକ୍ଷାର ପ୍ରସାର, କ୍ରୀଡ଼ା ଓ ଉତ୍ତମ ଯୋଗାଯୋଗ କାର୍ଯ୍ୟକ୍ରମ ଉପରେ ଆମେ ଗୁରୁତ୍ୱ ଦେବୁ ।

OGP—MP-VI (I. & P. R.) 15—15,000—11-8-1988


ଉତ୍କଳ ପ୍ରସଙ୍ଗ

Vol. XL V No. 1 UTKAL PRASANGA Regd. No. O-0
Licence No. C. R. N. P. 5—Licensed to post without Pre-Payment











ଜାତୀୟ ସଂହତି ଶିବିର ଉଦ୍‌ଯାପନ ଉତ୍ସବରେ